ଧରିତ୍ରୀ
DHARITRI
ଢେଙ୍କାନାଳ, ରବିବାର, ମାର୍ଚ୍ଚ ୭/୨୦୨୧ (୧୬ ପୃଷ୍ଠା+ଛୁଟିଦିନ) | Dhenkanal, Sunday, March 7/2021 | ★★★★★
୧୭ଶ ଭାଗ ୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



**ନୋରାଙ୍କ ଭିଡିଓ ଦେଖିଲେଣି ଶହେ କୋଟି**
ବଲିଉଡ୍ ଅଭିନେତ୍ରୀ ନୋରା ଫତେହିଙ୍କ 'ଦିଲବର୍' ସଙ୍ଗ ରେକର୍ଡ କରିଛି । ଏହା ୟୁଟ୍ୟୁବରେ ୧୦୦ କୋଟି ଭ୍ୟୁଜ୍ ପାଇଛି । ୧୪

୧୩ **ସିନ୍ଧୁ ଫାଇନାଲରେ**
ପି.ଭି. ସିନ୍ଧୁ ସୁଇସ୍ ଓପନ୍ ସୁପର ୩୦୦ ବ୍ୟାଡ୍ମିଣ୍ଟନ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।



# ହତ୍ୟାର ରାଜଧାନୀ

## ବିଚ୍ ରାସ୍ତାରେ ଛାତିଥରା ଘଟଣା



ଅଭିଯୁକ୍ତ ଦୁଇ ଭାଇଙ୍କୁ ଉତ୍ତ୍ୟକ୍ତ ଲୋକେ ମାଡ଼ ମାରୁଥିବାବେଳର ଦୃଶ୍ୟ।

**କର୍ତ୍ତବ୍ୟ ପାଳନରେ ଅବହେଳା, ଲାଞ୍ଚ ନେଇ ପାତରଅନ୍ତର, ଅସହାୟଙ୍କୁ ନାଲିଆଖି ଯୋଗୁ ପୋଲିସ ଉପରୁ ଲୋକଙ୍କ ଆସ୍ଥା ତୁଟିଯାଉଛି। ଏଭଳି ସ୍ଥିତିର ଫାଇଦା ଉଠାଇ ଅସାମାଜିକ ବ୍ୟକ୍ତିମାନେ ଦିନଦ୍ୱିପ୍ରହରରେ ରାସ୍ତା ଉପରେ ଲୋକଙ୍କୁ ଗୋଡ଼ାଇ ହତ୍ୟା କରୁଥିବା ରାଜ୍ୟର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି। ସାଧାରଣ ଲୋକେ ପୋଲିସର ନିଷ୍କ୍ରିୟତାକୁ ଅନୁଭବ କରି ଆଇନ ହାତକୁ ନେବାକୁ ବାଧ ହେଉଛନ୍ତି, ଯାହାର ଚିତ୍ର ଶନିବାର ଦେଖିବାକୁ ମିଳିଛି ରାଜଧାନୀ ଭୁବନେଶ୍ୱର ଛାତି ଉପରେ। ଚଳନ୍ତା ଗାଡ଼ିରେ ଦୁଇଭାଇ ଜଣେ ଯୁବକଙ୍କୁ ହତ୍ୟା କରିବା ଘଟଣା କେବଳ ଛାତି ଥରାଇ ଦେଇ ନ ଥିଲା, ବରଂ ସ୍ଥାନୀୟ ଲୋକଙ୍କୁ ବ୍ୟତିବ୍ୟସ୍ତ କରିଦେଇଥିଲା। ଉତ୍କ୍ଷିପ୍ତ ଲୋକମାନେ ଅଭିଯୁକ୍ତ ଦୁଇଭାଇଙ୍କୁ ରାସ୍ତାରେ ନିସ୍ତୁକ ମାଡ଼ ମାରିଥିଲେ। ଏହି ଘଟଣାରେ ରାଜଧାନୀ ପୋଲିସ ନୀରବଦ୍ରଷ୍ଟା ସାଜିଥିବା ବେଳେ ଯାଜପୁର ଜିଲାରେ ଏକ ଗୋଷ୍ଠୀ ସଂଘର୍ଷ ସମୟରେ ପୋଲିସ ଅସହାୟ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଉତ୍ତ୍ୟକ୍ତ ଲୋକେ ପୋଲିସ ଭ୍ୟାନ ପୋଡ଼ିବା ସହ କର୍ମଚାରୀମାନଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏସବୁ ଘଟଣାରୁ ସ୍ପଷ୍ଟ ହେଉଛି ଯେ, ପୋଲିସର ଚରିତ୍ର ନ ବଦଳିବା ପର୍ଯ୍ୟନ୍ତ ବାରମ୍ବାର ସର୍ବ ସମ୍ମୁଖରେ ଅପରାଧ ଘଟିବା ସହ ଲୋକେ ଆଇନ ହାତକୁ ନେବାକୁ ବାଧ ହେଉଥିବେ।**

- **ଗାଡ଼ି ଭିତରେ ଯୁବକଙ୍କ ବେକ କାଟିଦେଲେ ଦୁଇଭାଇ**
- **ପୂର୍ବ ଝଗଡ଼ାରୁ ହତ୍ୟା**
- **ପିସିଆର୍ ଭ୍ୟାନ୍‌ରୁ ଟାଣିଆଣି ଅଭିଯୁକ୍ତଙ୍କୁ ପିଟିଲେ ଉତ୍ତ୍ୟକ୍ତ ଲୋକେ**
- **୩ ମାମଲା ରୁଜୁ**

**ଭୁବନେଶ୍ୱର,୬।୩(ବ୍ୟୁରୋ)**

ରାଜଧାନୀର ରାଜରାସ୍ତାରେ ଆଉ ଏକ ମୁଣ୍ଡ ଗଡ଼ିଛି। ସାମନ୍ତରାପୁରରେ ମିଠା ଦୋକାନୀଙ୍କୁ ବିଚ୍ ରାସ୍ତାରେ ଗୋଡ଼େଇ ଗୋଡ଼େଇ ଖଣ୍ଡାରେ ହାଣି ହତ୍ୟା କରିବାର କିଛି ମାସ ଅନ୍ତରରେ ଏବେ ଘଟିଛି ଆଉ ଏକ ହତ୍ୟାକାଣ୍ଡ। ରାସ୍ତା ମଝିରେ ଏକ ପିକ୍‌ଅପ୍ ଭ୍ୟାନ୍ ଭିତରେ ଜଣେ ଯୁବକଙ୍କୁ ହତ୍ୟା କରିଛନ୍ତି ଦୁଇ ଭାଇ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦିନ ଦ୍ୱିପ୍ରହରରେ ଭୁଜାଲିରେ ଯୁବକଙ୍କ ବେକ ଓ ଛାତିକୁ ଚୋଟ ମାରି ହତ୍ୟା କରିଛନ୍ତି ଅଭିଯୁକ୍ତ। ଗାଡ଼ି ଭିତରେ ଯୁବକ ଜଣକ ରକ୍ତାକ୍ତ ହୋଇ ଟଳି ପଡ଼ିବା ପରେ ଗାଡ଼ି ବାହାରକୁ ଆସିଥିଲେ ଦୁଇ ଦୁର୍ବୃତ୍ତ। ଏଭଳି ଲୋମଟାଙ୍କୁରା ଦୃଶ୍ୟ ଦେଖି ଘଟଣା ସ୍ଥଳରେ ଉପସ୍ଥିତ ଲୋକେ ପ୍ରଥମେ ଆତଙ୍କିତ ହୋଇ ପଡ଼ିଥିଲେ। ପରେ ମନରେ ସାହସ ଜମାଇ କେତେଜଣଲୋକ ଅଭିଯୁକ୍ତ ୨ଭାଇଙ୍କୁ କାବୁ କରି ମାଡ଼ ମାରିବା ସହ ପୋଲିସକୁ ଖବର ଦେଇଥିଲେ। ପିସିଆର ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚି ହତ୍ୟାକାରୀ ଦୁଇଜଣଙ୍କୁ ଲୋକଙ୍କ କବଳରୁ ଉଦ୍ଧାର କରି ପିସିଆର ଭ୍ୟାନ୍‌ରେ ବସାଇଥିଲା। ହେଲେ ଉପସ୍ଥିତ ଲୋକଙ୍କ ରାଗ ଶାନ୍ତ ହୋଇ ନ ଥିଲା। ହତ୍ୟାକାରୀଙ୍କୁ ଛାଡ଼ନି କହି ପିସିଆର ଭ୍ୟାନ୍ କାଚ ଭାଙ୍ଗି ସେମାନଙ୍କୁ ବାହାରକୁ ଟାଣି ଆଣିଥିଲେ। ପରେ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ନିର୍ଧୂମ ଛେଚିଥିଲେ। ଶେଷରେ ଅଧିକ ସଂଖ୍ୟାରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଦ୍ୱୟଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲା। ଆକ୍ରମଣର ଶିକାର ହୋଇ ପ୍ରାଣ ହରାଇଥିବା ଯୁବକ ଜଣକ ହେଲେ ସ୍ଥାନୀୟ ସାଲିଆ ସାହିର ଜଟିଆ ଓରଫ ଟୁକୁନା ଦାସ(୨୪)। ଅଭିଯୁକ୍ତ ଦ୍ୱୟ ହେଲେ ସେହି ସାଲିଆ ସାହିର ୨ ଭାଇ ☞ପୃଷ୍ଠା–୪

## ଗୋଷ୍ଠୀ ସଂଘର୍ଷ: ପୋଲିସ ଅସହାୟ




**୨ ଭ୍ୟାନ ଜାଳିଦେଲେ, ୫ ଆହତ**

**ଚଣ୍ଡିଖୋଲ,(ଡି.ଏନ୍.ଏ.)/ ଯାଜପୁର ଅଫିସ,୬।୩**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଣସୁଧାରେ ଶନିବାର ସନ୍ଧ୍ୟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଘଟିଛି ଗୋଷ୍ଠୀ ସଂଘର୍ଷ, ଯାହା ପୋଲିସ ପାଇଁ ମହଙ୍ଗା ପଡ଼ିଛି। ଗୋଷ୍ଠୀ ସଂଘର୍ଷ ଭୟଙ୍କର ରୂପଧାରଣ କରିଥିବାବେଳେ ଉତ୍ତ୍ୟକ୍ତ ଲୋକେ ୨ଟି ପୋଲିସ୍ ଭ୍ୟାନକୁ ଜାଳି ଦେଇଛନ୍ତି। ଏପରି କି ପୋଲିସ କର୍ମଚାରୀମାନେ ☞ପୃଷ୍ଠା–୪

## ଟିକା ସାର୍ଟିଫିକେଟରୁ ମୋଦିଙ୍କ ଫଟୋ ହଟାଅ




କୋଭିଡ୍‌–୧୯ ଟିକାକରଣ ସାର୍ଟିଫିକେଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ।

**କେନ୍ଦ୍ରକୁ ଇସିଙ୍କ ନିର୍ଦ୍ଦେଶ**

**ନୂଆଦିଲ୍ଲୀ, ୬।୩**

କୋଭିଡ୍‌–୧୯ ଟିକାକରଣ ସାର୍ଟିଫିକେଟରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ହଟାଇବା ପାଇଁ ନିର୍ବାଚନ କମିଶନ (ଇସି) ଶନିବାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ, କେରଳ ଏବଂ ପୁଡୁଚେରୀରେ ଟିକା ନେଇଥିବା ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଫଟୋ ଥିବା ସାର୍ଟିଫିକେଟ ଦିଆଯାଉଥିବାରୁ ଏହା ବିରୋଧରେ ଇସିଙ୍କ ନିକଟରେ ଅଭିଯୋଗ ହୋଇଥିଲା। ୨୦୦୪ ଡିସେମ୍ବର ୨୪ରୁ କାର୍ଯ୍ୟକାରୀ ହୋଇଥିବା ନିର୍ଦ୍ଦେଶାବଳୀ ସମ୍ପର୍କରେ ଦର୍ଶାଇ ସରକାରୀ ବିଜ୍ଞାପନରୁ ରାଜନୈତିକ କାର୍ଯ୍ୟକର୍ତ୍ତାଙ୍କ ଫଟୋ ହଟାଇଦେବାକୁ ନିର୍ବାଚନ କମିଶନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି। ଆବଶ୍ୟକ ହେଲେ ମନ୍ତ୍ରଣାଳୟ ନିର୍ବାଚନ ହେବାକୁ ଥିବା ଉପରୋକ୍ତ ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ଏହାର ବୈଷୟିକ ସମାଧାନ ବାହାର କରିବାକୁ ଇସି ମନ୍ତ୍ରଣାଳୟକୁ କହିଛନ୍ତି। କୋଭିଡ୍ ଟିକା ସାର୍ଟିଫିକେଟରେ ପ୍ରଧାନମନ୍ତ୍ରୀଙ୍କ ଫଟୋ ସମ୍ପର୍କରେ ଟିଏମ୍‌ସିରୁ ଅଭିଯୋଗ ପାଇବା ପରେ ଇସି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଜବାବ ମାଗିଥିଲେ। ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଟିକାକରଣ ଆରମ୍ଭ ହୋଇଥିବା ମନ୍ତ୍ରଣାଳୟ କହିଥିଲା।

**ଆଜିର ମନ୍ତବ୍ୟ**

"କରୋନା ମହାମାରୀ ବିରୋଧୀ ଲଢ଼େଇରେ ଭାରତର ଡାକ୍ତରମାନଙ୍କ ଭୂମିକା ପ୍ରଶଂସନୀୟ। - **ଜିତେନ୍ଦ୍ର ସିଂ, କେନ୍ଦ୍ରମନ୍ତ୍ରୀ**"






## ଭାରତ ସିରିଜ ବିଜୟୀ




୫ ଉଇକେଟ୍ ସଫଳତା ହାସଲ କରିଥିବା ଅକ୍ଷର ପଟେଲ।

**ଅହମଦାବାଦ,୬।୩**

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ ଦଳ ଏଠାରେ ଖେଳାଯାଇଥିବା ଚତୁର୍ଥ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଇଂଲଣ୍ଡକୁ ଏକ ଇନିଂସ ଓ ୨୫ ରନରେ ପରାସ୍ତ କରିଛି। ଭାରତ ଆଧିପତ୍ୟ ବିସ୍ତାର କରି ୪ ମାଚ୍ ବିଶିଷ୍ଟ ଏହି ସିରିଜରେ ୩–୧ ବ୍ୟବଧାନରେ ବିଜୟୀ ହୋଇଛି। ଏଥିସହ ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ଜୁନ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ଏହି ଟାଇଟଲ ମୁକାବିଲାରେ ମୁହାଁମୁହିଁ ହେବେ। ପ୍ରଥମ ଇନିଂସରେ ଶତକୀୟ ପାଳି ଖେଳିଥିବା ତାରକା ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ସାରା ସିରିଜରେ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ରବିଚନ୍ଦ୍ରନ ଅଶ୍ୱିନ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ଏବେ ଅହମଦାବାଦରେ ଆସନ୍ତା ୧୨ ତାରିଖରୁ ଦୁଇ ଦେଶ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଆରମ୍ଭ ହେବ। ପୂର୍ବରୁ ଚେନ୍ନାଇରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଭାରତ ୨୨୭ ରନରେ ପରାସ୍ତ ହୋଇ ସିରିଜରେ ୧–୦ରେ ପଛରେ ପଡିଥିଲା। ତେବେ ଏହାପରେ ଭାରତ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲା। ଦ୍ୱିତୀୟ ଟେଷ୍ଟରେ ଭାରତ ୩୧୭ ରନରେ ବିଜୟୀ ହୋଇ ସିରିଜକୁ ୧–୧ ସମାନସ୍ତରକୁ ଆଣିଥିଲା। ତୃତୀୟ ଟେଷ୍ଟରେ ଭାରତ ୧୦ ଉଇକେଟରେ ବିଜୟୀ ହେବା ପରେ ଚତୁର୍ଥ ଟେଷ୍ଟରେ ଇନିଂସ ବିଜୟ ହାସଲ କରିଛି। ସାରା ସିରିଜରେ ଭାରତର ଦୁଇ ସ୍ପିନର ଅକ୍ଷର ପଟେଲ ଓ ରବିଚନ୍ଦ୍ରନ ଅଶ୍ୱିନ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଏହି ଦୁଇ ସ୍ପିନର ସିରିଜରେ ମୋଟ ୫୯ଟି ଉଇକେଟ ହାସଲ କରିଛନ୍ତି। ଅଶ୍ୱିନ ୩୨ ଓ ଅକ୍ଷର ୨୭ଟି ଉଇକେଟ ଅକ୍ତିଆର କରିଛନ୍ତି। (ଅଧିକ ବିବରଣୀ ଖେଳ ପୃଷ୍ଠାରେ )

**ଆଜିର ସମ୍ପାଦକୀୟ**

**ଅସ୍ୱୀକାର କାହିଁକି**

## ୧୫ରୁ ସୁପ୍ରିମକୋର୍ଟରେ ପ୍ରତ୍ୟକ୍ଷ ଶୁଣାଣି

କରୋନା ମହାମାରୀ ଯୋଗୁ ଗତବର୍ଷ ମାର୍ଚ୍ଚରୁ ସୁପ୍ରିମକୋର୍ଟରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଶୁଣାଣି ଚାଲିଥିଲା। ମାର୍ଚ୍ଚ ୧୫ରୁ ମାମଲାଗୁଡ଼ିକର ହାଇବ୍ରିଡ୍ ଫିଜିକାଲ ଶୁଣାଣି ଆରମ୍ଭ ହେବ। ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି ଉଭୟ ପକ୍ଷ ଓ ଓକିଲଙ୍କ ଉପସ୍ଥିତିରେ କୋର୍ଟ ରୁମ୍‌ରେ ହେବାକୁ ଥିବାବେଳେ ଅନ୍ୟ ମାମଲା ଭିଡିଓ କନ୍‌ଫରେନ୍ସ ଜରିଆରେ ହେବ। ଏଥିପାଇଁ ସୁପ୍ରିମକୋର୍ଟ ଏସ୍‌ଓପି ଜାରି କରିଛନ୍ତି।



### ସଂକ୍ଷେପରେ


## ଭାଜପାକୁ ୨୦ ଆସନ ଛାଡ଼ିଲା ଏଆଇଏଡିଏମ୍‌କେ

**ଚେନ୍ନାଇ, ୬।୩ :** ଆଗାମୀ ତାମିଲନାଡୁ ବିଧାନସଭା ନିର୍ବାଚନ ଲାଗି ଶାସକ ଏଆଇଏଡିଏମ୍‌କେ ସହଯୋଗୀ ଭାଜପାକୁ ୨୦ ଆସନ ଛାଡ଼ିଛି। ଆଞ୍ଚଳିକ ଦଳ ପିଏମ୍‌କେକୁ ୨୩ ଆସନ ମିଳିଛି। ତେବେ ଅଭିନେତା ବିଜୟକାନ୍ତଙ୍କ ଡିଏମ୍‌ଡିକେ ପାର୍ଟି ସହ ଆସନ ବୁଝାମଣା ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ଏହା ବ୍ୟତୀତ ଉପନିର୍ବାଚନ ହେବାକୁ ଯାଉଥିବା କନ୍ୟାକୁମାରୀ ଲୋକ ସଭା ଆସନ ମଧ ଭାଜପାକୁ ଦିଆଯାଇଛି। ଗତବର୍ଷ ଅଗଷ୍ଟରେ କଂଗ୍ରେସ ଏମ୍‌ପି ବସନ୍ତକୁମାରଙ୍କର କରୋନାରେ ପରଲୋକ ହେବା ପରେ ଏହି ଆସନ ଖାଲି ପଡ଼ିଥିଲା। ଭାଜପା ଏଠାରୁ ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପୋନ୍ ରାଧାକ୍ରିଷ୍ଣନଙ୍କୁ ପ୍ରାର୍ଥୀ କରିଛି। ତାମିଲନାଡୁ ବିଧାନସଭା ନିର୍ବାଚନ ସହ କନ୍ୟାକୁମାରୀ ଆସନରେ ଉପନିର୍ବାଚନ ଏପ୍ରିଲ ୬ରେ ଅନୁଷ୍ଠିତ ହେବ। ଶୁକ୍ରବାର ଏଆଇଏଡିଏମ୍‌କେ ୬ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲା। ମୁଖ୍ୟମନ୍ତ୍ରୀ ଇ. ପାଲାନିସ୍ୱାମୀ ଏଡାପାଡ଼ିରୁ ଏବଂ ଉପମୁଖ୍ୟମନ୍ତ୍ରୀ ଓ. ପନିରସେଲ୍‌ଭାମ୍ ବୋଦିନାୟକନୁରରୁ ନିର୍ବାଚନ ଲଢ଼ିବେ।

## ଆସ୍ଥାଭୋଟ ଜିତିଲେ ଇମ୍ରାନ



ଇସ୍‌ଲାମାବାଦ, ୬।୩
ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଶନିବାର ଜାତୀୟ ଆସେମ୍ବ୍ଲିରେ ଆସ୍ଥା ଭୋଟ ଜିତିଯାଇଛନ୍ତି। ଫଳରେ ଦେଶରେ ଦେଖାଦେଇଥିବା ରାଜନୈତିକ ଅନିଶ୍ଚିତତାର ଅନ୍ତ ଘଟିଛି। ସିନେଟ ନିର୍ବାଚନରେ ଅର୍ଥମନ୍ତ୍ରୀଙ୍କ ପରାଜୟ ଫଳରେ ଇମ୍ରାନ ସରକାରଙ୍କୁ ଶକ୍ତ ଝଟ୍‌କା ଲାଗିଥିଲା। ବିରୋଧୀ ଦଳ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ୩୪୨ ସଦସ୍ୟ ବିଶିଷ୍ଟ ପାର୍ଲାମେଣ୍ଟର ନିମ୍ନ ସଦନରେ ଅନୁଷ୍ଠିତ ଆସ୍ଥାଭୋଟ ବେଳେ ଇମ୍ରାନଙ୍କୁ ୧୭୮ ଭୋଟ ମିଳିଛି। ସଂଖ୍ୟାଗରିଷ୍ଠତା ପ୍ରଦର୍ଶନ ଲାଗି ୧୭୨ ଭୋଟର ଆବଶ୍ୟକତା ଥିଲା। ୧୧ ବିରୋଧୀ ଦଳର ମେଣ୍ଟ ପାକିସ୍ତାନ ଡେମୋକ୍ରାଟିକ୍ ମୁଭ୍‌ମେଣ୍ଟ (ପିଡିଏମ୍) ଭୋଟ ବର୍ଜନ କରିଥିଲା। ଫଳରେ ଗୃହରେ ସଂଖ୍ୟାଗରିଷ୍ଠତା ପ୍ରମାଣ ଦେବା ଇମ୍ରାନଙ୍କ ପାଇଁ ସହଜ ହୋଇଯାଇଥିଲା।



## ଟୁଇଟ୍ ବିକିବେ ଟୁଇଟର ସିଇଓ

**ନୂଆଦିଲ୍ଲୀ, ୬।୩:** ମାଇକ୍ରୋ ବ୍ଲଗିଂ ସାଇଟ୍ ଟୁଇଟର ସିଇଓ ଜ୍ୟାକ୍ ଡୋର୍‌ସି ତାଙ୍କ ପ୍ରଥମ ଟୁଇଟ୍ ନିଲାମ କରିବାକୁ ଶନିବାର ଘୋଷଣା କରିଛନ୍ତି। ୬ ମାର୍ଚ୍ଚ ୨୦୦୬ରେ ସେ ପ୍ରଥମେ କରିଥିବା ଟୁଇଟ୍‌କୁ କ୍ରିପ୍ଟୋକରେନ୍ସି ଭାବେ ବିକ୍ରି କରିବେ। ଏହି ଟୁଇଟ୍ କିଣିବାକୁ ୨ ଲକ୍ଷ ୬୭ ହଜାର ଡଲାର ପର୍ଯ୍ୟନ୍ତ ମୂଲ୍ୟ ଡକାଯାଇଥିବା ଜଣାଯାଇଛି। ଡୋର୍‌ସି ୧୫ ବର୍ଷ ତଳେ 'ଜଷ୍ଟ ସେଟିଂ ଅପ୍ ମାଇଁ ଟୁଇଟର' ଲେଖିଥିଲେ। ଏହା ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏବେ ସୁଦ୍ଧା ସବୁଠାରୁ ପ୍ରସିଦ୍ଧ ଟୁଇଟ୍। ନିଲାମ ନେବାକୁ ଥିବା ବ୍ୟକ୍ତିଙ୍କୁ ଏ ବାବଦରେ ଏକ ଡିଜିଟାଲ ସାର୍ଟିଫିକେଟ ମିଳିବ। ନିର୍ମାତାଙ୍କ ହସ୍ତାକ୍ଷର ରହୁଥିବାରୁ ଏହା ମୂଲ୍ୟବାନ ଡିଜିଟାଲ ସମ୍ପତ୍ତି ହେବ। ଏହି ଟୁଇଟ୍ ଏନ୍‌ଏଫ୍‌ଟି (ନନ୍ ଫଞ୍ଜିବଲ୍ ଟୋକନ)ରେ ବିକ୍ରି ହେବ। ଏଏଫ୍‌ଟି ହେଉଛି ଏକ ଡିଜିଟାଲ ଫାଇଲ୍ ଯାହା ଫଟୋ, ଭିଡିଓ ଏବଂ ଅନ୍ୟାନ୍ୟ ଅନଲାଇନ୍ ମିଡିଆର ମାଲିକାନା ପ୍ରମାଣ କରିବାକୁ ଡିଜିଟାଲ୍ ହସ୍ତାକ୍ଷର ଭାବେ କାର୍ଯ୍ୟ କରେ।

## ହିଲାରୀଙ୍କ ଭୂମିକାରେ ଫାଲ୍‌କୋ

**ୱାଶିଂଟନ୍, ୬।୩:** ଆମେରିକାର ଆଗାମୀ ଆପରାଧିକ କାହାଣୀ 'ଇମ୍ପିଚ୍‌ମେଣ୍ଟ: ଆମେରିକାନ୍ କ୍ରାଇମ ଷ୍ଟୋରୀ'(ମହାଭିଯୋଗ) ସିରିଜ ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ଉପରେ ଆଧାରିତ ହେବ। ଏଥିରେ ଆମେରିକାର ପ୍ରମୁଖ ରାଜନେତ୍ରୀ ତଥା କୂଟନୈତିକ ହିଲାରୀ କ୍ଲିଣ୍ଟନଙ୍କ ଭୂମିକାରେ ଏଡି ଫାଲ୍‌କୋଙ୍କୁ ଦେଖିବାକୁ ମିଳିବ। ଏକାଡେମୀ ଅଫ୍ ଟେଲିଭିଜନ ଆର୍ଟସ୍ ଆଣ୍ଡ ସାଇନ୍ସ ପକ୍ଷରୁ ଏମି ଆୱାର୍ଡ ହାସଲ କରିଥିବା ଫାଲ୍‌କୋଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ରୋଲ୍ ଦିଆଯାଇଛି। ଲିଣ୍ଡା ଟ୍ରିପ୍‌ଙ୍କ ଭୂମିକାରେ ସାରା ପଲ୍‌ସନ, ମୋନିକା ଲିୱିନସ୍କିଙ୍କ ଭୂମିକାରେ ବେନି ଫେଲ୍ଡଷ୍ଟେନ୍ ଏବଂ ପଲ୍ ଜୋନ୍ସ ବିଲ୍ କ୍ଲିଣ୍ଟନଙ୍କ ଚରିତ୍ରରେ ଅଭିନୟ କରିବେ। ଏଫ୍‌ଏକ୍ସର ଏହି ମହାଭିଯୋଗଭିତ୍ତିକ କାହାଣୀ ନ୍ୟୁୟର୍କ ଲେଖକ ଜେଫ୍ରି ଟୁବିନ୍‌ଙ୍କ ପୁସ୍ତକ 'ଏ ଭାଷ୍ଟ କନସ୍ପିରେସି: ଦି ରିୟଲ ଷ୍ଟୋରୀ ଅଫ୍ ସେକ୍ସ ସ୍କାଣ୍ଡାଲ ଦ୍ୟାଟ୍ ନିୟର୍‌ଲି ବଟ୍ ଡାଉନ୍ ଏ ପ୍ରେସିଡେନ୍ସ ( ଏକ ବଡ଼ ଷଡ଼ଯନ୍ତ୍ର: ସେକ୍ସ ସ୍କାଣ୍ଡାଲର ପ୍ରକୃତ କାହାଣୀ ଯାହା ଜଣେ ରାଷ୍ଟ୍ରପତିଙ୍କ ସମ୍ମାନ ହାନି କରିଥିଲା) ଉପରେ ଆଧାରିତ।



# ଦ୍ୱିତୀୟ ଡୋଜ୍ ପରେ ବି ସଂକ୍ରମଣ

ଅହମଦାବାଦ/ନାଗପୁର, ୬।୩

କରୋନା ମହାମାରୀରେ ଭାରତରେ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି। ଟିକା ଆସିଗଲେ ମହାମାରୀରୁ ରକ୍ଷା ମିଳିବ ବୋଲି ସମସ୍ତେ ଆଶା କରିଥିଲେ। ଏଥିପାଇଁ କୋଭିଡ୍ ଟିକାକୁ ଦୀର୍ଘଦିନ ଧରି ପ୍ରତୀକ୍ଷା କରାଯାଇଥିଲା। ସରକାର ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର କୋଭିଶିଲ୍ଡ ଏବଂ ଭାରତ ବାୟୋଟେକ୍‌ର କୋଭାକ୍ସିନ ଟିକାକୁ ବ୍ୟବହାର ପାଇଁ ମଞ୍ଜୁରୀ ଦେବା ପରେ ଜାନୁୟାରୀ ୧୬ରୁ ଟିକାକରଣ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଟିକା ନେଇସାରିଲେଣି। ଅଧିକାଂଶ ସ୍ୱାସ୍ଥ୍ୟ କର୍ମଚାରୀ ଟିକାର ଦୁଇଟିଯାକ ଡୋଜ୍ ନେଇଥିବାବେଳେ ସେମାନେ ଆଉ ସଂକ୍ରମିତ ହେବେନି ବୋଲି ବିଶ୍ୱାସ କରାଯାଉଥିଲା। ତେବେ ଗୁଜରାଟ ଓ ମହାରାଷ୍ଟ୍ରରେ ଉଭୟ ଡୋଜ୍ ନେଇଥିବା ସ୍ୱାସ୍ଥ୍ୟ କର୍ମଚାରୀ ପୁନର୍ବାର ସଂକ୍ରମିତ ହେବା ପରେ ଦେଶବାସୀଙ୍କ ଆଶା ମଉଳିଯାଇଛି। କୋଭିଡ୍ ଟିକାର ଫଳପ୍ରଦତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗୁଜରାଟର ଜଣେ ସ୍ୱାସ୍ଥ୍ୟ ଅଧିକାରୀ କୋଭିଡ୍ ଟିକାର ଦୁଇଟି ଡୋଜ୍ ନେବା ପରେ କରୋନା ପଜିଟିଭ୍ ଥିବା ପରୀକ୍ଷାରୁ ଜଣାପଡିଛି। ଗାନ୍ଧୀନଗରର ଡେହଗାମ୍ ତାଲୁକ୍‌ର ଏହି ସ୍ୱାସ୍ଥ୍ୟ ଅଧିକାରୀ କୋଭିଡ୍ ଟିକାର ପ୍ରଥମ ଡୋଜ୍ ଜାନୁୟାରୀ ୧୬ ଏବଂ ଦ୍ୱିତୀୟ ଡୋଜ୍ ଫେବୃୟାରୀ ୧୫ରେ ନେଇଥିଲେ। ତାଙ୍କୁ ଜ୍ୱର ହେବାରୁ ନମୁନା ପରୀକ୍ଷା କରାଯାଇଥିଲା। ସେଥିରୁ ସେ କରୋନା ସଂକ୍ରମିତ ଥିବା ଜଣାପଡ଼ିଛି ବୋଲି ଗାନ୍ଧୀନଗର ମୁଖ୍ୟ ସ୍ୱାସ୍ଥ୍ୟାଧିକାରୀ ଡ. ଏମ୍.ଏଚ୍. ସୋଲାଙ୍କି କହିଛନ୍ତି। ତାଙ୍କୁ ହୋମ୍ ଆଇସୋଲେଶନରେ ରଖାଯାଇଛି।

ସେହିପରି ମହାରାଷ୍ଟ୍ରର ନାଗପୁର ଜିଲାରେ ଜଣେ ନର୍ସ ଦୁଇଟି ଡୋଜ୍ ନେବା ପରେ ସଂକ୍ରମିତ ହୋଇଛନ୍ତି। ସେ ଜାନୁୟାରୀ ୧୬ରେ କୋଭିଶିଲ୍ଡର ପ୍ରଥମ ଡୋଜ୍ ଏବଂ ଫେବୃୟାରୀ ୧୮ରେ ଦ୍ୱିତୀୟ ଡୋଜ୍ ନେଇଥିଲେ। ସେ ଓ ତାଙ୍କ ପରିବାରର ଅନ୍ୟ ସଦସ୍ୟଙ୍କଠାରେ ସଂକ୍ରମଣର ଲକ୍ଷଣ ଦେଖାଯିବାରୁ ମାର୍ଚ୍ଚ ୨ରେ ରାପିଡ୍ ଆଣ୍ଟିଜେନ୍ ଏବଂ ଆର୍‌ଟି-ପିସିଆର୍ ପରୀକ୍ଷା କରାଯାଇଥିଲା। ସେଥିରୁ ନର୍ସଙ୍କ ସମେତ ୪ ଜଣଙ୍କଠାରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିବା ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ଦୀପକ ସେଲୋକର କହିଛନ୍ତି। ଏମାନଙ୍କ ବ୍ୟତୀତ ଅନ୍ୟ କେତେଜଣ ଟିକା ନେବା ପରେ ସଂକ୍ରମିତ ହୋଇଥିଲେ ହେଁ ତାହା ଗଣମାଧ୍ୟମକୁ ଆସିପାରି ନାହିଁ।

ଅନ୍ୟପକ୍ଷରେ ଟିକାର ଦୁଇଟି ଡୋଜ୍ ନେବା ପରେ ଶରୀରରେ ଆଣ୍ଟିବଡ଼ି ବିକଶିତ ହେବାକୁ ପାଖାପାଖି ୪୫ ଦିନ ସମୟ ନେଇଥାଏ। ତେଣୁ ଟିକା ନେବା ପରେ ବି ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ରକ୍ଷା କରିବା ଜରୁରୀ ବୋଲି ଗାନ୍ଧୀନଗର ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି।



## କୋଭିଡ୍ ପରୀକ୍ଷା, ଟିକାକରଣ ବଢ଼ାଅ

ନୂଆଦିଲ୍ଲୀ, ୬।୩

- ଓଡ଼ିଶା ସମେତ ୮ ରାଜ୍ୟକୁ କେନ୍ଦ୍ରର ନିର୍ଦ୍ଦେଶ
- ମହାରାଷ୍ଟ୍ର, ପଞ୍ଜାବକୁ ପଠାଗଲା କେନ୍ଦ୍ରୀୟ ଟିମ୍

ଭାରତର ୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କରୋନା ସଂକ୍ରମଣ ବଢ଼ିଚାଲିଥିବାରୁ କେନ୍ଦ୍ର ସରକାର ଉଦ୍‌ବେଗ ପ୍ରକାଶ କରିବା ସହ ସମ୍ପୃକ୍ତ ରାଜ୍ୟଗୁଡ଼ିକରେ ସଂକ୍ରମିତଙ୍କୁ ଚିହ୍ନଟ କରିବା ସହିତ ପରୀକ୍ଷା ଓ ଟିକାକରଣ ବଢ଼ାଇବା ଲାଗି ଶନିବାର ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ସମେତ ହରିୟାଣା, ଆନ୍ଧ୍ରପ୍ରଦେଶ, ଗୋଆ, ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ, ଦିଲ୍ଲୀ ଏବଂ ଚଣ୍ଡିଗଡ଼ରେ ସକ୍ରିୟ ମାମଲା ସଂଖ୍ୟା ବଢ଼ିଚାଲିଛି। ଉପରୋକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୬୩ ଜିଲା ସର୍ବାଧିକ ସଂକ୍ରମିତ। ସେଥିରେ ଓଡ଼ିଶାର ୧୦ ଜିଲା ରହିଛି। ଏହି ଜିଲାଗୁଡ଼ିକରେ କମ୍ ଆର୍‌ଟି-ପିସିଆର୍ ପରୀକ୍ଷା କରାଯିବା ସହ ସାପ୍ତାହିକ ପଜିଟିଭ୍ ସଂଖ୍ୟା ଅଧିକ ରହୁଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଫଳରେ ଏହି ଜିଲାଗୁଡ଼ିକ ପଡୋଶୀ ରାଜ୍ୟ ପାଇଁ ବିପଦ ସୃଷ୍ଟି କରିଛନ୍ତି।

ପ୍ରତି ପଜିଟିଭ୍ କେସ୍ ପାଇଁ ଅନ୍ୟୂନ ୨୦ ଜଣଙ୍କୁ କଣ୍ଟାକ୍ଟ ଟ୍ରେସିଂ କରାଯିବା ଆବଶ୍ୟକ ବୋଲି ମନ୍ତ୍ରଣାଳୟ କହିଛି। ମୋଟାମୋଟି ଭାବେ ପରୀକ୍ଷା ବଢ଼ାଇବା ସହିତ ଉପଲବ୍ଧ ଟିକାର ସର୍ବୋତ୍କୃଷ୍ଟ ବ୍ୟବହାର କରିବା ଏବଂ ଗମ୍ଭୀର ସ୍ଥିତିରେ ଥିବା ଜିଲାଗୁଡ଼ିକୁ ଫୋକସରେ ରଖିବା ଲାଗି କେନ୍ଦ୍ର ପରାମର୍ଶ ଦେଇଛି। ରାଜ୍ୟ ସ୍ୱାସ୍ଥ୍ୟ ସଚିବମାନଙ୍କ ସହ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଏବଂ ନୀତି ଆୟୋଗ ସ୍ୱାସ୍ଥ୍ୟ ସଦସ୍ୟ ବିନୋଦ କେ. ପାଉଲଙ୍କ ବୈଠକ ପରେ ଏହି ପରାମର୍ଶ ଦିଆଯାଇଛି।

ମହାରାଷ୍ଟ୍ର ଏବଂ ପଞ୍ଜାବରେ ସଂକ୍ରମଣ ଅତ୍ୟଧିକ ବୃଦ୍ଧି ପାଇଥିବାରୁ ଉକ୍ତ ରାଜ୍ୟକୁ କେନ୍ଦ୍ର ସରକାର ଉଚ୍ଚସ୍ତରୀୟ ସ୍ୱାସ୍ଥ୍ୟସେବା ଟିମ୍ ପଠାଇଛନ୍ତି।

## ମମତାଙ୍କ ବିରୋଧରେ ଲଢ଼ିବେ ଶୁଭେନ୍ଦୁ

### ନନ୍ଦିଗ୍ରାମରୁ ହେଲେ ଭାଜପା ପ୍ରାର୍ଥୀ

ନୂଆଦିଲ୍ଲୀ, ୬।୩

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଲାଗି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୁକ୍ରବାର ତୃଣମୂଳ କଂଗ୍ରେସର ୨୯୧ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରିବା ସହ ନିଜେ ନନ୍ଦିଗ୍ରାମରୁ ନିର୍ବାଚନ ଲଢ଼ିବେ ବୋଲି କହିଥିଲେ। ଏହାର ଦିନକ ପରେ ଭାଜପା ପ୍ରଥମ ପର୍ଯ୍ୟାୟରେ ୫୭ ଜଣିଆ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ଏଥିରେ ଶୁଭେନ୍ଦୁ ଅଧିକାରୀଙ୍କୁ ନନ୍ଦିଗ୍ରାମରୁ ପ୍ରାର୍ଥୀ କରାଯାଇଛି। ଫଳରେ ଏହି ଆସନରେ ମମତାଙ୍କ ସହ ଶୁଭେନ୍ଦୁଙ୍କର କଡ଼ା ଟକ୍କର ହେବାକୁ ଯାଉଛି। ଭାଜପାରେ ଯୋଗଦେବା ପୂର୍ବରୁ ଶୁଭେନ୍ଦୁ ନନ୍ଦିଗ୍ରାମରୁ ଟିଏମ୍‌ସି ବିଧାୟକ ଥିଲେ। ମମତାଙ୍କ ସରକାରରେ ପରିବହନ ଓ ପରିବେଶ ମନ୍ତ୍ରୀ ଥିବା ଶୁଭେନ୍ଦୁ ଗତ ଡିସେମ୍ବରରେ ମନ୍ତ୍ରୀପଦ ଓ ଦଳ ତ୍ୟାଗ କରି ଭାଜପାରେ ଯୋଗଦେଇଥିଲେ।



## ଭାଜପାରେ ଦିନେଶ ତ୍ରିବେଦୀ

ନୂଆଦିଲ୍ଲୀ, ୬।୩

ତୃଣମୂଳ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ଏମ୍‌ପି ଦିନେଶ ତ୍ରିବେଦୀ ଶନିବାର ଭାଜପାରେ ଯୋଗଦେଇଛନ୍ତି। ଏହି ସମୟରେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡା ଏବଂ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଉପସ୍ଥିତ ଥିଲେ। ଗୈରିକ ଦଳରେ ଯୋଗଦେବା ଅବସରରେ ଦିନେଶ କହିଛନ୍ତି, ସେ ଏହି ସୁବର୍ଣ୍ଣ ମୁହୂର୍ତ୍ତକୁ ଅପେକ୍ଷା କରିଥିଲେ। ଫେବୃୟାରୀ ୧୨ରେ ଦିନେଶ ଏମ୍‌ପି ପଦରୁ ଇସ୍ତଫା ଦେଇଥିଲେ। ୨୦୧୨ ମାର୍ଚ୍ଚରେ ରେଳମନ୍ତ୍ରୀ ପଦରୁ ଦିନେଶଙ୍କୁ ଇସ୍ତଫା ଦେବାକୁ କୁହାଯିବା ପରେ ତାଙ୍କର ତୃଣମୂଳ କଂଗ୍ରେସ ସହ ଭଲ ସମ୍ପର୍କ ନ ଥିଲା। ଉପା-୨ ସରକାରରେ ରେଳମନ୍ତ୍ରୀ ଥିବା ଦିନେଶ ରେଳ ଭଡ଼ା ବଢ଼ାଇବାକୁ ପ୍ରସ୍ତାବ ରଖିଥିବାବେଳେ ମମତା ବାନାର୍ଜୀ ଏହାକୁ ବିରୋଧ କରିଥିଲେ।



ଦିନେଶ ତ୍ରିବେଦୀଙ୍କୁ ଭାଜପା ଅଧକ୍ଷ ଜେ.ପି. ନଡ୍ଡା ଦଳରେ ସାମିଲ କରାଉଛନ୍ତି।

## ବୋମା ଆକ୍ରମଣରେ ୬ ଭାଜପା କର୍ମୀ ଆହତ

କୋଲକାତା, ୬।୩ (ପି.ଟି.)

ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲାରେ ଟିଏମ୍‌ସି କର୍ମୀଙ୍କ ବୋମା ଆକ୍ରମଣରେ ୬ ଜଣ ଭାଜପା କର୍ମୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଭାଜପା କର୍ମୀମାନେ ଶୁକ୍ରବାର ରାତିରେ ଏକ ବିବାହ ଉତ୍ସବରୁ ଫେରୁଥିବାବେଳେ ସ୍ଥାନୀୟ କେତେଜଣ ତୃଣମୂଳ କଂଗ୍ରେସ କର୍ମୀ ସେମାନଙ୍କ ଉପରକୁ ବୋମା ଫିଙ୍ଗିଥିବା ଅଭିଯୋଗ ହୋଇଛି। ଅନ୍ୟ ପକ୍ଷରେ ଜଣେ ଭାଜପା କର୍ମୀଙ୍କ ଘରେ ବୋମା ତିଆରି ଚାଲିଥିବାବେଳେ ତାହା ଫୁଟିଲା ବୋଲି ପୋଲିସ କହିଛି। ଏପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନାହିଁ।

## କେଏମ୍‌ପି ଏକ୍ସପ୍ରେସ୍ ୱେ ଅବରୋଧ କଲେ ଚାଷୀ

### ଦିଲ୍ଲୀ ସୀମାରେ ଆନ୍ଦୋଳନକୁ ୧୦୦ ଦିନ

ନୂଆଦିଲ୍ଲୀ, ୬।୩

କେନ୍ଦ୍ରର ନୂଆ କୃଷି ଆଇନ ବିରୋଧରେ ଦିଲ୍ଲୀ ସୀମାରେ ଚାଲିଥିବା ଚାଷୀ ଆନ୍ଦୋଳନକୁ ଶନିବାର ୧୦୦ ଦିନ ପୂରିଛି। ଏହି ଅବସରରେ ଚାଷୀମାନେ କୁଣ୍ଡଲି-ମାନେସାର-ପଲୱାଲ (କେଏମ୍‌ପି) ଏକ୍ସପ୍ରେସ୍‌ୱେକୁ ଅବରୋଧ କରିଥିଲେ। କୃଷି ଆଇନ ବିରୋଧରେ ଆନ୍ଦୋଳନକୁ ଜୋର୍‌ଦାର କରିବା ଲାଗି ଏକ୍ସପ୍ରେସ୍‌ୱେ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ହଜାର ହଜାର ଚାଷୀ ୫ ଘଣ୍ଟା ରାସ୍ତା ଅବରୋଧ କରିଥିଲେ।


ଗାଜିଆବାଦ୍‌ଠାରେ ଚାଷୀମାନେ ରାଜପଥ ଅବରୋଧ କରିଛନ୍ତି।

ଦିଲ୍ଲୀର ସିଙ୍ଘୁ ସୀମାରେ ଆନ୍ଦୋଳନରତ ଚାଷୀ କେଏମ୍‌ପି ଏକ୍ସପ୍ରେସ୍ ୱେରେ ଥିବା ଟୋଲ୍ ପ୍ଲାଜାଗୁଡ଼ିକରେ ଗାଡ଼ିରୁ ଟୋଲ୍ ସଂଗ୍ରହ କରିବାକୁ ଦେଇ ନ ଥିଲେ।

କୃଷି ଆଇନ ବିରୋଧରେ ୧୦୦ ଦିନର ଆନ୍ଦୋଳନ ଭାରତର ଗଣତନ୍ତ୍ରରେ ଏକ କଳା ଅଧ୍ୟାୟ ବୋଲି କଂଗ୍ରେସ କହିବା ସହ ଏହାକୁ ଶାସକ ଭାଜପାର ୧୦୦ ଦିନର ଅହଂକାର ବୋଲି କହିଛି। ଯେଉଁ ଚାଷୀମାନଙ୍କ ପୁଅ ଦେଶର ସୀମାକୁ ଜଗିଛନ୍ତି, ସେମାନଙ୍କ ପାଇଁ ଦିଲ୍ଲୀ ସୀମାରେ ସରକାର କଣ୍ଟା ପୋତୁଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଥିଲେ।

### ୧୩ରେ ରେଳରୋକୋ

ଚାଷୀ ଆନ୍ଦୋଳନକୁ ବ୍ୟାପକ କରିବା ଲାଗି ମାର୍ଚ୍ଚ ୧୩ରେ ଦେଶବ୍ୟାପୀ ରେଳରୋକୋ କରାଯିବ। ହଜାର ହଜାର ଚାଷୀ ଓ ଶ୍ରମିକ ରେଳ ଲାଇନକୁ ଆସି ଆନ୍ଦୋଳନରେ ସାମିଲ ହେବେ ବୋଲି କୃଷକ ନେତା ଦର୍ଶନ ପାଲ୍ ସିଂ କହିଛନ୍ତି।

## ପୁଅ ପରିଚୟ ମାଗିବା ପରେ


# ବଳାତ୍କାର ଅଭିଯୋଗ ଆଣିଲେ ମା'

ଶାହାଜହାନପୁର, ୬।୩

- ୨୭ ବର୍ଷ ପରେ ମାମଲା
- ୧୩ ବର୍ଷ ବୟସରେ ଗର୍ଭବତୀ ହୋଇଥିଲେ
- ବଳାତ୍କାର ହୋଇଥିବା ଜାଣି ଛାଡ଼ପତ୍ର ଦେଇଥିଲେ ସ୍ୱାମୀ
- ପୁଅକୁ ନେଇ କୋର୍ଟଙ୍କ ଦ୍ୱାରସ୍ଥ ହେଲେ ମହିଳା

ପୁଅ ବାପାଙ୍କ ପରିଚୟ ମାଗିବା ପରେ ବଳାତ୍କାରର ଶିକାର ହୋଇଥିବା ନେଇ ଅଭିଯୋଗ ଆଣିଛନ୍ତି ମା'। ଉତ୍ତରପ୍ରଦେଶର ଶାହାଜହାନପୁରଠାରେ ଏଭଳି ଘଟଣା ସାମ୍ନାକୁ ଆସିଛି। ପ୍ରାୟ ୨୭ ବର୍ଷ ପରେ ଏ ନେଇ ୨ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ମହିଳା ଜଣକ ୧୨ ବର୍ଷର ହୋଇଥିବାବେଳେ ତାଙ୍କ ଭଉଣୀ ଭିଣୋଇଙ୍କ ପାଖରେ ରହୁଥିଲେ। ଏକଦା ଘରେ କେହି ନ ଥିବାର ସୁଯୋଗ ନେଇ ନାକି ହାସନ ନାମକ ଜଣେ ଯୁବକ ଓ ନାକିଙ୍କ ସାନ ଭାଇ ଗୁଡ୍ଡୁ ତାଙ୍କୁ ବଳାତ୍କାର କରିଥିଲେ। ମହିଳା ଜଣକ ଅନେକ ଥର ଉଭୟଙ୍କ ଦ୍ୱାରା ବଳାତ୍କାରର ଶିକାର ହୋଇଥିଲେ। ୧୩ ବର୍ଷର ହୋଇଥିବାବେଳେ ସେ ଗର୍ଭବତୀ ହୋଇଥିଲେ। ୧୯୯୪ରେ ସେ ଜଣେ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ନବଜାତକକୁ ପଡୋଶୀ ଉଦ୍ଧାମପୁର ଗ୍ରାମରେ ଜଣେ ସମ୍ପର୍କୀୟଙ୍କୁ ଦେଇ ପୀଡ଼ିତା ତାଙ୍କ ଭଉଣୀ ଭିଣୋଇଙ୍କ ସହ ରାମପୁର ପଳାଇଆସିଥିଲେ। ପରେ ଗାଜିପୁର ଜିଲାରେ ମହିଳାଙ୍କ ବିବାହ ହୋଇଥିଲା। ବାହାଘରର ୧୦ ବର୍ଷ ପରେ ମହିଳା ଜଣକ ବଳାତ୍କାରର ଶିକାର ହୋଇଥିବା ଜାଣିବା ପରେ ତାଙ୍କ ସ୍ୱାମୀ ତାଙ୍କୁ ଛାଡ଼ପତ୍ର ଦେଇଥିଲେ। ଏହା ପରେ ମହିଳା ଜଣକ ଉଦ୍ଧାମପୁର ଫେରି ଆସିଥିଲେ। ସେଠାରେ ଛୋଟ ବେଳୁ ଥିବା ତାଙ୍କ ପୁଅ ମା'ଙ୍କ ପରିଚୟ ପାଇଥିଲେ। ମା'ଙ୍କୁ ବାପାଙ୍କ ବିଷୟରେ ପଚାରିବାରେ ସେ ପୂର୍ବରୁ ବଳାତ୍କାରର ଶିକାର ହୋଇଥିବା ପୁଅଙ୍କୁ ଜଣାଇଥିଲେ। ଏ ନେଇ ସଦର ବଜାର ପୋଲିସ ଷ୍ଟେଶନରେ ମହିଳା ଜଣକ ଅଭିଯୋଗ କରିଥିଲେ। ପୋଲିସ ପ୍ରଥମେ ଅଭିଯୋଗ ନ ରଖିବାରୁ ମହିଳା ଜଣକ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଘଟଣାରେ ୨ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ମହିଳାଙ୍କଠାରୁ ଜନ୍ମ ନେଇଥିବା ୨୭ ବର୍ଷୀୟ ପୁଅଙ୍କ ଡିଏନ୍‌ଏ ଟେଷ୍ଟ କରାଯିବ ବୋଲି ପୋଲିସ କହିଛି।



| କରୋନା ସଂକ୍ରମଣ ସ୍ଥିତି | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୧,୬୮,୭୩,୧୩୩ | ୨୫,୯୫,୨୪୮ | ୯,୨୪,୭୮,୭୮୪ |
| ଭାରତ | ୧,୧୨,୦୪,୧୭୯ | ୧,୫୭,୭୫୦ | ୧,୦୮,୭୦,୫୧୨ |
| ଓଡ଼ିଶା | ୩,୩୭,୬୭୪ | ୧୯୧୭(+୫୩) | ୩,୩୪,୯୯୦ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ଡକାୟତି ଗ୍ୟାଙ୍ଗ୍ ମାଷ୍ଟରମାଇଣ୍ଡ ଗିରଫ

**ପୁରୀ ଅଫିସ,୬।୩:** ଏକ ଡକାୟତି ଗ୍ୟାଙ୍ଗର ମାଷ୍ଟରମାଇଣ୍ଡକୁ ପୁରୀ ପୋଲିସ ଶନିବାର ଗିରଫ କରିଛି। ସେ ହେଲେ ବିହାର କଟିହାର ଜିଲାର ନୟାଟୋଲାରର ବିବେକ ଯାଦବ। ତାଙ୍କଠାରୁ ଏକ ପଲସର ବାଇକ, ୫୦ ହଜାର ଟଙ୍କା ଓ ବାଇଡଙ୍କ ଗୁଣ୍ଡ ପୋଲିସ ଜବତ କରିଛି। ପୁରୀ କୁମ୍ଭାରପଡ଼ା ଥାନା ଶୌଚାଳୟ ଛକ ନିକଟସ୍ଥ ମଧୁସୂଦନ ମିଶ୍ରଙ୍କ ଘର ସାମ୍ନାରୁ ୫୦ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ. ୫୪/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ଏସ୍‌ପି କନୱର ବିଶାଲ ସିଂଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ କରି ତଦନ୍ତ କରିବାବେଳେ ଗତ ୨ତାରିଖରେ ପୁରୀ ସହରରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବାବେଳେ ବିବେକଙ୍କୁ ଧରି ଗିରଫ କରିଥିଲେ। ତାଙ୍କୁ ପଚରାଉଚୁରା ବେଳେ ଟଙ୍କା ଲୁଟ୍ କରିଥିବା ସ୍ୱୀକାର କରିବା ସହ ଏକ ଡକାୟତି ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ଥିବା ଜଣାପଡ଼ିଥିଲା। ତେବେ ପୂର୍ବରୁ ଅଭିଯୁକ୍ତଙ୍କ ନାମରେ କୁମ୍ଭାରପଡ଼ା, ଭୁବନେଶ୍ୱର ଖଣ୍ଡଗିରି, ବରଗଡ଼, କ୍ୟାପିଟାଲ୍ ଓ ଖାରବେଳ ନଗର ଥାନାରେ ମାମଲା ରହିଛି। ଅଧିକ ଖୋଳତାଡ଼ ପାଇଁ ପୋଲିସ ତାଙ୍କ ପଚରାଉଚରା ଜାରି ରଖିଥିବା ନେଇ ସିଟି ଡିଏସ୍‌ପି କ୍ଷୀରସାଗର ନାୟକ ସୂଚନା ଦେଇଛନ୍ତି।

## ମହାବିନାୟକ ପୀଠରେ ୧୪୪ ଧାରା

**ଚଣ୍ଡିଖୋଲ,୬।୩(ଡି.ଏନ.ଏ.):** କରୋନା କଟକଣାକୁ ଦୃଷ୍ଟିରେ ରଖି ମହାଶିବରାତ୍ରି ପାଇଁ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ମହାବିନାୟକ ପୀଠରେ ୧୪୪ ଧାରା ଜାରି କରାଯାଇଛି। ୫ରୁ ୧୧ ତାରିଖ ପର୍ଯ୍ୟନ୍ତ ଏହି ଧାରା ବଳବତ୍ତର ରହିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ

**ଭୁବନେଶ୍ୱର,୬।୩(ବ୍ୟୁରୋ)**

ଗ୍ରାମାଞ୍ଚଳ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ରାଜ୍ୟ ସରକାର ଜଳ ଜୀବନ ମିଶନ (ଜେଜେଏମ୍) କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନାରେ ଆସନ୍ତା ୨ ବର୍ଷ ମଧ୍ୟରେ ୭ଟି ଜିଲାର ୧୪୯୦ ଗ୍ରାମରେ ରହୁଥିବା ପ୍ରାୟ ୧୨ ଲକ୍ଷ ଲୋକଙ୍କୁ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଜରିଆରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ୧୫୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଆସନ୍ତା ୨ ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଦିଆଯାଇଥିବା ୭ଟି ପାନୀୟ ଜଳ ପ୍ରକଳ୍ପକୁ କ୍ୟାବିନେଟ ଅନୁମୋଦନ କରିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୧୬ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଜଳ ଜୀବନ ମିଶନ ଯୋଜନାରେ କେନ୍ଦ୍ରାପଡ଼ା ଜିଲାରେ ୨ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପର ଟେଣ୍ଡରକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏହି ପ୍ରକଳ୍ପ ଦ୍ୱାରା ଜିଲାର ୪ଟି ବ୍ଲକର ୬୫ ପଞ୍ଚାୟତ ଅଧୀନରେ ଥିବା ୨୭୪ଟି ଗ୍ରାମରେ ବାସ କରୁଥିବା ୨,୭୪,୮୩୬ ଲୋକ ବିଶୁଦ୍ଧ ପାନୀୟ ଜଳ ପାଇପାରିବେ। ସେଥିରୁ ଆଳି ବ୍ଲକର ୩୧ଟି ପଞ୍ଚାୟତରେ ଥିବା ୧୨୨ଟି ଗ୍ରାମର ୧,୩୨,୮୯୦ , ରାଜକନିକା ବ୍ଲକର ୨୯ଟି ପଞ୍ଚାୟତରେ ଥିବା ୧୪୫ଟି ଗ୍ରାମର ୧,୩୯,୯୪୭ , ପଟ୍ଟାମୁଣ୍ଡାଇ ବ୍ଲକର ୪ଟି ପଞ୍ଚାୟତ ଅଧୀନରେ ଥିବା ୫ଟି ଗ୍ରାମର ୧୦,୧୨୬ ଓ ରାଜନଗର ବ୍ଲକର ଗୋଟିଏ ପଞ୍ଚାୟତର ୨ଟି ଗ୍ରାମର ୧,୮୨୪ ଜଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ଆହୂତ ୨୨୭ କୋଟି ୯୧ ଲକ୍ଷ ୪୦ ହଜାର ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ପ୍ରକଳ୍ପ କାର୍ଯ୍ୟ ୨ ବର୍ଷ ମଧ୍ୟରେ ଶେଷ ହେବ।

ସେହିପରି ଏହି ଯୋଜନାରେ ଖୋର୍ଦ୍ଧା ଜିଲାରେ ୨ଟି ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ୬ଟି ବ୍ଲକ ଅନ୍ତର୍ଗତ ୭୭ ପଞ୍ଚାୟତ ଅଧୀନରେ ଥିବା ୫୦୫ ଗ୍ରାମରେ ବାସ କରୁଥିବା ୪,୯୭, ୬୮୬ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ସେଥିରୁ ବାଣପୁର ବ୍ଲକର ୧୧ ପଞ୍ଚାୟତର ୯୩ ଗ୍ରାମରେ ଥିବା ୭୦,୦୦୨, ଚିଲିକା ବ୍ଲକର ୧୨୨ଟି ଗ୍ରାମର ୧,୧୫,୮୨୦ , ଟାଙ୍ଗୀ ବ୍ଲକର ୪୮ଟି ଗ୍ରାମର ୪୭,୩୮୫, ବେଗୁନିଆ ବ୍ଲକର ୩୫ଟି ଗ୍ରାମର ୩୪,୯୬୨, ଜଟଣୀ ବ୍ଲକର ୯୦ ଗ୍ରାମର ୯୩,୯୫୯ ଏବଂ ଖୋର୍ଦ୍ଧା ବ୍ଲକର ୧୧୭ ଗ୍ରାମର ୧,୩୫,୫୫୮ ଲୋକଙ୍କୁ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ୩୪୮ କୋଟି ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ପ୍ରକଳ୍ପ କାର୍ଯ୍ୟ ୨୪ ମାସ ମଧ୍ୟରେ ଶେଷ ହେବ।

ସେହିପରି ଜଳ ଜୀବନ ମିଶନ ଯୋଜନାରେ ଢେଙ୍କାନାଳ ଜିଲାରେ ଦୁଇଟି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ଜିଲାର ଗଁଦିଆ ବ୍ଲକ ଅଧୀନସ୍ଥ ୧୬୬ ଗ୍ରାମର ୧,୫୨,୦୨୧ , ସଦର ବ୍ଲକର ୪୯ ଗ୍ରାମର ୩୯,୧୨୫, ଭୁବନ ବ୍ଲକର ୧୦୭ ଗ୍ରାମର ୧,୦୨,୦୮୭ ଏବଂ କାମାକ୍ଷାନଗର ବ୍ଲକର ୪୮ ଗ୍ରାମର ୪୩,୨୬୧ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ୨୯୬ କୋଟି ୯୩ ଲକ୍ଷ ଟଙ୍କା ବ୍ୟୟ କରାଯିବ। ଆସନ୍ତା ୨ ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ।

ଜେଜେଏମ୍ ଯୋଜନାରେ କଳାହାଣ୍ଡି ଜିଲାରେ ଗୋଟିଏ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏହି ଜିଲାର ଗୋଲାମୁଣ୍ଡା ବ୍ଲକ ଅଧୀନ ୧୨୧ଟି ଗ୍ରାମର ପ୍ରାୟ ୧,୩୦,୫୫୫ ଲୋକ ଉପକୃତ ହେବେ। ଏଥିପାଇଁ ଆହୂତ ୧୭୭ କୋଟି ୮୩ ଲକ୍ଷ ୫୦ ହଜାର ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ପ୍ରକଳ୍ପ କାର୍ଯ୍ୟ ୨୪ ମାସ ମଧ୍ୟରେ ଶେଷ ହେବ।

ସେହିପରି ଉକ୍ତ ଯୋଜନାରେ ସମ୍ବଲପୁର ଜିଲାର ୨୬ଟି ପଞ୍ଚାୟତ ଓ ଝାରସୁଗୁଡା ଜିଲାର ୨ ପଞ୍ଚାୟତ ପାଇଁ ଗୋଟିଏ ଲେଖାଏ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏହି ପ୍ରକଳ୍ପ ଦ୍ୱାରା ସମ୍ବଲପୁର ଜିଲାର ୨୬ ପଞ୍ଚାୟତର ୧୩୮ ଗ୍ରାମର ପ୍ରାୟ ୧,୩୮,୪୯୮ ଏବଂ ଝାରସୁଗୁଡା ଜିଲାର ଝାରସୁଗୁଡା ବ୍ଲକ ଅଧୀନରେ ଥିବା ୨ଟି ପଞ୍ଚାୟତର ୬ଟିଗ୍ରାମର ୫୦୦୧ ଜଣ ଲୋକ ଉପକୃତ ହେବେ। ଏଥିପାଇଁ ୧୮୮ କୋଟି ୩୮ ଲକ୍ଷ ୬୩ ହଜାର ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ମୋହର ମାରିଛି। ଆସନ୍ତା ୨୪ ମାସ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ।

ସେହିପରି ଯାଜପୁର ଜିଲା ପାଇଁ ଗୋଟିଏ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏହି ପ୍ରକଳ୍ପ ଦ୍ୱାରା ଜିଲାର ଯାଜପୁର, କୋରେଇ, ରସୁଲପୁର ଏବଂ ବିଞ୍ଝାରପୁର ବ୍ଲକ ଅଧୀନରେ ଥିବା ୨୮୦ଟି ଗ୍ରାମର ୩,୨୩,୭୧୦ ଲୋକ ଉପକୃତ ହେବେ। ଏଥିପାଇଁ ୨୪୫ କୋଟି ୯୮ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ କରାଯିବ। ଏହି ପ୍ରକଳ୍ପ ଆସନ୍ତା ୨ ବର୍ଷ ମଧ୍ୟରେ ଶେଷ ହେବ।

ରାଜ୍ୟ ସରକାର ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱଦେଇ ଆସୁଛନ୍ତି। ମିଶନ ଶକ୍ତି ଗଠନ କରି ମହିଳାଙ୍କୁ ରୋଜଗାରକ୍ଷମ କରାଯାଇଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟକ୍ରମର ଅଗ୍ରଗତି, ପରିଚାଳନା ଓ ସରକାରଙ୍କ ସମନ୍ୱୟ ରକ୍ଷା କରିବା ନିମନ୍ତେ ମିଶନ ଶକ୍ତିକୁ ମହିଳା ଓ ଶିଶୁ ବିକାଶ ବିଭାଗରୁ ଅଲଗା କରାଯାଇଛି। ମିଶନ ଶକ୍ତି ବିଭାଗ ଭାବେ ନୂତନ ବିଭାଗ ଗଠନ କରାଯାଇଛି। ଏହାକୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ କରାଯାଇଛି। ମିଶନ ଶକ୍ତି ନାମରେ ନୂତନ ବିଭାଗ ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ୨୦୨୦ ମାର୍ଚ୍ଚ ୮ ତାରିଖରେ ଘୋଷଣା କରିଥିଲେ। ଏହି ବିଭାଗ ସମସ୍ତ ସ୍ତରରେ ସମନ୍ୱୟ ରକ୍ଷା କରିବାରେ ସହାୟକ ହେବ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଅଗ୍ରଗତି ନିମନ୍ତେ ୨୦୦୧ରୁ ମିଶନ ଶକ୍ତି ଏକ ପ୍ରମୁଖ ଅନୁଷ୍ଠାନ ଭାବେ କାର୍ଯ୍ୟକରି ଆସୁଛି। ନୂତନ ବିଭାଗ ଗଠନ ହେବା ଫଳରେ ମିଶନ ଶକ୍ତି ବିଭାଗ, ମିଶନ ଶକ୍ତି ନିର୍ଦ୍ଦେଶାଳୟରେ କାର୍ଯ୍ୟରତ ଅଧିକାରୀ ଏବଂ ଓଡ଼ିଶା ଜୀବିକା ମିଶନ ମିଳିତ ଭାବେ ଗୋଟିଏ ପ୍ଲାଟ୍‌ଫର୍ମରେ କାର୍ଯ୍ୟ କରିବେ। ଏହି ବିଭାଗ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସେମାନଙ୍କର ସଂଘ ପାଇଁ କାର୍ଯ୍ୟ କରିବ।

କ୍ୟାବିନେଟ ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ଟୁକୁନୀ ସାହୁ ଶକ୍ତି, କୃଷି, ସାମାଜିକ ସୁରକ୍ଷା, ଅବକାରୀ, ସାଧାରଣ ପ୍ରଶାସନ, ପଞ୍ଚାୟତିରାଜ, ରାଜସ୍ୱ, ଇସ୍ପାତ ଓ ଖଣି ବିଭାଗର ମୋଟ ୧୬ଟି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରାଯାଇଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଉଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ଟୁକୁନୀ ସାହୁ।

### ୧୬ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ

- ୭ ଜିଲାର ୧୨ ଲକ୍ଷ ଲୋକଙ୍କୁ ପିଇବା ପାଣି
- ଖର୍ଚ୍ଚ ହେବ ୧୫୦୦ କୋଟି, ୨ ବର୍ଷରେ ଶେଷ ହେବ ପ୍ରକଳ୍ପ
- ମହିଳା ସଶକ୍ତୀକରଣକୁ ପ୍ରୋତ୍ସାହନ
- ଗଠନ ହେଲା ମିଶନ ଶକ୍ତି ବିଭାଗ



## ଧର୍ମେନ୍ଦ୍ରଙ୍କ ଚିଠିର ଉତ୍ତର ଦେଲେ ଗଜପତି


# ଶ୍ରୀମନ୍ଦିର ଉନ୍ନତି ଲାଗି ସବୁ ପଦକ୍ଷେପ ନିଆଯିବ

**ଭୁବନେଶ୍ୱର, ୬।୩(ବ୍ୟୁରୋ)**

ବିଶ୍ୱ ପ୍ରସିଦ୍ଧ ପୁରୀ ଶ୍ରୀମନ୍ଦିର ବିକାଶ ନେଇ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରସ୍ତାବ ଉପରେ ଶନିବାର ଗଜପତି ମହାରାଜା ଦିବ୍ୟସିଂହ ଦେବ ଉତ୍ତର ରଖିଛନ୍ତି। ଗଜପତି କହିଛନ୍ତି, ଜଗନ୍ନାଥ ମହାପ୍ରଭୁ ଲୋକଙ୍କ ପାଇଁ ପ୍ରେରଣାର ଉତ୍ସ। ଶ୍ରୀମନ୍ଦିରର ସର୍ବାଙ୍ଗୀନ ଉନ୍ନତି ପାଇଁ ସବୁ ପଦକ୍ଷେପ ନିଆଯିବ। ପ୍ରଭୁଙ୍କ ଆଶୀର୍ବାଦରେ ରାଜ୍ୟ ସରକାର ଶ୍ରୀମନ୍ଦିର ଉନ୍ନତି କାମ ହାତକୁ ନେଇଛନ୍ତି। ଶ୍ରୀଜଗନ୍ନାଥଙ୍କ ପାଇଁ ଧନ ସଂଗ୍ରହ ଅଭିଯାନ ସଂକ୍ରାନ୍ତରେ କେନ୍ଦ୍ରମନ୍ତ୍ରୀ ଦେଇଥିବା ପ୍ରସ୍ତାବ ଲାଗି ତାଙ୍କୁ ଧନ୍ୟବାଦ ଦେବାସହ ଗଜପତି ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରର ବିକାଶ ଲାଗି ଯାହା ସମ୍ଭବ ତାହା ଆମେ କରିବୁ। ଏହି ପ୍ରାଚୀନ ଐତିହ୍ୟର ଗୌରବକୁ ଉଜ୍ଜୀବିତ କରିବା ଏବଂ ବିଶ୍ୱର କୋଣ ଅନୁକୋଣରେ ଥିବା ଅଗଣିତ ଜଗନ୍ନାଥ ଭକ୍ତଙ୍କ ଇଚ୍ଛା ଓ ଆଗ୍ରହକୁ ସମ୍ମାନ ଦେଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଗଜପତି କହିଛନ୍ତି।

ସୂଚନାଯୋଗ୍ୟ, ପୁରୀ ଶ୍ରୀମନ୍ଦିରର ଉନ୍ନତି ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଶୁକ୍ରବାର ଗଜପତି ମହାରାଜାଙ୍କୁ ଚିଠି ଲେଖିଥିଲେ। ଅନାଦି ଅନନ୍ତ କାଳରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ତାଙ୍କର ପବିତ୍ରତା ସହିତ ସଂଶ୍ଳିଷ୍ଟ ସବୁକିଛି ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ପରିଚୟର ମୂଳବିନ୍ଦୁ। ମହାପ୍ରଭୁ ଶ୍ରୀଜଗନ୍ନାଥ ଲୋକଙ୍କ ଦେବତା। ପ୍ରତି ବ୍ୟକ୍ତିର ହୃଦୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବିରାଜମାନ। ସମଗ୍ର ହିନ୍ଦୁ ସମାଜ ଓ ସାଢେ ୪ କୋଟି ଓଡ଼ିଆଙ୍କ ମନରେ ମହାପ୍ରଭୁଙ୍କ କାମରେ ସହଯୋଗ କରିବା ନେଇ ଅଦମ୍ୟ ଉତ୍ସାହ ରହିଛି। ତେଣୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ଏହି ବିଶାଳ ଧନ ସଂଗ୍ରହ ଅଭିଯାନର ସହଯୋଗର ପ୍ରକ୍ରିୟାକୁ ଜନଆନ୍ଦୋଳନରେ ପରିଣତ କରିବା ସହ ଲୋକଙ୍କୁ ଏଥିରେ ଭାଗିଦାରୀ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଅନୁରୋଧ କରିଥିଲେ।

# ‘ଦ ଲଷ୍ଟ ଡଟର୍’ ଓ ‘ଦ ଆର୍ଟ ଅଫ୍ ଗଡ୍’ ଲୋକାର୍ପିତ




**ଭୁବନେଶ୍ୱର, ୬।୩ (ବ୍ୟୁରୋ)**

ବିଶିଷ୍ଟ କଥାକାର ସୁକୁବିନା (ଜାପାନୀ)ଙ୍କ ଅନୂଦିତ ଇଂଲିଶ ଗଳ୍ପ ସଂକଳନ ‘ଦ ଲଷ୍ଟ ଡଟର୍’ ଏବଂ କବି ପୂରବୀ ଦାସ ଓ ଅମ୍ରିତ ପଟ୍ଟନାୟକଙ୍କ ଇଂଲିଶ କବିତା ସଂକଳନ ‘ଦ ଆର୍ଟ ଅଫ୍ ଗଡ୍’ ଶନିବାର ଲୋକାର୍ପିତ ହୋଇଯାଇଛି। ଟାଇମ୍‌ପାସ୍ ପ୍ରକାଶନୀ ସଂସ୍ଥା ପକ୍ଷରୁ ରୋଟାରୀ ଭବନରେ ଆୟୋଜିତ ଏହି ଉତ୍ସବରେ ଅନୁବାଦକ ସଂଗ୍ରାମ ଜେନା ଯୋଗଦେଇ ପୁସ୍ତକ ଦ୍ୱୟ ଉପରେ କହିଥିଲେ। ଅନୁବାଦକ ଯତୀନ୍ଦ୍ର କୁମାର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଟାଇମ୍‌ପାସ୍‌ର ନିର୍ଦ୍ଦେଶକ ସରୋଜ ବଳ ସ୍ୱାଗତଭାଷଣ ଓ କବି ତଥା କଥାକାର ପବିତ୍ର ମୋହନ କର ଧନ୍ୟବାଦ ଦେଇଥିଲେ। ଏହିଅବସରରେ ଅନୁଷ୍କା ପରିଜା ଲୋକାର୍ପିତ ହୋଇଥିବା ପୁସ୍ତକରୁ କିଛି କବିତା ପାଠ କରିଥିଲେ।

**ରାଜଧାନୀରେ ପୁଣି ମର୍ଡର। ଅଭିଯୁକ୍ତଙ୍କୁ ଧରି ପିଟିଲେ ଲୋକେ।**




## ବ୍ରାଉନସୁଗାର ଜବତ: ୪ ଗିରଫ

**କାକଟପୁର,୬।୩(ଡି.ଏନ୍.ଏ.):** କାକଟପୁର ଥାନା ପୋଲିସ ଶୁକ୍ରବାର ବାଙ୍ଗୁରିଗାଁ ପଞ୍ଚାୟତର ଟିକରପଡ଼ା ଗ୍ରାମରେ ଚେକିଂ କରୁଥିବାବେଳେ ବ୍ରାଉନସୁଗାର କାରବାର କରୁଥିବା ୪ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ବଂଶୀଧରପୁର ଗ୍ରାମର ପ୍ରସନ୍ନ ତ୍ରିପାଠୀ, ଜୋରପଦାର ରଞ୍ଜନ କାଣ୍ଡୀ, ଧୁରୁଜଙ୍ଗର ସମ୍ପଦ କାଣ୍ଡୀ ଓ ଓସ୍ତପୁରର ପ୍ରତାପ ମୁଦୁଲି। ସେମାନଙ୍କଠାରୁ ୨୨ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। କାକଟପୁର ଥାନାର ଏସ୍‌ଆଇ ସନାତନ ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ଟିମ୍ ଦିନ ଗୋଟାଏ ୩୦ରେ ଟିକରପଡାଠାରେ ଏମ ଭି ଆଇ ଚେକିଂ କରୁଥିଲେ। ଏହି ସମୟରେ କୋଣାର୍କ ଆଡୁ ଆସୁଥିବା ୨ଟି ବାଇକ୍ ନଂ ଓଡି ୧୩-୩୬୫୧ ଏବଂ ଓଡି୧୩-ଏନ -୪୮୦୯ କୁ ଚେକିଂ କରିବା ସମୟରେ ୨୨ଗ୍ରାମର ବ୍ରାଉନସୁଗାର ଜବତ କରିବା ସହ ମୋଟ ୪ଜଣଙ୍କୁ ପୋଲିସ ଘଟଣାସ୍ଥଳରୁ ଗିରଫ କରିଥିବା କାକଟପୁର ଥାନା ଆଇସିସି ସୁଶାନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି।

# ଏକାଠି ଦୀପ ଜାଳିବେନି ଶ୍ରଦ୍ଧାଳୁ



**ପୁରୁଣା ଭୁବନେଶ୍ୱର, ୬।୩(ଡି.ଏନ୍.ଏ.)**

ଆସନ୍ତା ୧୧ ତାରିଖରେ ମହାଶିବରାତ୍ରି ଓ ଜାଗରଯାତ୍ରା। କରୋନା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟର ଶୈବପୀଠଗୁଡ଼ିକରେ ଚଳିତ ବର୍ଷ ସାଧାରଣ ଦର୍ଶନ ଉପରେ କଟକଣା ଲାଗୁ କରାଯାଇଛି। କେତେକ ପ୍ରମୁଖ ଶୈବପୀଠରେ ୧୪୪ ଧାରା ଜାରି ହେବା ସହିତ ପ୍ରଶାସନିକ ଅଧିକାରୀ, ସେବାୟତ ଓ ପୋଲିସ ସହାୟତାରେ ଜାଗର ପ୍ରସ୍ତୁତି ଚାଲିଛି। ତେବେ ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀ ଲିଙ୍ଗରାଜଙ୍କ ପ୍ରସିଦ୍ଧ ଜାଗର ଯାତ୍ରା ପାଇଁ କଟକଣାରେ କେତେକ କୋହଳ କରାଯାଇଛି। ପୂର୍ବରୁ କେବଳ ଆଡ଼କାଠ ନିକଟରେ ରହି ଶ୍ରଦ୍ଧାଳୁମାନେ ଦର୍ଶନ କରିବା ନେଇ ନିଷ୍ପତ୍ତି ହୋଇଥିଲା। ଏବେ ଜାଗର ଜାଳିବାକୁ ନିଷ୍ପତ୍ତି ନିଆଯାଇଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଶନିବାର ମନ୍ଦିର ନିକଟ କୋରାପୁଟ ଭବନରେ ବିଭିନ୍ନ ନିଯୋଗ କର୍ମକର୍ତ୍ତାଙ୍କୁ ନେଇ କମିଶନରେଟ ପୋଲିସ ପକ୍ଷରୁ ବୈଠକ ବସି ଏହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହିଦିନ ବ୍ରତଧାରୀମାନେ ବିନ୍ଦୁସାଗର, ତଳବଜାର, ଲିଙ୍ଗରାଜ ହାଟ, ମନ୍ଦିର ସମ୍ମୁଖ, ବଢେଇବାଙ୍କ, ରଥଖଳା ଆଦି ସ୍ଥାନରେ ଏକାଠି ହୋଇ ଉଜାଗର ରହି ଦୀପ ଜାଳିଥାନ୍ତି। ଚଳିତବର୍ଷ ଏହା ଉପରେ ଅଙ୍କୁଶ ଲଗାଯାଇଛି। ଶ୍ରଦ୍ଧାଳୁମାନେ ଏକାଠି ଦୀପ ନ ଜାଳିବାକୁ ନିଷ୍ପତ୍ତି ହୋଇଛି। ସେହିଭଳି ସାମାଜିକ ଦୂରତା ରକ୍ଷା ସହ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। ନୀତି ନିର୍ଘଣ୍ଟ ଅନୁଯାୟୀ ସୁରୁଖୁରୁରେ ଜାଗର ଯାତ୍ରା ସମ୍ପନ୍ନ କରିବାକୁ ବିଭିନ୍ନ ନିଯୋଗର ସେବାୟତ, ପୋଲିସ, ପ୍ରତ୍ନତତ୍ତ୍ୱ ବିଭାଗ ଓ ଦେବୋତ୍ତର ବିଭାଗ କର୍ମଚାରୀଙ୍କ ସହ ସାମାଜିକ କାର୍ଯ୍ୟକର୍ତ୍ତାମାନେ ସୁଚାରୁରୂପେ ଦାୟିତ୍ୱ ସମ୍ପନ୍ନ କରିବେ। ଭିଡ଼ ଏଡ଼ାଇବାକୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁଙ୍କୁ ଆଡ଼କାଠ ନିକଟକୁ ଛଡ଼ାଯିବ। କେତେଜଣ ଶ୍ରଦ୍ଧାଳୁଙ୍କୁ ଛଡ଼ାଯିବ ଓ କେତେ ସମୟ ମଧ୍ୟରେ ମନ୍ଦିରରୁ ପ୍ରସ୍ଥାନ କରିବାକୁ ଦିଆଯିବ ସେନେଇ ନିର୍ଦ୍ଦିଷ୍ଟ ଭାବେ କିଛି ସୂଚନା ଦିଆଯାଇ ନାହିଁ।

ଅନ୍ୟପକ୍ଷରେ କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ ଶ୍ରଦ୍ଧାଳୁଙ୍କୁ ସିଂହଦ୍ୱାର ଦେଇ ଭିତରକୁ ଛଡ଼ାଯିବ। ପ୍ରତିବର୍ଷ ମହାଦୀପ ଉଠିବା ପରେ ଶ୍ରୀ ଲିଙ୍ଗରାଜ ମନ୍ଦିର ଦକ୍ଷିଣ ଦ୍ୱାର, ଉତ୍ତର ଦ୍ୱାର ଓ ସିଂହ ଦ୍ୱାର ଦେଇ ଶ୍ରଦ୍ଧାଳୁମାନେ ପ୍ରସ୍ଥାନ କରିଥାନ୍ତି। ଏହି ସମୟରେ ଏସବୁ ଦ୍ୱାରରେ ପ୍ରବଳ ଭିଡ଼ ହୋଇଥାଏ। କିନ୍ତୁ ଚଳିତବର୍ଷ ଶ୍ରଦ୍ଧାଳୁଙ୍କୁ ସାମାଜିକ ଦୂରତ୍ୱ ବଜାୟ ରଖି ଧୀରେ ଧୀରେ ଛଡ଼ାଯିବ। ମହାଦୀପ ଉଠିବା ପରେ ସାହାଣ ମେଲା ଦର୍ଶନ ହେବନାହିଁ। ସେହିଭଳି ଏକାମ୍ର ସାଂସ୍କୃତିକ ପ୍ରକାଶନୀ ଦ୍ୱାରା ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଚଳିତବର୍ଷ ହେବା ନେଇ ସବୁଜ ସଂକେତ ମିଳିଛି। ଟ୍ରାଫିକ ନିୟନ୍ତ୍ରଣ ଓ ଭିଡ଼ ଏଡ଼ାଇବାକୁ ମନ୍ଦିରର ଈଶାନ୍ୟ କୋଣର ଅନତିଦୂର ଶୌଚାଳୟ ନିକଟରେ ମଣ୍ଡପ ନିର୍ମାଣ କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ଟ୍ରାଫିକ ନିୟନ୍ତ୍ରଣ ପାଇଁ ସାମନ୍ତରାପୁର, ଗ୍ୟାରେଜ ଛକ, କେଦାରଗୌରୀ ଛକ ଆଦି ବାଟଦେଇ ମନ୍ଦିର ନିକଟକୁ ଭାରିଯାନ ପ୍ରବେଶ କରିବ ନାହିଁ। ନିର୍ଦ୍ଦିଷ୍ଟ ସ୍ଥାନରେ ପାର୍କିଂ କରାଯିବା ନେଇ ସ୍ଥିର ହୋଇଥିବା ଶ୍ରୀ ଲିଙ୍ଗରାଜ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର କହିଛନ୍ତି। ବୈଠକରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସ, ବିଭିନ୍ନ ଜୋନ୍‌ର ଏସିପି, ନିଯୋଗଗୁଡ଼ିକର ପ୍ରମୁଖ ସେବାୟତ ଉପସ୍ଥିତ ଥିଲେ।

### ଶ୍ରୀ ଲିଙ୍ଗରାଜଙ୍କ ଜାଗରଯାତ୍ରା

- ସ୍ଥିତିକୁ ଦେଖି ଆଡ଼କାଠ ନିକଟରେ ଦର୍ଶନ ପାଇଁ ଛଡ଼ାଯିବ
- ପ୍ରସ୍ଥାନ ଉପରେ ମଧ ରହିବ ନିୟନ୍ତ୍ରଣ
- ମହାଦୀପ ଉଠିବା ପରେ ସାହାଣ ମେଲା ଦର୍ଶନ ବନ୍ଦ
- ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସବୁଜ ସଙ୍କେତ



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳସୀ ନାରୀର ଫାଲୁଆ ଗୁଣ୍ଡା**
**ଚାହିଁ ରହିଥାଏ ଗେରସ୍ତ ହୁଣ୍ଡା।**

କେତେକ ନାରୀ ଅତ୍ୟନ୍ତ ଅଳସୁଆ ପ୍ରକୃତିର ହୋଇଥାନ୍ତି। କାମଦାମ ନ କରି ଖାଇପିଇ ଘରେ ଖୁଣ୍ଟ ଭଳି ବସିରହିଥାନ୍ତି। ଏପରି ନାରୀଙ୍କୁ ଘର କାମରେ ମନୋନିବେଶ କରେଇବା ବିଚରା ସ୍ୱାମୀ ପକ୍ଷେ ଦୁରୂହ ବ୍ୟାପାର ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅବାକ୍ ଲୋକର ଅବାକ୍ କଥା**
**ବାଳ ଥାଉ ଥାଉ ପୋଡ଼ଇ ମଥା।**

ବାଳ ବା କେଶ ଅକ୍ଷତ ଥାଇ ମଥା ପୋଡ଼ିଯିବା ଅସମ୍ଭବ କଥା। ଏହି କଥାରେ କିଛି ବାସ୍ତବତା ନ ଥାଏ। କିଛି ବ୍ୟକ୍ତି ଏପରି କଥା କହନ୍ତି, ଯାହା କି ବିଶ୍ୱାସଯୋଗ୍ୟ ହୋଇ ନ ଥାଏ। ଲୋକଟି ଖୁବ୍ ଅଦ୍ଭୁତ, ତା'ର କଥାବାର୍ତ୍ତା ଓ ଚାଲିଚଳନ ସବୁ ବେଖାନ୍ତିଆ ବା ଅବାଗିଆ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

## ପ୍ରଥମ ପୃଷ୍ଠାରୁ...

### ହତ୍ୟାର ରାଜଧାନୀ...

ସାଗର ପୃଷ୍ଟି ଏବଂ ସୁଧୀର ପୃଷ୍ଟି। ଟୁକୁନା ପ୍ରଥମେ ଏକ ଛୁରିରେ ଦୁହିଁଙ୍କୁ ଆକ୍ରମଣ କରିବା ପରେ ୨ଭାଇ ଆତ୍ମରକ୍ଷା ପାଇଁ ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। ଏନେଇ ପୋଲିସ ୩ଟି ମାମଲା ରୁଜୁ କରିଛି। ହତ୍ୟାକାଣ୍ଡ ପୂର୍ବରୁ ଟୁକୁନା ୨ଭାଇଙ୍କୁ ଛୁରାମାଡ଼ କରିଥିବା ଘଟଣାରେ ଗୋଟିଏ ମାମଲା ରୁଜୁ ହୋଇଥିବାବେଳେ ଦ୍ୱିତୀୟଟି ଟୁକୁନାଙ୍କୁ ହତ୍ୟା କରିବା ଅଭିଯୋଗରେ ୨ଭାଇଙ୍କ ବିରୋଧରେ ଏବଂ ତୃତୀୟ ମାମଲାଟି ପିସିଆର ଭ୍ୟାନ କାଚ ଭାଙ୍ଗି ଅଭିଯୁକ୍ତଙ୍କୁ ମାଡ଼ ମାରି ଆଇନକୁ ହାତକୁ ନେଇଥିବା ଲୋକଙ୍କ ବିରୋଧରେ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଟୁକୁନା ଓ ଅଭିଯୁକ୍ତ ସୁଧୀର ଏବଂ ସାଗରଙ୍କ ମଧ୍ୟରେ ଦୀର୍ଘଦିନ ହେବ ଶତ୍ରୁତା ଲାଗି ରହିଥିଲା। ଏନେଇ ସେମାନଙ୍କ ମଧ୍ୟରେ ବିଭିନ୍ନ ସମୟରେ ଝଗଡ଼ା ହେଉଥିଲା। ଶୁକ୍ରବାର ରାତିରେ ମଧ୍ୟ ସେମାନଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହେବା ସହ ତିକ୍ତତା ସୃଷ୍ଟି ହୋଇଥିଲା। ଏହାକୁ ନେଇ ପୁଣି ଥରେ ଶନିବାର ସକାଳେ ଟୁକୁନା ଓ ଅଭିଯୁକ୍ତ ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଟୁକୁନା ତାଙ୍କୁ ଆକ୍ରମଣ କରିଥିଲେ। ପରେ ଅଭିଯୁକ୍ତଦ୍ୱୟ ତାଙ୍କୁ କାବୁ କରି ଗାଡ଼ିରେ ବସାଇ ଥାନାକୁ ଆଣୁଥିଲେ। ଏହି ସମୟରେ ସିଆର୍‌ପିଏଫ୍ ମୁଖ୍ୟଦ୍ୱାରଠାରୁ ୨୦୦ମିଟର ଦୂର ନୟାପଲ୍ଲୀ ଏନ୍-୨ ଛକ ନିକଟରେ ଟୁକୁନା ନିଜ ପାଖରେ ରଖିଥିବା ଏକ ଛୁରିରେ ସାଗରଙ୍କ ଗୋଡ଼ରେ ଭୁସି ଦେଇଥିଲେ। ପରେ ପ୍ରତିଆକ୍ରମଣରେ ସାଗର ଓ ସୁଧୀର ଟୁକୁନାଙ୍କ ହାତରୁ ଛୁରି ଛଡ଼ାଇ ଛାତିରେ ଭୁସିବା ସହ ବେକକୁ କାଟି ଦେଇଥିଲେ। ଏଥିରେ ଟୁକୁନାଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଏସମସ୍ତ ଘଟଣା ରାସ୍ତା ମଝିରେ ପିକ୍‌ଅପ ଭ୍ୟାନରେ ହୋଇଥିଲା। ଏହାପରେ ଲୋକେ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଏପରି କି ଉଭୟଙ୍କୁ ସ୍ଥାନୀୟ ଉତ୍ତ୍ୟକ୍ତ ଲୋକମାନେ ନିର୍ଘୂମ୍ ଛେଚିଥିଲେ। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ହତ୍ୟାରେ ବ୍ୟବହୃତ ଭୁଜାଲି, ଫିଙ୍ଗରପ୍ରିଣ୍ଟ ଓ ବିଭିନ୍ନ ସ୍ଥାନରୁ ରକ୍ତ ନମୁନା ସଂଗ୍ରହ କରିଛି। ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ଚିକିତ୍ସା ନିମନ୍ତେ ହସ୍ପିଟାଲ ପଠାଇବା ସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଅନ୍ୟପକ୍ଷେ ମୃତକଙ୍କ ଜଣେ ସମ୍ପର୍କୀୟଙ୍କ କହିବା ହେଲା ଟୁକୁନାଙ୍କ ଭଉଣୀଙ୍କ ବିବାହ ପୂର୍ବରୁ ଅଭିଯୁକ୍ତ ସୁଧୀରଙ୍କ ସହ ପ୍ରେମ ସମ୍ପର୍କ ରହିଥିଲା। ଏହି ସମୟରେ ସୁଧୀର ତାଙ୍କର ଏକ ଅଶ୍ଳୀଳ ଭିଡିଓ ମୋବାଇଲରେ ଉତ୍ତୋଳନ କରି ରଖିବା ସହ ଗତ ନୂଆ ବର୍ଷ ପିକନିକ୍‌ରେ ବନ୍ଧୁଙ୍କୁ ଦେଖାଇଥିଲେ। ଏହା ଜାଣିବା ପରେ ଟୁକୁନା ତାଙ୍କୁ ଉକ୍ତ ଭିଡିଓ ଡିଲିଟ କରିବାକୁ ତାଗିଦ୍ କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ଲାଗିରହିଥିଲା ଏବଂ ଶେଷରେ ଟୁକୁନାଙ୍କୁ ସେମାନେ ହତ୍ୟା କରିଥିବା ସମ୍ପର୍କୀୟ ଭାଇ କହିଛନ୍ତି।

ଡିସିପି ଉମାଶଙ୍କର ଦାସଙ୍କ କହିବାନୁସାରେ ହତ୍ୟାର ଶିକାର ହୋଇଥିବା ଟୁକୁନାଙ୍କ ନାମରେ ବସ୍ତିରେ ରହୁଥିବା ଲୋକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୂର୍ବରୁ ନୟାପଲ୍ଲୀ ଥାନାରେ ମାମଲା ରହିଛି। ପୂର୍ବ ଶତ୍ରୁତାରୁ ହତ୍ୟା କରାଯାଇଥିବା କୁହାଯାଉଥିବାବେଳେ ଘଟଣାର ପ୍ରକୃତ କାରଣ ଏଯାବତ୍ ସ୍ପଷ୍ଟ ହୋଇନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଗୁରୁକ୍ଷେତ୍ରସ୍ଥ ଚନ୍ଦ୍ର ପ୍ରଭାବରୁ କେବଳ ଗାମ୍ଭୀର୍ଯ୍ୟପୂର୍ଣ୍ଣ କଥା କହି କାମ ହାସଲ କରିପାରିବେ। ପାରିବାରିକ ଓ କର୍ମକ୍ଷେତ୍ର ପ୍ରତି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ଛୋଟ ଘଟଣା ପ୍ରତି ଧ୍ୟାନ ଦେଲେ ନିଜ ଲୋକଙ୍କୁ ସନ୍ଦେହ କରିବେ। ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ର ଓ କଳା ସାହିତ୍ୟ ଦିଗରେ ନୂତନ ଦିଗନ୍ତ ସୃଷ୍ଟି ହେବ।

**ବୃଷ**
ରାଶିରେ ପାପଗ୍ରହ ଥିବାରୁ କର୍ମକ୍ଷେତ୍ରରେ କେତେକ କଥା ମନ ଚାହୁଁଥିଲେ ମଧ୍ୟ ପରିସ୍ଥିତି ତାହା କରାଇଦେବ ନାହିଁ। ବ୍ୟବସାୟ, ବାଣିଜ୍ୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତି କ୍ଷେତ୍ରରେ କାମ ହାସଲ କରିବେ। ଆଗାମୀ ଦିନ ପାଇଁ ନୂଆ ପରିକଳ୍ପନା କରିବେ। ଦୀର୍ଘ ଦିନର ଅଭିଳଷିତ ଦ୍ରବ୍ୟ କ୍ରୟ କରିବାରେ ସଫଳ ହେବେ।

**ମିଥୁନ**
ଆଜି ଆପଣଙ୍କୁ ଅଫିସ କାମରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବାକୁ ପଡ଼ିପାରେ। ଆଜିର ଯାତ୍ରାରେ ସଫଳତା ପାଇବେ, କିନ୍ତୁ ସମସ୍ୟା ଭିତର ଦେଇ ଯିବାକୁ ପଡ଼ିବ। ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ବ୍ୟସ୍ତ ରହିବେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ।

**କର୍କଟ**
ଆଜି କର୍ମକ୍ଷେତ୍ରରେ ଏତେ ବ୍ୟସ୍ତ ରହିବେ ଯେ ଖାଇବାକୁ ସମୟ ପାଇବେ ନାହିଁ। ଅଶ୍ଳେଷା ନକ୍ଷତ୍ର ପରିବାର ପ୍ରତି ବିମୁଖ କିମ୍ବା ଉଦାସୀନତା ପରିଲକ୍ଷିତ ହେବ। ବ୍ୟବସାୟ , ପରିବହନ ବାଧାପ୍ରାପ୍ତ ହୋଇପାରେ। ପର ଉପରେ ନିର୍ଭର କରିବା ଦ୍ୱାରା ପୂର୍ଣ୍ଣମାତ୍ରାରେ କାମ ମଧ୍ୟ ହାସଲ ହୋଇପାରିବ ନାହିଁ।

**ସିଂହ**
କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ନିଜର ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଭଉଣୀ କିମ୍ବା ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ, ଅବଶ୍ୟ କିଛି ଘରୋଇ କଥାକୁ କେନ୍ଦ୍ରକରି। ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ ଏବଂ ଲକ୍ଷ୍ୟସ୍ଥଳରେ ପହଞ୍ଚିବେ।

**କନ୍ୟା**
କେତୁଙ୍କ କୁପ୍ରଭାବରୁ କୌଣସି ଜିନିଷ ପାଇବାର ସମ୍ଭାବନା ନ ଥିଲେ ମଧ୍ୟ ମରୀଚିକା ପଛରେ ଗୋଡ଼ାଇ ହତାଶ ହେବେ। ସନ୍ତାନଙ୍କ କ୍ଷେତ୍ରରେ ମଧ୍ୟ ଅଶାନ୍ତିର ବାତାବରଣ ସୃଷ୍ଟି ହେବ। ମିଠା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। ଭାବୁଥିବା କାମଟି ଶେଷ କରିବାରେ ବିଭିନ୍ନ ସମସ୍ୟା ଆସିବ।

**ତୁଳା**
ଆପଣଙ୍କ ସକାଶେ ଘରଲୋକ ବ୍ୟସ୍ତ ଓ ବିବ୍ରତ ରହିବେ। କର୍ମକ୍ଷେତ୍ରରେ କୌଣସି ବନ୍ଧୁଙ୍କ ପ୍ରତି ଆନ୍ତରିକତା ଅଡୁଆରେ ପକାଇବ। ଆକସ୍ମିକ ଭାବେ ଆର୍ଥିକ ଅଭାବ ଇଚ୍ଛାପୂରଣରେ ବାଧା ସୃଷ୍ଟି କରିବ। ଆଲୋଚନାରେ, ସଭାସମିତିରେ, ଆନୁଷ୍ଠାନିକ କାମ ସକାଶେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ବିଛା**
ବିଭିନ୍ନ ପ୍ରକାରର କାମ ହାତକୁ ନେଇ ବ୍ୟସ୍ତତା ବୃଦ୍ଧି ପାଇବ। ଅନୁରାଧା ନକ୍ଷତ୍ର ଜାତ ବ୍ୟକ୍ତି ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ବନ୍ଧୁ ଓ ପରିଜନଙ୍କ ସହିତ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁଁ ମନ ପ୍ରଫୁଲ୍ଲିତ ହେବ। କେତେକ କ୍ଷେତ୍ରରେ ଶୀଘ୍ର ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। କିନ୍ତୁ ସଙ୍ଗ ଦୋଷ ପାଇଁ ସମାଲୋଚିତ ହୋଇପାରନ୍ତି।

**ଧନୁ**
କର୍ମକ୍ଷେତ୍ରରେ ସତର୍କତା ରକ୍ଷା ନ କଲେ ଅର୍ଥହାନି ଓ ଶରୀର ପୀଡ଼ାରୁ କଷ୍ଟ ପାଇବେ। ଆଗାମୀ ଦିନର ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ବନ୍ଧୁଙ୍କ ସାହାଯ୍ୟରେ ଆଜି ଋଣସୂତ୍ରରେ ଅର୍ଥଲାଭ କରିବେ। ସହକର୍ମୀ ରାଗିଲେ ମଧ୍ୟ କାମଟି କରିଦେବେ।

**ମକର**
ଶ୍ରବଣା ନକ୍ଷତ୍ର ସକାଶେ ପଡ଼ୋଶୀମାନେ ଭଲ କଥା କହିଲେ ମଧ୍ୟ ପଛରେ ବିଭିନ୍ନ କଥା କହି ପାରନ୍ତି। ଭଲ ରୂପେ କାମ କଲେ ମଧ୍ୟ ମନ ବୁଝିବ ନାହିଁ ଏବଂ କିଛି ବାକି ରହିଯାଇଥିବାର ଚିନ୍ତା କରିବେ। ଅନାବଶ୍ୟକ ଭାବେ ଅନୁରୋଧବଶତଃ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି।


**କୁମ୍ଭ**
ସମସ୍ୟା ସମାଧାନ କ୍ଷେତ୍ରରେ ଧୀରସ୍ଥିର ଭାବରେ କାମ କଲେ ପରିସ୍ଥିତିର ମୁକାବିଲାରେ ସମର୍ଥ ହେବେ। ବିଳମ୍ବ ହେଲେ ମଧ୍ୟ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ କୌଣସି ଅସୁବିଧା ହେବ ନାହିଁ। ଶିଳ୍ପ, ବାଣିଜ୍ୟ ଶେୟାର, ବଜାର କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମୀନ**
ସକାଳୁ କୌଣସି ଶୁଭ ଖବର ପାଇ ଖୁସି ହୋଇଯିବେ। ଆକସ୍ମିକ ସାହାଯ୍ୟ ଲାଭକରି ସମସ୍ୟା ଆପଣାଛାଏଁ ସୁଧୁରି ଯିବ। କର୍ମକ୍ଷେତ୍ରର ସମସ୍ୟା ସମ୍ପର୍କୀୟ ଦୁଶ୍ଚିନ୍ତା ଆସିବ, ମାତ୍ର କୌଣସି ବିବାଦର ସମାଧାନ ସକାଶେ ବନ୍ଧୁଙ୍କ ଆଶ୍ରୟ ନେଇପାରନ୍ତି। ଉତ୍ତର-ଭାଦ୍ର ନକ୍ଷତ୍ର ଆଜି ସୁଯୋଗର ସଦ୍ ବ୍ୟବହାର କରିପାରିବେ ନାହିଁ।

ଆଜି ଫାଲ୍‌ଗୁନ କୃଷ୍ଣ ନବମୀ ରବିବାର, ମାର୍ଚ୍ଚ ୭ ତାରିଖ, ପରମହଂସ ଯୋଗାନନ୍ଦଙ୍କ ମହାପ୍ରୟାଣ ଦିବସ, କର୍ମବୀର ଗୌରୀଶଙ୍କରଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ମୂଳା/ଧନୁ, ମେଷ ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୫୨ ଗତେ ଘ.୧୦।୦୦ ମଧ୍ୟେ, ସନ୍ଧ୍ୟା ଘ.୦୭।୨୮ ଗତେ ଘ.୦୯।୦୬ ମଧ୍ୟେ ଅମୃତବେଳା। ସକାଳ ଘ.୦୬।୦୫ ଗତେ ଘ.୦୬।୫୨ ମଧ୍ୟେ, ଘ.୦୧।୦୮ ଗତେ ଘ.୦୧।୫୫ ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୪।୨୨ ଗତେ ଘ.୦୫।୫୫ ମଧ୍ୟେ ରାହୁକାଳ ॥


## classifieds Everyday

0674-2580101, 2549302




### BRIDE WANTED

Suitable match for handsome 5'/8" Sethi Odia boy.12-12-1980. MBA and CFA Degree. Business men, High status, Kolkatta and Bhubaneswar base. Contact-9078680790 b_sethi77@rediffmail.com. D-20156

### GROOM WANTED

Wanted matching and suitable groom for Khandayat girl, Paediatri Doctor, 1991, 5'5", 8/4, Mobile: 9438120900. D-20112

Engineers/ Doctor/ corporate executive/ Business men match for a decent family for a beautifull,slim,charming and attractive features girl belonging to Odia Sethi family. She is having Diploma and B-Tech(EEE) of Engineering and born 20.05.1990. Please contact at Mob.7008492705. 9078680790 b_sethi77@rediffmail.com. D-20155

ଗୌରବର୍ଣ୍ଣ 21years, Graduate ଖଣ୍ଡାୟତ ଝିଅପାଇଁ ବରପାତ୍ର ଆବଶ୍ୟକ। Contact: 7653915602. D-70806




### SALE

**Residential land/ plot immediately sale at 3000sft. Jharpada, (near Puri bypass) Bhubaneswar.Please Contact DEEPAK-9937329999.** D-69975

**Ready to move 1BHK at DHPL Villa, One Kalarahanga. Cost 23,00000/-. Contact 9937059891.** D-20141

2BHK flat for resale at Balianta Canal road, Bhubaneswar. 8249533663. D-70227

**"Katki six gunth gharabari SC land with boundary near SOG Training center Chandaka.Price 40 lakhs.Contact 9437196496."** D-20164

ସ୍ଥିତିବାନ୍ ପ୍ଲଟ୍ ଧଉଳି ଶାନ୍ତିସ୍ତୁପ ଏବଂ ପିପିଲି ବ୍ଲକ୍ ଅଫିସ୍ ପାଖରେ ମିଳୁଛି। **8249776268, 8327774136.** D-69381

**3BR flat at Hi-Tech Plaza, Sundarpada, Bhubaneswar. Mobile: 8895431303, 7205820250.** D-69489

**Residential plot at- Heart Complex, Brahmanjharilo, Cuttack, 12K.M. from Bhubaneswar, 18K.M. from Cuttack @500/- per sft. (Few plots available), (Nearest to School, Coleges/ Hospital). 7809525452, 8249851363.** D-70431

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9668344479. D-70198

**Bhubaneswar, Khordha NH side Pitapalli Chhaka** ନିକଟରେ **plot** ମିଳୁଛି। **6372852525.** D-70192

Duplex sale ଘଙ୍ଗାପାଟଣା 1500sqft. land 2000sqft. construction 55,00,000/- 4K.M. from Sum Hospital. 9437306208. D-69382

**Developed demarcated gharabari plot** ବାଲିଅନ୍ତା ଏବଂ ଉତ୍ତରା ନିକଟରେ କିଣନ୍ତୁ। **7008492511.** D-69384

ପୁରୀ ଶ୍ରୀମନ୍ଦିର ପାଖରୁ ମାତ୍ର **6** କିଲୋମିଟର ଦୂରରେ **1000sqft.** ଜାଗାସହ **2Bedroom, 2Bathroom, Drawing cum Dining, Kitchen and Garage** ମାତ୍ର **24**ଲକ୍ଷ। **Installment** ସୁବିଧା ଅଛି। **Call: 6372897984, 8144658008.** D-20117

Bhubaneswar ସୁନ୍ଦରପଦାରେ ପାଚେରି ପ୍ଲଟ୍ (ଘରବାରି) ୪ଟା ବିକ୍ରିହେବ। Sqft.-1100/- LIPSA. 9853150290. D-70801

**3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658.** D-19996

**Flats for sale (2BHK- 1200sqft.)/ (3BHK- 1500sqft.) at Patia, Big-Bazar, Bhubaneswar. Contact: 7008346486.** D-70550

5 BHK 2 Story building at Pokhariput main road side, BBSR for sell. Contact: 7438955414. D-20127

ରବିଟକିଜ ଛକରୁ **6** କିଲୋମିଟର ଦୂର ଶହୀଦନଗର ଥାନା ଅଧୀନ ବଙ୍କୁଆଳ ମୌଜାରେ ରାସ୍ତା, ଇଲେକ୍ଟ୍ରି ସୁବିଧାଥାଇ ଘରବାରି ପ୍ଲଟ୍ ପାଚେରି ସହ ବର୍ଗଫୁଟକୁ ମାତ୍ର **1300/-** ଟଙ୍କା। ଯୋଗାଯୋଗ: **6372897984/ 8144658008.** D-20118

ସୁନ୍ଦରପଦା ଏବଂ ବାଲିଅନ୍ତାରେ **developed gharabari boundary** ଥାଇ ପ୍ଲଟ୍ କିଣନ୍ତୁ। **7008492511.** D-69383

**Proposed premium duplex available for booking at Sastri Nagar, Unit-4, Bhubaneswar cost-1.60 crore (Payment with easy installments). Ready to stay 3storeyed building (900squarefeet land, 2100sqft. construction) available at Jaydev Vihar, Cost: 98lakhs. Contact: 8895225775, 7978068526.** D-70803

Residential gharabari plot for sale 3K.M. from Patia Big Bazar with 30ft. road, electricity, water supply, boundarywall. 7978159231. D-70199

**Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982.** D-70177

ଭୁବନେଶ୍ୱର, ପଟିଆ, ରଘୁନାଥପୁର, ଫୁଲନଖରା ପାଖରେ **1,2,3BHK simplex, duplex, plot** ଅଛି। **9658122456, 8327785834.** D-70188

**Premium duplex available for booking at Sastri Nagar, Unit-4, Bhubaneswar. Cost- 1.6crore (payment in instalment as per the progress of work). Contact: 9668760280.** D-20157

**Ready to move Duplex for sale at DHPL Villa One Kalarahanga. Contact: 9937059891.** D-19937

**Residential plot at Trisulia Square(100 mtr. from Trisulia chhak) Cuttack. Gharabari plot with boundary wall, 30ft. road & Electrification provision. Contact:- 7064926383.** D-20026

**Gita College** ଦେଉଳିଆପାଟଣା ନିକଟରେ **developed gharabari plot 5,50,000/-** କିଣନ୍ତୁ। **8457092465.** D-20069

**Bhubaneswar Satyabihar NH side gharabari plot sale sqft. 2300/-, 9438299931.** D-70805

### GENERAL

### SALE

**Vietnam koi, Singhi, Rupchanda, Pangasius fish seeds available for biofloc fish farming. Contact: 6370797535.** D-20108




2000sqft. First floor, 3Bed room, Dining, Kitchen, 2Toilet, Big Balcony for rent, N/3 Jaydev Vihar. Contact: 9337105357. D-70552

**Satyabihar NH side 2BHK 10,500/- Bhubaneswar. 9861419256.** D-70804

1670 sqft. 1st & 2nd floor each available near Uttara on NH. Contact: 7978097047. D- 67119

**4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658.** D-19997

2BHK flat available near Krupajala College Uttara Square. Contact- 7978097047. D-67120

ପିପିଲି ଥାନା ନିକଟ ପୁରୁଣା ଷ୍ଟେଟ୍ ବ୍ୟାଙ୍କସ୍ଥିତ Anima Complexରେ ଘରଭଡ଼ା ଦିଆଯିବ। ଯୋଗାଯୋଗ- 9668502525. D-69976




Shivam logistic packers movers. Household/ car relocation countrywide. 9777044177, 9338461133. D-20160




Swarna SPA newly open positively health benefits with expert therapist. 9556978408. D-70545

Zen salon and SPA positively health benefits with expert therapeutic & genuinely massage appointment. 7205084157. D-70546

New opening Saikrupa Panchakarma and SPA jointpain, fullbody massage, 8984068077. D-65913

### AFFIDAVIT

By virtue of an affidavit I, Sagar Ranjan Pattanayak, S/o- Mahesh Chandra Pattanayak, LB-80, Stage-4, Laxmisagar, BBSR have changed my name from Sagar Ranjan Pattnayak to Sagar Ranjan Pattanayak for all purposes. D-20158

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


### ଗୋଷ୍ଠୀ ସଂଘର୍ଷ: ପୋଲିସ ...

ନିସ୍ତୁକ ମାଡ଼ ଖାଇଛନ୍ତି। ପରିସ୍ଥିତି ଏପରି ହୋଇଥିଲା ଯେ, ଟେକାପଥର ମାଡ଼ରୁ ବଞ୍ଚିବା ପାଇଁ ପୋଲିସ ଘଟଣାସ୍ଥଳ ଛାଡ଼ି ଚାଲିଯିବାକୁ ବାଧ୍ୟ ହୋଇଥିଲା। ଏହି ଘଟଣାରେ ପ୍ରାୟ ୫ଜଣ ଆହତ ହୋଇଥିବା ଜଣାପଡ଼ିଛି। ବିଜେଡିର ଦୁଇ ଗୋଷ୍ଠୀ ମଧ୍ୟରେ ପତିଆରା ବୃଦ୍ଧି ପାଇଁ ଏଭଳି ଗୋଷ୍ଠୀ ସଂଘର୍ଷ ହୋଇଥିବା ଆଲୋଚନା ହେଉଛି। ପୋଲିସ ଉଭୟ ଗୋଷ୍ଠୀର ଚାପରେ ରହି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ବିବାଦର ଅନ୍ତ ଘଟୁନାହିଁ ବୋଲି କୁହାଯାଉଛି।

ସୂଚନା ମୁତାବକ ପଣସୁଧାରେ ଅଷ୍ଟପ୍ରହରୀ ପିଣ୍ଡିକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ପୂର୍ବରୁ ବିବାଦ ରହିଥିଲା। ଏପରି କି ଥାନାରେ ଏକାଧିକ ମାମଲା ରୁଜୁ ହୋଇଛି। ସମାଧାନ ଦିଗରେ ପୋଲିସ ସଫଳ ହୋଇପାରି ନ ଥିବାବେଳେ ନିୟମିତ ବ୍ୟବଧାନରେ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ଆସୁଛି। ସପ୍ତାହ ତଳେ ମଧ୍ୟ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପକ୍ଷରୁ ଗ୍ରାମରେ ୨ ସେକ୍ସନ ଫୋର୍ସ ମୁତୟନ କରାଯାଇଥିଲା। ଶନିବାର ସନ୍ଧ୍ୟାରେ ପୋଲିସ ଉପସ୍ଥିତିରେ ଗୋଟିଏ ଗୋଷ୍ଠୀ ସଂଘବଦ୍ଧ ଭାବେ ବାହାରିଥିଲେ। ସେମାନଙ୍କ ସଂଖ୍ୟା ପ୍ରାୟ ୧୫୦ ଥିଲା। ସେମାନେ ଅନ୍ୟ ଗୋଷ୍ଠୀର ଲୋକଙ୍କୁ ହଠାତ୍ ଆକ୍ରମଣ କରିଥିଲେ। ଖବର ପାଇ ଅନ୍ୟ ଗୋଷ୍ଠୀର ଶତାଧିକ ଲୋକ ଏକତ୍ର ହୋଇଯାଇଥିଲେ। ଦେଖୁ ଦେଖୁ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଯାଇଥିଲେ। ମାରପିଟ୍‌ଠାରୁ ଆରମ୍ଭ କରି ଟେକାପଥର ମାଡ଼ ହୋଇଥିଲା। ଉଭୟ ଗୋଷ୍ଠୀଙ୍କ ସଂଖ୍ୟା ତୁଳନାରେ ପୋଲିସ ସଂଖ୍ୟା ଖୁବ୍ କମ୍ ଥିଲା। ଫଳରେ ପୋଲିସ ଗଣ୍ଡଗୋଳକୁ ନିୟନ୍ତ୍ରଣ କରି ନ ପାରି ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲା। ଲୋକେ ପୋଲିସ ଗାଡ଼ି ଭଙ୍ଗା ରୁଜା କରିବା ସହ ନିଆଁ ଲଗାଇ ଦେଇଥିଲେ। ପୋଲିସ କର୍ମଚାରୀମାନେ ଅସହାୟ ହୋଇପଡ଼ି ଛତ୍ରଭଙ୍ଗ ଦେଇଥିଲେ। ଘଟଣାର ଏକ ଘଣ୍ଟା ପରେ ଅଧିକ ସଂଖ୍ୟାରେ ପୋଲିସ ଫୋର୍ସ ପହଞ୍ଚିଥିଲା। ଗ୍ରାମରେ ଫ୍ଲାଗ ମାର୍ଚ୍ଚ କରି ପୋଲିସ ସ୍ଥିତି ନିୟନ୍ତ୍ରଣକୁ ଆଣିଛି। ଘଟଣାସ୍ଥଳରେ ବରିଷ୍ଠ ପୋଲିସ ଅଧିକାରୀମାନେ ପହଞ୍ଚି ଘଟଣା ଉପରେ ନଜର ରଖିଛନ୍ତି। ରିପୋର୍ଟ ଲେଖାହେଲା ବେଳକୁ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥଠାରୁ ସମ୍ପୂର୍ଣ୍ଣ ଘଟଣାସ୍ଥଳ ଯାଏ ଅଞ୍ଚଳକୁ ନାକାବନ୍ଦୀ କରାଯାଇଥିଲା। ବିଭିନ୍ନ ଥାନାର ଆଇଆଇସି ସେଠାରେ ମୁତୟନ ହୋଇଥିଲେ। ଘଟଣା ସମ୍ପର୍କରେ ଯାଜପୁର ଏସ୍‌ପି ରାହୁଲ ପି.ଆର.ଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ପଥର ମାଡ଼ରେ କେତେଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ୨ଟି ଗାଡ଼ିକୁ ପୋଡ଼ିଦିଆଯାଇଛି। ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଓଡ଼ିଶାର ଚାଷୀଙ୍କୁ ପିଏମ୍ କିଷାନ

## ସମସ୍ତ ଯୋଗ୍ୟ ଚାଷୀ ପାଇବେ ଟଙ୍କା

ଭୁବନେଶ୍ୱର, ୬ା୩(ବ୍ୟୁରୋ)


ଓଡ଼ିଶାର ସମସ୍ତ ଯୋଗ୍ୟ ଚାଷୀ ପ୍ରଧାନମନ୍ତ୍ରୀ(ପିଏମ୍) କିଷାନ ନିଧି ସମ୍ମାନ ଯୋଜନାର ଲାଭ ପାଇବେ। ଏ ନେଇ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଶନିବାର ଟୁଇଟ୍ କରି ସୂଚନା ଦେଇଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପିଏମ୍ କିଷାନ ନିଧି ଯୋଜନାରେ ଓଡ଼ିଶା ଚାଷୀଙ୍କୁ ସାମିଲ କରିବା ନେଇ ତୋମାରଙ୍କୁ ଚିଠି ଲେଖିଥିଲେ। ଏହି ଚିଠି ପାଇବା ପରେ କେନ୍ଦ୍ର କୃଷିମନ୍ତ୍ରୀ ଟୁଇଟ୍ କରି କହିଛନ୍ତି ଯେ, ଯଥାଶୀଘ୍ର ଓଡ଼ିଶାର ସମସ୍ତ ଚାଷୀ ପିଏମ୍ କିଷାନ ସମ୍ମାନ ନିଧିର ଲାଭ ପାଇବେ। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଅନୁରୋଧ ରକ୍ଷା କରି ତତ୍‌କ୍ଷଣାତ୍ ପଦକ୍ଷେପ ଗ୍ରହଣ କରିବା ଓ ପ୍ରତିଶ୍ରୁତି ଦେଇଥିବାରୁ ଧର୍ମେନ୍ଦ୍ର କେନ୍ଦ୍ରମନ୍ତ୍ରୀଙ୍କୁ ଟୁଇଟ୍ କରି ଧନ୍ୟବାଦ ଦେଇଛନ୍ତି।

ଓଡ଼ିଶା ଚାଷୀଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ଧର୍ମେନ୍ଦ୍ର କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀଙ୍କୁ ଶନିବାର ଚିଠି ଲେଖିଥିଲେ।


ଧର୍ମେନ୍ଦ୍ର ପ୍ରଧାନ

**କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଚିଠି ପାଇ ପଦକ୍ଷେପ ନେଲେ କୃଷିମନ୍ତ୍ରୀ ତୋମାର**


ନରେନ୍ଦ୍ର ସିଂ ତୋମାର

ରାଜ୍ୟର ଚାଷୀଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ଲାଭ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କୁ କିପରି ମିଳିପାରିବ ସେ ନେଇ ରାଜ୍ୟ ସରକାର ଏବଂ ବିଭାଗୀୟ ମନ୍ତ୍ରଣାଳୟ ମଧ୍ୟରେ ଏକ ବୈଠକ ଡକାଯାଉ। ଏହି ପ୍ରସଙ୍ଗରେ କେନ୍ଦ୍ର କୃଷିମନ୍ତ୍ରୀ ତୋମାର ବ୍ୟକ୍ତିଗତ ହସ୍ତକ୍ଷେପ କରନ୍ତୁ। ରାଜ୍ୟ ସରକାରଙ୍କୁ ଅତିରିକ୍ତ ବଳ୍କ ଡାଟା କ୍ଲିୟରାନ୍ସ କରିବା ପାଇଁ ଅନୁମତି ଦିଆଯାଉ; ଯାହାଦ୍ୱାରା ହିତାଧିକାରୀଙ୍କ ସ୍ଥଗିତ ଥିବା କିସ୍ତି ଟଙ୍କାକୁ ଠିକ୍ କରାଯାଇ ତୁରନ୍ତ ବ୍ୟାଙ୍କ୍ ଖାତାକୁ ପଠାଯାଇପାରିବ ବୋଲି ପ୍ରଧାନ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ, ପ୍ରତିଥର ପିଏମ୍ କିଷାନରେ କିସ୍ତି ଦିଆଯିବା ପୂର୍ବରୁ ରାଜ୍ୟଗୁଡ଼ିକ ପାଇଁ କିଛି ପରିବର୍ତ୍ତନ କରିବା କାରଣରୁ ପିଏମ୍ କିଷାନ ହିତାଧିକାରୀଙ୍କ ତଥ୍ୟ ଖୋଲାଯାଏ। ଓଡ଼ିଶା ସରକାର ଚାଷୀଙ୍କ ପ୍ରକୃତ ଯାଞ୍ଚ କରିବା ପାଇଁ ପାଖାପାଖି ୧୪.୫ ଲକ୍ଷ ଚାଷୀଙ୍କ କିସ୍ତି ନ ଦେବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ; ଯାହା ଭାରତର ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଅସାଧାରଣ। ଏହାଦ୍ୱାରା ଓଡ଼ିଶାରେ କେବଳ ୨୩ ଲକ୍ଷ ଚାଷୀ ପିଏମ୍ କିଷାନ ହିତାଧିକାରୀ ଲାଭ ପାଇପାରିଥିଲେ।

ସୂଚନାଯୋଗ୍ୟ, ଫେବୃୟାରୀ ୧ ତାରିଖରେ ଧର୍ମେନ୍ଦ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଓଡ଼ିଶାରେ ପିଏମ୍ କିଷାନରେ ପଞ୍ଜୀକୃତ ସମସ୍ତ ଚାଷୀ ଯେପରି ଭାବରେ ଏହାର ଲାଭ ପାଇପାରିବେ ସେ ନେଇ ବ୍ୟକ୍ତିଗତ ହସ୍ତକ୍ଷେପ କରିବା ପାଇଁ ଅନୁରୋଧ କରିଥିଲେ। ରାଜ୍ୟ ସରକାରଙ୍କ ଅଧିକାରୀ ତଥା ପ୍ରଶାସନ ଦ୍ୱାରା ଆବଶ୍ୟକୀୟ ପ୍ରକ୍ରିୟାକୁ ଅନୁପାଳନ ନ କରିବା ଯୋଗୁ ପିଏମ୍ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ଓଡ଼ିଶାର ଚାଷୀ ଲାଭ ପାଇପାରୁ ନାହାନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ମତପ୍ରକାଶ କରିଥିଲେ।

# ଖୋଲିଲା ତାମ୍ପରା ଲେକ୍ ଭ୍ୟୁ ଫ୍ରଣ୍ଟ


ତାମ୍ପରା ଲେକ୍ ଭ୍ୟୁର ନୂତନ ବ୍ୟବସ୍ଥା।

ଛତ୍ରପୁର,୬ା୩(ଡି.ଏନ.ଏ.)

ଗଞ୍ଜାମ ଜିଲା ଛତ୍ରପୁର ଉପକଣ୍ଠ ହୁମୁରୀ ତାମ୍ପରା ପର୍ଯ୍ୟଟନ କ୍ଷେତ୍ରକୁ ନୂତନ ରୂପ ମିଳିଛି। ତାମ୍ପରା ଲେକ୍ ଭିୟୁ ଫ୍ରଣ୍ଟ ପର୍ଯ୍ୟଟକଙ୍କ ପାଇଁ ଟ୍ରାଏଲ ବେସିସ୍‌ରେ ଶନିବାର ଖୋଲାଯାଇଛି। ଶୁଭାରମ୍ଭ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଡିଆରଡିଏ ପିଡି ସିନ୍ଦେ ଦତ୍ତାତ୍ରୟ ଭାଉସାହେବ, ବ୍ରହ୍ମପୁର ଉପଜିଲାପାଳ ପ୍ରମୁଖ ଯୋଗ ଦେଇଥିଲେ। ମଙ୍ଗଳବାରରୁ ପାର୍କିଂ ଓ ଏହା ମଧ୍ୟକୁ ପ୍ରବେଶ ପାଇଁ ଶୁଳ୍କ ଲାଗିବ। ଏଥିଲାଗି ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି। ଏହା ପରିସର ସଫା ରଖିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଡିଆରଡିଏ ଅଧୀନରେ ଥିବା ଗେଷ୍ଟ ହାଉସ୍ ଓ ପୂର୍ବରୁ ଥିବା ବୋଟ୍ କ୍ଲବଠାରୁ ଏବେର ତାମ୍ପରା ପର୍ଯ୍ୟଟନ କ୍ଷେତ୍ର ପର୍ଯ୍ୟନ୍ତ ସୌନ୍ଦର୍ଯ୍ୟକରଣ, ପାର୍କ, ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ଏଥିସହ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ହ୍ରଦ ନିକଟରେ ପାଣି, ଟଏଲେଟ୍ କମ୍ପ୍ଲେକ୍ସ ଓ ସ୍ନାକ୍ସବାର ଖୋଲାଯାଇଛି। ବର୍ତ୍ତମାନ ତାମ୍ପରାରେ ୱାଟର ସ୍ପୋର୍ଟ୍ସ ଓ ବୋଟିଂ ବ୍ୟବସ୍ଥା ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନରଶିପ(ପିପିପି)ରେ ଚାଲିଛି। ଏବେ ଏହି ପର୍ଯ୍ୟଟନ କ୍ଷେତ୍ରରେ ତାମ୍ପରା ଲେକ୍ ଭିୟୁ ଫ୍ରଣ୍ଟ ଯୋଡି ହୋଇଛି। ଏହା ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିବ ବୋଲି କୁହାଯାଇଛି। ଏହି ନୂତନ ବ୍ୟବସ୍ଥା ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ କରାଯାଇଛି। ରାଜ୍ୟ ସରକାର ତାମ୍ପରାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇଥିବାବେଳେ କେନ୍ଦ୍ର ସରକାର ମଧ୍ୟ ଏଥିପାଇଁ ଅନୁଦାନ ଦେଇଛନ୍ତି। ଅଗସ୍ତି ନୂଆଗାଁରୁ ଆର୍ଯ୍ୟପଲ୍ଲୀ ପର୍ଯ୍ୟନ୍ତ ତାମ୍ପରା ହ୍ରଦର ଓସାର ୧.୨୫ କି.ମି. ଓ ଗଭୀର ୧୪ ଫୁଟ୍ ରହିଛି।

# ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର

## ଷ୍ଟେଶନରୁ ଉଦ୍ଧାର ହେଲେ ନାବାଳିକା, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର ଅଫିସ,୬ା୩

ଜଣେ ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର କରିଥିବା ଅଭିଯୋଗରେ ଗୋଷାଣୀନୂଆଗାଁ ପୋଲିସ ଅପହୃତାଙ୍କୁ ବ୍ରହ୍ମପୁର ରେଲଷ୍ଟେଶନରୁ ଶନିବାର ଉଦ୍ଧାର କରିଛି। ସେହିପରି ଅପହରଣକାରୀ ଯୁବକଙ୍କୁ ମଧ୍ୟ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ସୁମନ ଜେନା (୨୩)। ତାଙ୍କ ଘର ସୋରଡ଼ା ହୋଇଥିବା ବେଳେ ହାଇଦ୍ରାବାଦରେ ଏକ ସଂସ୍ଥାରେ କାମ କରୁଥିଲେ। ଶନିବାର ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କର ଏମ୍‌କେସିଜିରେ ଡାକ୍ତରୀ ମାଇନା କରାଯାଇଛି ବୋଲି ପୋଲିସ କହିଛି। ମାମଲା ନମ୍ବର ୧୩/୨୧ ରେ ଅଭିଯୁକ୍ତ ସୁମନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

ଘଟଣାରୁ ପ୍ରକାଶ, ଗୋଷାଣୀନୂଆଗାଁ ଥାନା ଅଞ୍ଚଳରେ ରହୁଥିବା ଜଣେ ଛାତ୍ରୀଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ସୁମନ ଫେବୃୟାରୀ ୨ରେ ଅପହରଣ କରି ହାଇଦ୍ରାବାଦରେ ରଖି ବଳାତ୍କାର କରିଥିଲେ। ଏନେଇ ପୀଡ଼ିତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରିଥିଲା। ଏପରିକି ଅଭିଯୁକ୍ତଙ୍କ ମୋବାଇଲ ଫୋନ ଟ୍ରାକ କରିଥିଲା। ଅଭିଯୁକ୍ତ ଜଣଙ୍କ ସମ୍ପୃକ୍ତ ନାବାଳିକାଙ୍କୁ ଧରି ହାଇଦ୍ରାବାଦରୁ ଟ୍ରେନ୍ ଯୋଗେ ବ୍ରହ୍ମପୁରରେ ପହଞ୍ଚି ସୋରଡା ନିଜ ଘରକୁ ଯିବେ ବୋଲି ପୋଲିସ ଜାଣିବାକୁ ପାଇଥିଲା। ସେ ଅନୁଯାୟୀ ପୋଲିସ ରେଲଷ୍ଟେଶନରେ ଛକି ରହିଥିଲା। ଅଭିଯୁକ୍ତ ଓ ନାବାଳିକା ଟ୍ରେନ୍‌ରୁ ଓହ୍ଲାଇବା ପରେ ପୋଲିସ ଛାତ୍ରୀ ଜଣଙ୍କୁ ସେଠାରୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ମଧ୍ୟ କାବୁ କରିଥିଲା।


କୋଣାର୍କସ୍ଥିତ ସୂର୍ଯ୍ୟମନ୍ଦିର ପରିଦର୍ଶନ କରୁଛନ୍ତି ଫ୍ରାନ୍ସ ରାଷ୍ଟ୍ରଦୂତ ମି. ଇମାନୁଏଲ ଲେନାଇନ ଏବଂ କନ୍‌ସୁଲ୍ ଜେନରାଲ ଭିର୍ଜିନ କୋର୍ଟଭାଲ।

# ଫ୍ରାନ୍ସ ରାଷ୍ଟ୍ରଦୂତଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ

କୋଣାର୍କ, ୬ା୩(ଡି.ଏନ୍.ଏ.)

ଫ୍ରାନ୍ସ ରାଷ୍ଟ୍ରଦୂତ ମି. ଇମାନୁଏଲ ଲେନାଇନ ଏବଂ ଫ୍ରାନ୍ସର କନ୍‌ସୁଲ୍ ଜେନରାଲ ଭିର୍ଜିନ କୋର୍ଟଭାଲ ଶନିବାର କୋଣାର୍କ ପରିଦର୍ଶନରେ ଆସି ସୂର୍ଯ୍ୟମନ୍ଦିର ବୁଲି ଦେଖିଛନ୍ତି। ଏଠାରେ ପୂର୍ବାହ୍ନ ସମୟରେ ପହଞ୍ଚିବା ପରେ ପ୍ରଥମେ ସୂର୍ଯ୍ୟମନ୍ଦିର ପ୍ରବେଶ କରିଥିଲେ। ସ୍ୱୀକୃତିପ୍ରାପ୍ତ ଗାଇଡ୍ ବିଶେଶ୍ୱର ଦାଶ ମନ୍ଦିର ଇତିହାସ ସମ୍ପର୍କରେ ଟିକିନିଖି ଭାବେ ବୁଝାଇଥିଲେ। ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ରାଷ୍ଟ୍ରଦୂତ ବିମୋହିତ ହୋଇଥିଲେ। ସୂର୍ଯ୍ୟମନ୍ଦିର ବୁଲି ସାରିବା ପରେ ଆଇଓଏଫ ବ୍ୟାଖ୍ୟାନ କେନ୍ଦ୍ର ଦେଖି ଫେରି ଯାଇଥିଲେ। ଏହି ଗସ୍ତ ସମୟରେ ପ୍ରକଳ୍ପ ନିର୍ଦ୍ଦେଶକ ନୀତିରଞ୍ଜନ ସେନ, ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ମ୍ୟୁଜିୟମ ଅଧିକାରୀ ପି.କେ. ନାୟକ, ସଂରକ୍ଷଣ ଅଧିକାରୀ ନୀରଜ ସିଂ, କୋଣାର୍କ ଥାନା ଆଇଆଇସି ରଞ୍ଜନ କୁମାର ମଲ୍ଲିକ ଏବଂ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।




# ଶ୍ରୀମନ୍ଦିରରେ ରକ୍ତଛିଟା, ୨ଥର ମହାସ୍ନାନ


**ପୁରୀ ଅଫିସ,୬ା୩:** କିଛିଦିନର ବ୍ୟବଧାନ ପରେ ଶ୍ରୀମନ୍ଦିରରେ ପୁଣି ରକ୍ତଛିଟା ଓ ବାନ୍ତି ପଡ଼ିଥିଲା। ଫଳରେ ନୀତି ବିଳମ୍ବ ସହ ମହାପ୍ରଭୁଙ୍କୁ ୨ ଥର ମହାସ୍ନାନ କରାଯାଇଛି। ଶନିବାର ପ୍ରଥମେ ଧୁକୁଡ଼ି ଦ୍ୱାର (ଭିତରକାଠ ଓ ବେହରଣ ନିକଟରେ) ରକ୍ତଛିଟା ପଡ଼ିଥିବା ଦେଖାଯାଇଥିଲା। ଫଳରେ ସକାଳ ନୀତିକାନ୍ତିରେ ସାମାନ୍ୟ ବିଳମ୍ବ ହୋଇଥିଲା। ଏହାପରେ ମହାସ୍ନାନ ନୀତି ସମ୍ପନ୍ନ ହେବା ପରେ ପୁଣି ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ତେବେ ରକ୍ତଛିଟା କେଉଁଠାରୁ ଆସିଲା ସେନେଇ କୌଣସି ସୂଚନା ମିଳିପାରି ନାହିଁ। ମହାପ୍ରଭୁଙ୍କ ଅବକାଶ ନୀତି ସମୟରେ ସେବାୟତମାନେ ରକ୍ତ ଛିଟା ପଡ଼ିଥିବାର ଦେଖିବା ପରେ ଅବକାଶ ନୀତିକୁ ବନ୍ଦ କରିଥିଲେ। ଏହାପରେ ମହାସ୍ନାନ ନୀତି ବଢ଼ି ୮ଟା ୪୫ ମିନିଟରେ ଶେଷ ହୋଇଥିଲା। ମହାସ୍ନାନ ନୀତି ସମୟରେ ସାଧାରଣ ଦର୍ଶନକୁ ବନ୍ଦ ରଖାଯାଇଥିଲା। ଏହାପରେ ମହାପ୍ରଭୁଙ୍କ ସକାଳ ଧୂପ ସରି ପାଣି ପଡ଼ିସାରିବା ପରେ ଜଗମୋହନ ମଧ୍ୟରେ ଜଣେ ଶ୍ରଦ୍ଧାଳୁ ବାନ୍ତି କରିଥିଲେ। ଏଣୁ ପୁଣି ଥରେ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ବଡ ମହାସ୍ନାନ ପୂଜା ଅପରାହ୍ନ ୨ଟା ୪୫ ମିନିଟ୍‌ରେ ଶେଷ ହୋଇଛି। ମଧ୍ୟାହ୍ନ ଧୂପ ବିଳମ୍ବରେ ଅର୍ଥାତ୍ ୫ଟା ୪୫ ମିନିଟ୍‌ରେ ଶେଷ ହୋଇଛି।




# ୨ ନକଲି ପୋଲିସ ଗିରଫ

ବାଲିଗୁଡା,୬ା୩.(ଡି.ଏନ.ଏ.)

କନ୍ଧମାଳ ଜିଲା ବାଲିଗୁଡ଼ା ପୋଲିସ ଶନିବାର ଡକାୟତି ଯୋଜନା କରୁଥିବା ୨ ନକଲି ପୋଲିସଙ୍କୁ ଗିରଫ କରିଛି। ଏଥିରେ ସମ୍ପୃକ୍ତ ଅନ୍ୟ ୩ ଫେରାର୍ ହୋଇଯାଇଛନ୍ତି। ଖବର ଲେଖାହେବା ସୁଦ୍ଧା ଗିରଫଙ୍କ ନାଁ ଜଣାପଡ଼ି ନାହିଁ। ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବାବେଳେ ସିନ୍ଦିରି ଗାଁ ଖଡ଼ଗନଦୀ ପୋଲ ନିକଟରେ ଅଭିଯୁକ୍ତମାନେ ଡକାୟତି ଯୋଜନା କରୁଥିଲେ। ଦୌଡ଼ି ପଳାଇବା ବେଳେ ଦୁଇଜଣଙ୍କୁ ପୋଲିସ ଧରିଥିଲା। ଅଭିଯୁକ୍ତ ୨ ଜଣଙ୍କ ଘର କଟକ ଜିଲା ଚଣ୍ଡୀ ଛକ ଓ କନିକା ଛକ ଅଞ୍ଚଳରେ ହୋଇଥିବା ସୂଚନା ମିଳିଛି। ଗୋଟିଏ କାର୍ (ନଂ. ଓଡି –୦୫– ଏଜେ– ୬୮୬୬) ସହ ବିଭିନ୍ନ ମାରଣାସ୍ତ୍ର ଜବତ କରାଯାଇଛି। ଏ ନେଇ ନଂ.୪୬/୨୧ରେ ମାମଲା ରୁଜୁ ହୋଇଛି।



ଜ୍ଞାନ ଅର୍ଜନ କରିବା ନିଶ୍ଚୟ ଭଲ କଥା। କିନ୍ତୁ ଜ୍ଞାନକୁ ନେଇ ବଞ୍ଚିବା ତା'ଠାରୁ ଭଲ ଏବଂ ନିଜେ ଜ୍ଞାନର ସ୍ୱରୂପ ହୋଇଉଠିବା ସବୁଠାରୁ ଭଲ। -ଶ୍ରୀମା



# ଅସ୍ୱୀକାର କାହିଁକି



ଆକାର ପଟେଲ

ଶାସନ ବ୍ୟବସ୍ଥା ନିମ୍ନଗାମୀ ହୋଇଥିବା ବିଭିନ୍ନ ସୂଚକାଙ୍କର ତଥ୍ୟକୁ ଭିତ୍ତି କରି ଭାରତର ସ୍ଥିତିରେ ଉନ୍ନତି ଆଣିବା ଲାଗି ୨୦୨୦ରେ ମୋଦି ସରକାର ନିଷ୍ପତ୍ତି ନେଇଥିଲେ। ଏହି ସୂଚକାଙ୍କଗୁଡ଼ିକ ଦେଶକୁ ସମ୍ପୂର୍ଣ୍ଣ ନିରାଶ କରିଥିଲା। ବିଶେଷ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଣ-ଲାଭକାରୀ ସଂସ୍ଥାଠାରୁ ଆରମ୍ଭ କରି ଜାତିସଂଘ, ୱାର୍ଲ୍ଡ ଇକୋନୋମିକ ଫୋରମ ଏବଂ ଦି ଇକୋନୋମିଷ୍ଟ ଭଳି ଅନୁଷ୍ଠାନ ଦ୍ୱାରା ସରକାରଙ୍କ ତଥ୍ୟକୁ ନେଇ ଏହି ସୂଚକାଙ୍କ ପ୍ରସ୍ତୁତ କରାଯାଇଥିଲା। ସରକାର ବି ତାଙ୍କ ନିମ୍ନମୁଖୀ ଶାସନ ସମ୍ପର୍କରେ ସମ୍ପୂର୍ଣ୍ଣ ଚିନ୍ତିତ ଥିଲେ। ସରକାର ଜୁଲାଇ ୧୦ରେ ଜାରି କରିଥିବା ଏକ ପ୍ରେସ ରିଲିଜରୁ ଆମେ ଏହା ଜାଣିବାକୁ ପାଇଛୁ। 'ବଛା ବଛା ୨୯ଟି ବୈଶ୍ୱିକ ସୂଚକାଙ୍କର ପ୍ରଦର୍ଶନ ଉପରେ ଅନୁଧ୍ୟାନ କରିବାକୁ ନୀତି ଆୟୋଗ ଏକ ଭର୍ଚୁଆଲ ୱାର୍କଶପ ବା କର୍ମଶାଳା ଆୟୋଜନ କରିଛନ୍ତି' ବୋଲି ଶୀର୍ଷକ ଥିଲା ଏହି ପ୍ରେସ ରିଲିଜର। ଉକ୍ତ କର୍ମଶାଳାରେ ସ୍ଥିର କରାଯାଇଥିଲା ଯେ,ସରକାର ୨୯ଟି ବୈଶ୍ୱିକ ସୂଚକାଙ୍କ ପାଇଁ ଏକକ ସୂଚନାପ୍ରଦ ଡାସ୍‌ବୋର୍ଡ ପ୍ରସ୍ତୁତ କରିବେ। ଏହା ପ୍ରତ୍ୟେକ ସରକାରୀ ତଥ୍ୟର ମାନଦଣ୍ଡ ଏବଂ ପ୍ରକାଶନ ସଂସ୍ଥାଗୁଡ଼ିକ ଉପଯୋଗ କରିଥିବା ତଥ୍ୟର ଉତ୍ସ ଉପରେ ଅନୁଧ୍ୟାନ ବା ନିରୀକ୍ଷଣ କରିବ। କେବଳ ର୍‍ୟାଙ୍କରେ ଉନ୍ନତି ଆଣିବା ନୁହେଁ, ବରଂ ସମୁଦାୟ ବ୍ୟବସ୍ଥା ଓ ସଂସ୍କାରକୁ ଆଗକୁ ବଢ଼ାଇ ନିବେଶକଙ୍କୁ ଆକୃଷ୍ଟ କରିବା ଏବଂ ବିଶ୍ୱ ସ୍ତରରେ ଭାରତର ବିଚାର ବା ଭାବମୂର୍ତ୍ତିକୁ ନୂଆ ରୂପ ଦେବା ଏହାର ଲକ୍ଷ୍ୟ ଥିଲା। ଏହି ଘଟଣା ଭାବମୂର୍ତ୍ତି ସହ ଜଡ଼ିତ, ଶାସନର ବାସ୍ତବତା ନୁହେଁ ବୋଲି ସରକାର ବିଶ୍ୱାସ କରୁଥିବା ଜଣାପଡ଼ିଲା। କାରଣ ତା'ପର ମାସରେ ପ୍ରକାଶିତ ଏକ ରିପୋର୍ଟରେ କୁହାଗଲା ଯେ, ୨୯ଟି ବୈଶ୍ୱିକ ସୂଚକାଙ୍କ ଉପରେ ଭାରତ ତା'ର ଉନ୍ନତି ଆଣିବା ଲାଗି କାର୍ଯ୍ୟ କରୁଛି ଓ ଏହି ବାର୍ତ୍ତା ସ୍ପଷ୍ଟ ଭାବେ ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ଚାହୁଁଛି। ଯେଭଳି ଏକ ବୃହତ୍ ପ୍ରଚାର ଅଭିଯାନ ମାଧ୍ୟମରେ ନିଜସ୍ୱ ବିଚାର ତଥା ଭାବମୂର୍ତ୍ତି ସମ୍ପର୍କରେ ବିଜ୍ଞାପନ ଦିଆଗଲା ଓ ମନ୍ତ୍ରଣାଳୟଗୁଡ଼ିକର ୱେବ୍‌ସାଇଟରେ ପ୍ରକାଶ କରାଗଲା ; ତାହା ଅପରପକ୍ଷରେ ସମସ୍ୟା, ମାନଦଣ୍ଡ ଏବଂ ବୈଶ୍ୱିକ ସୂଚକାଙ୍କଗୁଡ଼ିକର ଡେଟା ଉତ୍ସକୁ ଲୋକଲୋଚନକୁ ଆଣିଲା।

ଭାରତ ନିଜ ସମସ୍ୟା ଉପରେ ଧ୍ୟାନ ଦେଲା କି ? ଏହା କଲା ନାହିଁ। ସମସ୍ୟା ବିଚାର କିମ୍ବା ପକ୍ଷପାତର ନ ଥିଲା। ଆମକୁ ଖରାପ ଭାବେ ପ୍ରଦର୍ଶିତ କରିବାକୁ ବିଶ୍ୱ ମଧ୍ୟ ଷଡ଼ଯନ୍ତ୍ର କରି ନ ଥିଲା। ୨୦୧୪ରୁ ତଳକୁ ଖସିଆସିଥିବା ବିଭିନ୍ନ କ୍ଷେତ୍ରରେ ଉନ୍ନତି ଆଣିବାକୁ ଜଣାଇବା ଲାଗି ଏହା ଉଦ୍ଦିଷ୍ଟ ଥିଲା। କିନ୍ତୁ ଭାରତ ସମସ୍ତ ସଂସ୍ଥା ଓ ଅନୁଷ୍ଠାନର ତଥ୍ୟକୁ ମାନୁନି। ଏଥିରୁ ବୁଝାପଡୁଛି କି, ଯେଉଁମାନେ ସମ୍ପୂର୍ଣ୍ଣ ଘଟଣାକୁ ନିରୀକ୍ଷଣ କରୁଥିଲେ ସେମାନଙ୍କ ଦୃଷ୍ଟିକୋଣ ବଦଳାଇବା ଲାଗି ଏହା କରାଯାଇଥିଲା । ମୋଦିଙ୍କ ଶାସନରେ ଭାରତର ର୍‍ୟାଙ୍କ ତିନୋଟି ସୂଚକାଙ୍କରେ ବଢ଼ିଲା, ଦୁଇଟିରେ ସମାନ ରହିଲା। କିନ୍ତୁ ୪୧ଟିରେ ତଳକୁ ଖସିଲା। ୨୦୧୪ରୁ ୪୧ଟି ଯାକ ସୂଚକାଙ୍କରେ ଭାରତ ଅତ୍ୟନ୍ତ ଖରାପ କରିଛି।

ଏଥିରେ ପରିବର୍ତ୍ତନ ଆଣିବା ଲାଗି ବିଜ୍ଞାପନ ଏବଂ ଅଧିକ ୱେବ୍‌ସାଇଟ ମାଧ୍ୟମରେ ଭାରତର ଭାବମୂର୍ତ୍ତିକୁ ନୂଆ ରୂପ ଦେବାରେ ମୋଦି ସରକାରଙ୍କ ଭାବନା ଅଦ୍ଭୁତ ଲାଗେ। କିନ୍ତୁ ସରକାର ଏହା କରିବାକୁ ହିଁ ଠିକ୍ ଭାବିଲେ । କହିଲେ,ଏଭଳି ହ୍ରାସ ପାଇଁ ସେ ସମ୍ପୂର୍ଣ୍ଣ ଦାୟୀ ନୁହନ୍ତି। ଏହାକୁ ଅସ୍ୱୀକାର କରିବାର ମାନେ ଏହି ସମସ୍ୟାରୁ ସରକାର ସମ୍ପୂର୍ଣ୍ଣ ମୁଣ୍ଡ ଖସାଇ ଦେଲେ। କ୍ଷୁର୍ଣ୍ଣ ଭାବମୂର୍ତ୍ତିକୁ ସୁଧାରିବା ସମାଧାନର ବାଟ ନ ଥିଲା, ବରଂ ଉତ୍ତମ ଶାସନ ମାଧ୍ୟମରେ କାର୍ଯ୍ୟଧାରରେ ଉନ୍ନତି ଆଣିବା ଉଚିତ ଥିଲା। ତେବେ କୌଣସି କାରଣରୁ ପ୍ରଚାର ରଣନୀତି ବିଫଳ ହେଲା। ସରକାର ତା'ପରେ ୨୦୨୦ ଶେଷ ଆଡକୁ ସ୍ଥିର କଲେ ଯେ, ଯଦି ଶୀଘ୍ର ଓ ତଥ୍ୟ ନବୀକରଣ ନିଶ୍ଚିତ କରିବାକୁ ମନ୍ତ୍ରଣାଳୟଗୁଡ଼ିକୁ କହିଥାଆନ୍ତେ ତେବେ ସୂଚକାଙ୍କରେ ଉନ୍ନତି ଅଣାଯାଇ ପାରିଥାଆନ୍ତା। ଏହା ଏକ କଳ୍ପନା ଥିଲା। କେବଳ ତଥ୍ୟରେ ପଛରେ ରହିଯିବା ଯୋଗୁ ଏଭଳି ତଳକୁ ଆମେ ଖସିଲୁ ବୋଲି ଭାବିବା ଭୁଲ୍ , କାରଣ ତଥ୍ୟ ନବୀକରଣ ପରେ ଯେଉଁ ସୂଚକାଙ୍କ ଆସିଲା ସେଥିରେ ବି ଲଗାତର ନିମ୍ନଗାମୀ ହେବା ଲକ୍ଷ୍ୟ କରାଗଲା। ଏହି ସପ୍ତାହରେ ଫ୍ରିଡମ୍ ହାଉସ୍‌ରୁ ରିପୋର୍ଟ ଆସିଛି,ଯେଉଁଥିରେ ଭାରତ ସମ୍ପୂର୍ଣ୍ଣ ସ୍ୱାଧୀନ ନୁହେଁ, ବରଂ ଆଂଶିକ ସ୍ୱାଧୀନ ବୋଲି କୁହାଯାଇଛି। ସରକାର କହନ୍ତି, କିଛି ସୂଚକାଙ୍କକୁ ଆଧାର କରି ଏହାକୁ ଏକ ମତ ବୋଲି ସ୍ୱୀକାର ଯାଇପାରିବନାହିଁ । ଫ୍ରିଡମ୍ ହାଉସ ଭାରତକୁ ରାଜନୈତିକ ଅଧିକାରରେ ୪୦ରୁ ୩୦ ନମ୍ବର ଦେଇଛି। ମୁକ୍ତ ଓ ଅବାଧ ନିର୍ବାଚନ, ନିର୍ବାଚନ କମିଶନଙ୍କ ନିରପେକ୍ଷତା, ରାଜନୈତିକ ଦଳ ଆରମ୍ଭ କରିବାର ସ୍ୱାଧୀନତା, ବିରୋଧୀଙ୍କୁ ସେମାନଙ୍କ ଶକ୍ତି ବଢ଼ାଇବା ସୁଯୋଗ କ୍ଷେତ୍ରରେ ଏହା ପୂରା ନମ୍ବର ଦେଇଛି। କିନ୍ତୁ ହିଂସାରେ ନିର୍ବାଚନ ବାଧାପ୍ରାପ୍ତ ହେଉ କି ସାମ୍ପ୍ରଦାୟିକ ହିଂସାରେ ପ୍ରଭାବିତ ହେଉ, ଏଥିରେ ସମ୍ପୂର୍ଣ୍ଣ ମାର୍କ ଦେଇନାହିଁ। ଏସବୁ ମିଳି ନ ଥିବ ବୋଲି ଆମେ ଜାଣିଛେ। ଫ୍ରିଡମ ହାଉସ ମୋଟ ନମ୍ବରର ୪୦% ହେଉଛି ରାଜନୈତିକ ଅଧିକାର। ଆଉ ୬୦% ହେଉଛି ନାଗରିକ ଅଧିକାର। ଏ କ୍ଷେତ୍ରରେ ଆମ ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ। ଏଥିରେ ଆମକୁ ମିଳିଛି ୬୦ରୁ ୩୩ ନମ୍ବର। ବାକ୍ ଓ ଧାର୍ମିକ ସ୍ୱାଧୀନତା, ସମାବେଶ ଓ ପ୍ରତିବାଦ ସ୍ୱାଧୀନତା, କାର୍ଯ୍ୟ କରିବାକୁ ଏନଜିଓ ପାଇଁ ସ୍ୱାଧୀନତା, ଆଇନର ଶାସନ,ନ୍ୟାୟପାଳିକାର ସ୍ୱାଧୀନତା, ପୋଲିସ ଦ୍ୱାରା ଉଚିତ ପ୍ରକ୍ରିୟା ଆଦିରେ ଆମର ରେଟିଂ ପୂରା ଦୁର୍ବଳ। ଆମେ ଏହାକୁ ଅସ୍ୱୀକାର କରିପାରିବା କି ? ନା କେବେ ବି ନୁହେଁ। ସରକାର ଯେଭଳି ଏହାକୁ ଅସ୍ୱୀକାର କଲେ ତାହା ବି ଠିକ୍ ନୁହେଁ। ଏହା କିଛି କାମ ଦେବ ନାହିଁ, କାରଣ ଆସନ୍ତା ସପ୍ତାହରେ ୟୁନିଭର୍ସିଟି ଅଫ ଗୋଥେନବର୍ଗରୁ ଭେରାଇଟିଜ୍ ଅଫ୍ ଡେମୋକ୍ରାସୀ ରିପୋର୍ଟ ଆସୁଛି। ଆମ ଗଣତାନ୍ତ୍ରିକ ବିଚାର ବା ଭାବମୂର୍ତ୍ତି କ୍ଷୁର୍ଣ୍ଣ ହୋଇଛି ଓ ସାରା ବିଶ୍ୱରେ ଏହାକୁ ରେକର୍ଡ କରାଯାଇଛି, ଯାହା ଅତ୍ୟନ୍ତ ଚିନ୍ତାଜନକ। ଆଶ୍ଚର୍ଯ୍ୟ ଯେ, ଭାରତରେ ଏହି ବିଷୟକୁ ଆମେ ଚିରାଚରିତ ଢଙ୍ଗରେ ହାଲୁକା ଭାବେ ନେଉଛୁ।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | D | 0 | | | A | | 9 | | | B | 7 | | |
| | | | 4 | 9 | | | | D | E | 0 | 8 | | | 1 |
| | | | 3 | | 2 | | | 7 | | 5 | | 9 | C | 0 |
| 0 | | 8 | | 1 | 5 | C | | | | | | | | |
| | | | | | | 4 | | | | 1 | | | | |
| | | 4 | | | | | | A | | | | 8 | 9 | |
| 5 | | A | | C | | | 9 | | 2 | | | | 0 | |
| | 9 | C | | 2 | | | 5 | | 4 | 6 | 0 | | | |
| 8 | | | | | A | B | | | | | | 2 | E | |
| 3 | | B | | | | E | | | A | | | | | |
| | | 3 | | 7 | | | | E | 8 | | 1 | 0 | D | A |
| A | 1 | | | | | 3 | | | | | | | 7 | |
| | | E | | | | D | | 2 | | 7 | A | | 4 | 3 |
| C | | | | | 6 | | 4 | | 9 | | | | 1 | E |
| 4 | 0 | | | | | | | | 5 | | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | D | E | 6 | 7 | A | 9 | B | 0 | 5 | C | 2 | 4 | 1 | 8 |
| C | 8 | 0 | 3 | 1 | D | A | 4 | 5 | E | B | 7 | 6 | 9 | 2 |
| 5 | B | 2 | C | 4 | 9 | 1 | 3 | 7 | 8 | 0 | 6 | E | A | D |
| A | 4 | 1 | 8 | 5 | B | 2 | E | 6 | D | 9 | 3 | 0 | C | 7 |
| 7 | 9 | 6 | 2 | 0 | E | D | 8 | C | A | 4 | 1 | 3 | 5 | B |
| D | 3 | 8 | 0 | E | 2 | 7 | 1 | B | 6 | A | C | 5 | 4 | 9 |
| 6 | 7 | A | 9 | 3 | 1 | 0 | 5 | E | 4 | 2 | B | D | 8 | C |
| 1 | 2 | 5 | 4 | B | 6 | 8 | C | 9 | 3 | E | D | A | 7 | 0 |
| 9 | C | B | D | A | 5 | 4 | 6 | 2 | 7 | 8 | 0 | 1 | E | 3 |
| 0 | E | 4 | 7 | 8 | C | 3 | A | D | 9 | 1 | 5 | B | 2 | 6 |
| 8 | 6 | 7 | 1 | 9 | 4 | B | 0 | 3 | C | 5 | A | 2 | D | E |
| B | 0 | 9 | A | D | 8 | E | 7 | 1 | 2 | 6 | 4 | C | 3 | 5 |
| 2 | 1 | C | E | 6 | 7 | 5 | D | A | 0 | 3 | 9 | 8 | B | 4 |
| 4 | 5 | D | B | C | 3 | 6 | 2 | 8 | 1 | 7 | E | 9 | 0 | A |
| E | A | 3 | 5 | 2 | 0 | C | 9 | 4 | B | D | 8 | 7 | 6 | 1 |

ଗତକାଲିର ଉତ୍ତର

# ବସୁଧୈବ କୁଟୁମ୍ବକମ୍



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

କେଉଁ କାଳରୁ ଗଡ଼ି ଗଡ଼ି ଆସୁଛି ମଣିଷ ଜୀବନକୁ ଅମୃତମୟ କରି ଗଢ଼ି ତୋଳିବାର ପ୍ରଚେଷ୍ଟାକୁ ନେଇ ଆମ ସଂସ୍କାରର ଏହି ମହାନ୍ ମନ୍ତ୍ର 'ବସୁଧୈବ କୁଟୁମ୍ବକମ୍'। କେବଳ ପିତାମାତା, ଭାଇ ଭଉଣୀ ଓ ପରବର୍ତ୍ତୀ ପର୍ଯ୍ୟାୟରେ ପତିପତ୍ନୀ ଓ ସେମାନଙ୍କ ପିଲାଛୁଆଙ୍କୁ ନିଜ କୁଟୁମ୍ବ ବିଚାରିବାର ପ୍ରବଣତା ମଧ୍ୟରୁ ଉତ୍ତୀର୍ଣ୍ଣ ହୋଇ ସମଗ୍ର ବସୁଧାକୁ ନିଜ କୁଟୁମ୍ବ ମନେ କରିବାର ଶୁଦ୍ଧ ଚେତନା ମଧ୍ୟରୁ ଜନ୍ମ ନେଇଛି ଏହି ଅମୃତମୟ ଉଚ୍ଚାରଣ। ନିଜ ପରିବାରର ସଂକୀର୍ଣ୍ଣ ଗଣ୍ଡି ମଧ୍ୟରୁ ମୁକୁଳି ଆସି ଶ୍ରୀଲଙ୍କାରୁ ସାଇବେରିଆଯାଏଁ ସମଗ୍ର ବସୁଧାକୁ ନିଜ କୁଟୁମ୍ବ ମନେକରିବାର ଏହି ଦିବ୍ୟ ଆହ୍ୱାନ ଭିତରେ ମଣିଷ ନିଜକୁ ଏକ ଐଶ୍ୱରୀୟ ଚେତନାର ନିକଟବର୍ତ୍ତୀ କରିବାର ସୁଯୋଗ ପାଇଥାଏ। ଥରେ ଏହି ଚେତନାର ସ୍ପର୍ଶ ମିଳିଲେ ମଣିଷ ନିଜକୁ ବିସ୍ତାରିତ ମନେକରେ। ଭୁବନରେ ନିଆଁ ଲାଗିଲେ ତାହାର ତାତି ଭୁବନେଶ୍ୱରକୁ ଜଣାପଡ଼େ। ପ୍ୟାରିସ୍‌ରେ ବୋମା ଫୁଟିଲେ ପୀଡ଼ିତଙ୍କ ବିକଳ ଆର୍ତ୍ତନାଦ ପୁରୀଯାଏଁ ଶୁଣାଯାଏ। ଚିହ୍ନାଠାରୁ ଅଚିହ୍ନାଙ୍କଯାଏଁ, ଶତ୍ରୁଠାରୁ ମିତ୍ର ପର୍ଯ୍ୟନ୍ତ ସଭିଏଁ ନିଜର ଲାଗନ୍ତି। ସେମାନଙ୍କ ସୁଖରେ ଖୁସି ମିଳେ ; ସେମାନଙ୍କ ଦୁଃଖ ମନେପକାଏ ହୃଦୟକୁ ଦାରୁଣ ବେଦନାରେ।

ଅଥଚ ଏଠି ବି ମଣିଷ ଏକା ହୋଇଯାଏ। ଚରମ ଏକାକୀତ୍ୱ ମଧ୍ୟରେ ରୁଦ୍ଧି ହୋଇ ଆତ୍ମହତ୍ୟା କରେ। ନିଜ ହାତରେ ନିଜେ ଲିଭାଇଦିଏ ଜଳୁଥିବା ଜୀବନ ଦୀପଟିକୁ। ସୃଷ୍ଟି ଓ ସମାଜ ପ୍ରତି ବିମୁଖ ହୋଇ ଜୀବନଠୁଁ ମୁହଁ ମୋଡ଼ିନିଏ। ଜୀବନ ଯାତ୍ରାରେ ବାରମ୍ବାର ଝୁଣ୍ଟିପଡ଼ି ଆହତ ହୋଇ ସେ ମଝିବାଟରୁ ଓହରିଯାଏ। ସେ ଚାଲିଗଲା ପରେ ବହୁ ଲୋକ ବହୁ କଥା କହନ୍ତି। 'ଭୀରୁ', 'କାପୁରୁଷ', 'ପଳାତକ' ଆଦି ଶବ୍ଦପୁଞ୍ଜରେ ପୋତି ପକାନ୍ତି ତା'ର ସ୍ମୃତିକୁ। ଜୀବନ ରାସ୍ତାରେ ଠିକ୍ ଭାବେ ଚାଲି ଜାଣି ନ ଥିବାରୁ ତା'ର ଅସାମର୍ଥ୍ୟକୁ ଢେର ଗାଳିଦିଅନ୍ତି। ମାତ୍ର ସେ ଚାଲୁ ଚାଲୁ ବାରମ୍ବାର ଝୁଣ୍ଟି ପଡୁଥିଲା ବେଳେ ଏମାନଙ୍କ ମଧ୍ୟରୁ କେହି ଜଣେ ଆଗେଇ ଆସି ତା' ହାତ ଧରି ନେଇଥିଲେ ସେ ହୁଏତ ଅଣ୍ଟା ସଳଖି ଛିଡ଼ାହୋଇ ପାରିଥାନ୍ତା। ବାକି ବାଟ ଅତିକ୍ରମିବାକୁ ସାହସ ପାଇଥାନ୍ତା। ଅକାଳରେ ଝଡ଼ିଯାଇ ନ ଥାଆନ୍ତା ଏକ ଅମୂଲ୍ୟ ଜୀବନ!

'ଏମାନେ' ବୋଇଲେ ହୋଇପାରନ୍ତି ସଂପର୍କୀୟ ବା ଏକ ବୃହତ୍ତର ପରିସରରେ ସମାଜ। ତେବେ ସମାଜ ହେଉ କି ସଂପର୍କୀୟ, ଯିଏ ଯାହା ରାସ୍ତାରେ ଆଗେଇ ଚାଲୁଥିଲା ବେଳେ ଅସମର୍ଥ ସହଯାତ୍ରୀଟି ପ୍ରତି ସହଯୋଗର ହାତ ବଢ଼ାଇବାକୁ କାହାରି ସମୟ ନ ଥାଏ କି ସ୍ପୃହା ବି ନ ଥାଏ। ନିଜ ଗତିରେ ନିଜେ ବାଟ ନ ଚାଲି ଅକ୍ଷମ ସହଯାତ୍ରୀର ହାତ ଧରି ମନ୍ଥର ଗତିରେ ପାଦ ପକାଇଲେ ଆଧୁନିକ ଜୀବନଧାରା ସହ ତାଳଦେଇ ମଣିଷ ଚାଲିପାରିବ ତ ! ଏଠି ଯେମିତି ଦ୍ରୁତ ଗତିରେ ଦୌଡ଼ିବାର ପାଗଳ ପ୍ରତିଯୋଗିତା, ଜଣେ ଅନ୍ୟ ଜଣଙ୍କର ହାତ ଟାଣି ଅଟକାଇ ଦେଇ ନିଜେ ଆଗକୁ ମାଡ଼ିଯିବାକୁ ତତ୍ପର ; ସେଠି ସମଗ୍ର ବସୁଧାକୁ କୁଟୁମ୍ବ ବିଚାରି ଆଉ କାହା ପାଇଁ ଅଟକିଗଲେ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚି ହେବ ତ ! ଏମିତି ସବୁ ସ୍ୱାର୍ଥକୈନ୍ଦ୍ରିକ ବିଚାର ଭିତରେ ଯେତେବେଳେ ପରିଚାଳିତ ବହୁ ଭାଗ ବ୍ୟକ୍ତିସତ୍ତା, ସେତେବେଳେ କେଉଁଠୁ ବା ଶୁଭିବ ସେଇ ଦିବ୍ୟ ଅନୁଭବର ଓଁକାର ଉଚ୍ଚାରଣ- 'ବସୁଧୈବଂ କୁଟୁମ୍ବକମ'!

ସୁତରାଂ, ମଣିଷ ଆଗେଇ ଯାଉ ତା' ନିଜ ବାଟରେ, ଆଉ କାହାରି ପତନ ପ୍ରତି ସାମାନ୍ୟ ଭ୍ରୂକ୍ଷେପ ନ କରି। ସ୍ୱାର୍ଥପରତାର ଶିଡ଼ି ଚଢ଼ି ଢେର ଉପରକୁ ଉଠୁ କେବଳ ନିଜକୁ ଅବା ନିଜ ପରିବାରକୁ ନିଜର ବସୁଧା ମନେକରି। ସକଳ ସମୃଦ୍ଧିର ଔଜ୍ଜ୍ୱଲ୍ୟରେ ଉଦ୍‌ଭାଷିତ ହେଉ ତା'ର ଜୀବନ ଯାତ୍ରା। ଦୂରେଇ ଯାଉ ତା'ର ଗତିପଥରୁ ପରୋପକାର ଭଳି ଶ୍ରୁତି-ମଧୁର ଅଥଚ ଅର୍ଥହୀନ ଆହ୍ୱାନର ଅନ୍ଧକାର! ମାତ୍ର ଜୀବନର ଏହି ଆଧୁନିକ ଆଚାର ବିଚାର ମଧ୍ୟରେ ନିଜ ଜୀବନକୁ ଲାଳିତ କରୁଥିବା ମଣିଷ ଭିତରୁ ମଣିଷପଣିଆ ଟିକକ ଅପହୃତ ହୋଇ ହୋଇ ନ ଯାଉ। ସ୍ନେହ, ଶ୍ରଦ୍ଧା, ବୁଦ୍ଧି, ବିବେକ, କୃପା, କରୁଣା ବା ସଦିଚ୍ଛା ସମ୍ବେଦନା ଭଳି ମାନବୀୟ ଗୁଣରାଜି ଯୋଗୁଁ ଯେଉଁ ମଣିଷ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ଶ୍ରେଷ୍ଠ ଭାବେ ପରିଗଣିତ, ସେଇ ମଣିଷ ପାଖରୁ ଏସବୁ ଗୁଣଗୁଡ଼ିକ ଅକସ୍ମାତ୍ ଉଭାନ୍ ହୋଇଗଲେ ତାକୁ ମଣିଷ ବୋଲି ଚିହ୍ନିବାରେ ଯେ କଷ୍ଟ ହେବ, ଏକଥା ସେ ଭୁଲି ନ ଯାଉ। କେଇଦିନ ତଳେ ରାଜଧାନୀର ଏକ ବସ୍ତି ଅଞ୍ଚଳରେ ସଂଘଟିତ ହୋଇଥିବା ଏକ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାଟିକୁ ଯେଉଁମାନେ ପ୍ରତ୍ୟକ୍ଷ କରିଥିବେ, ସେମାନେ ଜାଣିଥିବେ ଯେ ଘଟଣାଟିକୁ ଘଟାଇଥିବା ମଣିଷଙ୍କୁ ମଣିଷ କହିବା କେଡ଼େ କଷ୍ଟଦାୟକ!

ଥୋକେ ମଣିଷଙ୍କ ମଧ୍ୟରୁ ମଣିଷତ୍ୱ ଉଜୁଡ଼ି ଯାଇଥିବାର ଏହି ଦୁଃଖଦ ଦୃଶ୍ୟପଟର କେନ୍ଦ୍ରସ୍ଥଳରେ ଥିଲା ଜଣେ ପାଗଳ ଯୁବକ, ଯିଏ ମୋବାଇଲ ଭଳି ଏକ ମହଙ୍ଗା ଚିଜଟିକୁ ନିଜ ପାଖରେ ରଖିବା ଭଳି ଏକ ବିରାଟ ଅପରାଧ କରିପକାଇଥିଲା। ମସ୍ତିଷ୍କ ବିକୃତି ଭଳି ଏକ ଅଭିଶପ୍ତ ବ୍ୟାଧିରେ ପୀଡ଼ିତ ଥିବା ବାରବୁଲା ଯୁବକଟି ପାଖରେ ପୁଣି ମୋବାଇଲ ଭଳି ଏକ ଆଧୁନିକ ବସ୍ତୁ! ନିହାତି ଅଗ୍ରହଣୀୟ ଏ ପ୍ରକାର ଏକ ଦୃଶ୍ୟ ବସ୍ତିର ପିଲାମାନଙ୍କୁ ଏକ ନିଶ୍ଚିତ ସିଦ୍ଧାନ୍ତରେ ପହଞ୍ଚାଇ ଦେଇଥିଲା ଯେ, ପାଗଳଟି କାହାର ମୋବାଇଲ ଚୋରାଇ ଆଣିଛି। ମୋବାଇଲଟି ଯେ ଅନ୍ୟ କେହି ହଜାଇ ଦେଇ ପାରିଥା'ନ୍ତି ଓ ତାହାକୁ ପାଗଳ ଯୁବକଟି ପାଇ ପାରିଥାଏ ; ଏ ପ୍ରକାର ଏକ ସମ୍ଭାବନାକୁ ସ୍ୱୀକାର ନ କରି ତା' ପାଖରୁ ଜୋର କରି ଛଡାଇ ନେଇଥା'ନ୍ତି ବସ୍ତିର ବାହୁବଳୀ ତରୁଣମାନେ। ମସ୍ତିଷ୍କବିକୃତ ଯୁବକଟି ଏ ପ୍ରକାର ଅନ୍ୟାୟକୁ ପ୍ରତିବାଦ କରିଥିଲା। ତା' ନିଜ ଢଙ୍ଗରେ ସେ ମେଞ୍ଚାଏ ଗାଳି ଦେଲା ଓ ବଦଳରେ ପ୍ରତିପକ୍ଷଙ୍କଠାରୁ ଫିଙ୍ଗା ହୋଇଥିବା ଗୋଡ଼ିମାଡ଼ ଖାଇଲା ପରେ ପରେ ନିଜ ପ୍ରତିରକ୍ଷା ପାଇଁ ଟେକାଟିଏ ଫିଙ୍ଗିଦେଲା ଯେ ଜଣେ ପିଲାର କପାଳରେ ବାଜି ତାକୁ ରକ୍ତାକ୍ତ କରିଦେଲା। ତଡ଼ିତ୍ ବେଗରେ ବସ୍ତିସାରା ପ୍ରଚାର ହୋଇଗଲା ଏକଥା- 'ଭଲ ମଣିଷଙ୍କ ଇଲାକାରେ ମତ୍ତ ମଣିଷଟିଏ ମାତିଛି।' ବାସ୍, ପିଲାମାନଙ୍କ ସହ ମିଶି ବସ୍ତିର ବଡ଼ମାନେ ମଧ୍ୟ ପାଗଳ ଯୁବକଟି ପଛରେ ଲାଗିଗଲେ।

କିଛି ସମୟ ପରେ ପାଗଳଟିକୁ କାବୁ କରିନେଲେ ଲୋକମାନେ। ମତ୍ତହସ୍ତୀ ବା ମଣିଷଖିଆ ବାଘକୁ କାବୁ କରି ନେଇଥିବାର ବିକ୍ରମ ନେଇ ତାକୁ ଖଣ୍ଡେ ଦଉଡ଼ିରେ ବାନ୍ଧି ପକାଇଲେ ସେମାନେ ଓ ଲଦି ଦେଇଗଲେ ନିର୍ଘାତ ପାହାର। ବିକଳଭାବେ ଚିତ୍କାର ଛାଡୁଥିବା ପାଗଳଟିର କରୁଣ ବିଳାପ ପ୍ରତି ସଭିଏଁ ଥିଲେ ପ୍ରତିକ୍ରିୟାଶୂନ୍ୟ। ସତେ ଯେମିତି ଏ ଦୁନିଆଟା କେବଳ ମଣିଷମାନଙ୍କ ପାଇଁ। ତହିଁରେ ପ୍ରଥମେ ମଣିଷ ହୋଇ ଜନ୍ମ ନେଇଥିବା ଓ ପରେ ପାଗଳ ହୋଇ ଯାଇଥିବା ଏହି ହତଭାଗ୍ୟଟି ପାଇଁ ସାମାନ୍ୟ ସ୍ଥାନ ନାହିଁ ସେଠାରେ।

ଏ ତ ଗଲା ବସ୍ତି ଅଞ୍ଚଳରେ ରହୁଥିବା ଶିକ୍ଷା, ସଭ୍ୟତା ବା ସଂସ୍କାର ବିବର୍ଜିତ ଲୋକମାନଙ୍କ ଆଚରଣର କଥା। ମା'ବାପାଙ୍କଠାରୁ ଉପଯୁକ୍ତ ସଂସ୍କାର ପାଇ ସେମାନଙ୍କ ଅର୍ଥରେ ପାଠ ପଢ଼ି ଶିକ୍ଷିତ ବୋଲାଇବାକୁ ଯାଉଥିବା ପିଲାମାନଙ୍କ କଥା କିଛି ଭିନ୍ନ ନୁହେଁ। ଜଣେ ବନ୍ଧୁଙ୍କର ଆଖିଦେଖା କଥା ଯେ। ବସରେ ବସି ଯାତ୍ରା କରୁଥିବା ବନ୍ଧୁଙ୍କ ଗାଡ଼ିଟି ବହୁ ସମୟ ଧରି ଅଟକି ରହିଥିଲା ସହରର ଏକ ଷ୍ଟାଣ୍ଡରେ ଯାନ୍ତ୍ରିକ ତ୍ରୁଟି ସଜାଡ଼ିବା ପାଇଁ। ବସ୍ ଭିତରେ ବସି ବନ୍ଧୁ ଲକ୍ଷ୍ୟ କଲେ, ଦୁଇଜଣ ଚକ୍ଷୁହୀନ ବ୍ୟକ୍ତି ପରସ୍ପରର ହାତ ଧରି ନିଜ ନିଜର ବାଡ଼ି ସାହାଯ୍ୟରେ ବାଟ ଠଉରାଇ ଆଗକୁ ବଢୁଛନ୍ତି। ସଂସାରର ଚକ୍ଷୁଷ୍ମାନ୍‌ମାନଙ୍କ ଭିଡ଼ ଭିତରେ ଦୁଇଜଣ ଚକ୍ଷୁହୀନଙ୍କ ଜୀବନ ସଂଗ୍ରାମ ବନ୍ଧୁଙ୍କ ଅନ୍ତରକୁ ଆଲୋଡ଼ିତ କରୁଥିଲା ବେଳେ ସେ ହଠାତ୍ ଲକ୍ଷ୍ୟ କଲେ, ସେମାନଙ୍କ ଗତିପଥରେ ଅଟୋ ରିକ୍ସାଟିଏ ଆସି ଅଟକିଗଲା। କେହି ଜଣେ ସେମାନଙ୍କୁ ବାଟ କଢ଼ାଇ ନ ନେଲେ ଦିବ୍ୟାଙ୍ଗ ଦୁହେଁ ଯେ ଅଟୋଟି ସହ ନିଶ୍ଚିତ ଧକ୍କା ଖାଇବେ, ଏହା ଜାଣି ବନ୍ଧୁ ଅସ୍ଥିର ହୋଇ ଉଠିଲେ। ମାତ୍ର ସଡ଼କ ଏ ପଟରେ ଛାଡ଼ିବାକୁ ଯାଉଥିବା ଏକ ବସ୍ ଭିତରେ ବସିଥିବା ବନ୍ଧୁ ସଡ଼କ ସେପଟରେ ଥିବା ବିବଶ ଚକ୍ଷୁହୀନ ଦୁହିଁଙ୍କୁ କେମିତି ବା ସାହାଯ୍ୟ କରିପାରନ୍ତେ!

ଯାହା ଘଟିବାର ଆଶଙ୍କା କରୁଥିଲେ ବନ୍ଧୁ, ତାହାହିଁ ଘଟିଲା। ଚକ୍ଷୁହୀନ ଦୁହେଁ ଧକ୍କା ଖାଇଲେ ଅଟୋ ଦେହରେ। 'ଏଇ ବାଜିଲା' ବୋଲି ଏକ ସହାସ୍ୟ ଧ୍ୱନି ସହ ଚିତ୍କାର କରୁଥିବା ତରୁଣ ଦୁହେଁ ଥିଲେ କେଉଁ ଏକ କଲେଜର ଛାତ୍ର ବୋଲି ତାଙ୍କ ୟୁନିଫର୍ମରୁ ଜଣାପଡୁଥିଲା। ସେ ଦୁହେଁ ବୋଧହୁଏ ଆମ ବନ୍ଧୁଙ୍କ ପରି ଅସହାୟ ଚକ୍ଷୁହୀନ ଦୁହିଁଙ୍କ ସମ୍ଭାବ୍ୟ ପରିଣତି ସମ୍ପର୍କରେ ଆଶଙ୍କା କରୁଥିଲେ। ଅଥଚ ସେମାନଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିବାକୁ ଉଚିତ ମଣିଲେ ନାହିଁ। ପାଖରେ ଶିକ୍ଷାଦୀକ୍ଷା ସବୁ ଥାଇ ବି ଏ କଥା ଭୁଲିଗଲେ ଯେ, ମାନବିକତାର ସ୍ୱତଃସ୍ଫୂର୍ତ୍ତ ପରିସ୍ଫୁଟନ ପାଇଁ ଚକ୍ଷୁହୀନଙ୍କୁ ବାଟ ଦେଖାଇଦେବାଠାରୁ ଆଉ କିଛି ସହଜତମ ଅବସର ବୋଧହୁଏ ଥାଇ ନ ପାରେ।

ବଦଳି ଚାଲିଛି ସମୟ। ତା' ସହ ବଦଳି ମଧ୍ୟ ଚାଲିଛି ମଣିଷର ଚରିତ୍ର। ଜ୍ଞାନ, ବିଜ୍ଞାନ ଓ ବୌଦ୍ଧିକତାରେ ମଣିଷ ଶୀର୍ଷତମ ସୋପାନକୁ ଦ୍ରୁତ ଆଗେଇ ଚାଲୁଥିବା ବେଳେ ମାନବଙ୍କ ମଧ୍ୟରୁ ସେହି ବେଗରେ ଉଜୁଡିଯାଉଛି ତା'ର ଶ୍ରେଷ୍ଠତମ ସଂପଦ ମାନବିକତା। ମଣିଷ ନିଜ ବ୍ୟତୀତ ଅନ୍ୟ ସବୁଙ୍କୁ ପର ମନେକରୁଛି। ଗାଁ ତୁଳନାରେ ସହରରେ ଏହି ମାନବୀୟ ସଂସ୍କୃତିର ଦ୍ରୁତ ଅବକ୍ଷୟ ଘଟୁଛି। ଅବସ୍ଥା ଏମିତି ହୋଇଛି ଯେ, ସହରରେ ଏପଟ ଘରର କେହି ମରିଗଲେ ତାଙ୍କ ପୁଅ ନାତିମାନେ ଲଣ୍ଡା ନ ହେବାଯାଏଁ ସେପଟ ଘରର କେହି ଜାଣିପାରୁନାହାନ୍ତି। ଏମିତି ବିଡ଼ମ୍ବନା ମଧ୍ୟରେ ମଣିଷ ତା'ର ଆଧୁନିକ ଅବରୋଧ ନେଇ ଯେ ବିଶ୍ୱ ଗ୍ରାମର ବାସିନ୍ଦା, ଏହା ବିଶ୍ୱାସ କରିବାକୁ କଷ୍ଟ ହେଉଛି।

ଅଳ୍ପଦିନ ତଳେ ଏକ ନରମ ଅପରାହ୍ଣରେ କାଉମାନଙ୍କ କର୍କଶ ରାବରେ ମୁଖରିତ ହୋଇଉଠିଲା ଏକ ଘରର ଅଗଣା। କାଉମାନଙ୍କ ଶ୍ରୁତିକଟୁ କୋଳାହଳରେ ଗୃହସ୍ୱାମୀ ଘରୁ ବାହାରି ଆସି ଦେଖିଲେ ଅସଂଖ୍ୟ କାଉଙ୍କ ବିଶାଳ ସମାବେଶ। ଏହି ସମ୍ମେଳନର ହେତୁ ବୁଝିବାକୁ ଯାଇ ସେ ଦେଖିଲେ, ଏକ କୁଆର ଡେଣା ଭାଙ୍ଗିଯାଇ ସେ ତଳେ ପଡ଼ିଛି ଓ ଆହତ ସାଥୀର ଦୁର୍ଭାଗ୍ୟ ପାଇଁ ବିକଳରେ ଚିତ୍କାର କରି ଗଗନ ମଣ୍ଡଳ କମ୍ପାଇ ଦେଉଛନ୍ତି କାଉକୁଳ। ଉଦାର ଗୃହସ୍ୱାମୀ ଆହତ କୁଆଟିକୁ ତଳୁ ଉଠାଇ ନେଇ ତାକୁ ସାଷ୍ଟାଙ୍ଗ କରିବାକୁ ପ୍ରାଥମିକ ଉପଚାର ଗ୍ରହଣ କରିବା ମାତ୍ରେ ରାଣ ଦେଲା ଭଳି କୁଆମାନଙ୍କ କର୍କଶ ରାବ ପ୍ରଶମିତ ହୋଇଗଲା। କାଁ ଭାଁ କେତୋଟି କାଉ କା କା ରାବ ଦେଇ ଗୃହସ୍ୱାମୀଙ୍କ ଉଦାରତା ପ୍ରତି କୃତଜ୍ଞତା ପ୍ରକଟ କରୁଥିଲେ। ବୁଦ୍ଧି, ବିବେକ, ଜ୍ଞାନ ଓ ସଭ୍ୟତା ବା ଶିଷ୍ଟତା ଆଦି ମାନବୀୟ ଗୁଣସମ୍ପନ୍ନ ମଣିଷ ନ ଥିଲେ ସେମାନେ। ସେମାନେ ଥିଲେ ଉଚ୍ଛିଷ୍ଟଭକ୍ଷୀ ଗୋଟିଏ ଗୋଟିଏ ଇତର ପକ୍ଷୀ, ଯାହାଙ୍କ ପାଇଁ ସେଇ ଆହତ କୁଆଟି ଥିଲା ତାଙ୍କ ବସୁଧାର କୁଟୁମ୍ବ। ଆଉ ଆମେ ପରା ମଣିଷ !

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର-୧୦
ମୋ: ୮୮୯୫୬୨୪୧୦୫

# ବିଶ୍ୱ ବାଣିଜ୍ୟ ମାଲିକାଣୀ

ବ୍ୟକ୍ତିତ୍ୱ



ନୋଗ୍‌ଜି ଓକୋଞ୍ଜୋ

ଗତ କିଛି ବର୍ଷ ହେବ ଦେଖାଯାଉଛି, ନାଇଜେରିଆ କଥା ଉଠିଲେ ଲୋକେ ବୋକୋ ହାରାମ୍ ଚିତ୍ର ଆଖିଆଗକୁ ଆଣୁଛନ୍ତି। ଏହି ଉଗ୍ରପନ୍ଥୀ ଗୋଷ୍ଠୀ ଅପହରଣ ଓ ହତ୍ୟା ଘଟାଇ ନାଇଜେରିଆ ଭାବମୂର୍ତ୍ତିକୁ ବିଶ୍ୱସ୍ତରରେ କ୍ଷୁର୍ଣ୍ଣ କରିଆସିଛି। ହେଲେ ଏବେ ନାଇଜେରିଆ ତା'ର ଜଣେ ପ୍ରତିଭାମୟୀଙ୍କ ପାଇଁ ସକାରାତ୍ମକ ଭାବେ ବିଶ୍ୱ ନଜରକୁ ଆସିଛି। ନୋଗ୍‌ଜି ଓକୋଞ୍ଜୋ ଇୱେଲା ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ)ର ମହାନିର୍ଦ୍ଦେଶକ ବା ମୁଖ୍ୟ ଭାବେ ୧ ମାର୍ଚ୍ଚ ୨୦୨୧ରେ ନିଯୁକ୍ତ ହେବା ପରେ ସେ ନିଜ ଦେଶକୁ ଗର୍ବିତ କରାଇଛନ୍ତି। ଏଥିସହିତ ସେ ପ୍ରଥମ ମହିଳା ଏବଂ ପ୍ରଥମ ଆଫ୍ରିକୀୟ ଭାବେ ଏହି ବିଶ୍ୱ ସଙ୍ଗଠନର ଦାୟିତ୍ୱ ନେଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଯୁବପିଢ଼ିଙ୍କୁ ଆକର୍ଷିତ କରିଛି।

ଦେଶଗୁଡ଼ିକ ମଧ୍ୟରେ ଅନ୍ତର୍ଜାତୀୟ ବାଣିଜ୍ୟିକ ନିୟନ୍ତ୍ରଣ କରୁଥିବା ସଂସ୍ଥା ହେଉଛି ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ)। ୧୬୪ ଦେଶ ପ୍ରତିନିଧିତ୍ୱ କରୁଥିବା ଏହି ଅନ୍ତର୍ଜାତୀୟ ସଙ୍ଗଠନ ବାଣିଜ୍ୟିକ ପ୍ରସଙ୍ଗ ନେଇ ବିଶ୍ୱ ସ୍ତରରେ ଉଠୁଥିବା ଝଡ଼କୁ ପ୍ରଶମିତ କରିବା ସହ ଏ ସଂକ୍ରାନ୍ତ କାରବାର ସୁଗମ କରିବା ଦିଗରେ ପ୍ରୟାସରତ। ଏଭଳି ଏକ ସଙ୍ଗଠନର ଦାୟିତ୍ୱ ଜଣେ ମହିଳାଙ୍କ ଉପରେ ନ୍ୟସ୍ତ କରାଯିବା ସୂଚାଇ ଦେଉଛି, ସେ ସେହି ପଦବୀ ପାଇଁ ନିଜକୁ ସେତିକି ମାତ୍ରାରେ ଯୋଗ୍ୟ କରିପାରିଛନ୍ତି। ୧୩ ଜୁନ୍ ୧୯୫୪ରେ ନୋଗ୍‌ଜି ନାଇଜେରିଆର ଡେଲ୍‌ଟା ରାଜ୍ୟର ଓଗ୍‌ୱାଶି-ଉକ୍ୟୁଠାରେ ଜନ୍ମଗ୍ରହଣ କରିଥିଲେ। ପିତା ପ୍ରଫେସର ଚୁକ୍ୟୁକା ଓକୋଞ୍ଜୋ ଓବାହାଇ ରୟାଲ ଫାମିଲିର ଓବି (ରାଜା) ଥିଲେ। ନୋଗ୍‌ଜି ଏନୁଗୁସ୍ଥିତ କ୍ୟୁନ୍ ସ୍କୁଲ ଓ ପରେ ଇବାଦାନ୍‌ର ଇଣ୍ଟରନ୍ୟାଶନାଲ ସ୍କୁଲରୁ ଶିକ୍ଷା ଗ୍ରହଣ କରିଥିଲେ। ଯୁବାବସ୍ଥାରେ ସେ ଉଚ୍ଚଶିକ୍ଷା ପାଇଁ ୧୯୭୩ରେ ଆମେରିକା ଚାଲିଯାଇଥିଲେ। ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଏବଂ ୧୯୭୬ରେ ସେଠାରୁ ଅର୍ଥନୀତିରେ ଡିଗ୍ରୀ ଅର୍ଜନ କରିଥିଲେ। ମାସାଚ୍ୟୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜିରୁ ରିଜିଓନାଲ ଇକୋନମିକ୍ସ ଆଣ୍ଡ୍ ଡେଭଲପ୍‌ମେଣ୍ଟରେ ପିଏଚ୍‌ଡି କରିଥିଲେ। ଅର୍ଥନୀତି ଉପରେ ଗବେଷଣା ଓ ତା'ର ପ୍ରୟୋଗାତ୍ମକ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଆମେରିକାନ୍ ଆସୋସିଏଶନ୍ ଅଫ୍ ୟୁନିଭର୍ସିଟି ୱିମେନ୍ (ଏଏୟୁଡବ୍ଲ୍ୟୁ) ପକ୍ଷରୁ ତାଙ୍କୁ ଫେଲୋଶିପ୍ ମିଳିଥିଲା। ଏହା ପରେ ସେ ବିଶ୍ୱ ବ୍ୟାଙ୍କରେ ଯୋଗଦେଇଥିଲେ। ସେଠାରେ ଜଣେ ଡେଭଲପ୍‌ମେଣ୍ଟ ଇକୋନୋମିଷ୍ଟ ଭାବେ ୨୫ ବର୍ଷର ଅଭିଜ୍ଞତା ତାଙ୍କୁ ସେହି ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ପଦବୀକୁ ଉନ୍ନୀତ କରିଥିଲା। ସେହି ସମୟରେ ସେ ବିଶ୍ୱର ଦରିଦ୍ର ରାଷ୍ଟ୍ରଗୁଡ଼ିକର ଉନ୍ନତି ପାଇଁ ଅନେକ ପଦକ୍ଷେପ ନେଇଥିଲେ।

ନୋଗ୍‌ଜିଙ୍କ ଅର୍ଥନୀତିରେ ଅଗାଧ୍ୟ ଜ୍ଞାନ ତାଙ୍କୁ ବିଶ୍ୱ ସମ୍ଭ୍ରାନ୍ତ ବର୍ଗଙ୍କ ମଧ୍ୟରେ କେବଳ ଯେ ପରିଚିତ କରିଥିଲା ତାହା ନୁହେଁ, ସେ ମଧ୍ୟ ନିଜ ଦେଶ ନାଇଜେରିଆ ସରକାରରେ ନିଜକୁ ସାମିଲ କରି ଲୋକକଲ୍ୟାଣ ଦିଗରେ ନିୟୋଜିତ କରିଥିଲେ। ସେ ସେଠାରେ ଦୁଇ ଥର ଅର୍ଥମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଥିଲେ। ଏପରି କି ଅର୍ଥମନ୍ତ୍ରୀ ସହ ବହିର୍ବ୍ୟାପାର ମନ୍ତ୍ରଣାଳୟ ତାଙ୍କୁ ମିଳିପାରିଥିଲା। ପ୍ରଥମ ମହିଳା ଭାବେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦବୀ ଗ୍ରହଣ କରି ସେ ନାଇଜେରିଆରେ ନିଜ ଦକ୍ଷତାର ପରିଚୟ ଦେଇଥିଲେ। ତେବେ ଜୁନ୍ ୨୦୨୦ରେ ନାଇଜେରିଆ ରାଷ୍ଟ୍ରପତି ମୁହାମ୍ମାଦୁ ବୁହାରି ଡବ୍ଲ୍ୟୁଟିଓ ମହାନିର୍ଦ୍ଦେଶକ ପାଇଁ ନିଜ ଦେଶରୁ ନୋଗ୍‌ଜିଙ୍କୁ ମନୋନୀତ କରିଥିଲେ। ତାଙ୍କ ବିରୋଧରେ ଦକ୍ଷିଣ କୋରିଆର ବାଣିଜ୍ୟ ମନ୍ତ୍ରୀ ୟୁ ମ୍ୟୁଙ୍ଗ-ହେଙ୍କୁ ପ୍ରାର୍ଥୀ କରାଯାଇଥିଲା। ହେଲେ ୟୁରୋପୀୟ ସଂଘ ନୋଗ୍‌ଜିଙ୍କୁ ସମର୍ଥନ କରିଥିଲା। ପ୍ରଥମେ ଆମେରିକାରୁ ତାଙ୍କୁ ବିରୋଧ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ବାଇଡେନ୍-ହାରିସ୍ ପ୍ରଶାସନ ତାଙ୍କ ପ୍ରତିଭାକୁ ସମ୍ମାନ ଦେଇଥିଲେ।

ନୋଗ୍‌ଜିଙ୍କ ବ୍ୟକ୍ତିଗତ ଜୀବନ କହିଲେ ନାଇଜେରୀୟ ଡାକ୍ତର ସ୍ୱାମୀ ଇକେମ୍ବା ଇୱେଲା ଓ ୪ ସନ୍ତାନକୁ ନେଇ ତାଙ୍କ ସଂସାର। ପିଲାଙ୍କ ମଧ୍ୟରେ ଅଛନ୍ତି ନାଇଜେରୀୟ-ଆମେରିକୀୟ ଡାକ୍ତର ତଥା ଖ୍ୟାତନାମା ଲେଖକ ପୁତ୍ର ଉଜୋଡିନ୍‌ମା ଇୱେଲା।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କୃଷିରେ ମହିଳାଙ୍କ ଭାଗୀଦାରି ବଢ଼ିବାରେ ଲାଗିଛି। କିନ୍ତୁ ଏମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶର ମହିଳା ଚାଷୀ କନକଲତାଙ୍କୁ ନେଇ ଚର୍ଚ୍ଚା ଜୋର। କାରଣ, ସେ ଦିନକୁ ୭ କୁଇଣ୍ଟାଲ ଟମାଟୋ ଉତ୍ପାଦନ କରୁଛନ୍ତି। କନକଙ୍କ ଘର ଭିତଲପୁରରେ। ତାଙ୍କ ବୟସ ୫୭। ସେ ଜୈବିକ ପଦ୍ଧତିରେ ଦୁର୍ଗା ଓ ଆର୍ଯ୍ୟମାନ କିସମର ଟମାଟୋ ଚାଷକରି ଏହାକୁ ଦେଶର ବିଭିନ୍ନ ସ୍ଥାନକୁ ପଠାଇବା ସହ ଓମାନ ଓ ଆମେରିକାକୁ ରପ୍ତାନି କରୁଛନ୍ତି। ଚାଷରେ କନକଙ୍କ ସ୍ୱାମୀ ତାଙ୍କୁ ସହଯୋଗ କରୁଛନ୍ତି। ୨୦୧୭ରେ ମିର୍ଜାପୁରଠାରୁ ୩୦ କି.ମି. ଦୂର ଭିତଲପୁର ଗାଁରେ ସେ ୧.୪ ଏକର ଜମିରେ ପ୍ରଥମେ ଚାଷ ଆରମ୍ଭ କରିଥିଲେ। ପରେ ନ୍ୟାଶନାଲ ବ୍ୟାଙ୍କ୍ ଫର୍ ଏଗ୍ରିକଲଚର ଆଣ୍ଡ୍ ରୁରାଲ ଡେଭଲପ୍‌ମେଣ୍ଟ (ନାବାର୍ଡ) ସହ ସହବନ୍ଧିତ ଚେତନ ଆଗ୍ରୋ ସେଣ୍ଟର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍‌ରୁ ପ୍ରଶିକ୍ଷଣ ନେବା ପରେ ସେ ଜୈବିକ ପଦ୍ଧତି ଆପଣାଇଥିଲେ। ପ୍ରଥମେ ଏଥିରେ ସେ କ୍ଷତି ସହିଥିଲେ । ଏବେ କିନ୍ତୁ ସେ ଆଧୁନିକ ପ୍ରଣାଳୀରେ ଚାଷ କରି ଦିନକୁ ୭ କୁଇଣ୍ଟାଲ ଟମାଟୋ ଉତ୍ପାଦନ କରୁଛନ୍ତି। ତାଙ୍କ ଉତ୍ପାଦିତ ଟମାଟୋର ବିଶେଷ ଗୁଣ ହେଉଛି ତାହା ବିନା ରେଫ୍ରିଜରେଟରରେ ୨ ସପ୍ତାହ ଯାଏ ରହିପାରୁଛି। ଉତ୍ପାଦନ ବଢ଼ିବା ପରେ ଏବେ କନକ ମାସକୁ ଏଥିରୁ ୨.୫ ଲକ୍ଷ ଟଙ୍କା ଲାଭ କରିବାକୁ ଆଶା ରଖିଛନ୍ତି। ଆଗକୁ ସେ ଷ୍ଟ୍ରବେରି, ଡ୍ରାଗନ୍‌ଫ୍ରୁଟ୍, ବ୍ଲାକ୍ ଟମାଟୋ ଓ କ୍ୟାପ୍‌ସିକମ୍ ଚାଷ କରିବାକୁ ଯୋଜନା ରଖିଛନ୍ତି।

## ଚିରନ୍ତନୀ

ହେ ପାଷାଣ ! ମାଗୁନାହିଁ ଶମିବାକୁ
ମୋ ମରମଭାର,
କ୍ଷମିବାକୁ ଅପରାଧ ତୁଟିବାକୁ
ବ୍ୟର୍ଥତା ଆଶାର
ଲୋଡୁନାହିଁ ଲଭିବାକୁ ତବ ଅନୁଗ୍ରହେ
ଧନ ମାନ ଯଶ ଖ୍ୟାତି ଅଭୟ ହୃଦୟେ,
ମୃତ୍ୟୁ ପରେ ମୁକ୍ତି ନାହିଁ ମାଗେଁ
ବଇକୁଣ୍ଠ ନାହିଁ ଭଲ ଲାଗେ,
ଏ ମର୍ତ୍ତ୍ୟ ଭୁବନ
ମୋ ସ୍ନେହ-ସଦନ,
ଏ ଧରଣୀ
ସୁଖମଣି। -(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଯୋଜନାକୁ ଗୁରୁତ୍ୱ ଦିଆଯାଉ

ମହାଶୟ,

ଉପସ୍ଥାପିତ ଓଡ଼ିଶା ବଜେଟ ୨୦୨୧-୨୨ ରାଜ୍ୟକୁ କିଛି ନୂତନ କରି ଗଢ଼ିତୋଳିବ । ପ୍ରସ୍ତାବିତ ଆର୍ଥିକନୀତି ରାଜ୍ୟକୁ ସଶକ୍ତୀକରଣ ଏବଂ ସର୍ବାଙ୍ଗୀନ ଉନ୍ନତୀରେ ସହାୟକ ହେବ। ଯଦି ସରକାର ରାଜନୈତିକ ଅଭିସନ୍ଧି ନିହିତ ସ୍ୱାର୍ଥକୁ ଦୂରେଇ ସାମାଜିକ ସୁରକ୍ଷା, ନ୍ୟାୟ, ଅବହେଳିତ ଦୁଃସ୍ଥ ଲୋକଙ୍କ ସ୍ୱଚ୍ଛନ୍ଦରେ ଜୀବିକା ନିର୍ବାହ ଉପରେ ପ୍ରାଥମିକତା ପ୍ରଦାନ କରିବେ, ତେବେ ଏହା ସମ୍ଭବ ହେବ। ବିଧାନସଭାରେ ରାଜ୍ୟର ବଜେଟ ପାରିତ କରି, ଓଡ଼ିଶାର ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଅଣଦେଖା କିମ୍ବା ଉପରଠାଉରିଆ ଭାବେ ଲୋକଦେଖାଣିଆ ସ୍ୱାସ୍ଥ୍ୟ, କୃଷି, ଶିକ୍ଷା ଓ ଶିଳ୍ପ କ୍ଷେତ୍ରରେ ବିକାଶ ଓ ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ପରିକଳ୍ପନା କରାଯିବାର ଯୋଜନା ପ୍ରସ୍ତୁତ କରିବା କେବଳ କାଗଜକଲମରେ ସୀମିତ। ଉତ୍ତମ ଶାସନ ଭିତରେ, ରାଜ୍ୟର ବିକାଶ ପାଇଁ ହେଉଥିବା ଆଲୋଚନା ପ୍ରସଙ୍ଗରେ ଶାସକଦଳର ନେତାମାନେ ବିରୋଧୀଦଳ ନେତାମାନଙ୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆନୁଷଙ୍ଗିକ ମତାମତ ଲୋଡ଼ିବା ଜରୁରୀ। ପ୍ରଶାସନିକ ସ୍ତରରେ, ନିୟୋଜିତ ଆବଣ୍ଟନ କାର୍ଯ୍ୟରେ ଚରମ ଅବହେଳା ପ୍ରଦର୍ଶନ କରୁଥିବା ପ୍ରଶାସନିକ ଅଧିକାରୀମାନଙ୍କ ବିରୋଧରେ ଆଇନତଃ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।

-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନୂଆ ଶିକ୍ଷା ବୋର୍ଡ ରଖିବ ଦିଲ୍ଲୀ

ନୂଆଦିଲ୍ଲୀ, ୬।୩: ଦିଲ୍ଲୀରେ ଅଲଗା ଭାବେ ସ୍କୁଲ ଶିକ୍ଷା ବୋର୍ଡ ରଖିବାକୁ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ। ଏଠାରେ ଏବେ ସିବିଏସ୍ଇ ଏବଂ ଆଇସିଏସ୍ଇ ବୋର୍ଡ ମାଧମରେ ପାଠପଢ଼ା ଯାଉଥିବାବେଳେ ଏଥିରେ ପରିବର୍ତ୍ତନ ଆଣିବାକୁ କେଜ୍‌ରିୱାଲ ଶନିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥି ନିମନ୍ତେ ରାଜ୍ୟ କ୍ୟାବିନେଟ୍‌ରେ ମଧ ମଞ୍ଜୁରୀ ମିଳିଛି। ୨୦୨୧-୨୦୨୨ ଶିକ୍ଷା ବର୍ଷରେ କିଛି ବିଦ୍ୟାଳୟରେ ନୂଆ ବୋର୍ଡ ମାଧମରେ ପାଠ ପଢ଼ାଯିବ। ଆସନ୍ତା ୪/୫ ବର୍ଷ ମଧରେ ଅନ୍ୟ ସ୍କୁଲଗୁଡ଼ିକ ଦିଲ୍ଲୀ ବୋର୍ଡ ଅଫ୍ ସ୍କୁଲ ଏଜୁକେଶନ(ଡିବିଏସ୍ଇ) ଅଧୀନରେ ରହିବ ବୋଲି କେଜ୍‌ରିୱାଲ କହିଛନ୍ତି। ଏ ନେଇ ସମସ୍ତ ସ୍କୁଲର ପ୍ରିନ୍ସିପାଲ, ଶିକ୍ଷକ ଏବଂ ଅଭିଭାବକଙ୍କ ସହ ଆଲୋଚନା କରାଯିବ। ନୂଆ ବୋର୍ଡର ଏକ ଗଭର୍ନିଂ ବଡି ରହିବ, ଯାହାର ଅଧକ୍ଷ ରାଜ୍ୟ ଶିକ୍ଷାମନ୍ତ୍ରୀ ରହିବେ। ଏହା ଦ୍ୱାରା ଦିଲ୍ଲୀ ଶିକ୍ଷା ବ୍ୟବସ୍ଥାରେ ନୂଆ ଓ ଉନ୍ନତ ଧରଣର ପରିବର୍ତ୍ତନ ଆସିବ ବୋଲି କେଜ୍‌ରିୱାଲ କହିଛନ୍ତି।

### ଭାଜପା ବିଧାୟକଙ୍କ ଜନ୍ମଦିନ ପାର୍ଟିରେ ୨ ମୃତ

ନୂଆଦିଲ୍ଲୀ, ୬।୩: ମଧପ୍ରଦେଶର ଜାବେରା ବିଧାୟକ ଧର୍ମେନ୍ଦ୍ର ସିଂ ଲୋଧିଙ୍କ ଜନ୍ମଦିନ ପାର୍ଟିରେ ଗଣ୍ଡଗୋଳ ଯୋଗୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ଦାମୋହ ଜିଲାରେ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଏହି ଘଟଣା ଘଟିଥିବା ପୋଲିସ କହିଛି। ମୃତକ ଯୋଗେନ୍ଦ୍ର ସିଂ ଏବଂ ଅରବିନ୍ଦ ଜୟ ପାର୍ଟିକୁ ଆସିଥିବାବେଳେ ଗଣ୍ଡଗୋଳ ହୋଇଥିଲା। ଗୁଳିମାଡ଼ରେ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ହୋଇଥିବାବେଳେ ଅରବିନ୍ଦଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ତେବେ ଧର୍ମେନ୍ଦ୍ର ସେଠାରେ ଉପସ୍ଥିତ ନ ଥିଲେ ବୋଲି ପୋଲିସ କହିଛି।

# ଆମେରିକା ନେଟ୍‌ୱର୍କରେ ଚାଇନିଜ୍ ହ୍ୟାକର୍ସ

**ସାନ୍ ଫ୍ରାନ୍ସିସ୍କୋ, ୬।୩:**




- ୩୦ ହଜାର ସଂସ୍ଥା ଉପରେ ଆକ୍ରମଣ
- ଦଖଲରେ ମାଇକ୍ରୋସଫ୍ଟ ଏକ୍ସଚେଞ୍ଜ ସର୍ଭର
- ନୂଆ ସିକ୍ୟୁରିଟି ଅପ୍‌ଡେଟ ଆଣିଲା ମାଇକ୍ରୋସଫ୍ଟ

ଆମେରିକାକୁ ପୁଣି ଟାର୍ଗେଟ କରିଛନ୍ତି ଚାଇନା ଭିତ୍ତିକ ସାଇବର ଆକ୍ରମଣକାରୀ। ଦେଶର ସରକାରୀ ଓ ବେସରକାରୀ ପ୍ରାୟ ୩୦ ହଜାର ସଂସ୍ଥା ଉପରେ ଆକ୍ରମଣ ହୋଇଛି। ବିଭିନ୍ନ ସଂସ୍ଥାର ନେଟ୍‌ୱର୍କ ମଧରେ ପ୍ରବେଶ ପାଇଁ ମାଇକ୍ରୋସଫ୍ଟର ଏକ୍ସଚେଞ୍ଜ ସର୍ଭର ସଫ୍ଟୱେର ବ୍ୟବହାର କରାଯାଇଥିବା ଜଣାପଡିଛି। କ୍ରେବ୍ସ ଅନ୍ ସିକ୍ୟୁରିଟିକୁ ମିଳିଥିବା ସୂଚନା ଅନୁସାରେ ମାଇକ୍ରୋସଫ୍ଟ ଏକ୍ସଚେଞ୍ଜ ସର୍ଭର ଇ-ମେଲ୍ ସଫ୍ଟୱେରରେ ଥିବା ତ୍ରୁଟି ତଥା ଦୁର୍ବଳତାକୁ ହ୍ୟାକର୍ସ ଟାର୍ଗେଟ କରିଛନ୍ତି। ଏହାସହ ବିଶ୍ୱବ୍ୟାପୀ ହଜାର ହଜାର ମାଇକ୍ରୋସଫ୍ଟ ଏକ୍ସଚେଞ୍ଜ ସର୍ଭରକୁ ମଧ ସେମାନେ ନିଜ ନିୟନ୍ତ୍ରଣରେ ରଖିଛନ୍ତି। ଏ ନେଇ ଆମେରିକା ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କୁ ଅବଗତ କରାଯାଇଛି।

ସାଧାରଣତଃ ବ୍ୟବସାୟୀମାନେ ଏହି ସର୍ଭର ବ୍ୟବହାର କରିଥାନ୍ତି। ସୁରକ୍ଷାକୁ ଦୃଷ୍ଟିରେ ରଖି ମାଇକ୍ରୋସଫ୍ଟ ପକ୍ଷରୁ ନୂଆ ସିକ୍ୟୁରିଟି ଅପଡେଟ୍ ଅଣାଯାଇଛି। ଏହାକୁ ଗ୍ରାହକମାନେ ତୁରନ୍ତ ଇନ୍‌ଷ୍ଟଲ କରିବାକୁ ପରାମର୍ଶ ଦିଆଯାଇଛି। ଏଭଳି ଆକ୍ରମଣ ସମ୍ପର୍କରେ ଚଳିତ ସପ୍ତାହରେ ମାଇକ୍ରୋସଫ୍ଟ ପକ୍ଷରୁ ଏହାର ଗ୍ରାହକମାନଙ୍କୁ ଚେତାବନୀ ଦିଆଯାଇଥିଲା। ଚାଇନାରୁ ପରିଚାଳିତ 'ହାଫନିୟମ' ବିଭିନ୍ନ ମେଡିକାଲ ରିସର୍ଚ୍ଚ ସଂସ୍ଥା, ଆଇନ ବ୍ୟବସ୍ଥା, ଶିକ୍ଷା, ପ୍ରତିରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ଟାର୍ଗେଟ କରି ତଥ୍ୟ ଚୋରି ପାଇଁ ଏଭଳି ଆକ୍ରମଣ ରଚୁଛି। ଗତ ୧୨ ମାସରେ ୮ ଥର ମାଇକ୍ରୋସଫ୍ଟ ପକ୍ଷରୁ ଏଭଳି ଘଟିବାକୁ ନେଇ ଚେତାବନୀ ଦେଇଛି।

ଏହା ପୂର୍ବରୁ ସୋଲାର୍ ୱିଣ୍ଡ୍ସ ସଫ୍ଟୱେର ମାଧମରେ ଆମେରିକାର ଫେଡେରାଲ ଏଜେନ୍ସି ଏବଂ ବିଭିନ୍ନ ଉଦ୍ୟୋଗ ଉପରେ ସାଇବର ଆଟାକ୍ ହୋଇଥିଲା। ହ୍ୟାକର୍ସ ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ଏବଂ ଫେଡେରାଲ ଆଭିଏଶନ ଆଡମିନିଷ୍ଟ୍ରେଶନ (ଏଫ୍ଏଏ)ର ନେଟ୍‌ୱର୍କରେ ପ୍ରବେଶ କରିଥିଲେ।

# କଣ୍ଟିଆଚିରା ନଈରେ ମୃତ ସାର୍କ

**ବାହାନଗା, ୬।୩(ଡି.ଏନ.ଏ.)**


ମୃତ ସାର୍କକୁ ଲୋକେ ଦେଖୁଛନ୍ତି ।

ବାଲେଶ୍ୱର ଜିଲାର ଖନ୍ତାପଡା ଥାନା ଅଧୀନ ସୁଟିଂପାହି ନିକଟସ୍ଥ କଣ୍ଟିଆଚିରା ନଈ କୂଳରେ ବିରଳ ପ୍ରଜାତିର ହ୍ୱେଲ ସାର୍କର ମୃତଦେହ ପଡିଥିବା ଦେଖିବାକୁ ମିଳିଛି । ଏହି ସାର୍କର ଲମ୍ବ ପାଖାପାଖି ୧୫ ଫୁଟ ଓ ମୋଟେଇ ୬ ଫୁଟରୁ ଅଧିକ ହେବ। ବାଲେଶ୍ୱର ଜିଲା ସାମୁଦ୍ରିକ ମସ୍ୟ ବିଭାଗର ଚରମ ଅବହେଳା ପାଇଁ ସାର୍କ ମୃତ୍ୟୁବରଣ କରିଥିବା ଲୋକେ ଅଭିଯୋଗ କରିଛନ୍ତି।

୩ଦିନ ତଳେ ରେମୁଣା ବ୍ଲକ ଶ୍ରୀଜଙ୍ଗ ଗ୍ରାମର ମସ୍ୟଜୀବୀମାନେ ମାଛ ମାରିବା ପାଇଁ ସମୁଦ୍ରକୁ ଜାମୁକା ମୁହାଣ ଦେଇ ଯାଇଥିଲେ । ସମୁଦ୍ରରେ ଏକ ବିରାଟକାୟ ବିରଳ ପ୍ରଜାତିର ହ୍ୱେଲ ସାର୍କ ପାଣିରେ ଖେଳୁଥିବା ଦେଖି ଜାଲ ମାଧମରେ କାବୁ କରିବା ସହିତ ପ୍ଲାଷ୍ଟିକ୍ ରଶିରେ ବାନ୍ଧି ଦେଇ କୂଳକୁ ଆଣିଥିଲେ । ତେବେ ସେହିଦିନ ରଶିରେ ବନ୍ଧାଯାଇଥିବା ସାର୍କଟି ହାଲିଆ ହେବା ସହିତ ଗୁରୁତର ଆଘାତପ୍ରାପ୍ତ ହୋଇଥିଲା। ତେବେ ସେତେବେଳେ ପ୍ରବଳ ଗୁଳୁଗୁଳି ହେବା ସହିତ ଖରା ଓ କମ୍ ପାଣିରେ ରହିବାରୁ ସାର୍କଟି ଗୁରୁତର ହୋଇ ଆଉ ହଲଚଲ ହୋଇପାରି ନ ଥିଲା । ତାହା ବିରଳ ପ୍ରଜାତିର ହୋଇଥିବାରୁ କେତେଜଣ ବରିଷ୍ଠ ବ୍ୟକ୍ତି ମସ୍ୟଜୀବୀଙ୍କୁ ଗାଳିଗୁଲଜ କରିବାରୁ ସେମାନେ ଯନ୍ତ୍ରଚାଳିତ ଡଙ୍ଗାରେ ରଶି ଦ୍ୱାରା ବାନ୍ଧି ଟାଣି ଟାଣି ନେଇ ସମୁଦ୍ର ମଧକୁ ନେଇ ଛାଡି ଦେଇଥିଲେ। ହେଲେ ସେହି ସାର୍କଟି କୂଳରେ ଛଟପଟ ହେଉଥିବା ବେଳେ ଲୋକେ ସ୍ଥାନୀୟ ସାମୁଦ୍ରକ ମସ୍ୟ ବିଭାଗର ଅଧିକାରୀଙ୍କୁ ଖବର ଦେଇଥିଲେ। ହେଲେ ଘଟଣାସ୍ଥଳରେ କୌଣସି ଅଧିକାରୀ ପହଞ୍ଚି ନ ଥିଲେ । ମୃତ ସାର୍କ ଶନିବାର ସୁଟିଂପାହିର କଣ୍ଟିଆଚିରା ନଈ ଶାଖା ନାଳରେ ପଡିଥିବା ଲୋକେ ଦେଖିବାକୁ ପାଇଥିଲେ।

# ଗୁଳିକରି ଯୁବକଙ୍କୁ ହତ୍ୟା

**ଅମରପାଲି/ସୋନପୁର, ୬।୩(ଡି.ଏନ.ଏ./ନି.ପ୍ର.)**

- ଟିଁକିରାପଡ଼ାରେ ଚାପା ଉତ୍ତେଜନା
- ଅଭିଯୁକ୍ତ ଗିରଫ
- ହତ୍ୟାରେ ବ୍ୟବହୃତ ବନ୍ଧୁକ ଜବତ

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଟିଁକିରାପଡ଼ାରେ ଶନିବାର ସନ୍ଧ୍ୟାରେ ଗୁଳିକାଣ୍ଡ ଘଟିଛି। ଗୁଳିମାଡ଼ରେ ଗ୍ରାମର ବାବୁଲୁ ମେହେର(୩୦)ଙ୍କ ମୃତ୍ୟୁ ଘଟିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୁଳିକାଣ୍ଡ ହୋଇଛି। ଏହି ଘଟଣାରେ ପୋଲିସ ବାବୁଲୁଙ୍କ ପଡ଼ୋଶୀ ମୁରଲୀ ମେହେର(୪୦)ଙ୍କୁ ଗିରଫ କରିଛି। ହତ୍ୟାରେ ବ୍ୟବହୃତ ବନ୍ଧୁକକୁ ଜବତ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଘଟଣାକୁ ନେଇ ଟିଁକିରାପଡ଼ା ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଛି। ଗ୍ରାମରେ ପୋଲିସ ମୁତୟନ କରାଯାଇଛି। ଏସ୍‌ଡିପିଓ ଧୀରଜ ଚୋପଦାର, ସୁବଳୟା ଥାନା ଆଇଆଇସି କୁଶ ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛନ୍ତି। ସୂଚନା ଅନୁଯାୟୀ, ବାବୁଲୁ ଓ


ବାବୁଲୁ ମେହେର

ଗୁଳିକାଣ୍ଡ ଘଟାଇଥିବା ଅଭିଯୁକ୍ତ ମୁରଲୀଙ୍କ ଘର ପାଖାପାଖି। କୌଣସି ଘଟଣାକୁ ନେଇ ଦୁଇ ପରିବାର ମଧରେ ସବୁବେଳେ ଶତ୍ରୁତା ଲାଗି ରହିଥିଲା। ଏ ନେଇ ଉଭୟ ପରିବାର ପକ୍ଷରୁ ପୂର୍ବରୁ ଥାନାରେ ମଧ ଅଭିଯୋଗ ହୋଇଥିଲା। ପୋଲିସ ରିପୋର୍ଟ କ୍ରମେ ଉଭୟ ପକ୍ଷଙ୍କ ମଧରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଶନିବାର ବାବୁଲୁଙ୍କୁ ବୀରମହାରାଜପୁର ଉପଖଣ୍ଡ ମାଜିଷ୍ଟ୍ରେଟ୍ ତଥା ଉପଜିଲାପାଳ ସିଆରପିସିର ୧୦୭ ଧାରାରେ ନୋଟିସ୍ କରିଥିଲେ। ଏହି ନୋଟିସ୍‌କୁ ନେଇ ସନ୍ଧ୍ୟାରେ ବାବୁଲୁ ଓ ମୁରଲୀଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତେକ୍ଷିପ୍ତ ହୋଇ ମୁରଲୀ ଘରେ ରଖିଥିବା ବନ୍ଧୁକ ଆଣି ଗାଁ ଦାଣ୍ଡରେ ବାବୁଲୁଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁଳି ବାବୁଲୁଙ୍କ ଜଙ୍ଘରେ ବାଜି ପ୍ରବଳ ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବୀରମହାରାଜପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୪୦.୪ ଡିଗ୍ରୀରେ ଭୁବନେଶ୍ୱର

**ଭୁବନେଶ୍ୱର,୬।୩(ବ୍ୟୁରୋ)**

କିଛିଦିନ ଧରି ରାଜ୍ୟରେ ପ୍ରବଳ ତାତି ଜାରି ରହିଛି। ବିଶେଷକରି ରାଜଧାନୀରେ ଅଧିକ ଗରମ ଅନୁଭୂତ ହେଉଛି। ଶନିବାର ମଧ ଭୁବନେଶ୍ୱର ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ସହରର ସର୍ବାଧିକ ୪୦.୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଏହାତଳକୁ ତାଳଚେର ୩୮.୭, ମାଲକାନଗିରି ୩୮.୫, ଅନୁଗୋଳ ୩୭.୭, ଚାନ୍ଦବାଲି ଓ କଟକ ୩୭.୫, ବଲାଙ୍ଗୀର ୩୭.୩, ଟିଟିଲାଗଡ଼, ବାରିପଦା ଓ ନୟାଗଡ଼ ୩୭, ସମ୍ବଲପୁର ୩୬.୮, ହୀରାକୁଦ ୩୬.୭, ଝାରସୁଗୁଡ଼ା ୩୬.୬, ବୌଦ୍ଧ ଓ ଭବାନିପାଟଣା ୩୬.୫, ସୁନ୍ଦରଗଡ଼ ଓ ସୋନପୁରରେ ୩୬ ଡିଗ୍ରୀ ତାପମାତ୍ରା ରହିଥିଲା। ଆସନ୍ତା ୩ରୁ ୪ଦିନ ପର୍ଯ୍ୟନ୍ତ ଏହିଭଳି ତାପମାତ୍ରା ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# ସମ୍ପତ୍ତି ଲୋଭରେ ପୁଅଙ୍କୁ ହତ୍ୟା ଉଦ୍ୟମ

**ଦିଗପହଣ୍ଡି,୬।୩(ଡି.ଏନ୍.ଏ.)**

**ଅଭିଯୁକ୍ତ ବାପାଙ୍କ ସମେତ ୩ ଦାଦା ଫେରାର**

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ସିଦ୍ଧଖଣ୍ଡି ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ସମ୍ପତ୍ତି ଲୋଭରେ ପୁଅକୁ ଶୋଇଥିବା ଅବସ୍ଥାରେ କିରୋସିନ ଢାଳି ବାପା ହତ୍ୟା ଉଦ୍ୟମ କରିଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୁଅଙ୍କ ଏତଲାକୁ ଭିତ୍ତି କରି ଦିଗପହଣ୍ଡି ପୋଲିସ ବାପାଙ୍କ ସମେତ ୩ ଜଣ ଫେରାର୍ ଦାଦାଙ୍କ ନାଁରେ ନଂ.୫୧/୨୧ରେ ମାମଲା ରୁଜୁ କରି ତଦନ୍ତ ଚାଳଇଛି।

ପ୍ରକାଶ ଯେ, ରିପନ ବିଷୋୟୀ ଛୋଟ ଥିବା ବେଳେ ମା' ଜ୍ୟୋସ୍ନାଙ୍କ ରୋଗରେ ମୃତ୍ୟୁ ଘଟିଥିଲା। ବାପା ଦ୍ୱିତୀୟ ବିବାହ କରିଥିଲେ। ସମ୍ପତ୍ତି ଲୋଭରେ ତାଙ୍କ ବାପା ଅନ୍ୟ ୩ଜଣ ଦଦାଙ୍କ ସହ ମିଶି ପୂର୍ବଯୋଜନା ପ୍ରକାରେ ଫେବ୍ରୁଆରୀ ୨୮ ରାତିରେ ରିପନ ଶୋଇଥିବା ବେଳେ ତାଙ୍କ ଉପରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ରିପନ ପାଟି କରିବାରୁ ଅନ୍ୟ ଜଣେ ଦଦାଙ୍କ ସହ ପଡ଼ୋଶୀ ଲୋକେ ପହଞ୍ଚି ଅର୍ଦ୍ଧଦଗ୍ଧ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବ୍ରହ୍ମପୁର ପରେ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ମୃତ୍ୟୁ ସହ ସଂଗ୍ରାମ କରି ଘଟଣାର ୪ ଦିନ ପରେ ରିପନ ସାମାନ୍ୟ ସୁସ୍ଥ ହେବା ପରେ ରିପୋର୍ଟ ଲେଖି ସମ୍ପର୍କୀୟଙ୍କ ଦ୍ୱାରା ଦିଗପହଣ୍ଡି ଥାନାରେ ଏତଲା ପଠାଇଥିଲେ। ପୂର୍ବରୁ ମଧ ବାପା ଦାଦାଙ୍କ ସହ ମିଶି ରିପନଙ୍କୁ ଖାଦ୍ୟରେ ବିଷ ଦେଇ ହତ୍ୟା ଉଦ୍ୟମ କରିଥିଲେ ବୋଲି ଏତଲାରେ ଉଲ୍ଲେଖ ରହିଛି। ଗିରଫ ଭୟରେ ଅଭିଯୁକ୍ତମାନେ ଫେରର୍ ଥିବା ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି।

# ସୃଜନଶୀଳତାର ଶିକ୍ଷା ଦେଇଛି ମହାମାରୀ


**ଦୁର୍ଗାପ୍ରସାଦ ରଥ,** ଓଡ଼ିଶା ଫୋର୍ଡ

- ଲକ୍‌ଡାଉନ୍ ଫଳରେ ଆମେ ଯଥାସମ୍ଭବ ସହଯୋଗ କରିବାକୁ ଚାହିଁଲୁ। କଟକସ୍ଥିତ ପ୍ରମୋଦ କନ୍‌ଭେନ୍‌ସନ୍ ଆଣ୍ଡ୍ କ୍ଲବ ରିସୋର୍ଟ, କଟକ ମହାନଗର ନିଗମ ସହିତ ସହଭାଗିତାରେ ଆମ ବିଲ୍ଡିଂକୁ ବାହାର ରାଜ୍ୟରୁ ଫେରୁଥିବା ଓଡ଼ିଆମାନଙ୍କ ପାଇଁ ଏକ କ୍ୱାରାଣ୍ଟାଇନ୍ ସେଣ୍ଟର କରିବା ଲାଗି ପ୍ରସ୍ତାବ ଦେଲୁ। ପରେ ଅଶ୍ୱିନୀ ହସ୍ପିଟାଲ ସହ ମିଶି କଟକରେ କୋଭିଡ୍-୧୯ ଚିକିତ୍ସା କରୁଥିବା ଡାକ୍ତରଙ୍କ ପାଇଁ ଏକ ସଙ୍ଗରୋଧ କେନ୍ଦ୍ରରେ ପରିଣତ କଲୁ। ଛୋଟ ହେଲେ ବି ଏହି ଭୂମିକା ଆମ ପାଇଁ ଏକ ଗୌରବ ଥିଲା। ଆମ ପାଖରେ ରହୁଥିବା କୋଭିଡ୍ ଯୋଦ୍ଧାମାନଙ୍କୁ ସେବା ଯୋଗାଇବାକୁ ଆମର ସମସ୍ତ କର୍ମଚାରୀ ଓ ସହଯୋଗୀ ଆଗେଇ ଆସିଲେ। ସୁରୁଖୁରୁରେ ସେବା ଯୋଗାଇବା ଲାଗି କର୍ମଚାରୀମାନଙ୍କୁ ୩ଟି ଦଳରେ ବିଭକ୍ତ କରାଗଲା। ପ୍ରଥମ ଦଳ ହୋଟେଲରେ ସେବା ଯୋଗାଇଦେଲେ। ଦ୍ୱିତୀୟ ଦଳ ଆଇସୋଲେଶନ୍‌ରେ ଏବଂ ତୃତୀୟ ଦଳ ସେବା ଯୋଗାଇବା ଲାଗି ପ୍ରସ୍ତୁତ ରହିଲେ। ହୋଟେଲରେ ଆମେ ବିନା ସଂକ୍ରମଣରେ ଡାକ୍ତରମାନଙ୍କୁ ସେବା ଯୋଗାଇବାରେ ସକ୍ଷମ ହେଲୁ।


- ମହାମାରୀ ଆମକୁ ଖାଦ୍ୟ ପରଷିବାରେ ମଧ ସୃଜନଶୀଳତା ଶିକ୍ଷା ଦେଲା। ପରିଷ୍କାର ପରିଚ୍ଛନ୍ନତା ସମସ୍ୟାକୁ ନେଇ ଅନେକ ଗ୍ରାହକ ଖାଦ୍ୟ ଲାଗି ଅନ୍‌ଲାଇନ୍ ଅର୍ଡର ଦେଉ ନ ଥିଲେ। ହୋମ୍ ଡେଲିଭରି ଲାଗି ଅର୍ଡର ଦେଉଥିବା ଗ୍ରାହକ ଖାଦ୍ୟ ଥଣ୍ଡା ହୋଇଯାଉଥିବାରୁ ଏବଂ ହୋଟେଲରେ ମିଳୁଥିବା ଖାଦ୍ୟଭଳି ଲାଗୁ ନ ଥିବାରୁ ନିରୁତ୍ସାହିତ ହେଉଥିଲେ। ସେମାନେ ରେଷ୍ଟୁରାଣ୍ଟର ଉପଯୁକ୍ତ ସ୍ୱାଦ ପାଇପାରୁ ନ ଥିଲେ। ଉଭୟ ଅସୁବିଧା ଦୂର ଲାଗି ଆମେ ଏକ ନୂଆ ସେବା ଆରମ୍ଭ କଲୁ ଯାହାର ନାଁ ଥିଲା 'ଫ୍ରେଶ୍ ବକ୍ସ'। ଏଥିରେ ଆମର ଲୋକପ୍ରିୟ ଆଇଟମ୍‌ଗୁଡ଼ିକୁ ପ୍ୟାକ୍ କରି ଗ୍ରାହକଙ୍କ ପାଖରେ ଅତି ସ୍ୱଚ୍ଛ ଓ ସୁରକ୍ଷିତ ଭାବେ ଇଜି-ଟୁ-କୁକ୍ ଫର୍ମାଟରେ ପହଞ୍ଚାଯାଉଥିଲା। ଗ୍ରାହକମାନେ ଗୋଟିଏ ଫ୍ରେଶ୍ ବକ୍ସ ଅର୍ଡର କରି ସେଥିରେ ଥିବା ଖାଦ୍ୟକୁ ଗରମ କରି ସେମାନେ ଚାହୁଁଥିବା ଖାଦ୍ୟକୁ ଘରର ସୁରକ୍ଷିତ ପରିବେଶ ମଧରେ ଖାଇ ପାରୁଥିଲେ। ଏହି କନ୍‌ସେପ୍ଟ ତୁରନ୍ତ ଲୋକପ୍ରିୟ ହେଲା। ଲକ୍‌ଡାଉନ୍ ସମୟରେ ଗ୍ରାହକଙ୍କ ସହ ଯୋଡ଼ିହେବା ପାଇଁ ଏହା ବେଶ୍ ଉପଯୋଗୀ ସାବ୍ୟସ୍ତ ହେଲା।

- ଭବିଷ୍ୟତକୁ ସ୍ପଷ୍ଟ ଭାବରେ ଦେଖି ନିଜ କାର୍ଯ୍ୟ ଉପରେ ନିୟନ୍ତ୍ରଣ ରଖିପାରିଲେ ଯାଇ କୌଣସି ବ୍ୟବସାୟରେ ଆଶାନୁରୂପ ସଫଳତା ମିଳିଥାଏ। କିନ୍ତୁ କୋଭିଡ୍-୧୯ ଏକ ଅପ୍ରତ୍ୟାଶିତ ଚ୍ୟାଲେଞ୍ଜ ଥିଲା। ୨୦୨୦ ମାର୍ଚ୍ଚରେ କରୋନା ଲକ୍‌ଡାଉନ୍ ଘୋଷଣା ପରେ ସମସ୍ତେ ଅନିଶ୍ଚିତତା ଦେଇ ଗତି କରିଥିଲେ। ଲକ୍‌ଡାଉନ୍ କେତେଦିନ ଲାଗିରହିବ ତାହା କାହାକୁ ଜଣା ନ ଥିଲା। ମେ' ମାସରେ ଲକ୍‌ଡାଉନ୍ ଶେଷ ହୋଇଥିଲା। ତେବେ ଅଗଷ୍ଟ ଶେଷ ଆଡ଼କୁ ହିଁ କଡ଼ା କଟକଣା ମଧରେ ହୋଟେଲ ଖୋଲିବାକୁ ଅନୁମତି ମିଳିଥିଲା। ରେଷ୍ଟୁରାଣ୍ଟରେ ଅକ୍ଟୋବର ପର୍ଯ୍ୟନ୍ତ ଖାଦ୍ୟ ଖାଇବା ଲାଗି ଅନୁମତି ନ ଥିଲା। ସାମାଜିକ ଉତ୍ସବ ଅବସରରେ ଭୋଜି ଆୟୋଜନ ଉପରେ ଜାରି କଟକଣା ଏଯାଏ ହଟିନାହିଁ।

- ହସ୍ପିଟାଲିଟି ଶିଳ୍ପ ପୁଞ୍ଜି ପ୍ରତି ଅତି ମାତ୍ରାରେ ସମ୍ବେଦନଶୀଳ। ଏଠାରେ ପ୍ରମୋଟରମାନେ ଧନ ବଢ଼ାଇବା ଲାଗି ଏଥିରେ ପ୍ରଚୁର ଟଙ୍କା ନିବେଶ କରିଥାନ୍ତି। କର୍ମଚାରୀଙ୍କ ଦରମା, ବ୍ୟାଙ୍କ ଋଣର କିସ୍ତି ଏବଂ ଭଡ଼ା ଇତ୍ୟାଦି ନୈମିତ୍ତିକ ଖର୍ଚ୍ଚ ହେଉଛି ହୋଟେଲର ମୋଟ ଖର୍ଚ୍ଚର ପ୍ରାୟ ୬୦%। ଏଥିଯୋଗୁ ବ୍ରେକ୍ ଇଭିନ୍ ପଏଣ୍ଟ ଅତି ଉଚ୍ଚା। ତେଣୁ ପରିଚାଳନା ଖର୍ଚ୍ଚ ଉଠାଇବାକୁ ହେଲେ ଆମ ଭଳି ହୋଟେଲରେ ଅତି କମ୍‌ରେ ୫୦% ବୁକିଂ ପୂରଣ ହେବା ଦରକାର। ଅର୍ଥ ଆଗମନ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲେ ମାସେ ପରେ ଖର୍ଚ୍ଚ ଉଠାଇବା ଅସମ୍ଭବ।

- ଶେଷରେ କରୋନା ମହାମାରୀ ଆମ ସେବା କ୍ଷେତ୍ରରେ ଏକ ସ୍ଥାୟୀ ପରିବର୍ତ୍ତନ ଆଣିଲା। କୋଭିଡ୍ କଟକଣା ମଧରେ ସେବା ଚାହିଦାକୁ ପୂରଣ କରିବା ଲାଗି ଆମ ବିଭିନ୍ନ ବିଭାଗର କର୍ମଚାରୀମାନେ ଅନେକ ପ୍ରକାର କୌଶଳ ହାସଲ କଲେ। କୋଭିଡ୍-୧୯ ଦ୍ୱାରା ସୃଷ୍ଟି ହୋଇଥିବା ଅନିଶ୍ଚିତତା ମଧରେ ପ୍ରତି ବିଭାଗରେ ବିଶେଷ ଦକ୍ଷତା ହାସଲ କରିବା ସହଜ ନୁହେଁ। ନିଜ ଦକ୍ଷତାକୁ ଜାଣିବା ତଥା ଗ୍ରାହକ ଓ କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟି ଦେଇ ମୂଲ୍ୟଭିତ୍ତିକ ସେବା ଯୋଗାଇବା ପାଇଁ ମହାମାରୀ ଆମକୁ ସୁଯୋଗ ଦେଇଛି। ଆଗାମୀ ଦିନରେ କୋଭିଡ୍ ପୂର୍ବ ଭଳି ଚାହିଦା ଆଶା କରୁଛୁ। ଟିକା ଆସିବା ଫଳରେ ଗ୍ରାହକଙ୍କ ମଧରେ ବିଶ୍ୱାସ ସୃଷ୍ଟି ହୋଇଛି।

# ଟ୍ରାକ୍‌କୁ ଫେରୁଛି ଯାନ ଉଦ୍ୟୋଗ



**ମହାମାରୀ କରୋନା ପ୍ରତ୍ୟେକ ଅର୍ଥନୈତିକ କାର୍ଯ୍ୟକଳାପକୁ ଠପ୍ କରି ସମସ୍ତ କ୍ଷେତ୍ରର କ୍ଷତି ସାଧନ କରିଥିଲା। ଏପରି ସଙ୍କଟ ସମୟରେ ଯାନବାହନ ଉଦ୍ୟୋଗର ଭବିଷ୍ୟତ ସମ୍ପର୍କରେ ଧରିତ୍ରୀ ସହ ଆଲୋଚନା କରିଛନ୍ତି ରୋହନ ଅଟୋରାଇଡର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ସିଇଓ ରାଜୀବ ଦୁବେ।**

**➥ଲକ୍‌ଡାଉନ୍ ପରେ ଆପଣ ବିକ୍ରିରେ ଅଭିବୃଦ୍ଧି ଲକ୍ଷ୍ୟ କରିଛନ୍ତି କି?**

ହିରୋ ମୋଟୋକର୍ପ ଏହି ମହାମାରୀକୁ ଏକ ସୁଯୋଗ ଭାବେ ଗ୍ରହଣ କରି ଅଧିକ ଶକ୍ତିଶାଳୀ ହୋଇ ଲେଉଟିଛି। ଆମେ ଭାରି ଯାନର ପଞ୍ଜୀକରଣରେ ବୃଦ୍ଧି ଲକ୍ଷ୍ୟ କଲୁ, ଯାହା ସୂଚାଇଛି ଯେ ଅର୍ଥନୀତି ଟ୍ରାକ୍‌ରେ ରହିଛି। ଦୁଇଚକିଆ ଯାନର ପଞ୍ଜୀକରଣରେ ମଧ ବର୍ଷକୁ ବର୍ଷ ୧୫ ପ୍ରତିଶତ ଅଭିବୃଦ୍ଧି ଲକ୍ଷ୍ୟ କରାଯାଇଛି। ତେଣୁ ଏହି ଉଦ୍ୟୋଗ ବେଶ୍ ଦ୍ରୁତ ଗତିରେ ପୂର୍ବସ୍ଥିତିକୁ ଫେରିଆସିପାରିବ ବୋଲି ଆଶା କରାଯାଏ। ହିରୋ ମୋଟୋକର୍ପ ୧୫-୧୬ ପ୍ରତିଶତ ଅଭିବୃଦ୍ଧି ହାସଲ କରିଥିବା ବେଳେ ଓଡ଼ିଶାର ମଧ ସମାନ ଧାରାରେ ବଜାୟ ରହିଛି।

**➥ମହାମାରୀ ବେଳେ ଭୁବନେଶ୍ୱରରେ ଦୁଇଚକିଆ ଯାନ କିଣିବାର ଟ୍ରେଣ୍ଡ କ'ଣ ରହିଥିଲା?**

ଭୁବନେଶ୍ୱର ଏକ ସହରୀ ବଜାର, ଯାହାର ଚାହିଦା ଖୁବ୍ ଅଧିକ। କରୋନା ଯୋଗୁ ଦୁଇଚକିଆ ଯାନ ବଜାର ଗମ୍ଭୀର ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ତେବେ ସହରରେ ସଂକ୍ରମଣ ପୂର୍ବରୁ ବିକ୍ରି ଯାହା ଥିଲା ମହାମାରୀ ପରେ ତା'ର ୬୦-୭୦% ବିକ୍ରି ସ୍ତରକୁ ଛୁଇଁଥିବା ଲକ୍ଷ୍ୟ କରାଯାଇଛି।

**➥ଭାରତରେ ବୈଦ୍ୟୁତିକ ଯାନର ଭବିଷ୍ୟତକୁ କିପରି ଦେଖନ୍ତି?**

ଯାନବାହନ ଉଦ୍ୟୋଗ ବୈଦ୍ୟୁତିକ ଯାନକୁ ନେଇ ବେଶ୍ ସଚେତନ। କିନ୍ତୁ ଏହାର ସମ୍ପୂର୍ଣ୍ଣ ଭିତ୍ତିଭୂମି ପ୍ରସ୍ତୁତି ଲାଗି ଆଉ ପ୍ରାୟ ୧୫ ବର୍ଷ ଲାଗିଯିବ। ଚାର୍ଜିଂ ସେଣ୍ଟର ପ୍ରତିଷ୍ଠା ଭଳି ଭିତ୍ତିଭୂମି ନ ରହିଲେ ବୈଦ୍ୟୁତିକ ଗାଡ଼ିର ଚାହିଦା ବଢ଼ି ନ ପାରେ। ଓଡ଼ିଶା ସରକାର ଏଦିଗରେ ସଚେତନ ହୋଇ ବୈଦ୍ୟୁତିକ ଯାନ ଉଦ୍ୟୋଗ ପ୍ରତିଷ୍ଠା ଲାଗି ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ନିକଟ ଭବିଷ୍ୟତରେ ରାଜ୍ୟରେ ତିନୋଟି ବୈଦ୍ୟୁତିକ ଯାନ ଉଦ୍ୟୋଗ ପ୍ରତିଷ୍ଠା ହେବାକୁ ଯାଉଛି।

**➥ଦୁଇଚକିଆ ଯାନର ଟିକସ ବ୍ୟବସ୍ଥାକୁ କିପରି ଦେଖନ୍ତି?**

ଦୁଇଚକିଆ ଯାନର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପ୍ରାୟ ୨୮%। ସମସ୍ତ ଷ୍ଟେକ୍‌ହୋଲ୍‌ଡରଙ୍କ ଲାଭ ପାଇଁ ଏଥିରେ ହ୍ରାସ କରାଯିବା ଜରୁରୀ। ଏବେ ଦୁଇଚକିଆ ଯାନ ସମସ୍ତଙ୍କ ପାଇଁ ଜରୁରୀ ହୋଇପଡ଼ିଥିବାରୁ ଜିଏସ୍‌ଟି ମଧ କମାଯିବା ଦରକାର।

**➥ବିଏସ୍-୬ ଲାଗୁହେବା ପରେ କମ୍ପାନୀଗୁଡିକ କିଭଳି ସମସ୍ୟାର ସମ୍ମୁଖୀନ ହୋଇଥିଲେ?**

ବିଏସ୍-୬ ଆମ ପାଇଁ ଏକ ବଡ଼ ଆହ୍ୱାନ ଥିଲା। ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ଗାଡ଼ିର ପଞ୍ଜୀକରଣ ପାଇଁ ସରକାର ସର୍ତ୍ତ ରଖିଥିଲେ। ଆର୍‌ଟିଓ ଉପରେ ଏହା ଏକ ବଡ଼ ଚାପ ହୋଇଯାଇଥିଲା। ମାତ୍ରାଧିକ ସଂଖ୍ୟାରେ ପଞ୍ଜୀକରଣ ହେବାରୁ ପୋର୍ଟାଲ କ୍ରାସ୍ ହୋଇଗଲା। ଧାର୍ଯ୍ୟ ତାରିଖରେ କାର୍ଯ୍ୟ ଶେଷ କରିବା ଏବଂ ପଞ୍ଜୀକରଣ ସଂକ୍ରାନ୍ତରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମାନିବା ସହଜ ନ ଥିଲା। ବିଏସ୍-୪ରୁ ୬ ପର୍ଯ୍ୟନ୍ତ ପରିବର୍ତ୍ତନ ଖୁବ୍ କଷ୍ଟକର ଥିଲା। ତେବେ ହିରୋର ବିଏସ୍-୬ ଗାଡ଼ିଗୁଡ଼ିକ ଆଦୃତ ହୋଇପାରିବାରୁ ଆମେ ଭଲ ଆୟ କରିପାରିଲୁ। ବିଏସ୍-୬ ମଡେଲର ମୂଲ୍ୟ ୧୫% ଅଧିକ ହୋଇଥିବାରୁ କ୍ରେତା ଚାପରେ ଥିଲେ। ଅବଶ୍ୟ ବଜାର ଏହାକୁ ଗ୍ରହଣ କରି ସାରିଲାଣି।

**➥ସରକାରଙ୍କୁ କୌଣସି ପରାମର୍ଶ?**

ଦୁଇଚକିଆ ଯାନ ଉପରେ ଜିଏସ୍‌ଟି ହ୍ରାସ କରାଯାଉ। ଇନ୍ସ୍ୟୁରାନ୍ସ ପ୍ରିମିୟମ ଉପରେ ମଧ ସରକାର ଧ୍ୟାନ ଦେବା ଉଚିତ। ବୈଦ୍ୟୁତିକ ବାହନକୁ ପ୍ରୋତ୍ସାହନ ଦେବା ସହ ଏହାର ଭିତ୍ତିଭୂମି ଉନ୍ନତ କରିବା ପ୍ରତି ସରକାର ଯତ୍ନଶୀଳ ହୁଅନ୍ତୁ।

# ରାସ୍ତା ମଝିରେ ହତ୍ୟା

**ରାଜଧାନୀ ରାସ୍ତାରେ ଦିନ ଦ୍ୱିପ୍ରହରରେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଶନିବାର ଘଟିଛି ଏକ ହତ୍ୟାକାଣ୍ଡ। ଏକ ପିକ୍‌ଅପ୍ ଭ୍ୟାନ୍ ଭିତରେ ଟୁକୁନା ଦାସ ଓରଫ ଜଟିଆଙ୍କୁ ଭୁଜାଲିରେ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି ଦୁଇ ଭାଇ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଥିଲେ ମଧ ପୋଲିସ ପ୍ରକୃତ କାରଣ ଖୋଜିବାରେ ଲାଗିପଡ଼ିଛି। ଅପରପକ୍ଷେ ପୋଲିସ ନୁହେଁ, ଆମେ ଅଭିଯୁକ୍ତଙ୍କୁ ଦଣ୍ଡ ଦେବୁ ବୋଲି ଆଗକୁ ଚାଲିଆସିଛନ୍ତି କିଛି ସାଧାରଣ ଲୋକ। ଅଭିଯୁକ୍ତ ଦ୍ୱୟଙ୍କୁ ପୋଲିସ କବଳରୁ ଟାଣି ଆଣି ନିର୍ଦ୍ଧୂମ ଛେଚିଛନ୍ତି। ସେମାନେ ଭୁଲି ଯାଇଥିଲେ ଯେ, ଆଇନକୁ ହାତକୁ ନେବା ଠିକ୍ ନୁହେଁ ବୋଲି। ଏବେ ପୋଲିସ ଏହି ଘଟଣାରେ ତିନୋଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।**



ପିକ୍‌ଅପ୍ ଭ୍ୟାନ୍ ଭିତରେ ଟୁକୁନାଙ୍କ ମୃତଦେହ ପଡ଼ି ରହିଛି।



ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣର ଶିକାର ହୋଇ ଆହତ ହୋଇଥିବା ଦୁଇ ଅଭିଯୁକ୍ତଙ୍କ ଚିକିତ୍ସା ପରେ ପୋଲିସ ନେଉଛି।

## ଏମାନଙ୍କୁ ଆମେ ଦଣ୍ଡ ଦେବୁ

ଭୁବନେଶ୍ୱର,୬।୩(ବ୍ୟୁରୋ)

ଅପରାଧୀ ଓ ଅପରାଧର ଚରାଭୂଇଁ ପାଲଟିଛି ରାଜଧାନୀ। ଦିନକୁ ଦିନ ହତ୍ୟା ଓ ଅନ୍ୟାନ୍ୟ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଅପରାଧୀଙ୍କୁ ପୋଲିସର ଭୟ ଥିବା ଭଳି ମନେ ହେଉନାହିଁ। ସର୍ବ ସମ୍ମୁଖରେ ଦିବାଲୋକରେ ଘଟାଉଛନ୍ତି ଅପରାଧ। ଅତିଷ୍ଠ ସହରବାସୀଙ୍କ ମନରେ କ୍ରୋଧର ନିଆଁ ଜଳିବାରେ ଲାଗିଛି, ଯେଉଁଥିପାଇଁ କେତେକ ଲୋକ ଆଇନକୁ ହାତକୁ ନେବାକୁ ମଧ ପଛାଉନାହାନ୍ତି, ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଶନିବାର ନୟାପଲ୍ଲୀ ଥାନା ଅଞ୍ଚଳରେ ଘଟିଥିବା ହତ୍ୟାକାଣ୍ଡରେ। ହତ୍ୟାକାରୀ ଅଭିଯୁକ୍ତଦ୍ୱୟ ପୋଲିସ ପିସିଆର ଭ୍ୟାନ୍‌ରେ ବସିଥିଲେ ମଧ ସ୍ଥାନୀୟ ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ହତ୍ୟାକାରୀଙ୍କୁ ଏମିତି ନୁହେଁ, ଏମାନଙ୍କୁ ଆମେ ଦଣ୍ଡ ଦେବୁ ବୋଲି କହି ପୋଲିସ ଭ୍ୟାନ୍ କାଚ ଭାଙ୍ଗି ଅଭିଯୁକ୍ତଦ୍ୱୟଙ୍କୁ ଗାଡ଼ିରୁ ବାହାରକୁ ଟାଣି ଆଣିଥିଲେ। ଏହାପରେ ଲୋକଙ୍କ ମନରେ ଥିବା ସମସ୍ତ ଆକ୍ରୋଶ ବାହାରକୁ ଆସିଥିଲା। ଅଭିଯୁକ୍ତଦ୍ୱୟଙ୍କୁ ରାସ୍ତାରେ ଗୋଡ଼େଇ ଗୋଡ଼େଇ ନିର୍ଦ୍ଧୂମ ଛେଚିଥିଲେ। ପ୍ଲାଷ୍ଟିକ ପାଇପରେ ବାଡ଼େଇ ଅଭିଯୁକ୍ତଙ୍କୁ ଲହୁ ଲୁହାଣ କରିଥିବା ଦେଖିବାକୁ ମିଳିଥିଲା।



ଆକ୍ରମଣକାରୀଙ୍କୁ ଉତ୍ତ୍ୟକ୍ତ ଲୋକେ ମାଡ଼ ମାରୁଛନ୍ତି।

## ପ୍ରତ୍ୟକ୍ଷଦର୍ଶୀଙ୍କ ଆଖିରେ ହତ୍ୟା ଦୃଶ୍ୟ

କିଛି ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ପୂର୍ବାହ୍ନ ୧୧ଟା ୩୦ ସମୟରେ ଏକ ପିକ୍‌ଅପ୍ ଗାଡ଼ି ଛକ ନିକଟରେ ଆସି ରହିଥିଲା। ଗାଡ଼ି ଆଗ ସିଟ୍‌ରେ ବସିଥିବା ତିନିଜଣଙ୍କ ମଧ୍ୟରେ ଟଣାଓଟରା ଲାଗିଥିଲା। କିଛି ସମୟ ମଧ୍ୟରେ ଦୁଇଜଣ ଯୁବକ ତୃତୀୟ ଯୁବକଙ୍କୁ ଭୁଜାଲିରେ ହାଣିଥିଲେ। ଜଣେ ଯୁବକଙ୍କ ହାତକୁ ମାଡ଼ି ବସିଥିବାବେଳେ ଅନ୍ୟଜଣେ ତାଙ୍କୁ ହାଣି ଚାଲିଥିଲେ। ଆକ୍ରମଣର ଶିକାର ହୋଇଥିବା ଯୁବକଙ୍କ ବେକ କଟିଯାଇ ଦେହ ସାରା ରକ୍ତରେ ଭିଜି ଯାଇଥିଲା। ଏମିତିକି ଗାଡି ବାହାରକୁ ରକ୍ତର ଧାର ଗଡ଼ିଥିଲା। ପରେ ଆକ୍ରମଣକାରୀ ଦୁଇଜଣ ବାହାରକୁ ଆସି ପାଣି ପିଇଥିଲେ। ଏହି ଘଟଣା ଆଖି ସାମ୍ନାରେ ଦେଖି ଲୋମ ଟାଙ୍କୁରି ଉଠିଥିଲା। ସେଠାରେ ଉପସ୍ଥିତ ଲୋକମାନେ ଦଉଡିଯାଇ ଆକ୍ରମଣକାରୀଙ୍କୁ ଧରିଥିଲେ। ଭୟରେ ପିକଅପ୍ ଗାଡ଼ି ପାଖକୁ ଯାଇ ଦେଖିବାରୁ ଗାଡି ସିଟ୍‌ରେ ଜଣେ ଯୁବକ ମରିପଡ଼ିଥିଲେ।

## ଟୋଲ୍-ଫ୍ରି ନମ୍ବରରେ ଜଣାଇଲେ ବୃଦ୍ଧା

ରାସ୍ତା ମଝିରେ ସର୍ବସମ୍ମୁଖରେ ହତ୍ୟାକାଣ୍ଡ ଦେଖି ଘଟଣାସ୍ଥଳରେ ଉପସ୍ଥିତ ଥିବା ଲୋକେ ଏକ ପ୍ରକାର ହତବାକ୍ ହୋଇଯାଇଥିଲେ। ଯୁବକଙ୍କୁ ଭୁଜାଲିରେ ଆକ୍ରମଣ କରି ଗାଡ଼ି ଛାଡ଼ି ପଳାଇବାକୁ ଉଦ୍ୟମ କରୁଥିଲେ ଆକ୍ରମଣକାରୀଦ୍ୱୟ। ହେଲେ ଲୋକେ ସେମାନଙ୍କୁ କାବୁ କରିଥିଲେ। ଏହି ସମୟରେ ଲୋକେ ଏକାଠି ହୋଇ ପାଟି ତୁଣ୍ଡ ହେବାରୁ ପାଖରେ ଥିବା ଏକ ଘରେ ରହୁଥିବା ଜଣେ ବୃଦ୍ଧା ଟୋଲ୍-ଫ୍ରି ନମ୍ବରରେ କଲ୍ କରି ପୋଲିସକୁ ସୂଚନା ଦେଇଥିଲେ। ପରେ ନୟାପଲ୍ଲୀ ଥାନା ପିସିଆର ଭ୍ୟାନ୍ ଘଟଣା ସ୍ଥଳରେ ପହଞ୍ଚିଥିଲା।

### ପିସିଆର୍ ଭ୍ୟାନ୍ ଭାଙ୍ଗିଲେ, ଚାବି ନେଇଗଲେ

ଯୁବକଙ୍କୁ ଭୁଜାଲିରେ ଆକ୍ରମଣ କରିବା ପରେ ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ଅଭିଯୁକ୍ତଦ୍ୱୟ। ପୋଲିସ ଭ୍ୟାନ୍ ପଛ ଡୋର୍ କାଚ ଭାଙ୍ଗି ଆକ୍ରମଣକାରୀଙ୍କୁ ସ୍ଥାନୀୟ ଲୋକେ ଗାଡ଼ି ବାହାରକୁ ଟାଣି ଆଣିଥିଲେ। ପୋଲିସ ସାମ୍ନାରେ ଲୋକେ ସେମାନଙ୍କୁ ନିର୍ଦ୍ଧୂମ ଛେଚିଥିଲେ। ଏହି ସମୟରେ ପିସିଆର ଚାବି ମଧ କେଉଁଆଡ଼େ ହଜିଯାଇଥିଲା। ଥାନାରୁ ଅନ୍ୟଚାବି ଆଣି ଖୋଲିବାକୁ ଚେଷ୍ଟା କରାଯାଇଥିଲେ ମଧ ଖୋଲି ନ ଥିଲା। ଶେଷରେ ପୋଲିସ ଗାଡ଼ି ଥାନାକୁ ଟଣା ହୋଇଯାଇଥିଲା।

### ୩ ମାମଲା ରୁଜୁ କଲା ପୋଲିସ

ପୋଲିସ ପକ୍ଷରୁ ହତ୍ୟା ଘଟଣାକୁ ନେଇ ତିନୋଟି ମାମଲା ରୁଜୁ କରାଯାଇଛି। ମୃତ ଟୁକୁନା ଅଭିଯୁକ୍ତ ଦୁଇଭାଇଙ୍କୁ ପ୍ରଥମେ ଆକ୍ରମଣ କରିଥିବାରୁ ତାଙ୍କ ନାଁରେ ଏକ ମାମଲା ରୁଜୁ କରିଛି କମିଶନରେଟ୍ ପୋଲିସ। ଟୁକୁନାଙ୍କୁ ହତ୍ୟା କରିଥିବାରୁ ଅଭିଯୁକ୍ତ ଦୁଇ ଭାଇଙ୍କ ନାମରେ ଏକ ହତ୍ୟା ମାମଲା ଏବଂ ଆଇନକୁ ହତକୁ ନେଇ ପିସିଆର ଭ୍ୟାନ୍ ଭଙ୍ଗାରୁଜା କରିବା ସହ ଅଭିଯୁକ୍ତଙ୍କୁ ମାଡ଼ମାରିଥିବା ଲୋକଙ୍କ ଉପରେ ଆଉ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ପୋଲିସ।

### ରାସ୍ତା ପାର୍ଶ୍ୱରେ ଲାଗିଥିବା ସିସିଟିଭି ଫୁଟେଜ୍ ଜବତ କଲା ପୋଲିସ

ହତ୍ୟାକାଣ୍ଡ ଘଟଣାସ୍ଥଳ ରାସ୍ତା ପାର୍ଶ୍ୱରେ ଲାଗିଛି ସିସିଟିଭି କ୍ୟାମେରା। ଏଥିରେ ପୂରା ଘଟଣା କଏଦ ହୋଇ ରହିଥିବାବେଳେ ପୋଲିସ ଏହି ଫୁଟେଜକୁ ଜବତ କରି ଯାଞ୍ଚ କରୁଛି। ଏଥିସହିତ ଅନ୍ୟ ଦିଗରୁ ଯାଞ୍ଚପାଇଁ ସ୍ଥାନୀୟ ଦୋକାନ ଓ ଘରେ ଲାଗିଥିବା ସିସିଟିଭି ଫୁଟେଜକୁ ମଧ ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି।

### ଘଟଣା ସ୍ଥଳରୁ ଚପଲ, ଭୁଜାଲି, ରକ୍ତ ନମୁନା ନେଲା ସାଇଣ୍ଟିଫିକ୍ ଟିମ୍

ହତ୍ୟାକାଣ୍ଡ ପରେ କମିଶନରେଟ୍ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଘଟଣାସ୍ଥଳରେ ପହଞ୍ଚି ଥିଲା ସାଇଣ୍ଟିଫିକ୍ ଟିମ୍। ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପଡ଼ିଥିବା ଅଭିଯୁକ୍ତଙ୍କ ଚପଲ, ଭୁଜାଲି ଓ ବିଭିନ୍ନ ସ୍ଥାନରେ ଲାଗିଥିବା ରକ୍ତ ନମୁନା ସଂଗ୍ରହ ଯାଞ୍ଚ ପାଇଁ ଲାବ୍‌କୁ ପଠାଇଥିଲା। ଭୁଜାଲିରେ କାହା କାହା ଫିଙ୍ଗରପ୍ରିଣ୍ଟ ରହିଛି ତାହା ଜଣାପଡ଼ିବା ପରେ ପୋଲିସକୁ ତଦନ୍ତରେ ସହଜ ହେବ।

### ମୃତ ଟୁକୁନାଙ୍କ ନାଁରେ ପୂର୍ବରୁ ୨ମାମଲା, ଏବେ ଆଉ ଏକ

ମୃତ ଟୁକୁନାଙ୍କ ନାଁରେ ପୂର୍ବରୁ ନୟାପଲ୍ଲୀ ଥାନାରେ ମାରପିଟ୍ ଘଟଣାରେ ୨ଟି ମାମଲା ରହିଛି। ଏହି ମାମଲାରେ ସେ ଜାମିନରେ ଆସିଥିବାବେଳେ କିଛିଦିନ ତଳେ ନୟାପଲ୍ଲୀ ଥାନାରେ ହାଜିରା ପକାଇଥିଲେ। ଏବେ ମୃତ୍ୟୁ ପୂର୍ବରୁ ହତ୍ୟା ଉଦ୍ୟମ କରିଥିବା ନେଇ ତାଙ୍କ ବିରୋଧରେ ଆଉ ଏକ ମାମଲା ରୁଜୁ କରିଛି ପୋଲିସ।



ପିକ୍‌ଅପ୍ ଭ୍ୟାନ୍‌କୁ ପୋଲିସ ଟୋଚୋନ ଲଗାଇ ନେଉଛି।



ଉତ୍ତ୍ୟକ୍ତ ଲୋକଙ୍କ ଦ୍ୱାରା ଭାଙ୍ଗିରୁଜି ଯାଇଥିବା ପିସିଆର ଭ୍ୟାନ୍।



ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଭ୍ୟାନ୍‌ରେ ନିଆଯାଉଛି।

## ସମ୍ପର୍କୀୟଙ୍କ ଭିନ୍ନମତ

ରାଜଧାନୀର ନୟାପଲ୍ଲୀ ଅଞ୍ଚଳରେ ଦିନଦ୍ୱିପ୍ରହରରେ ଯୁବକଙ୍କୁ ହତ୍ୟା ଘଟଣାର କାରଣ ସମ୍ପର୍କରେ ମୃତକ ଓ ଅଭିଯୁକ୍ତଙ୍କ ସମ୍ପର୍କୀୟମାନେ ଭିନ୍ନ ମତ ପ୍ରକାଶ କରିଛନ୍ତି। ମୃତକ ଟୁକୁନା ଦାସ ଓରଫ ଜଟିଆଙ୍କ ସମ୍ପର୍କୀୟଙ୍କ କହିବା ଅନୁସାରେ, ଅଭିଯୁକ୍ତ ୨ଭାଇଙ୍କ ଗୋଟିଏ ପିକ୍‌ଅପ୍ ଭ୍ୟାନ ରହିଛି। ସେହି ଗାଡ଼ିକୁ ସେମାନେ ଟୁକୁନାଙ୍କ ଘର ସାମ୍‌ନାରେ କିଛି ଦିନ ଧରି ରଖି ଆସୁଥିଲେ, ଯାହାକୁ ଟୁକୁନା ବାରଣ କରୁଥିଲେ। ଏନେଇ ବାରମ୍ବାର ପାଟିତୁଣ୍ଡ ହୋଇଆସୁଥିଲା। ଏହି ବିବାଦକୁ କେନ୍ଦ୍ରକରି ଶନିବାର ଟୁକୁନା ମଇଳା ଟାଙ୍କି ନିକଟସ୍ଥ ସନ୍ତୋଷୀ ମନ୍ଦିର ନିକଟରେ ବସିଥିବାବେଳେ ୨ଅଭିଯୁକ୍ତ ଭାଇ ତାଙ୍କୁ ନିଜ ପିକ୍‌ଅପ୍ ଗାଡ଼ିରେ ଉଠାଇ ନେଇଥିଲେ। ସେଠାରୁ ନେଇ ଗାଡ଼ି ଭିତରେ ଧାରୁଆ ଅସ୍ତ୍ରରେ ହତ୍ୟା କରିଥିଲେ। ଅନ୍ୟପଟେ ଅଭିଯୁକ୍ତଙ୍କ ଦାଦା କହିଛନ୍ତି, ହତ୍ୟାର କାରଣ ଦାଦାବଟି। ମୃତକ ଟୁକୁନା ନିୟମିତ ନିଶା ସେବନ କରିବା ସହ ଫୁଟ୍ ପାଥରେ ଶୋଇଥାନ୍ତି। ପାଉଡର ଖାଇବା ପାଇଁ ଟୁକୁନା ଆମ ପୁତୁରାଙ୍କୁ ନିକଟରେ ୫୦ହଜାର ଟଙ୍କା ବଟି ମାଗିଥିଲେ। ଅନ୍ୟମାନଙ୍କୁ ମଧ ସେ ବଟି ମାଗିବାର ନଜିର ରହିଛି।

## ଭୁବନେଶ୍ୱରରେ ଜମ୍ମୁ କଶ୍ମୀର ପର୍ଯ୍ୟଟନ ବିଭାଗର ରୋଡ୍ ଶୋ’

ଭୁବନେଶ୍ୱର,୬।୩ (ବ୍ୟୁରୋ)

### ଓଡ଼ିଶା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଯୋଜନା

ଜମ୍ମୁ ଓ କଶ୍ମୀର ପର୍ଯ୍ୟଟନ ବିଭାଗ ପକ୍ଷରୁ ବସନ୍ତ ଓ ଗ୍ରୀଷ୍ମରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଦେଶର ବିଭିନ୍ନ ପ୍ରମୁଖ ସହରରେ ରୋଡ଼ ଶୋ ଅଭିଯାନ ଆରମ୍ଭ କରିଛି। ଓଡ଼ିଶାର ପର୍ଯ୍ୟଟକଙ୍କୁ ଲକ୍ଷ୍ୟ ରଖି ଭୁବନେଶ୍ୱରଠାରେ ମଧ ଏଭଳି ଶୋ’ର ଆୟୋଜନ କରିଛି। ଶନିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଜମ୍ମୁ କଶ୍ମୀର ପର୍ଯ୍ୟନ ବିଭାଗ, ହାଉସ୍ ବୋଟ ମାଲିକ ସଂଘ ତଥା ଜମ୍ମୁ ଓ କଶ୍ମୀର (ପ୍ରସାରଣ)ର ଉପନିର୍ଦ୍ଦେଶକ ଇଦିଲ୍ ସଲିମ୍, ଉପମହାପ୍ରବନ୍ଧକ ଅଶ୍ୱିନୀ ଗୁପ୍ତା, ହାଉସ୍ ବୋଟ ମାଲିକ ସଂଘ ଅଧ୍ୟକ୍ଷ ମି. ହମିଦ୍ ୱଗନୁ ପ୍ରମୁଖ ରୋଡ୍ ଶୋ’ର ପ୍ରତିନିଧିତ୍ୱ କରୁଛନ୍ତି।

ବିଶ୍ୱ ପର୍ଯ୍ୟଟନ ଦିବସଠାରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଜମ୍ମୁ ଓ କଶ୍ମୀର ନିଜର ନୈସର୍ଗିକ ଶୋଭାକୁ ଉପଭୋଗ ପାଇଁ ଓଡ଼ିଶାର ଲୋକଙ୍କୁ ସ୍ୱାଗତ କରିବାକୁ ପ୍ରସ୍ତୁତ ରହିଛି। ପର୍ଯ୍ୟଟକମାନେ ଗୁଲମାର୍ଗ, ଶ୍ରୀନଗର, ପାଲଗାମ୍, ପାଟନୀଟପ୍, ନାଥା ଟପ୍, ସନ୍‌ମାର୍ଗ ଏବଂ ଦୁଧ୍‌ପଥ୍ରୀ ପରି ଅନେକ ସ୍ଥାନ ଭ୍ରମଣର ସୁଯୋଗ ନେଇପାରିବେ। ଗୁଲମାର୍ଗ ଖେଲୋ ଇଣ୍ଡିଆର ଦ୍ୱିତୀୟ ସଂସ୍କରଣକୁ ଆୟୋଜିତ କରିଛି ବୋଲି ଇଦିଲ୍ ସଲିମ୍ ସୂଚନା ଦେଇଛନ୍ତି। ପୂର୍ବରୁ ଗୁଜରାଟର ଅହମ୍ମଦାବାଦଠାରେ ଏପରି ରୋଡ୍ ଶୋ ଆୟୋଜିତ ହୋଇଥିଲା। ଆଗକୁ ବେଙ୍ଗାଲୁରୁ, ଭୋପାଳ, ଇନ୍ଦୋର, ଚେନ୍ନାଇ, ରାୟପୁର, ମୁମ୍ବାଇ, ନୂଆଦିଲ୍ଲୀ, କୋଚିନ, ବାରଣାସୀ, ନାଗପୁର ଆଦି ସହରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ । କଶ୍ମୀର ପ୍ରତି ରହିଥିବା ଭୟ ଦୂର କରି ରାଜ୍ୟର ପର୍ଯ୍ୟଟନର ପ୍ରଚାର ପ୍ରସାର ପାଇଁ ଏଭଳି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି।



ଜମ୍ମୁ କଶ୍ମୀର ପର୍ଯ୍ୟଟନ ବିଭାଗ ପକ୍ଷରୁ ଭୁବନେଶ୍ୱରଠାରେ ଶନିବାର ଆୟୋଜିତ ରୋଡ୍ ଶୋ’ ସମ୍ପର୍କରେ ସୂଚନା ଦିଆଯାଉଛି।

## କୁକୁର ମୁହଁରେ ଶିଶୁକନ୍ୟାର ମୃତଦେହ

ଭାପୁର, (ଡି.ଏନ.ଏ.): ନୟାଗଡ଼ ଜିଲା ଫତେଗଡ଼ ଥାନା ଅଧୀନ ବଡ଼ସହରା ଗ୍ରାମ ତେଲି ସାହିରେ ଶନିବାର ସକାଳେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା । ଗାଁ ଦାଣ୍ଡରେ ବୁଲୁଥିବା ଏକ କୁକୁର ଶିଶୁକନ୍ୟାର ମୁଣ୍ଡ ନ ଥିବା ମୃତଦେହକୁ ଦାନ୍ତରେ କାମୁଡ଼ି ଧରିଥିଲା । ଗାଁ ଲୋକେ ଏହି ଦୃଶ୍ୟ ଦେଖି ବ୍ୟସ୍ତ ହୋଇପଡିଥିଲେ। ମୃତ ଶିଶୁର ଗୋଟିଏ ଗୋଡ଼ ବି ନ ଥିଲା । ମୃତଦେହକୁ କେହି ନ ପୋତି ବାହାରେ ଫିଙ୍ଗି ଦେଇଥିବାରୁ ତାହା କୁକୁରର ଆହାର ସାଜିଥିଲା । ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା ।

## ସଂକ୍ଷେପରେ

### କେନ୍ଦୁଗୁଡ଼ା ଫାଣ୍ଡି ଏସ୍ଆଇ ନିଲମ୍ବିତ

ଗୁଣପୁର,୬।୩(ଡି.ଏନ୍.ଏ.)-ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ କେନ୍ଦୁଗଡ଼ା ଫାଣ୍ଡି ପୋଲିସ ଏସ୍ଆଇ ସାଗର ମୁଣ୍ଡ କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି। ଦାୟିତ୍ୱରେ ଅବହେଳା କରିଥିବାରୁ ତାଙ୍କୁ ନିଲମ୍ବନ କରାଯାଇଥିବା ଏସ୍ଡିପିଓ ରାଜକିଶୋର ଦାସ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଫେବୃୟାରୀ ୨୮ରେ ଅଡ଼ବା ଅଞ୍ଚଳରୁ ଟ୍ରକ୍‌ରେ ଛତିଶଗଡ଼ର ରାୟପୁରକୁ ଗଞ୍ଜେଇ ଚାଲାଣବେଳେ ପଦ୍ମପୁରର ଖମ୍ବାଗିଗୁଡ଼ାଠାରେ ପୋଲିସ ଧରିଥିଲା। ଟ୍ରକ୍‌ରୁ ୫୬୩ କେ.ଜି. ଗଞ୍ଜେଇ ଜବତ ହୋଇଥିଲା। ତେବେ ଗଞ୍ଜେଇ ଟ୍ରକ୍ କେନ୍ଦୁଗୁଡ଼ା ଫାଣ୍ଡି ଦେଇ ଚାଲାଣ ହେଉଥିବାବେଳେ ଏ ନେଇ ଏସ୍ଆଇଙ୍କ କର୍ତ୍ତବ୍ୟରେ ଅବହେଳା ଯୋଗୁ ତାଙ୍କୁ ନିଲମ୍ବନ କରାଯାଇଛି। ତେବେ ତାଙ୍କୁ ୧ତାରିଖରେ ନିଲମ୍ବନ କରାଯାଇଥିବାବେଳେ ଶନିବାର ଏ ନେଇ ସୂଚନା ଦିଆଯାଇଛି।

### ପୁରୀରୁ ଫେରିବା ବେଳେ ଯୁବକଙ୍କ ମୃତ୍ୟୁ

ସଜନାଗଡ଼, ୬।୩(ଡି.ଏନ.ଏ.)-ପୁରୀରୁ ଫେରୁଥିବା ବେଳେ ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାରିପଦା ଟାଉନ ଅଞ୍ଚଳର ସୁମିତ ପାତ୍ର (୩୦)। ଏହା ସ୍ୱାଭାବିକ ମୃତ୍ୟୁ ନୁହେଁ ବୋଲି ମୃତକଙ୍କ ଭାଇ ଅଭିଯୋଗ କରିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ପୋଲିସ କହିଛି। ବାରିପଦା ଷ୍ଟେଶନ ବଜାର ଓ ଜୟପୁର ଅଞ୍ଚଳର ୫ଜଣ ଯୁବକ ଗତ ମଙ୍ଗଳବାର ପୁରୀ ବୁଲିବାକୁ ଯାଇଥିଲେ । ସେଠାରେ ୪ଦିନ ବୁଲାବୁଲି କରି ଶୁକ୍ରବାର ସନ୍ଧ୍ୟାରେ ଗାଡ଼ିରେ ଫେରୁଥିବା ବେଳେ ନୀଳଗିରି ଥାନା ନିମପାଳ ଛକରେ କାରକୁ ଅଟକାଇ ମଣ୍ଟୁ ବ୍ୟତୀତ ଅନ୍ୟ ୪ଜଣ ଯୁବକ ଦୋକାନକୁ ଯାଇଥିଲେ । କାର୍ ଭିତରେ ମଣ୍ଟୁର ଦେହ ହଠାତ୍ ଖରାପ ହେବାରୁ ଯୁବକମାନେ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ନୀଳଗିରି ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ୩ ସ୍କୁଟର, ୨ ବାଇକ୍ ଜାଳିଦେଲେ ଦୁର୍ବୃତ୍ତ

ଜେନାପୁର/ଧର୍ମଶାଳା,୬।୩(ଡି.ଏନ.ଏ.): ଯାଜପୁର ଜିଲା ଜେନାପୁର ଥାନା ଅଧୀନ ଅଞ୍ଜିରା ପଞ୍ଚାୟତ ମୁରାଲିପୁର ଗ୍ରାମର ଲକ୍ଷ୍ମୀଧର ଜେନାଙ୍କ ପରିବାରର ୩ ସ୍କୁଟର ଓ ୨ ବାଇକ୍‌କୁ କେହି ଦୁର୍ବୃତ୍ତ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଜାଳି ଦେଇଛନ୍ତି। ଏନେଇ ଶନିବାର ପୂର୍ବାହ୍ନରେ ଲକ୍ଷ୍ମୀଧର ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ଆଧାରରେ ଏକ ମାମଲା ନଂ(୬୭।୨୧) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଲକ୍ଷ୍ମୀଧରଙ୍କ ପରିବାର ଶୋଇଥିବାବେଳେ ଘର ସାମ୍ନାରେ ଥିବା ଗାଡ଼ିଗୁଡ଼ିକୁ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ଗାଡ଼ିଗୁଡ଼ିକ ଜଳିବାବେଳେ ପରିବାର ଲୋକେ ଉଠି ଚଢ଼େଇଧରା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ଗାଡ଼ିଗୁଡ଼ିକ ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଥିଲା।

# ଚିନ୍ତା ବଢ଼ାଉଛି ସଡ଼କ ଦୁର୍ଘଟଣା

ଭୁବନେଶ୍ୱର, ୬।୩ (ବ୍ୟୁରୋ)



ଇମେଜ ପରିସରରେ ଶନିବାର ସଡ଼କ ସୁରକ୍ଷା ସଂସଦୀୟ କମିଟି ବୈଠକରେ ଉପସ୍ଥିତ ଏମ୍‌ପି ଓ ବରିଷ୍ଠ ଅଧିକାରୀମାନେ।

- ଖୋର୍ଦ୍ଧା ଜିଲାରେ ୨ ବର୍ଷରେ ୫୦୪ ଜଣଙ୍କ ଜୀବନ ଯାଇଛି
- ଦ୍ରୁତଗତି, ବେପରୁଆ ଚାଳନା ଦୁର୍ଘଟଣାର କାରଣ
- ଜିଲାରେ ୫୭ ବ୍ଲାକ ସ୍ପଟ୍ ଚିହ୍ନଟ
- ନିର୍ବାଚନମଣ୍ଡଳୀ ସଡ଼କ ସୁରକ୍ଷା ସଂସଦୀୟ କମିଟି ବୈଠକ

ସଡ଼କ ଦୁର୍ଘଟଣା ଚିନ୍ତାର କାରଣ ହୋଇଛି। ରାଜ୍ୟରେ ଏହି ହାର ଦିନକୁ ଦିନ ବଢ଼ି ଚାଲିଛି। ଗତ ଦୁଇ ବର୍ଷରେ କେବଳ ଖୋର୍ଦ୍ଧା ଜିଲାରେ ୫୦୦ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ବେପରୁଆ ଗାଡ଼ି ଚାଳନା ଯୋଗୁ ଅଧିକାଂଶ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ସଡ଼କ ସୁରକ୍ଷା ସଂସଦୀୟ କମିଟି ପକ୍ଷରୁ ଏହି ସୂଚନା ଦିଆଯାଇଛି। ଶନିବାର ଶିରିପୁରସ୍ଥିତ ଇମେଜ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ବୈଠକରେ କମିଟି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଖୋର୍ଦ୍ଧା ଜିଲାରେ ୨୦୧୯ ଜାନୁୟାରୀରୁ ୨୦୨୦ ଡିସେମ୍ବର ମଧ୍ୟରେ ସଡ଼କ ଦୁର୍ଘଟଣାରେ ୫୦୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୮୫୫ ଜଣ ଗୁରୁତର ଆହତ ହୋଇଛନ୍ତି।

ଦୁର୍ଘଟଣାର କାରଣ ସମ୍ପର୍କରେ ସମୀକ୍ଷା କରି କମିଟି ରିପୋର୍ଟରେ କୁହାଯାଇଛି, ଉକ୍ତ ସମୟ ମଧ୍ୟରେ ଦ୍ରୁତଗତି ଓ ଖାମଖିଆଲ ଭାବେ ଗାଡ଼ି ଚାଳନା ଯୋଗୁ ୭୦୦ ଦୁର୍ଘଟଣା ହୋଇଛି। ସେଥିରୁ ୧୦୭ଟି ଦୁର୍ଘଟଣା ବିନା ହେଲ୍‌ମେଟରେ ହୋଇଥିବା ବେଳେ ୯୩ ଓଭର ସ୍ପିଡ ଏବଂ ୭୬ଟି ରାସ୍ତାର ବିପରୀତ ଦିଗରେ ଗାଡ଼ି ଚଳାଇବା ଯୋଗୁ ହୋଇଛି। ସେହିପରି ୧୧୯ଟି ହିଟ ଆଣ୍ଡ ରନ କେସ ହୋଇଥିବା ବେଳେ ରାସ୍ତାରେ ଜୀବଜନ୍ତୁଙ୍କ ବିଚରଣ ଯୋଗୁ ୫୩ଟି ଦୁର୍ଘଟଣା ହୋଇଛି। ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ, ରାସ୍ତା ନିର୍ମାଣରେ ବୈଷୟିକ ତ୍ରୁଟି ଯୋଗୁ ୧୫ଟି ଦୁର୍ଘଟଣା ହୋଇଛି।

ବୈଠକରେ ଯୋଗଦେଇଥିବା ବିଜେଡି ଏମ୍‌ପି ପିନାକୀ ମିଶ୍ର ଏବଂ ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ କହିଛନ୍ତି, ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ) ଜାତୀୟ ରାଜପଥ-୧୬ରେ ୨୩ ସ୍ଥାନକୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରିଥିବା ବେଳେ ଜିଲାରେ ୫୭ ସ୍ଥାନକୁ ଚିହ୍ନଟ କରାଯାଇଛି। ସେଥି ମଧ୍ୟରୁ ୨୦ଟି ସ୍ପଟ ନଖରାରୁ ବରକୁଳ ମଧ୍ୟ ରହିଛି। ବେପରୁଆ ଗାଡ଼ି ଚାଳନା ଯୋଗୁ ୨୦୨୧ ଜାନୁୟାରୀ ଓ ଫେବୃୟାରୀ ମଧ୍ୟରେ ୩୦୦୧ ଜଣଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। ୨୦୨୦ରେ ୧୯୬୨ ଜଣଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଥିଲା। ଏହି ବୈଠକରେ ପରିବହନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ପିତାଙ୍କ ସତ୍କାର ସାରି ଫେରିବା ବେଳେ ଦୁର୍ଘଟଣାରେ ପୁଅ ମୃତ

ବୌଦ୍ଧ/ତଳଗାଁ, ୬।୩ (ସ୍ୱ.ପ୍ର./ ଡି.ଏନ.ଏ.)

ପୁରୀ ସ୍ୱର୍ଗଦ୍ୱାରଠାରେ ପିତାଙ୍କ ଅନ୍ତିମ ସତ୍କାର କରି ଘରକୁ ଫେରୁଥିବା ବେଳେ ଶନିବାର ସଡକ ଦୁର୍ଘଟଣାରେ ପୁଅର ମୃତ୍ୟୁ ଘଟିଛି ଓ ୪ ଜଣ ସମ୍ପର୍କୀୟ ଗୁରୁତର ହୋଇଛନ୍ତି। ମୃତକଙ୍କ ଘର ସୁବର୍ଣ୍ଣପୁର ଜିଲାରେ। ଏଭଳି ଦୁଃଖଦ ଖବର ପ୍ରଚାରିତ ହେବା ପରେ ସମ୍ପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ପ୍ରକାଶ ଯେ, ସୋନପୁରର ଅରୁଣ ମେହେର ଓ ତାଙ୍କ ସାନଭାଇ ରାମ ବାପାଙ୍କ ମୃତ୍ୟୁ ହେବା ପରେ ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର ସାରି ଶୁକ୍ରବାର ରାତିରେ ସମ୍ପର୍କୀୟମାନଙ୍କ ସହ ଏକ କାର ଯୋଗେ ଘରକୁ ଫେରୁଥିଲେ। ଫେରିବା ସମୟରେ ଭୋର ପ୍ରାୟ ୪ଟାରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ବୌଦ୍ଧ ଜିଲା କରଡାକୋଠାରେ ପୂର୍ବରୁ ରାସ୍ତା କଡରେ ଠିଆ ହୋଇଥିବା ଏକ ଟ୍ରେଲରକୁ କାର୍‌ଟି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଅରୁଣଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ ସମ୍ପର୍କୀୟ ଛବି ମେହେର, ବିଦ୍ୟୁ ଭୂଷଣ ମେହେର, ଅଶୋକ ମେହେର ଓ ସାନ ଭାଇ ରାମ ଆହତ ହୋଇଥିଲେ । ଖବରପାଇ ହରଭଙ୍ଗା ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ପୁରୁଣାକଟକ ମେଡିକାଲ ନେଇଥିଲେ । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବୌଦ୍ଧ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଏନେଇ ପୁରୁଣାକଟକ ପୋଲିସ ୨୫/୨୧ ନଂରେ ଏକ ମାମଲା ରୁଜୁ କରିଛି ।


ଦୁର୍ଘଟଣାଗ୍ରସ୍ତ ଗାଡ଼ି।


ମୁମ୍ବାଇର ଏକ ହସ୍‌ପିଟାଲରେ କୋଭିଡ୍ ଟିକା ନେଉଛନ୍ତି ବଲିଉଡ୍ ଅଭିନେତ୍ରୀ ହେମା ମାଳିନୀ।

# ମୋ ସ୍କୁଲ ପ୍ରକଳ୍ପର ତଦାରଖ ଅଭିଯାନ ଆରମ୍ଭ

ଭୁବନେଶ୍ୱର,(ବ୍ୟୁରୋ)/ବାଲିଅନ୍ତା, ୬।୩ (ଡି.ଏନ.ଏ.)


ମୋ ସ୍କୁଲ ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ ମନ୍ଦାରିଆପାଟଣା ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

**ମନ୍ଦାରିଆପାଟଣା ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କଲେ ସୁସ୍ମିତା ବାଗ୍‌ଚୀ**

ବିଦ୍ୟାଳୟସ୍ତରରେ 'ମୋ ସ୍କୁଲ' ପ୍ରକଳ୍ପର ତଦାରଖ ଅଭିଯାନ ଶନିବାରଠାରୁ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ମୋ ସ୍କୁଲ ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ ବାଲିଅନ୍ତାର ମନ୍ଦାରିଆପାଟଣା ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ପୁରାତନ ଛାତ୍ରୀଛାତ୍ର ୨.୯୪ ଲକ୍ଷ ଟଙ୍କା ଦେଇଥିବାବେଳେ ବିଦ୍ୟାଳୟର ବିକାଶ ତଥା ସମ୍ପ୍ରସାରଣ ପାଇଁ ସ୍ଥାନୀୟ ଲୋକଙ୍କ ଦ୍ୱାରା ୫ ହଜାର ବର୍ଗଫୁଟ ଜମି ଦାନ କରାଯାଇଛି। ୨୦୧୮ରୁ ଏହି ବିଦ୍ୟାଳୟଟି ମୋ ସ୍କୁଲ୍ ଅଭିଯାନରେ ସାମିଲ ହୋଇଛି। କୋଭିଡ୍ ଭଳି ସ୍ଥିତିରେ ଜଳ ବିଶୋଧନକାରୀ, ଶୌଚାଳୟ ନିର୍ମାଣ ଏବଂ ହାତ ଧୋଇବା ବେସିନ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ତମ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ପାଇଁ ବିଦ୍ୟାଳୟ ସର୍ବଶେଷ ପ୍ରୟାସ କରିଛି। ବୈଷୟିକ ପରିବର୍ତ୍ତନକୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷ ସ୍ମାର୍ଟ ଶ୍ରେଣୀଗୃହର ବିକାଶ ପାଇଁ ସମସ୍ତ ଯନ୍ତ୍ରପାତି ରଖିଛନ୍ତି।

ଏହି ଅବସରରେ ଅଧ୍ୟକ୍ଷା ବାଗ୍‌ଚୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତରଫରୁ ୯୫ଜଣ ଆଲୁମିନି ସଦସ୍ୟଙ୍କୁ କୃତଜ୍ଞତା ପ୍ରମାଣପତ୍ର ପ୍ରଦାନ କରିବା ସହିତ ଛାତ୍ରୀଛାତ୍ରଙ୍କ ସହିତ କଥା ହୋଇଥିଲେ। ଏହି ଅବସରରେ ବିଇଓ ସ୍ନିଗ୍ଧା ମିଶ୍ର, ପ୍ରଧାନଶିକ୍ଷୟିତ୍ରୀ ତନୁଜା ଦାଶ, ସିଆର୍‌ସିସି ସତ୍ୟରଞ୍ଜନ ପଣ୍ଡା, ସରପଞ୍ଚ ରଶ୍ମିତା ସାହୁ ଓ ସମିତି ସଭ୍ୟ ମହେଶ୍ୱର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପ୍ରାଥମିକ ପର୍ଯ୍ୟାୟରେ ୫୦ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲାରେ ମୋ ସ୍କୁଲ୍ ଅଭିଯାନରେ ସାମିଲ ଥିବା ୨୦୦ଟି ବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟର ତଦାରଖ କରାଯିବ। ଏଥିସହ ଯୋଡ଼ି ହୋଇଥିବା ପୁରାତନ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ଧନ୍ୟବାଦ ପତ୍ର ପ୍ରଦାନ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ବିଦ୍ୟାଳୟଗୁଡ଼ିକରେ ପ୍ରକଳ୍ପ ତଦାରଖ ଓ ଡକ୍ୟୁମେଣ୍ଟେଶନ କାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ହୋଇଛି।

## ନୀଳକଣ୍ଠେଶ୍ୱର ମନ୍ଦିରରୁ ବିରଳ ପକ୍ଷୀ ଉଦ୍ଧାର

ନିରାକାରପୁର,୬।୩ (ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଅଧୀନ ଅଚ୍ୟୁତପୁର ପଞ୍ଚାୟତ ନୂଆପାଟଣାସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିରରେ ଶନିବାର ଏକ ବିରଳ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଶାଶ୍ୱତ କ୍ଲବର ଯୁବକମାନେ ଏହି ପକ୍ଷୀକୁ ଉଦ୍ଧାର କରି କ୍ଲବ ଘରେ ରଖିବା ସହ ବନ ବିଭାଗକୁ ଜଣାଇଥିଲେ। ବନ କର୍ମଚାରୀମାନେ ପହଞ୍ଚି ପକ୍ଷୀକୁ ନେଇଥିଲେ। ଏ ସମ୍ପର୍କରେ ଟାଙ୍ଗୀ ରେଞ୍ଜର ରବୀନ୍ଦ୍ର ନାଥ ପଣ୍ଡା କହିଛନ୍ତି, ଏହା ପେଚା ନୁହେଁ, ହୁଁହାଁ ଚଢେଇ। ଏହାକୁ ଶନିବାର ରାତିରେ ସ୍ଥାନୀୟ ଜଙ୍ଗଲରେ ଛଡାଯିବ ବୋଲି କହିଛନ୍ତି।

# ହାତୀ ଆକ୍ରମଣରେ ଜଣଙ୍କ ମୃତ୍ୟୁ

ନାକଟିଦେଉଳ, ୬।୩ (ଡି.ଏନ.ଏ.)


ମୃତକଙ୍କ ସ୍ତ୍ରୀଙ୍କୁ ସହାୟତା ପ୍ରଦାନ କରୁଛନ୍ତି ରେଞ୍ଜ ଅଫିସର।

ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ବାଟଗାଁ ଫରେଷ୍ଟ ସେକ୍ସନର ବସାଲୋଇ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିରଞ୍ଚି ବାଦୀ (୫୮)। ସୂଚନା ଅନୁସାରେ ବିରଞ୍ଚି ଶୁକ୍ରବାର ଘରଠାରୁ ପ୍ରାୟ ୧ କି.ମି. ଦୂର ଆଟ ଜମିକୁ କେନ୍ଦୁପତ୍ର ଗୋଛା କାଟିବାକୁ ଯାଇଥିଲେ। ସନ୍ଧ୍ୟାରେ ଫେରିବା ସମୟରେ ଏକ ବଣୁଆ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏଣେ ବିରଞ୍ଚି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଶନିବାର ଗ୍ରାମଠାରୁ ଅନତି ଦୂରରେ ବିରଞ୍ଚିଙ୍କ ମୃତଦେହ ପଡ଼ିଥିବା ଦେଖି ସମ୍ପର୍କୀୟ ଥାନାକୁ ଖବର ଦେଇଥିଲେ। ଥାନା ଅଧିକାରୀ ଇସ୍ମାଇଲ ଏକ୍କା ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ରେଢାଖୋଲ ପଠାଇବା ସହ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୨/୨୧) ରୁଜୁ କରି ଘଟଣାର ତଦନ୍ତ କରୁଛନ୍ତି। ନାକଟିଦେଉଳ ରେଞ୍ଜ ଅଫିସର ଅଶ୍ୱିନୀ କୁମାର ବେହେରା ଓ ବାଟଗାଁ ଫରେଷ୍ଟର ଅନିଲ କୁମାର କିସାନ ତଦନ୍ତ କରି ମୃତ ବିରଞ୍ଚିଙ୍କ ସ୍ତ୍ରୀ ଗୁରୁବାରୀ ବାଦୀଙ୍କୁ ସହାୟତା ବାବଦରେ ବନ ବିଭାଗ ପକ୍ଷରୁ ୪୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ।

### ୭ବର୍ଷରେ ଗଲାଣି ୮ ଜୀବନ

ନାକଟିଦେଉଳ ବନାଞ୍ଚଳରେ ହାତୀ ଆକ୍ରମଣରେ ୭ବର୍ଷରେ ୭ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଆଜିର ଘଟଣାକୁ ମିଶାଇଲେ ସଂଖ୍ୟା ୮ରେ ପହଞ୍ଚିଛି। ୨୦୧୪ରେ ଚଡ଼ଚଡ଼ି ଗ୍ରାମରେ ଜଣେ ବୃଦ୍ଧା,୨୦୧୫ ମାର୍ଚ୍ଚ ୩ରେ ଅଙ୍ଗବିରା ଗ୍ରାମର ଜଣେ ଯୁବକ, ୨୦୧୬ ଜାନୁୟାରୀ ୨୭ରେ ପ୍ରତାପପୁର ଗ୍ରାମର ଜଣେ ବୃଦ୍ଧ, ୨୦୧୯ ଜୁନ ୧୭ରେ ବିନ୍ଧପୁର ଗ୍ରାମରେ ଜଣେ ବୃଦ୍ଧା, ୨୦୧୯ ଅକ୍ଟୋବର ୧୦ରେ ଡାହିମାଲ ଗ୍ରାମର ଜଣେ ଯୁବକ, ୨୦୨୦ ମେ ୨୩ରେ ବେଠିଆବେର୍ଣ୍ଣୀ ଗ୍ରାମରେ ଜଣେ ମହିଳା ଓ ସେହିମାସ ୨୯ତାରିଖରେ ହିତସରା ଗ୍ରାମର ଜଣେ ମହିଳାଙ୍କର ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ହାତୀ ଟ୍ରାକିଂ ଓ ହାତୀ ଘଉଡ଼ାଇବା ପାଇଁ ଏଲିଫାଣ୍ଟ ସ୍କ୍ୱାଡ୍ ନିୟୋଜିତ କରାଯାଇଥିବା ରେଞ୍ଜ ଅଫିସର ଅଶ୍ୱିନୀ କୁମାର ବେହେରା କହିଛନ୍ତି।

## ନାବାଳିକାଙ୍କୁ ଅସଦାଚରଣ, ଯୁବକ ଗିରଫ

ବ୍ରହ୍ମପୁର ଅଫିସ,୬।୩

ଜନୈକା ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଗୋଷାଣୀନୂଆଗାଁ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ସମୀର କୁମାର ବିଷୋୟୀ ଓରଫ ସନିଆ(୨୪)। ମାମଲା ନମ୍ବର ୩୧/୨୧ ରେ ସମୀରଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ, ସମୀର ଗୋଷାଣୀନୂଆଗାଁ ଥାନା ଅଞ୍ଚଳରେ ରହୁଥିବା ବେଳେ ସେଠାରେ ଜଣେ ନାବାଳିକାଙ୍କୁ ସେ ଅଶ୍ଳୀଳ ଇଙ୍ଗିତ କରିବା ସହ ପ୍ରେମ ନିବେଦନ କରିଥିଲେ। ପୀଡ଼ିତା ଜଣଙ୍କ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ତାଙ୍କୁ ନାନାପ୍ରକାର ଧମକଚମକ ଦେଇଥିଲା। ପୀଡ଼ିତାଙ୍କ ବାପା ଏନେଇ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ ସହ ଘଟଣାର ଅନୁସନ୍ଧାନ କରି ସମୀରଙ୍କୁ ଗିରଫ କରିଥିଲା।

## ବନ୍ଧପଲ୍ଲୀ ଜଙ୍ଗଲରେ ନିଆଁ, ଗଛ ଜଳିଗଲା

ଚଣ୍ଡିଖୋଲ,୬।୩ (ଡି.ଏନ.ଏ.)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଧୀନ ଶାଳପଡ଼ା ପଞ୍ଚାୟତ ବନ୍ଧପଲ୍ଲୀ ଜଙ୍ଗଲରେ ନିଆଁ ଲାଗି ବ୍ୟାପକ ଗଛ ଜଳିଯାଇଛି। ବୈରୀ-ଡାଳିଯୋଡ଼ା ରେଞ୍ଜ ଅଧୀନ ଶହେ ଏକରରୁ ଊର୍ଦ୍ଧ୍ୱ ଏହି ଜଙ୍ଗଲରେ କୌଣସି କାରଣରୁ ନିଆଁ ଲାଗିଥିବା ଶନିବାର ମଧ୍ୟାହ୍ନରେ ଦେଖିବାକୁ ମିଳିଥିଲା। ଗ୍ରୀଷ୍ମପ୍ରବାହ ଲାଗି ରହିଥିବାରୁ ନିଆଁ ସମଗ୍ର ଜଙ୍ଗଲକୁ ବ୍ୟାପିଯାଇଥିଲା। ବନବିଭାଗ କର୍ମଚାରୀ ଏସମ୍ପର୍କରେ ଜାଣି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଚଢ଼େଇଧରା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ପବନ ଅଧିକ ଥିବାରୁ ନିଆଁ ଆୟତ୍ତ କରିବା କଷ୍ଟକର ହୋଇପଡ଼ିଛି। ତେବେ ବିଭାଗୀୟ ଅଧିକାରୀ ନିଆଁକୁ ଆୟତ୍ତ କରିବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଥିବା ସୂଚନା ମିଳିଛି।


ବନ୍ଧପଲ୍ଲୀ ଜଙ୍ଗଲ ଜଳୁଛି।

GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
**DEBTS RECOVERY TRIBUNAL**
COURT OF THE RECOVERY OFFICER
Plot No. C/71, Sector-7, CDA, Cuttack-753014
FORM NO. ITCP-I
**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institutions Act, 1993)
**R. P. No. 23/2020/CTC**
(Arising out of OA No. 115 of 2014)
Next Date: 19.04.2021
United Bank of India, Chandrasekherpur Branch ...Certificate Holder Bank
Vs.
M/s. Seashore Agricultural Promotion Co. Pvt. Ltd. & Ors. ...Certificate Debtors
To
1. M/s. Seashore Agricultural Promotion Co. Pvt. Ltd., Plot No.: 298/A. Saheed Nagar, Bhubaneswar.
2. Sri Prashanta Kumar Dash, S/O.: Sri Umesh Chandra Dash, Flat No.-205, N.A. Majestic, Jharpada, Bhubaneswar-751006
3. M/s. Seashore Securities Ltd., Plot NO.: B-58, Chandaka, Industrial Estate, Patia, P.O.-Kiit, Bhubaneswar, Represented through its Managing Director Sri Prashanta Kumar Dash, S/O.: Sri Umesh Chandra Dash, Khurda-751024

Take notice that Certificate arising out of **OA No. 115 of 2014** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs. 11,33,68,876.00 (Rupees Eleven Crore Thirty Three Lac Sixty Eight Thousand Eight Hundred Seventy Six Only)** together with interest till realisation of the dues, cost, charges as per the certificate, the details of which are given below:

| | | | |
|---|---|---|---|
| 1. Decretal Dues | | :Rs. | 11,33,68,876.00 |
| 2. Cost allowed | (+) | :Rs. | 1,50,000.00 |
| 3. Interest @ 14.20% p.a. with yearly rests from 22.01.2014 to 12.04.2019 | | :Rs. | 8,41,08,564.10 |
| | Total | :Rs. | 19,76,27,440.10 |

(Rupees Nineteen Crore Seventy Six Lac Twenty Seven Thousand four Hundred Forty and Paise Ten only) with of interest **@ 14.20% p.a.** with yearly rests on the amount due from **13.04.2019** till realization of the entire Dues.
2. You are hereby directed to pay the above stated sum within **15 (Fifteen)** days of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc., and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **19.04.2021** and report the details of payment made by you.
Given under my hand & seal at Cuttack on this **24th day of February, 2021.**
**Sd/- (R.P. Patnaik)**
**Recovery Officer**

## କେନାଲରୁ ମୃତଦେହ ଜବତ

ମାଧପୁର: ଆଠମଲ୍ଲିକ ବ୍ଲକ ମାଧପୁର-କିଶୋରନଗର ରାସ୍ତାର ମାନଜୋର ଡ୍ୟାମ୍ ମୁଖ୍ୟ କେନାଲରୁ ଶନିବାର ଜଣେ ମହିଳା ବାସନ୍ତୀ ସାହୁ (୪୮)ଙ୍କ ମୃତଦେହ ପୋଲିସ ଜବତ କରିଛି। ତାଙ୍କ ବାପ ଘର ନୂଆମାଣିତ୍ରିରେ ଓ ଶାଶୁଘର କିଶୋରନଗର ବ୍ଲକ ସଞ୍ଜମୁରାରେ। ସେ ମାନସିକ ଭିନ୍ନକ୍ଷମ। ମୃତଦେହ ଭାସୁଥିବା ଖବରପାଇ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ତାହାକୁ କୂଳକୁ ଅଣାଯାଇ ଜବତ କରାଯାଇଥିଲା ବୋଲି ଆଠମଲ୍ଲିକ ଥାନା ଆଇଆଇସି ପ୍ରିୟବ୍ରତ ଦାଶ ସୂଚନା ଦେଇଛନ୍ତି।

# ସପ୍ତମ ଟାର୍ଗେଟ୍ ସମୁଦ୍ରକୁ ଶଙ୍ଖେ

**ଅନୁଗୋଳ ଅଫିସ, ୬।୩**

ଅନୁଗୋଳ ଜିଲାର ୯୪ ମଣ୍ଡିରେ ଧାନ ବିକ୍ରି କରିବାକୁ ମୋଟ ୩୪ ହଜାର ୯୬୨ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଜିଲାରୁ ୬ଲକ୍ଷ ୪ ହଜାର ୪୧୧ କୁଇଣ୍ଟାଲ ଧାନ କିଣାଯିବାକୁ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଥିଲା। ତେବେ ଆରମ୍ଭରୁ ଅବ୍ୟବସ୍ଥା ଯୋଗୁ ଏହି ବ୍ୟବସ୍ଥା ବାଟବଣା ହୋଇଚାଲିଛି। କିଛି ମଣ୍ଡିରେ ତାଲା ପକାଯାଇଥିବାବେଳେ ଆଉ କେତେକ ସ୍ଥାନରେ ମାସ୍ ନ ଥିବାରୁ ମିଲରମାନେ ଧାନ ଉଠାଇପାରି ନାହାନ୍ତି। ଫଳରେ ସରକାର ଥରକୁ ଥର ଦେଉଥିବା ଟାର୍ଗେଟ୍ ତୁଳନାରେ ବହୁ କମ୍ ଧାନ କିଣାଯାଉଛି। ଇତିମଧ୍ୟରେ ଜିଲାକୁ ୭ ମ ପର୍ଯ୍ୟାୟରେ ୧୪ ହଜାର କୁଇଣ୍ଟାଲ ଧାନ କିଣାଯିବାକୁ ଟାର୍ଗେଟ୍ ମିଳିଛି। କିନ୍ତୁ ଚାଷୀମାନଙ୍କ ନିକଟରେ ୪ ଲକ୍ଷ କୁଇଣ୍ଟାଲରୁ ଅଧିକ ଧାନ ପଡ଼ିରହିଥିବା ବେଳେ ଆସିଥିବା ସରକାରଙ୍କ ଟାର୍ଗେଟ୍ ସମୁଦ୍ରକୁ ଶଙ୍ଖେ ବୋଲି କୁହାଯାଉଛି।

ସୂଚନା ମୁତାବକ, ଧାନ ବିକ୍ରି କରିବାକୁ ପଞ୍ଜୀକରଣ କରିଥିବା ଜିଲାର ମୋଟ ୩୪ ହଜାର ଚାଷୀଙ୍କ ମଧ୍ୟରୁ ଗତ ଫେବୃୟାରୀ ୨୪ ତାରିଖ ସୁଦ୍ଧା ୧୩ ହଜାର ୨୧୦ ଜଣ ତାଲିକାରେ ଅପେକ୍ଷା କରିଛନ୍ତି। ସେମାନଙ୍କ ନିକଟରେ ୪ ଲକ୍ଷ ୪୪ ହଜାର ୫୩୯ କୁଇଣ୍ଟାଲ ଧାନ ମହଜୁଦ୍ ରହିଛି। କିନ୍ତୁ ସରକାର ମାତ୍ର ୧୪ ହଜାର କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ୍ ଦେଇଥିବାରୁ ପ୍ରଶାସନ ଓ ଯୋଗାଣ ବିଭାଗ ଅଡୁଆରେ ପଡ଼ିଛି। ଏହି ନୂଆ ଲକ୍ଷ୍ୟଧାର୍ଯ୍ୟ ସମ୍ପର୍କରେ ଗତ ବୁଧବାର ନିର୍ଦ୍ଦେଶ ପହଞ୍ଚିଥିବା ଚାଷୀମାନେ ଜାଣିବା ପରେ ସେମାନଙ୍କ ମଧ୍ୟରେ ନିରାଶା ଖେଳିଯାଇଛି। କିପରି ଏତେ ଧାନ କିଣାଯାଇପାରିବ ସେ ନେଇ ସେମାନେ ଯୋଗାଣ ଅଧିକାରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସମୟରେ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରୁଥିବା ଦେଖିବାକୁ ମିଳିଛି। ତେବେ ବିଭାଗ ପକ୍ଷରୁ କୁହାଯାଇଛି, ଜିଲାରେ ବର୍ତ୍ତମାନ ସୁଦ୍ଧା ୨୪ ହଜାର ୧୮୨ ଜଣ ଚାଷୀଙ୍କ ଠାରୁ ୮ଲକ୍ଷ ୯୧ ହଜାର ୭୪୦ କୁଇଣ୍ଟାଲ ଧାନ କିଣାଯାଇସାରିଛି। ତଥାପି ସମସ୍ତ ମଣ୍ଡିରେ ଆହୁରି ବହୁ କୁଇଣ୍ଟାଲ ଧାନ ପଡ଼ି ରହିଛି। ସହକାରୀ ଯୋଗାଣ ଅଧିକାରୀ ଶ୍ରୀନିବାସ ମିଶ୍ର କହିଛନ୍ତି, ସରକାରଙ୍କ ପକ୍ଷରୁ ୧୪ ହଜାର କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ଆସିଛି, ଯାହା ଖୁବ୍ କମ୍। ତେଣୁ ସମସ୍ତ ୯୪ ମଣ୍ଡିରେ ଧାନ କିଣିବାକୁ ଦିଆଯିବ ନାହିଁ। ଯେଉଁ ମଣ୍ଡିରେ ଅଧିକ ଧାନ ରହିଛି, ସେଠାରେ ଧାନ ଉଠାଇବା ପାଇଁ ବ୍ୟବସ୍ଥା କରାଯାଉଛି।


ମଣ୍ଡିରେ ବିକ୍ରି ପାଇଁ ଗଚ୍ଛିତ ଧାନ।

- ମାତ୍ର ୧୪ ହଜାର କୁଇଣ୍ଟାଲ ଧାନ କିଣିବାକୁ ଲକ୍ଷ୍ୟ
- ବିଭିନ୍ନ ମଣ୍ଡିରେ ପଡ଼ିରହିଛି ୪ ଲକ୍ଷ କୁଇଣ୍ଟାଲରୁ ଅଧିକ
- ନାଚାର ଯୋଗାଣ ବିଭାଗ, ହତାଶ ଚାଷୀ

| | |
|---|---|
| ପ୍ୟାକ୍ସ ସଂଖ୍ୟା | -୯୪ |
| ପଞ୍ଜୀକୃତ ଚାଷୀ | - ୩୪, ୯୬୨ |
| ଧାନ ବିକ୍ରି କରିଛନ୍ତି | - ୨୪, ୧୮୨ |
| **ଧାନ ପରିମାଣ** | **କୁଇଣ୍ଟାଲରେ** |
| ବିକ୍ରି | -୮,୯୧,୭୪୦. ୬୮ |
| ପ୍ରଥମ ଟାର୍ଗେଟ | -୬,୦୪,୪୧୧. ୭୬୫ |
| ଦ୍ୱିତୀୟ ଟାର୍ଗେଟ | -୧,୧୭, ୬୪୭.୦୫ |
| ତୃତୀୟ ଟାର୍ଗେଟ | -୮୮, ୨୩୫.୨୯ |
| ଚତୁର୍ଥ ଟାର୍ଗେଟ | -୫୮, ୮୨୩.୫୩ |
| ପଞ୍ଚମ ଟାର୍ଗେଟ | -୧୪, ୭୦୫.୮୮୨ |
| ଷଷ୍ଠ ଟାର୍ଗେଟ | -୨୯, ୪୧୧.୭୬ |
| ସପ୍ତମ ଟାର୍ଗେଟ | -୧୪, ୦୦୦ |

### ମିଲରମାନେ ଶୋଷଣ କରୁଛନ୍ତି



"ଯେଉଁ ପରିମାଣରେ ଜିଲାରେ ଧାନ ଚାଷ ହେଉଛି, ସେହି ଅନୁଯାୟୀ ମଣ୍ଡିରୁ ଧାନ ଉଠୁନାହିଁ। ମଣ୍ଡିରେ ନାନା ଅବ୍ୟବସ୍ଥା ଥିବାବେଳେ ମିଲରମାନେ ଶୋଷଣ କରୁଛନ୍ତି। ବାରମ୍ଵାର ଅଭିଯୋଗ ପରେ ମଧ ସ୍ଥିତି ସୁଧୁରୁନାହିଁ। ତେଣୁ ଚାଷୀ ଅଭାବୀ ବିକ୍ରୀର ସମ୍ମୁଖୀନ ହେଉଛି।

-ଦୁର୍ଯ୍ୟୋଧନ ପ୍ରଧାନ, ଚାଷୀ, କଣିହାଁ

### ବ୍ୟବସ୍ଥା ନ କଲେ ଆନ୍ଦୋଳନ



"ଚାଷୀମାନେ ହଜାର ହଜାର କୁଇଣ୍ଟାଲ ଧାନ ଧରି ମଣ୍ଡିରେ ବସିଛନ୍ତି। କିନ୍ତୁ ସରକାରଙ୍କ ନିକଟରୁ ଆସୁଥିବା ଟାର୍ଗେଟ ସେହି ତୁଳନାରେ ବହୁ କମ୍। ତେଣୁ ଚାଷୀମାନେ ହତାଶ ହୋଇପଡୁଛନ୍ତି। ଏ ନେଇ ସରକାର ବ୍ୟବସ୍ଥା ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବୁ।

-ଧ୍ରୁବ ଚରଣ ସାହୁ, ବିଲେଇନାଳୀ

### ଦଲାଲ୍‌ଙ୍କୁ ପୋଷୁଛନ୍ତି ସରକାର



"ଦଲାଲମାନଙ୍କୁ ପ୍ରୋତ୍ସାହନ ଦିଆଯାଉଥିବା ବେଳେ ଚାଷୀଙ୍କ ସହ ସରକାର ଖେଳୁଛନ୍ତି। ଧାନ କିଣା ସମୟରେ ୩ରୁ ୪ କିଲୋ ବିଭିନ୍ନ ଆଳରେ ହେରଫେର କରାଯାଉଛି। ଫଳରେ ଧାର୍ଯ୍ୟ ମୂଲ୍ୟ ଠାରୁ ଢେର କମ୍ ଅର୍ଥ ମିଳୁଛି। ତେଣୁ ସରକାର ଚାଷୀମାନଙ୍କ ପ୍ରତି ସଦୟ ହୁଅନ୍ତୁ।

-ବାନାମ୍ବର ସାହୁ, ଚାଷୀ, ହଣ୍ଡପା

## ସଂକ୍ଷେପରେ

### ଋଣ ଜାଲିଆତି ଅଭିଯୋଗ

**ବଇଣ୍ଡା,୬।୩(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ସାନହୁଲା ନିକଟସ୍ଥ ତଲେଇପଥର ଗ୍ରାମର ଚାଷୀ ଗୋକୁଳା ନନ୍ଦ ନାୟକଙ୍କ ଜାଲ ଦସ୍ତଖତ କରି ସାନହୁଲା ସେବା ସମବାୟ ସମିତିର ଅଧିକାରୀମାନେ ଟଙ୍କା ହଡ଼ପ କରିଥିବା ଗୋକୁଳା ନନ୍ଦ ଗୁରୁବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ସେ ଉଲ୍ଲେଖ କରିଛନ୍ତି, ୨୦୧୫ ମସିହାରେ କୃଷି ଋଣ ଭାବରେ ସେ ୧ ଲକ୍ଷ ୬୫ ହଜାର ଟଙ୍କା ଉଠାଣ କରିଥିଲେ। ସେହି ସମୟରେ ବ୍ୟାଙ୍କ ପାସବୁକ ଓ ଚେକ ବହି ସୋସାଇଟିର ଜଣେ କର୍ମଚାରୀ ରଖିଥିଲେ। ପରେ ବିଭିନ୍ନ ସମୟରେ ତାଙ୍କ ଚେକ ବହିରେ ଜାଲ ଦସ୍ତଖତ କରି ୧ ଲକ୍ଷ ୫୪ ହଜାର ଟଙ୍କା ଉଠାଇ ନିଆଯାଇଛି। ଋଣ ପରିଶୋଧ ପାଇଁ କହିବା ବେଳେ ସେ ୩ ଲକ୍ଷ ୧୯ ହଜାର ଟଙ୍କା ଋଣ ନେଇଛନ୍ତି ଓ ସୁଧ ସହ ମୋଟ ୫ ଲକ୍ଷ ୨୪ ହଜାର ୨୮୭ ଟଙ୍କା ଦେବାକୁ ପଡ଼ିବ ବୋଲି ସୋସାଇଟି ପକ୍ଷରୁ କୁହାଯାଇଥିଲା। ତେଣୁ ତାଙ୍କ ନାମରେ ଜାଲ ଦସ୍ତଖତ କରାଯାଇ ଟଙ୍କା ଉଠାଣ ହୋଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ସୋସାଇଟି ସମ୍ପାଦକ ପଦ୍ମଚରଣ ସାହୁ କହିଛନ୍ତି, ଗୋକୁଳା ନନ୍ଦ ତାଙ୍କ ପାଖରେ ପାସବୁକ ଓ ଚେକ ବହି ରଖିଥିଲେ। ସେ ହିଁ ନିଜେ ୨୦୧୫ ମସିହାରୁ ଅନୁଗୋଳ ସଂଯୁକ୍ତ ବ୍ୟାଙ୍କ ଆଠମଲ୍ଲିକ ଶାଖାରୁ ଟଙ୍କା ଉଠାଇଛନ୍ତି। ସୋସାଇଟିର କେହି କର୍ମଚାରୀ ଜାଲ ଦସ୍ତଖତ ମାରି ଟଙ୍କା ଉଠାଇନାହାନ୍ତି। ସେ ମିଥ୍ୟା ଅଭିଯୋଗ କରିଛନ୍ତି। ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା କହିଛନ୍ତି, ଅଭିଯୋଗ ମିଳିଲେ ପୋଲିସକୁ ତଦନ୍ତ ନିର୍ଦ୍ଦେଶ ଦିଆଯିବ।

### ଉଚ୍ଚ ବିଦ୍ୟାଳୟ ପୁରସ୍କୃତ



**ମାଧପୁର,୬।୩:** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ୨୦୧୯ ଅଗଷ୍ଟରୁ ଆରମ୍ଭ ହୋଇଥିବା ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଉତ୍କୃଷ୍ଟତା ପ୍ରଦର୍ଶନ କରିଥିବାରୁ ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ମାଧପୁର ଉଚ୍ଚ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଛି। ମାଧପୁର ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶରତ ଚନ୍ଦ୍ର ସାହୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଠାରୁ ପୁରସ୍କାର ରାଶି ସହିତ ମାନପତ୍ର ଏବଂ ଟ୍ରଫି ଗ୍ରହଣ କରିଥିବା ଜଣାପଡ଼ିଛି।

### ୪୦ ୟୁନିଟ୍ ରକ୍ତ ସଂଗ୍ରହ



**ଅନୁଗୋଳ ଅଫିସ,୬।୩:** ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରଠାରେ ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଜୁ ବାବୁଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଓଡ଼ିଶା ମୋ ପରିବାର ଓ ଜୀବନବିନ୍ଦୁର ଜିଲା ସଂଯୋଜକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ପ୍ରଦୀପ ଦେବତା, ଅନୁଗୋଳ ମହାବିଦ୍ୟାଳୟର ପୂର୍ବତନ ସଭାପତି ରାଜା ମହେନ୍ଦ୍ର ମିଶ୍ର, ଯୁବ ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନ, କମଳକାନ୍ତ ସାହୁ, ଚନ୍ଦନ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଶିବିରରେ ମୋଟ୍ ୪୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତ ଭଣ୍ଡାର ସଦସ୍ୟମାନେ ସହଯୋଗ କରିଥିଲେ। ଡାକ୍ତର ସତ୍ୟବ୍ରତ ପାଟଯୋଶୀ ରକ୍ତଦାତାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

### 'ସୁନାର ପାଲଲହଡ଼ା ପାଇଁ ପ୍ରତିଶ୍ରୁତିବଦ୍ଧ'

**ଖମାର,୬।୩(ଡି.ଏନ.ଏ.):** ପାଲଲହଡ଼ା ବ୍ଲକ ଖମାରରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଖମାର ଡାକ୍ତରଖାନା ପଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ମୁକେଶ କୁମାର ପାଲ ଯୋଗଦେଇ ପାଲଲହଡ଼ାକୁ ସୁନାର ପାଲଲହଡ଼ା କରିବାକୁ ପ୍ରତିଶ୍ରୁତି ବଦ୍ଧ ବୋଲି କହିଥିଲେ। ଏଥିରେ ସରପଞ୍ଚ, ସମିତି ସଭ୍ୟ, ବିଜେଡି କର୍ମୀମାନଙ୍କ ସହିତ ବ୍ଲକ ଅଧ୍ୟକ୍ଷ ନବକିଶୋର ନାଏକ, ଜିଲା ବିଜେଡି ଉପସଭାପତି ନରେନ୍ଦ୍ର ଭୁକ୍ତା, କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ପାଲଲହଡ଼ା ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ, ଜିଲା ବିଜେଡି ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ ଖମାର ପଞ୍ଚାୟତ ସଭାପତି ପବିତ୍ରମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଝଡ଼ର ଇଗଲ ଥିଲେ ବିଜୁ ବାବୁ

**ବଇଣ୍ଡା,୬।୩(ଡି.ଏନ.ଏ.):** ଝଡ଼ର ଇଗଲ ଥିଲେ ବିଜୁ ବାବୁ। କିଶୋରନଗର ବ୍ଲକ ନାକିଚିଠାରେ ପଞ୍ଚାୟତିରାଜ ଦିବସରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ ଯୋଗଦେଇ ଏହା କହିଛନ୍ତି। ଡାକ ବଙ୍ଗଳା ନିକଟ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଜେଡି ନେତା ପ୍ରତାପ ମାଝି, ପରମାନନ୍ଦ ପ୍ରଧାନ, ସନ୍ତୋଷ ପ୍ରଧାନ, ନାରାୟଣ ମାଝି, ରଞ୍ଜନ ବିଶ୍ୱାଳ, ରଞ୍ଜିତ ସାହୁ, ବବୁଲ ନାଗ ପ୍ରମୁଖ ଯୋଗ ଦେଇଥିଲେ।


ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

## ଛେଣ୍ଡିପଦାରେ ଲୋକସେବା ଦିବସ


କାର୍ଯ୍ୟକ୍ରମରେ ବିଧାୟକ, ବିଡିଓଙ୍କ ସହ ଅନ୍ୟମାନେ।

**ଛେଣ୍ଡିପଦା,୬।୩(ଡି.ଏନ.ଏ.):** ଛେଣ୍ଡିପଦା ପଞ୍ଚାୟତ ସମିତି ସଭାଗୃହରେ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ ହୋଇଛି। ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ଅଶୋକ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାକର ପ୍ରଧାନ ଯୋଗ ଦେଇଥିଲେ। ଛେଣ୍ଡିପଦା ବ୍ଲକର ନିର୍ବାଚିତ ପ୍ରତିନିଧି, ମିଶନ ଶକ୍ତି ଗୋଷ୍ଠିର ସଭ୍ୟାମାନେ ଉପସ୍ଥିତ ଥିଲେ।

## ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା


ବ୍ଲକ ସଭାଗୃହରେ ଆୟୋଜିତ ସଭାରେ ଅତିଥିମାନେ।

**କଣିହାଁ,୬।୩(ଡି.ଏନ.ଏ.):** କଣିହାଁ ବ୍ଲକ ପକ୍ଷରୁ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ଉପାଧ୍ୟକ୍ଷା ତ୍ରିପୁରାରୀ ପ୍ରଧାନ, ଏବିଡିଓ ବିଜୟ କୁମାର ମେହେର, ବିତ୍ତୀୟ ଅଧିକାରୀ ବିଭୁପ୍ରସାଦ ଦାସ, ଜିପିଓ ବିନୋଦ ବିହାରୀ ଖୁଣ୍ଟିଆ, କଲେଜ ଅଧ୍ୟକ୍ଷ ଆଲୋକ ରଞ୍ଜନ ପାତ୍ର, ରାହାସ ଚନ୍ଦ୍ର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଜନ ସଚେତନତାକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ରେଙ୍ଗାଳିଠାରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଢେଙ୍କାନାଳ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଶ୍ୟାମ ସୁନ୍ଦର ସାହୁଙ୍କ ସମେତ ପବିତ୍ରମୋହନ ସ୍ମୃତି ପରିଷଦ ଏବଂ ରେଙ୍ଗାଳି ଜୋନ୍ ବିଜୁପ୍ରେମୀମାନେ ଯୋଗ ଦେଇଥିଲେ। ସୁରେଶ ଧଳ, ଭୀମସେନ ପ୍ରଧାନ, ସଞ୍ଜୟ ସାହୁ, ବିଜୟ ସାମଲ, ସାମାଜିକ କର୍ମୀ ରବି ପାତ୍ର, ରାଜକିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଜୟନ୍ତୀରେ ଉଠିଲା ଭାରତ ରତ୍ନ ଦାବି


ଅନୁଗୋଳ ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଜୟନ୍ତୀ କାର୍ଯ୍ୟକ୍ରମ।

**ଅନୁଗୋଳ ଅଫିସ,୬।୩:** ଅନୁଗୋଳ ନିର୍ବାଚନମଣ୍ଡଳୀ ଚଣ୍ଡୀଖମଣ ଆମ୍ବତୋଟା ଠାରେ ବିଜୁ ବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ୪୨ଟି ପଞ୍ଚାୟତ ଓ ପୌରାଞ୍ଚଳ ବିଜେଡି ନେତୃମଣ୍ଡଳୀ ଯୋଗଦାନ କରିଥିଲେ। ଜିଲା ବିଜେଡି ସମ୍ପାଦକ ପ୍ରିୟଦର୍ଶୀ ପଟ୍ଟନାୟକ, ଜିଲା ସଭାପତି ମହେନ୍ଦ୍ର ବସ୍ତିଆ, ଅରୁଣାଭ ସିଂହ, ବ୍ଲକ ସଭାପତି ସରୋଜ ସାହୁ, ଜିଲା ଯୁବ ବିଜେଡି ଉପସଭାପତି ସରୋଜ ନାଏକ, ବଣଁରପାଳ ବ୍ଲକ ଯୁବ ବିଜେଡି ସଭାପତି ସୁସେନ ଗଡନାୟକ, ବଣଁରପାଳ ବ୍ଲକ ସଭାପତି ବିଜୟ କୁମାର ନାଥ, ପୌରାଞ୍ଚଳ ଯୁବ ସଭାପତି ବିଶ୍ୱରଞ୍ଜନ ସାହୁ, ଅନୁଗୋଳ ବ୍ଲକ ମହିଳା ସଭାପତି କଲ୍ୟାଣୀ ବିଲାସ, ଜିଲା ପରିଷଦ ସଭ୍ୟ, ରାଜ୍ୟ ଗ୍ରାମୀଣ ଗୃହ ନିର୍ମାଣ ନିଗମ ଅଧ୍ୟକ୍ଷ ମୀନକେତନ ଅମାତ୍ଯ ପ୍ରମୁଖ ଉପସ୍ଥିତ ରହି ବିଜୁ ବାବୁଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ଦାବି କରିଥିଲେ।

# ବରିଷ୍ଠ ନାଗରିକଙ୍କୁ ଟିକା

**ଆଠମଲ୍ଲିକ/ ଛେଣ୍ଡିପଦା,୬।୩(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନାରେ ଶନିବାର ୧୪୦ ଜଣ ବରିଷ୍ଠ ନାଗରିକଙ୍କୁ କରୋନା ଟିକା ପ୍ରଦାନ କରାଯାଇଛି। ଉପଖଣ୍ଡ ଡାକ୍ତରଖାନା ଅଧୀକ୍ଷକ ଡାକ୍ତର ସୁନୀଲ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଟିକା ପ୍ରଦାନ ପରେ ବରିଷ୍ଠ ନାଗରିକମାନେ ସେଠାରେ ଅଧଘଣ୍ଟା ବିଶ୍ରାମ କରି ଘରକୁ ଯାଇଥିବା ଦେଖିବାକୁ ମିଳିଥିଲା। ସେହିପରି ଛେଣ୍ଡିପଦା ବ୍ଲକ ସଭାଗୃହଠାରେ କରୋନା ଯୋଦ୍ଧାଙ୍କ ୨ୟ ପର୍ଯ୍ୟାୟ କୋଭିଡ୍ ଟିକାକରଣ ଅନୁଷ୍ଠିତ ହୋଇଛି। ଛେଣ୍ଡିପଦା ବ୍ଲକ, ଥାନା ଓ ତହସିଲ କାର୍ଯ୍ୟାଳୟର ସମସ୍ତ କୋଭିଡ୍ ଯୋଦ୍ଧାଙ୍କ ସମେତ ମୋଟ୍ ୧୨୧ ଜଣଙ୍କୁ ଟିକା ଦିଆଯାଇଥିଲା। ଟିକାକରଣରୁ ବଞ୍ଚିତ ଯୋଦ୍ଧା ଓ ବରିଷ୍ଠ ନାଗରିକମାନଙ୍କୁ ଆସନ୍ତା ମଙ୍ଗଳବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ଦିଆଯିବ ବୋଲି କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିପିଏମ ସଂଜୟ କୁମାର ବେହେରା ପ୍ରକାଶ କରିଛନ୍ତି।



ଆଠମଲ୍ଲିକରେ ବରିଷ୍ଠ ନାଗରିକମାନେ ଟିକା ନେବା ପାଇଁ ଅପେକ୍ଷା କରିଛନ୍ତି।

## ଦୁର୍ଘଟଣାରେ ଜଣେ ମୃତ

**ବଇଣ୍ଡା,୬।୩(ଡି.ଏନ.ଏ.)**

ଅନୁଗୋଳ ଜିଲା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ଲୁହାମୁଣ୍ଡା ନିକଟରେ ଶୁକ୍ରବାର ରାତିରେ ଏକ ଟ୍ରକ୍ ସହ ବାଇକ୍ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକ ହଣ୍ଡପା ଥାନା ଡଙ୍ଗାଧର ଗ୍ରାମର ଶଙ୍କର ପ୍ରଧାନ (୨୩)ପ୍ରାଣ ହରାଇଛନ୍ତି। ବାଇକ୍ ପଛରେ ବସିଥିବା ସହଯୋଗୀ ଗୁରୁତର ହୋଇଛନ୍ତି। ପୋଲିସ କହିଛି, ଶଙ୍କର ଓ ସହଯୋଗୀ ବାଇକ (ନଂ. ଓଡି୧୯କେ-୧୫୨୪)ରେ ହଣ୍ଡପାରୁ ଘରକୁ ଆସୁଥିବାବେଳେ ଟ୍ରକ୍ ଧକ୍କା ଦେଇଥିଲା। ହଣ୍ଡପା ପୋଲିସ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟଚିକିତ୍ସାଳୟକୁ ନେଉଥିବାବେଳେ ଶଙ୍କରଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ ସହ ନଂ. ୬୦/୨୧ ରେ ମାମଲା ରୁଜୁ ହୋଇଛି।

## ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ପ୍ରସ୍ତୁତି ବୈଠକ

**ତାଳଚେର,୬।୩(ନି.ପ୍ର.)**

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ଓ ୧୯ତମ ଲୋକ ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଗୋପାଳପ୍ରସାଦସ୍ଥିତ ପୀଠରେ ଅନୁଷ୍ଠିତ ହୋଇଯାଇଛି। ତାଳଚେର ଉପଜିଲାପାଳ ତଥା ଟ୍ରଷ୍ଟ ବୋର୍ଡ ମ୍ୟାନେଜିଂ ଟ୍ରଷ୍ଟି ରଜନୀକାନ୍ତ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମା'ଙ୍କ ବାର୍ଷିକ ଯାତ୍ରା ଆସନ୍ତା ଏପ୍ରିଲ ୨୫ରୁ ଆରମ୍ଭ ହେବାକୁ ଥିବାରୁ କୋଭିଡ୍ ନିୟମ ଅନୁପାଳନ ପୂର୍ବକ ପାରମ୍ପରିକ ନୀତିନିୟମ ଅନୁଯାୟୀ ସମ୍ପନ୍ନ କରିବାକୁ ବିଧାୟକ ବ୍ରଜକିଶୋର ପ୍ରଧାନ ପ୍ରସ୍ତାବ ଦେଇଥିଲେ। ଯଦି ସରକାର ନିର୍ଦ୍ଦିଷ୍ଟ ବିଜ୍ଞପ୍ତି ମାଧ୍ୟମରେ ଅନୁମତି ପ୍ରଦାନ କରନ୍ତି, ତା'ହେଲେ ଉତ୍ସବ ପାଳନ କରାଯିବ ବୋଲି ବୈଠକରେ ନଷ୍ପତ୍ତି ହୋଇଥିଲା। ଟ୍ରଷ୍ଟବୋର୍ଡ ବରିଷ୍ଠ ସଦସ୍ୟ ଜଗନ୍ ମୋହନ ଗଡନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ସୁନୀଲ ପ୍ରଧାନ, ହିଙ୍ଗୁଳା ମହାପ୍ରବନ୍ଧକ ପି.ବି.ରେଡ୍ଡୀ, ମୁରଲୀଧର ସାହୁ, ସୌଭାଗ୍ୟ ପ୍ରଧାନ, ସଞ୍ଜୟ ସାହୁ, ରାଜେନ୍ଦ୍ର କୁମାର ସିଂହ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ ଖଣି ଅଧିକାରୀ,ଏନ୍‌ଟିପିସିର ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ନାଲ୍‌କୋରେ ସୁରକ୍ଷା ଦିବସ

**ବଣଁରପାଳ,୬।୩(ଡି.ଏନ.ଏ.)**

ନାଲ୍‌କୋ ଏସ୍‌ଆଣ୍ଡପି ପରିସରରେ ୫୦ତମ ଜାତୀୟ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁରକ୍ଷା ସପ୍ତାହର ଶୁଭାରମ୍ଭ କରିଥିଲେ। ନାଲ୍‌କୋ ଇଡି ଅମ୍ବିକା ପ୍ରସାଦ ପଣ୍ଡା, ଜିଜିଏମ୍ ଏସ୍. ଏନ୍. ସାହୁ, ଜିଜିଏମ୍ ସରୋଜ ମିଶ୍ର, ସୁଧୀର ପଟ୍ଟନାୟକଙ୍କ ସମେତ ଓ ବଏଲର ବିଭାଗ ଅଧିକାରୀ ଓ ନାଲ୍‌କୋ ସୁରକ୍ଷା ବିଭାଗର ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତଙ୍କୁ ସୁରକ୍ଷା ଶପଥ ପାଠ କରାଯାଇଥିଲା। ସ୍ମେଲଟର ଓ ସିପିପିରେ ପୃଥକ ଭାବେ କାର୍ଯ୍ୟକ୍ରମ ଆୟୋଜନ କରାଯାଥିଲା। ଜିଜିଏମ୍ ସିପିପି ଓ ଜିଜିଏମ୍ ସ୍ମେଲଟରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।


ସୁରକ୍ଷା ଦିବସ ଅବସରରେ ଶପଥପାଠ କରାଯାଉଛି।

# ଜୋର୍ ଧରୁଛି ଟିଟିପିଏସ୍ ଶ୍ରମିକ ଆନ୍ଦୋଳନ



ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ଶ୍ରମିକଙ୍କ ସହ ଆଲୋଚନା କରୁଛନ୍ତି।

**ତାଳଚେର,୬।୩(ନି.ପ୍ର.)**

ତାଳଚେର ଥର୍ମାଲ୍ ପାୱାର ଷ୍ଟେଶନ (ଟିଟିପିଏସ୍)କୁ ମାର୍ଚ୍ଚ ୩୧ ପରେ ବନ୍ଦ ନ କରିବା, ଶ୍ରମିକ ଓ ଅଞ୍ଚଳବାସୀଙ୍କ ସ୍ୱାର୍ଥ ପାଇଁ ୧୩୨୦ ମେଗାୱାଟ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ନୂତନ ଫେଜ୍-୩ ୟୁନିଟ୍ ସ୍ଥାପନ ଦିଗରେ ତ୍ୱରିତ ପଦକ୍ଷେପ ନେବା ଦାବିରେ ଟିଟିପିଏସ୍ ଶ୍ରମିକ ଏକତା ମଞ୍ଚ ଚଳାଇଥିବା ଆନ୍ଦୋଳନ ଜୋର୍ ଧରୁଛି। ଶନିବାର ଏହି ଆନ୍ଦୋଳନ ୧୩ ଦିନରେ ପହଞ୍ଚିଥିବା ବେଳେ ଏହାକୁ ସମର୍ଥନ ଜଣାଇବାକୁ ରାଜନେତାମାନଙ୍କ ଧାଡ଼ି ଲାଗୁଥିବା ଦେଖାଯାଉଛି। ଶନିବାର ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝିଙ୍କ ସମେତ ବହୁ କଂଗ୍ରେସ ନେତା ଧାରଣାସ୍ଥଳରେ ପହଞ୍ଚି ସମର୍ଥନ ଦେବା ସହ ଶ୍ରମିକଙ୍କ ସହିତ ଆଲୋଚନା କରିଥିଲେ। କୌଣସି ଜନଶୁଣାଣି ଓ ପଞ୍ଜୀକୃତ ୟୁନିଅନକୁ ନ ଜଣାଇ ହଠାତ୍ ଏନ୍‌ଟିପିସି କର୍ତ୍ତୃପକ୍ଷ ଠିକାଦାରମାନଙ୍କୁ କାମ ବନ୍ଦ କରିବା ପାଇଁ ଚିଠି ଦେବା ସମ୍ପୂର୍ଣ୍ଣ ବେଆଇନ। ତେଣୁ ଏହା ବିରୋଧରେ ଦଳଗତ ନିର୍ବିଶେଷରେ ଆନ୍ଦୋଳନକୁ ଜୋରଦାର କରିବା ପାଇଁ କଂଗ୍ରେସ ଦଳ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। ଏଥିସହ କୋଇଲା ପରିବହନ ଓ ନଦୀରୁ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏକତା ମଞ୍ଚର ଆନ୍ଦୋଳନ ଆରମ୍ଭ ପରଠାରୁ ଏହାକୁ ଅନେକ ରାଜନୈତିକ ଦଳ ଓ ନେତାଙ୍କ ପକ୍ଷରୁ ସମର୍ଥନ ମିଳିବା ଆରମ୍ଭ ହୋଇଛି। ପୂର୍ବରୁ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ମହିଳା କଂଗ୍ରେସ ନେତ୍ରୀ ସସ୍ମିତା ବେହେରା, ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା, ରାଜକିଶୋର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଗମ୍ବର ଗଡନାୟକ, ଭାଜପା ରାଜ୍ୟ ସାଧାରଣ ସମ୍ପାଦକ କାଳନ୍ଦୀ ସାମଲ ଶ୍ରମିକମାନଙ୍କ ନିକଟରେ ପହଞ୍ଚି ଆଲୋଚନା କରି ଫେରିସାରିଛନ୍ତି। ଶୁକ୍ରବାର ବରିଷ୍ଠ ଭାଜପା ନେତା ରୁଦ୍ରନାରାୟଣ ପାଣି ମଞ୍ଚରେ ଯୋଗ ଦେଇଥିଲେ।

### ସମର୍ଥନ ପାଇଁ ଲାଗିଲାଣି ନେତାଙ୍କ ଧାଡ଼ି

### ରାଜ୍ୟ, କେନ୍ଦ୍ର ସରକାର ପଦକ୍ଷେପ ନିଅନ୍ତୁ



"ଏହି ପ୍ଲାଣ୍ଟ ବନ୍ଦ ହେଲେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୩୦ ହଜାର ଶ୍ରମିକ ଏବଂ ଅଞ୍ଚଳବାସୀ ପ୍ରଭାବିତ ହେବେ। ପାରିପାର୍ଶ୍ୱିକ ଉନ୍ନୟନ ଯୋଜନାରେ ଚାଲୁଥିବା କାର୍ଯ୍ୟ ବନ୍ଦ ହୋଇଯିବ। ରାଜ୍ୟ ଓ କେନ୍ଦ୍ର ସରକାର ତୁରନ୍ତ ଏ ଦିଗରେ ବିଚାର କରି ସମସ୍ୟାର ସମାଧାନ କରନ୍ତୁ।

-ସରୋଜ ନାଥ, କାର୍ଯ୍ୟକାରୀ ସଭାପତି, ଶ୍ରମିକ ଏକତା ମଞ୍ଚ


### ଇତିହାସ କେବେ କ୍ଷମା ଦେବନି



"ରାଜନୀତି ପାଇଁ ଟିଟିପିଏସ୍ ଏବେ ବନ୍ଦ ହେବାକୁ ଯାଉଛି। ଫଳରେ ବହୁ ସଂଖ୍ୟକ ଶ୍ରମିକ ଚିନ୍ତାରେ ପଡ଼ିଯାଇଛନ୍ତି। କେନ୍ଦ୍ର ଓ ସରକାର, ଏନ୍‌ଟିପିସି କର୍ତ୍ତୃପକ୍ଷ ତୁରନ୍ତ ସେମାନଙ୍କ ନିଷ୍ପତ୍ତି ସ୍ପଷ୍ଟ କରିବା ଦରକାର। ଟିଟିପିଏସ୍ ବନ୍ଦ ହେଲେ ଏଠାକାର ଲୋକପ୍ରତିନିଧିମାନଙ୍କୁ ଇତିହାସ କେବେ କ୍ଷମା ଦେବ ନାହିଁ।

-ଦେବବ୍ରତ ରଥ, ଉପସଭାପତି

### ଚକ୍ରାନ୍ତ ବିଷୟରେ ମୁହଁ ଖୋଲୁନାହାନ୍ତି



"ଟିଟିପିଏସ୍‌କୁ ନେଇ କି ଚକ୍ରାନ୍ତ ଚାଲିଛି ତାହା ସାଧାରଣରେ ବୁଝାପଡୁନି। ଯେତେ ସ୍ଥାନକୁ ଗଲୁଣି ପ୍ଲାଣ୍ଟ ବନ୍ଦ ହେବ କି ଚାଲିବ, ସେ ସମ୍ପର୍କରେ କୌଣସି ଠାରୁ ଠିକ୍ ସୂଚନା ମିଳୁନି। ଏନ୍‌ଟିପିସି କାହା ସହିତ ହାତ ମିଳାଇ ଏଭଳି କରୁଛି ତାହା କେହି କହିପାରୁନାହାନ୍ତି। ଏବେ ଟିଟିପିଏସ୍ ଶ୍ରମିକମାନଙ୍କ ପରିବାରର ଭବିଷ୍ୟତ ନଷ୍ଟ ହେବାକୁ ଯାଉଛି।

-ସବିତା ସାହୁ, ଶ୍ରମିକ

# ସଂକ୍ଷେପରେ

## ଇଫ୍‌କୋକୁ ଦୁଇ ଦିନରେ ୨ ଆୱାର୍ଡ

ପାରାଦୀପ,୬।୩(ସ୍ୱ.ପ୍ର.): ପାରାଦୀପର ଇଫ୍‌କୋ ସାର କାରଖାନାକୁ ଗତ ୨ ଦିନରେ ୨ଟି ଆୱାର୍ଡ ମିଳିଛି। କାରଖାନା ପରିସରରେ ସୁରକ୍ଷା ନିରାପତ୍ତା କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ପାଇଁ ନ୍ୟାଶନାଲ ସେଫ୍ଟି ଆୱାର୍ଡ ଦିଆଯାଇଛି। ଜାତୀୟ ଉତ୍ପାଦନ ନିୟନ୍ତ୍ରକ ପରିଷଦ ପକ୍ଷରୁ ଦିଲ୍ଲୀରେ ଶୁକ୍ରବାର ଏହି ଆୱାର୍ଡ ଦିଆଯାଇଛି। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ଶନିବାର କର୍ପୋରେଟ ଏକ୍ସଲେନ୍ସି ଆୱାର୍ଡ ପ୍ରଦାନ କରାଯାଇଛି। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଭୁବନେଶ୍ୱରରେ ଏହାକୁ ପ୍ରଦାନ କରିଛନ୍ତି ବୋଲି କମ୍ପାନୀ ନିର୍ବାହୀ ନିର୍ଦ୍ଦେଶକ କେ.ଜେ. ପଟେଲ ସୂଚନା ଦେଇଛନ୍ତି। କରୋନା ସମୟରେ ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ ଉତ୍ପାଦନ ଜାରି ରଖାଯାଇଥିଲା। ଏନେଇ ଏହି ଆୱାର୍ଡ ଦିଆଯାଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ଆଇସିଏଆଇ ଭୁବନେଶ୍ୱର ଶାଖାର ନୂତନ କର୍ମକର୍ତ୍ତା



ଭୁବନେଶ୍ୱର,୬।୩: ଇଆଇଆର୍‌ସିର ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆର ଭୁବନେଶ୍ୱର ଶାଖାରେ ୨୦୨୧-୨୨ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଯାଇଛନ୍ତି। ଶାଖାର ନିର୍ବାଚିତ ନୂତନ କର୍ମକର୍ତ୍ତାଙ୍କ ମଧ୍ୟରେ ଅଧ୍ୟକ୍ଷ ସିଏ ବିଶ୍ୱରଞ୍ଜନ ସୂତାର, ଉପାଧ୍ୟକ୍ଷ ତଥା ଛାତ୍ର ସଂଗଠନର ଅଧ୍ୟକ୍ଷ ସିଏ ରଞ୍ଜନ କୁମାର ପୃଷ୍ଟି, ସେକ୍ରେଟାରୀ ଭାବେ ସିଏ ଜାହ୍ନବୀ ଦେଓ, କୋଷାଧ୍ୟକ୍ଷ ସିଏ ଡ. ଗୌତମ ଲେଙ୍କା, ଏମ୍‌ସି ସଦସ୍ୟ ଭାବେ ସିଏ ପ୍ରଦୀପ କୁମାର ସାହୁ, ସିଏ ସୁଜ୍ଞାନ କୁମାର ସାହୁ, ସିଏ ବିଭୁପ୍ରସାଦ ମହାପାତ୍ର ମନୋନୀତ ହୋଇଥିବା ସୂଚନା ମିଳିଛି।

# କମି ନ ପାରେ ତେଲ ଦର

## ଅଶୋଧିତ ତୈଳ ଦର ବୃଦ୍ଧି



ନୂଆଦିଲ୍ଲୀ,୬।୩

ସାରା ବିଶ୍ୱରେ ଅଶୋଧିତ ତୈଳ ମୂଲ୍ୟ ଶନିବାର ରେକର୍ଡ ସ୍ତରରେ ପହଞ୍ଚିଛି। ଫଳରେ ଅନ୍ତର୍ଜାତୀୟ ବଜାରରେ ତୈଳ ବ୍ୟାରେଲ ପିଛା ଦର ୧୦ ଡଲାର ବୃଦ୍ଧି ନେଇ ଗୋଲ୍ଡମ୍ୟାନ୍ ସ୍ୟାଚ୍ ପକ୍ଷରୁ କରାଯାଇଥିବା ପୂର୍ବାନୁମାନ ସତ୍ୟ ପ୍ରମାଣିତ ହେବାକୁ ଯାଉଛି । ପ୍ରାୟ ୨ ବର୍ଷ ପରେ ବ୍ୟାରେଲ ପିଛା ଦର ଉଚ୍ଚତମ ସ୍ତରରେ ପହଞ୍ଚିଥିବା ବେଳେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଇବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। କରୋନା ଭାଇରସ୍ ମହାମାରୀ ଲାଗି ବିଶ୍ୱର ଅନେକ ଦେଶରେ ଲକ୍‌ଡାଉନ୍ ଓ ଶଟ୍‌ଡାଉନ ଭଳି ପରିସ୍ଥିତି ଜାରି ରହିଥିଲା। ଏହି ସଂକ୍ରମଣ ଯୋଗୁ ଦର ହ୍ରାସ ହୋଇଥିଲା ଅଚାନକ ଅଶୋଧିତ ତୈଳ ଦର ବଢ଼ିବା ସହ ଏହାର ଚାହିଦା ମଧ୍ୟ ବଢ଼ିଯାଇଛି। ଗୋଟିଏ ପଟେ ଚାହିଦା ବୃଦ୍ଧି ହୋଇଥିବା ବେଳେ ଅନ୍ୟପଟେ ତୈଳ ଉତ୍ପାଦନକାରୀ ଦେଶ ମଧ୍ୟରେ ବିବାଦ କାରଣରୁ ଉତ୍ପାଦନ ହ୍ରାସ ନିଷ୍ପତ୍ତିରୁ ଓହରୁନାହାନ୍ତି। ଫଳରେ ଏହିସବୁ ଦେଶ ଉପରେ ନିର୍ଭର କରୁଥିବା ରାଷ୍ଟ୍ରଗୁଡ଼ିକର ପରିସ୍ଥିତି ଆଗକୁ ତୈଳ ଉତ୍କଟ ହେବାକୁ ଯାଉଛି। ଆମେରିକା ବ୍ରେଣ୍ଟ କ୍ରୁଡ୍ ବ୍ୟାରେଲ ପିଛା ଦର ଶନିବାର ୬୭.୪୪ ଡଲାର ଉପରେ ରହିଥିବା ବେଳେ ଆମେରିକା ବଜାରରେ ତୈଳ ଦର ୫.୬% ବୃଦ୍ଧି ହୋଇଛି। ସାଉଦି ଆରବର ଉତ୍ପାଦନ ହ୍ରାସ ଆଗାମୀ ଏପ୍ରିଲ ଶେଷ ପର୍ଯ୍ୟନ୍ତ ଜାରି ରହିପାରେ ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଜୋର ହେଉଛି। ବିଭିନ୍ନ ରାଷ୍ଟ୍ରର ଭିନ୍ନ ଭିନ୍ନ ନିଷ୍ପତ୍ତି ଯୋଗୁ ଦୈନିକ ୧୦ ଲକ୍ଷ ବ୍ୟାରେଲ ଉତ୍ପାଦନ ହ୍ରାସ ପାଉଛି। ଫଳରେ ଏହାର ପ୍ରଭାବ ସିଧା ବଜାର ଓ ଖାଉଟିଙ୍କ ଉପରେ ପଡୁଛି ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

## ଦର ହ୍ରାସ କେନ୍ଦ୍ର-ରାଜ୍ୟ ଉପରେ ଛାଡିଦେଲେ ନିର୍ମଳା

ନୂଆଦିଲ୍ଲୀ,୬।୩

ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦର ଅଧିକାଂଶ ସ୍ଥାନରେ ୧୦୦ ଟଙ୍କା ଟପିସାରିଛି। ବର୍ତ୍ତମାନ ଖାଉଟି ଯେଉଁ ଦରରେ ପେଟ୍ରୋଲ ଓ ଡିଜେଲ ଉପରେ ଅତିରିକ୍ତ ଅର୍ଥ ଖର୍ଚ୍ଚ କରୁଛନ୍ତି ସେଥିରେ ପ୍ରାୟ ୬୦% ଟିକସ ଆକାରରେ କେନ୍ଦ୍ର ଓ ରାଜ୍ୟ ସରକାର ନେଉଛନ୍ତି। ଗତବର୍ଷ କରୋନା ସମୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବହୁ ତଳକୁ ଖସିଯାଇଥିଲା। ରାଜସ୍ୱ ଆଦାୟ ପାଇଁ କେନ୍ଦ୍ର ସରକାର ତେଲ ଉପରେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କକୁ ଉଚ୍ଚ କରିଦେଇଥିଲେ। କେନ୍ଦ୍ରକୁ ଦେଖି ରାଜ୍ୟ ସରକାର ମଧ୍ୟ ଭାଟ୍ ବଢାଇ ଦେଲେ। କିନ୍ତୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର କମିବା ପରେ ମଧ୍ୟ କେନ୍ଦ୍ର ଏବଂ ରାଜ୍ୟ ଟିକସ ଛାଡ଼ କଲେ ନାହିଁ। ଫଳରେ ପେଟ୍ରୋଲ ଏବଂ ଡିଜେଲ ଦର ଉଚ୍ଚ ରହିବାରୁ ଗ୍ରାହକଙ୍କୁ ବହୁମାତ୍ରାରେ ସମସ୍ୟା ସୃଷ୍ଟି କରିଛି। ଚଳିତବର୍ଷ ଫେବୃୟାରୀ ୧ରେ କେନ୍ଦ୍ରୀୟ ବଜେଟ ଉପସ୍ଥାପନା ସମୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ କମାଇଥିଲେ। କିନ୍ତୁ ସେହି ସ୍ଥାନରେ ସେତିକି ପରିମାଣର ସେସ୍ ଲଗାଇ ଦେଇଥିଲେ। ଫଳରେ ଗ୍ରାହକଙ୍କୁ ଉତ୍ପାଦ ଶୁଳ୍କ ହ୍ରାସର କୌଣସି ଫାଇଦା ମିଳିଲା ନାହିଁ। ତେଲ ଉପରୁ ଟିକସ କମାଇବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦାୟିତ୍ୱ ବୋଲି ନିର୍ମଳା କହିଛନ୍ତି।

## 'ଗଚ୍ଛିତ ତୈଳର ବ୍ୟବହାର କର'

ନୂଆଦିଲ୍ଲୀ,୬।୩

ଗତବର୍ଷ କରୋନା ସମୟରେ ଭାରତ ଅତି ଶସ୍ତାରେ ତେଲ କିଣିଥିଲା। ସେହି ତେଲକୁ ଦେଶର ତିନୋଟି ତେଲ ଭଣ୍ଡାରରେ ରଖାଯାଇଛି। ତାହାକୁ ଭାରତ ଏବେ ବ୍ୟବହାରକରୁ ବୋଲି ସାଉଦି ଆରବର ଶକ୍ତିମନ୍ତ୍ରୀ ପ୍ରିନ୍ସ ଅବଦୁଲ୍ଲାଜିଜ୍ ବିନ୍ ସଲମନ୍ କହିଛନ୍ତି। ଗତବର୍ଷ ଏପ୍ରିଲ-ମେ'ରେ ଭାରତ ୧୬.୭୧ ନିୟୁତ ବ୍ୟାରେଲର ଅଶୋଧିତ ତେଲ କିଣିଛି। ସେଗୁଡ଼ିକୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା, କର୍ନାଟକର ମାଙ୍ଗାଲୋର ଏବଂ ପାଦୁରଠାରେ ସଂରକ୍ଷିତ କରି ରଖାଯାଇଛି। ସେହି ଦୁଇମାସରେ ଭାରତ ଯେଉଁ ଅଶୋଧିତ ତେଲ କିଣିଥିଲା ତାହାର ହାରାହାରି ଦର ବ୍ୟାରେଲ ପିଛା ୧୯ ଡଲାର ରହିଥିଲା ବୋଲି ଗତବର୍ଷ ସେପ୍ଟେମ୍ବର ୨୧ତାରିଖରେ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସଭାରେ ଉତ୍ତର ଦେଇଥିଲେ। ଓପେକ୍ ଓ ଏହାର ସଦସ୍ୟମାନେ ତେଲ ଉତ୍ପାଦନ ଉପରେ ଲଗାଇଥିବା କଟକଣାକୁ ହଟାଇ ନେବା ସହିତ ମୂଲ୍ୟକୁ ଯୁକ୍ତିଯୁକ୍ତ କରିବା ଲାଗି ମନ୍ତ୍ରୀ ପ୍ରଧାନ ଆହ୍ୱାନ କରିଥିଲେ। ଭାରତର ଏହି ଦାବିକୁ ଓପେକ୍ ପ୍ରତ୍ୟାଖ୍ୟାନ କରିଦେଇଛି। କେବଳ ଦାବିକୁ ପ୍ରତ୍ୟାଖ୍ୟାନ କରିନାହିଁ ସାଉଦି ଆରବ ପକ୍ଷରୁ ନୂଆଦିଲ୍ଲୀକୁ ଏହି ମର୍ମରେ ପରାମର୍ଶ ମଧ୍ୟ ଦିଆଯାଇଛି। ଗତବର୍ଷ କରୋନା ପାଇଁ ଅଶୋଧିତ ତେଲ ଚାହିଦା କମିବା ସମୟରେ ଦର ହ୍ରାସ ନିଷ୍ପତ୍ତିକୁ ଭାରତ ସମର୍ଥନ କରିଥିଲା। ସେହି ସମୟରେ ତୈଳ ଉତ୍ପାଦନକାରୀ ଦେଶ, ବିଶେଷକରି ଓପେକ୍ ପ୍ରତିଶ୍ରୁତି ଦେଇଥିଲା ଯେ ୨୦୨୧ ଆରମ୍ଭରେ ଚାହିଦା ଫେରିବ ଏବଂ ଉତ୍ପାଦନକୁ ସ୍ୱାଭାବିକ କରାଯିବ ବୋଲି ମନ୍ତ୍ରୀ ପ୍ରଧାନ କହିଥିଲେ।



## ବେଜୋସ୍ ବିଶ୍ୱର ୧ ନମ୍ବର ଧନୀ

ନୂଆଦିଲ୍ଲୀ,୬।୩: ଫୋର୍ବସ୍ ରିୟଲ ଟାଇମ୍ ବିଲିୟନେୟାର ସୂଚୀ ଅନୁସାରେ ଆମାଜନ ସିଇଓ ଜେଫ୍ ବେଜୋସ୍ (୧୭୫.୪ ବିଲିୟନ ଡଲାର) ସହ ବିଶ୍ୱର ୧ନମ୍ବର ଧନୀ ବ୍ୟକ୍ତି ଭାବରେ ପୁଣି ଥରେ ସୂଚୀକୁ ଫେରିଛନ୍ତି। ଦୀର୍ଘ ମାସ ଧରି ଧନୀ ତାଲିକାରେ ଶୀର୍ଷରେ ରହିଥିବା ଜେଫ୍‌ଙ୍କୁ ହଟାଇ ଏଲନ୍ ମସ୍କ ଜାନୁୟାରୀ ୨୦୨୧ରେ ବିଶ୍ୱର ଶ୍ରେଷ୍ଠ ଧନୀ ବ୍ୟକ୍ତିର ମାନ୍ୟତା ହାସଲ କରିଥିଲେ। ବେଜୋସ୍‌ଙ୍କୁ ପଛରେ ପକାଇ ୧ ନମ୍ବର ସ୍ଥାନକୁ ଉନ୍ନୀତ ହୋଇଥିବା ଟେସ୍‌ଲା କାର୍ ଓ ସ୍ପେସ୍ ଏକ୍ସ ସିଇଓ ଏଲନ୍ ମସ୍କଙ୍କ ସମ୍ପତ୍ତି ଶୁକ୍ରବାର ୨୭ ବିଲିୟନ ଡଲାର କ୍ଷତି ହୋଇଥିବା ବେଳେ ମାର୍କେଟ୍ କ୍ୟାପ୍ ମଧ୍ୟ ଖସିଛି। ଫଳରେ ଗତ ୨ ମାସରୁ ଊର୍ଦ୍ଧ୍ୱ ସମୟ ଧରି ମସ୍କ ବିଶ୍ୱର ଧନୀ ବ୍ୟକ୍ତିଙ୍କ ସୂଚୀର ୧ ନମ୍ବର ସ୍ଥାନରେ ଥିଲେ। ତେବେ ବିଟ୍ କଏନ୍‌ର ନିବେଶ ଓ କାରବାର ମାନ୍ଦା କାରଣରୁ ସେ ଏହି ସୂଚୀର ତୃତୀୟ ସ୍ଥାନକୁ ଚାଲିଆସିଛନ୍ତି। ସବୁଠାରୁ ଗୁରୁତ୍ୱର ବିଷୟ ହେଉଛି ବିଶ୍ୱ ଧନୀ ତାଲିକାରେ ବହୁ ତଳେ ଥିବା ଫରାସୀ ବ୍ୟବସାୟୀ ବର୍ନାଡ୍ ଆର୍ନଲ୍ଟ (୧୫୫.୬ ବିଲିୟନ ଡଲାର) ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତିର ମାନ୍ୟତା ହାସଲ କରିଛନ୍ତି।

## ଏପ୍ରିଲ ୧ରୁ ଏୟାର ବ୍ୟାଗ୍ ବାଧ୍ୟତାମୂଳକ



ନୂଆଦିଲ୍ଲୀ,୬।୩

ଭାରତ ସରକାରଙ୍କ ସଡ଼କ ଓ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଏପ୍ରିଲ ୧ ପରଠାରୁ ତିଆରି ହେଉଥିବା ସମସ୍ତ କାର୍‌ରେ ଏୟାର ବ୍ୟାଗ୍‌କୁ ବାଧ୍ୟତାମୂଳକ କରାଯାଇଛି। କେନ୍ଦ୍ର ସରକାର ସଡ଼କ ସୁରକ୍ଷାକୁ ନେଇ ଏକ ବଡ଼ ପଦକ୍ଷେପ ସହ ବିଜ୍ଞପ୍ତି ଜାରି କରିଛନ୍ତି। ଦେଶରେ ବଢୁଥିବା ସଡ଼କ ଦୁର୍ଘଟଣାକୁ ଏଡାଇବା ଏଭଳି ପଦକ୍ଷେପ ନିଆଯାଇଛି। ବର୍ତ୍ତମାନ ସମୟରେ ଡ୍ରାଇଭର ସହ ଆଗରେ ଥିବା ଆଉ ଏକ ସିଟ୍‌ରେ ମଧ୍ୟ ଏୟାର ବ୍ୟାଗ୍ ଲଗାଇବାକୁ ପଡିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ପୂର୍ବରୁ ଯାନଗୁଡିକରେ ସେପରି ବ୍ୟବସ୍ଥା ନ ଥିଲା ଫଳରେ ଦୁର୍ଘଟଣା ସମୟରେ ମୃତ୍ୟୁ ସଂଖ୍ୟା ଅଧିକ ରହୁଥିଲା। ଏହିସବୁ ଛୋଟ ଛୋଟ ଘଟଣାକୁ ଅନୁଧ୍ୟାନକରି ଏକ ଶୀର୍ଷ ବୈଷୟିକ କମିଟି ସମସ୍ତ ଗାଡିରେ ଏୟାର ବ୍ୟାଗ୍ ଲଗାଇବାକୁ ନିଷ୍ପତ୍ତି ନେବା ସହ ଉକ୍ତ ବିଜ୍ଞପ୍ତି ଉପରେ ମୋହର ଲଗାଇଛନ୍ତି। ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଏ ସମ୍ପର୍କରେ ସୂଚନା ଦିଆଯାଇ କୁହାଯାଇଛି, ଏୟାର ବ୍ୟାଗ୍ ଲଗାଇବା ବାଧ୍ୟତାମୂଳକ ବ୍ୟବସ୍ଥା ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରାଯାଇଛି। ସେଥିରେ କୁହାଯାଇଥିଲା ଯେ, ଗାଡ଼ି ଆଗରେ ଡ୍ରାଇଭର ସହ ବସୁଥିବା ଅନ୍ୟ ଯାତ୍ରୀ ଜଣଙ୍କର ସିଟ୍‌ରେ ମଧ୍ୟ ଏୟାର ବ୍ୟାଗ୍ ଲଗାଯିବ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଡକ ସୁରକ୍ଷା ବ୍ୟବସ୍ଥା। ସଡ଼କ ସୁରକ୍ଷା ଉପରେ ସୁପ୍ରିମକୋର୍ଟଙ୍କ ଏକ କମିଟି ମଧ୍ୟ ଏହା ଉପରେ ବ୍ୟାପକ ପରାମର୍ଶ ଦେଇଥିଲେ। ସେହିପରି ୨୦୨୧ ଏପ୍ରିଲ ୧ରୁ ଯେଉଁସବୁ ଗାଡ଼ି ତିଆରି ହେବ ସେସବୁ ଗାଡ଼ିରେ ଏୟାର ବ୍ୟାଗ୍ ଲଗାଇବା ଆବଶ୍ୟକ। ଏହାଦ୍ୱାରା ଅଧିକାଂଶ ଦୁର୍ଘଟଣା ରୋକାଯାଇପାରିବ ବୋଲି ଆଶା କରାଯାଉଛି।

## ଝିଅକୁ ଧରି କୂଅକୁ ଡେଇଁଲେ ମା'

ମାଲକାନଗିରି,୬।୩ (ଡି.ଏନ୍.ଏ.)

ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ଚେଡେଙ୍ଗା ପଞ୍ଚାୟତର କଉଡ଼ିଗୁଡ଼ା ଗ୍ରାମରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ୪ ବର୍ଷର ଶିଶୁକନ୍ୟାକୁ ଧରି ମା' କୂଅକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମାଆ ଓ ଶିଶୁକନ୍ୟାଙ୍କ ମୃତଦେହ କୂଅରୁ ବାହାର କରାଯାଇଛି। ମୃତକ ହେଲେ ଗ୍ରାମର ହରି ଖରାଙ୍କ ସ୍ତ୍ରୀ ମୋତି (୩୫) ଓ ତାଙ୍କ ଶିଶୁ କନ୍ୟା ରଜନୀ। ଖବରରୁ ଜଣାପଡିଛି ଶୁକ୍ରବାର ରାତିରେ ଘରେ ପରିବାରର ସମସ୍ତେ ଶୋଇଥିବା ବେଳେ ରାତି ଅଧରେ ଉଠି ମୋତି ଝିଅକୁ ଧରି ବାହାରକୁ ଚାଲିଯାଇଥିଲେ। ଶନିବାର ସକାଳେ କୂଅପାଣି ଗୋଳିଆ ହୋଇଥିବା ଏବଂ ଭିତରେ ମୃତଦେହ ଭାସୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ମାଥିଲି ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି କୂଅରୁ ମା' ଝିଅଙ୍କ ମୃତଦେହ ଜବତ କରିଥିଲେ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। କେଉଁ କାରଣରୁ ମୋତି ଏପରି କଠୋର ନିଷ୍ପତ୍ତି ନେଇଥିଲେ ତାହା ଜଣାପଡିନାହିଁ। ସେ ଝିଅକୁ ଅଣ୍ଟାରେ ଗାମୁଛାରେ ବାନ୍ଧି କୂଅକୁ ଡେଇଁ ପଡିଥିବା ଜଣାପଡିଛି। ପୋଲିସ ଏହାର ରହସ୍ୟ ଖୋଳତାଡ଼ ଆରମ୍ଭ କରିଛି। ମୃତଦେହ ଜବତ ସମୟରେ ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା ଉପସ୍ଥିତ ଥିଲେ। ମାଥିଲି ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଓଡ଼ିଶାରେ ସାମୁଦ୍ରିକ ଶୈବାଳ ଚାଷ

ପାରାଦୀପ, ୬।୩(ସ୍ୱ.ପ୍ର.)

- ମତ୍ସ୍ୟଜୀବୀଙ୍କ ଜୀବିକା ମିଶନରେ ପ୍ରୟୋଗ ହେବ
- ୪୫ ଦିନରେ ଅମଳ ଲକ୍ଷ୍ୟ

ପାରାଦୀପ ସମେତ ଓଡ଼ିଶାର ୪ ସ୍ଥାନରେ ସପ୍ତାହେ ହେଲା ପ୍ରଥମ କରି ସାମୁଦ୍ରିକ ଶୈବାଳ ଚାଷ ଆରମ୍ଭ ହୋଇଛି। ଅନ୍ୟ ସ୍ଥାନ ହେଲା ଗଞ୍ଜାମ, ପୁରୀ ଓ ବାଲେଶ୍ୱର। ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗ ଓ ତାମିଲନାଡୁର ଏକ ସଂସ୍ଥା ପିଏମ୍‌ଏସ୍‌ଆର୍‌ଆଇ ପକ୍ଷରୁ ମିଳିତଭାବେ ଏହି ଶୈବାଳ ଚାଷ କରାଯାଇଛି। ଏହା ଦେଖିବାକୁ ଚିଙ୍ଗୁଡ଼ିଆ ଦଳ ଭଳି। ଗଭୀର ସମୁଦ୍ରର ତଳେ ହୋଇଥାଏ। ଶୈବାଳ ଅନେକ ସାମୁଦ୍ରିକ ଜଳଜୀବଙ୍କ ଜୀବନଚକ୍ର ସାଜିଥାଏ। ଏହାଛଡ଼ା ଶୈବାଳଗୁଡିକ ଔଷଧ, ସେଭିଂ ଲୋଶନ, ପ୍ରସାଧନ ସାମଗ୍ରୀ ଓ ଆଇସକ୍ରିମ ତିଆରିରେ ବ୍ୟବହାର କରାଯାଏ। ଏହାର ବଜାର ମୂଲ୍ୟ କିଲୋ ପ୍ରତି ୫୦ ଟଙ୍କା ରଖାଯାଇଛି। ଏହାକୁ ଇଂଲିଶରେ କାପାଫାଇଜର କୁହାଯାଏ। ପୂର୍ବରୁ ଭାରତର ତାମିଲନାଡୁରେ ଶୈବାଳ ଚାଷ ଚାଲିଛି। ସେଠାରେ ମତ୍ସ୍ୟଜୀବୀଙ୍କୁ ସଫଳତା ମିଳୁଛି ବୋଲି ମତ୍ସ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ପାରାଦୀପର ମହାନଦୀ ମୁହାଣ ସଂଲଗ୍ନ ପଥରବନ୍ଧ ପାଖ ପାଣିରେ ଏହି ଚାଷ କରାଯାଇଛି। ଚତୁଃପାର୍ଶ୍ୱରେ ଚାରିକୋଣିଆ ବାଉଁଶ ଭିତରେ ସରୁ ରଶି ଲଗାଯାଇଛି। ସେଥିରେ ଶୈବାଳଗୁଡ଼ିକୁ ଛନ୍ଦି ଦିଆଯାଇଛି। ସମୁଦ୍ର ଲହଡିରେ ତାହା ଭାସୁଛି। ଭାସିବା ବେଳେ ଶୈବାଳଗୁଡିକ ପାଣିରେ ଦୋହଲି ରହିଛି। ଏହିପ୍ରକ୍ରିୟାରେ ଶୈବାଳ ବୃଦ୍ଧିପାଇବ ବୋଲି ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ମହାପାତ୍ର କହିଛନ୍ତି। ଏହା ବ୍ୟବହାର ଉପଯୋଗୀ ହେବା ପାଇଁ ସର୍ବାଧିକ ୪୫ ଦିନ ଲାଗିବ। ଏହି ଚାଷ ସଫଳ ହେଲେ ମତ୍ସ୍ୟଜୀବୀଙ୍କ ପାଇଁ ବେଶ୍ ଉପାଦେୟ ହେବ। ସେଥିପାଇଁ ବିଭାଗ ପକ୍ଷରୁ ଏହା ଆରମ୍ଭ ହୋଇଛି। ଏହି ପ୍ରାକୃତିକ ଉଦ୍ଭିଦ ଏବେ ମାନବ ଜୀବିକା ସାଜିବାକୁ ଯାଉଛି।



ମହାନଦୀ ମୁହାଣରେ ଶୈବାଳ ଚାଷ କରାଯାଉଛି।

## ନିଜ ଗୁଳିରେ ଟଳିଲେ ଯବାନ

କୋରାପୁଟ,୬।୩(ସ୍ୱ.ପ୍ର.)

କୋରାପୁଟ ଜିଲା ଜଲାପୁଟସ୍ଥିତ ବିଏସ୍‌ଏଫ-୧୫ ବାଟାଲିୟନରେ କାର୍ଯ୍ୟରତ ଜଣେ ଯବାନ ଶନିବାର ନିଜ ସର୍ଭିସ ବନ୍ଧୁକରୁ ଗୁଳିଫୁଟାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ଇନ୍ଦ୍ର ସିଂହ (୨୭)। ଘର ରାଜସ୍ଥାନରେ ବୋଲି ଜଣାପଡ଼ିଛି । ମିଳିଥିବା ଖବରରୁ ଜଣାପଡ଼ିଛି ଇନ୍ଦ୍ର କିଛିଦିନ ଛୁଟି ନେଇ ନିଜ ଘର ରାଜସ୍ଥାନ ଯାଇଥିଲେ। ଶୁକ୍ରବାର ଗାଁରୁ ଫେରି ଶନିବାର ସକାଳେ କାର୍ଯ୍ୟରେ ଯୋଗଦେଇଥିଲେ। କାର୍ଯ୍ୟ କରୁଥିବାବେଳେ ସେ ବନ୍ଧୁକରୁ ମୁଣ୍ଡକୁ ଗୁଳିକରି ଆତ୍ମହତ୍ୟା କରିଥିଲେ। ଗୁଳି ଶବ୍ଦ ଶୁଣି ବାଟାଲିୟନରେ ଉପସ୍ଥିତ କର୍ମଚାରୀ ତାଙ୍କୁ ଲମତାପୁଟସ୍ଥିତ ଆଶାକିରଣ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ିନାହିଁ। ମୃତଦେହ ବ୍ୟବଚ୍ଛେଦ ପାଇଁ ମେଡିକାଲରେ ରଖାଯାଇଛି । ଏ ନେଇ ଖବର ପାଇ ବିଏସ୍‌ଏଫ୍ ଡିଆଇଜି ପି.କେ. ମିଶ୍ର ଘଟଣାସ୍ଥଳ ପରିଦର୍ଶନ କରିବା ସହ ମେଡିକାଲ ଯାଇ ଯବାନଙ୍କ ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ।



ଇନ୍ଦ୍ର ସିଂହ।

## ଅଚେତ ଯୁବତୀଙ୍କୁ ଫିଙ୍ଗିଦେଲେ ଅଟୋ ଚାଳକ


ସମ୍ବଲପୁର, ୬।୩ (ବ୍ୟୁରୋ)

ସମ୍ବଲପୁର ଜିଲା ଟାଉନ ଥାନା ଅନ୍ତର୍ଗତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ମୁଖ୍ୟ ଗେଟ ସମ୍ମୁଖରେ ଶନିବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଜଣେ ୩୫ ବର୍ଷୀୟା ଯୁବତୀଙ୍କୁ ଅଟୋରେ ଆଣିଥିବା ଚାଳକ ଅଚେତ ଅବସ୍ଥାରେ ଫିଙ୍ଗିଦେଇ ଫେରାର ହୋଇଯାଇଛନ୍ତି। କେତେକ ଛାତ୍ରୀଛାତ୍ର ଓ ଖବରଦାତା ୧୦୮ ଆମ୍ବୁଲାନ୍ସରେ ଯୁବତୀଙ୍କୁ ଜିଲା ସଦର ଡାକ୍ତରଖାନାକୁ ନେଇଥିଲେ। ଏବେ ଯୁବତୀ ଜଣକ ଡାକ୍ତରଖାନାର ସଂକ୍ରମଣ ବିଭାଗରେ ଚିକିତ୍ସାଧୀନ ଅଛନ୍ତି। ଯୁବତୀଙ୍କୁ ବଳାତ୍କାର ପରେ ଏଠାରେ ଆଣି ଫିଙ୍ଗି ଦେଇଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଟାଉନ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦୋରା କହିଛନ୍ତି, ଆମ୍ବୁଲାନ୍ସ ଯୋଗେ ଯୁବତୀଙ୍କୁ ଉଦ୍ଧାର କରାଯାଇଥିବା ଖବର ଆସିଛି। ହେଲେ କୌଣସି ରିପୋର୍ଟ ହୋଇନାହିଁ। ଅନ୍ୟପକ୍ଷେ ଯୁବତୀ ଜଣକ ପ୍ରାୟ ସମୟରେ ଏହି ଅଞ୍ଚଳରେ ବୁଲାବୁଲି କରୁଥିବା ନେଇ ରିପୋର୍ଟ ରହିଛି। ଯଦି ବଳାତ୍କାର ହୋଇଥାଏ ତା' ହେଲେ ଏହା ଏକ ସଙ୍ଗିନ ଘଟଣା।

## ବ୍ୟାପମ ପରୀକ୍ଷା ଦୁର୍ନୀତିର ତଦନ୍ତ ନିର୍ଦ୍ଦେଶ

ଭୋପାଳ, ୬।୩

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଶୁକ୍ରବାର ବ୍ୟାପମ ଦ୍ୱାରା ପରିଚାଳିତ ନିଯୁକ୍ତି ଭିତ୍ତିକ ପରୀକ୍ଷାରେ ଦୁର୍ନୀତି ଅଭିଯୋଗର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଫେବୃୟାରୀ ୧୦,୧୧ ତାରିଖରେ କୃଷି ସମ୍ପ୍ରସାରଣ ଅଧିକାରୀ ଓ ବରିଷ୍ଠ କୃଷି ବିକାଶ ଅଧିକାରୀ ପଦବୀ ପାଇଁ ବ୍ୟାପମ ଭାବେ ଜଣାଶୁଣା ମଧ୍ୟପ୍ରଦେଶ ପ୍ରଫେସନାଲ ଏକ୍‌ଜାମିନେଶନ ବୋର୍ଡ (ଏମ୍‌ପିପିଇବି) ଦ୍ୱାରା ପରୀକ୍ଷା ଅନୁଷ୍ଠିତ ହେବା ପରେ ଏହି ଅନିୟମିତତା ସାମ୍ନାକୁ ଆସିଥିଲା। ସ୍ଥାନୀୟ ତଥା ସମାନ ସମ୍ପ୍ରଦାୟର ୧୦ ଜଣଙ୍କୁ ଟପ୍ ର୍ୟାଙ୍କ ମିଳିଥିଲା। ହେଲେ ଏଥିପାଇଁ ସେମାନେ ଯୋଗ୍ୟ ନ ଥିବା ସମ୍ପୃକ୍ତ ପିଲାଙ୍କ ସ୍କୁଲ, କଲେଜ ରେକର୍ଡରୁ ଜଣାପଡ଼ିଥିଲା। ଏହାକୁ ନେଇ ଛାତ୍ରୀଛାତ୍ରମାନେ ଇନ୍ଦୋରରେ ବିକ୍ଷୋଭ କରିଥିଲେ। ବିଧାନସଭାରେ ଏହି ବିଷୟ ଉଠିବା ପରେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।




ଦେଶର ସର୍ବବୃହତ୍ ଜୈବମଣ୍ଡଳ ଶିମିଳିପାଳ ଅଭୟାରଣ୍ୟକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ପ୍ରାର୍ଥନା କରି ଶନିବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ତିଆରି କରିଥିବା ବାଲୁକା କଳା।

## ଅଚାନକ ସୁନା ଦର ହ୍ରାସ ପାଉଛି

ନୂଆଦିଲ୍ଲୀ,୬।୩

ଗତ ୨ମାସ ମଧ୍ୟରେ ସୁନା ପ୍ରାୟ ୬ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହ୍ରାସ ପାଇଥିବା ଜଣାପଡ଼ିଛି। ଗତ ବର୍ଷ ସୁନା ଦର ରେକର୍ଡ ସ୍ତରରେ ପହଞ୍ଚିଥିଲା। କରୋନା କାରଣରୁ ଚଳିତ ବର୍ଷ ସୁନା ଦର ଅପ୍ରତ୍ୟାଶିତ ଭାବେ କମିବାରେ ଲାଗିଛି। ଶୁକ୍ରବାର ଦିନ କମୋଡିଟିବଜାରରେ ସୁନା ଦର ୪୩ହଜାର ନିକଟବର୍ତ୍ତୀ ହୋଇଯାଇଛି। ଅନ୍ତର୍ଜାତୀୟ ବଜାରରେ ସୁନା ଦର ଶସ୍ତା ହୋଇଥିବାରୁ ଭାରତରେ ଏହାର ଦର ଉପରେ ପ୍ରଭାବ ପକାଉଛି ଫଳରେ ବଜାରରେ ସୁନା ଦର କମୁଥିବା ଜଣାପଡିଛି। ଭାରତୀୟ ବୁଲିୟନ ଓ ଜୁଏଲାରୀ ସଂଘ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁସାରେ ଶୁକ୍ରବାର ୨୨ କ୍ୟାରେଟ ସୁନା ଦର ୪୩ ହଜାର ଓ ୨୪ କ୍ୟାରେଟ ସୁନା ଦର ପ୍ରାୟ ୪୪ ହଜାର ଟଙ୍କାକୁ ଖସିଆସିଛି। ଗତ ବର୍ଷ ଅଗଷ୍ଟ ମାସରେ ସୁନାଦର ରେକର୍ଡ ୫୬୨୦୦ ଟଙ୍କାକୁ ଛୁଇଁଥିଲା। ଫଳରେ ଗତ ୬ ମାସରେ ସୁନାଦର ପ୍ରାୟ ୨୦% ହ୍ରାସ ପାଇଛି। ଦେଶର ପ୍ରମୁଖ ବଜାର ବିଶେଷଜ୍ଞଙ୍କ ମତରେ ଅନ୍ତର୍ଜାତୀୟ ବଜାରରେ ସୁନା ଶସ୍ତା ହୋଇଥିବାରୁ ଭାରତରେ ଦର ହ୍ରାସ ପାଉଛି।

## ଆଜି କ'ଣ କେଉଁଠି

**ଢେଙ୍କାନାଳ**

- ୪୧ତମ ସାମ୍ବତ୍ସରିକ ମହୋତ୍ସବ ସ୍ଥାନ: ଜିଲା ଲେଖକ ସଂସଦ ସଭାଗୃହ, ସମୟ: ପୂର୍ବାହ୍ନ ସାଢ଼େ ୯ଟା।
- ଖଣିମନ୍ତ୍ରୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ପୂର୍ବାହ୍ନ ୧୧ଟା।

**କଣିହାଁ**

- କଣିହାଁ କପ୍ କ୍ରିକେଟ୍ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: କଣିହାଁ କଲେଜ ନିକଟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ୯ ବଖରା ପୋଡ଼ି ପାଉଁଶ



କାମାକ୍ଷାନଗର, ୬।୩(ଡି.ଏନ.ଏ.): ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବଡ଼ସୁଆଁଳୋ ବିଶ୍ୱାଳ ସାହିରେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଶୈଳବାଳା ବିଶ୍ୱାଳଙ୍କ ୫ ବଖରା ଏବଂ କ୍ଷେତ୍ରବାସୀ ବିଶ୍ୱାଳଙ୍କ ୪ ବଖରା ଛାରଖାର ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଶର୍ଟସର୍କିଟ କିମ୍ବା ନିଆଁ ଝୁଲରୁ ଅଘଟଣ ଘଟିଥିବା ଅନୁମାନ କରାଯାଉଛି। କାମାକ୍ଷାନଗର ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନ ପରିବାର ସର୍ବସ୍ୱ ହରାଇଛନ୍ତି। ପିନ୍ଧାଲୁଗା ଛଡ଼ା ସବୁକିଛି ପାଉଁଶ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ କ୍ଷତିଗ୍ରସ୍ତଙ୍କ ପାଖରେ ପହଞ୍ଚି ସମବେଦନା ଜଣାଇଛନ୍ତି। କ୍ଷୟକ୍ଷତି ଆକଳନ କରି ସମ୍ପୃକ୍ତ ପରିବାରକୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ମହିଳାଙ୍କୁ ମାଡ଼ ମାରି ଟଙ୍କା ଲୁଟ୍ ଅଭିଯୋଗ

ବଇଣ୍ଡା, ୬।୩(ଡି.ଏନ.ଏ.) ହଣ୍ଡପା ଥାନା ନୁନୁକାପଶି ଗ୍ରାମର ଲିଜା ଭୋଇଙ୍କୁ ତାଙ୍କ ଶାଶୁ କୁନ୍ତଳା ଭୋଇ ମାଡ଼ ମାରି ଟଙ୍କା ଲୁଟି ନେଇଥିବାଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ପୋଲିସ କହିଛି, ଲିଜା ତାଙ୍କ ଘର କବାଟ ଖୋଲି ଭିତରକୁ ଯାଉଥିବାବେଳେ ବିନା କାରଣରେ ତାଙ୍କ ଶାଶୁ ଘରୁ ବାହାରି ଯିବା ପାଇଁ କହିଥିଲେ। ଏଥିରେ ଲିଜା ପ୍ରତିବାଦ କରିବାରୁ କୁନ୍ତଳା ଉତ୍‌କ୍ଷିପ୍ତ ହୋଇ ମାଡ଼ ମାରିଥିଲେ। ତାଙ୍କଠାରୁ ୭ ହଜାର ଟଙ୍କା ସହ ପିନ୍ଧିଥିବା ସୁନା ମଙ୍ଗଳସୂତ୍ର ନେଇଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏ ନେଇ ନଂ. ୫୯/୨୧ ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଦୂରହେବ ପାନୀୟ ଜଳସଙ୍କଟ

- ୨ ମେଗା ପ୍ରକଳ୍ପକୁ କ୍ୟାବିନେଟ୍ ମୋହର
- ୨୯୭ କୋଟି ଟଙ୍କା ବ୍ୟୟ ଅଟକଳ
- ଉପକୃତ ହେବେ ୩୭୨ ଗ୍ରାମର ବାସିନ୍ଦା
- ୩.୫୦ ଲକ୍ଷ ଲୋକ ପାଇବେ ବିଶୁଦ୍ଧପାଣି




ଖବରଦାତା ସମ୍ମିଳନୀରେ ବିଧାୟକ ସୁଧୀର କୁମାର ସାମଲ, ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଅଫିସ, ୬।୩

ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀ ବ୍ରାହ୍ମଣୀ ଏବଂ ଏକାଧିକ ଡ୍ୟାମ ଥାଇ ଜଳସଙ୍କଟରେ ଘାଣ୍ଟି ହେଉଥିବା ଢେଙ୍କାନାଳ ଜିଲାବାସୀଙ୍କୁ ଆଶ୍ୱସ୍ତ କରିଛନ୍ତି ରାଜ୍ୟ ସରକାର। ଜିଲାର ୪ ବ୍ଲକରେ ୨ ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପକୁ ଶନିବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ସବୁଜ ସଙ୍କେତ ମିଳିଛି। ସ୍ଥାନୀୟ ଜିଲା ବିଜେଡି କାର୍ଯ୍ୟାଳୟରେ ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସଂକ୍ରାନ୍ତରେ ସବିଶେଷ ସୂଚନା ଦେଇଛନ୍ତି ବିଧାୟକ ସୁଧୀର କୁମାର ସାମଲ।

ରାଜ୍ୟ ସରକାର ଜଳ ଜୀବନ ମିଶନ ଯୋଜନାରେ ଗଁଦିଆ, ସଦର, ଭୁବନ ଏବଂ କାମାକ୍ଷାନଗର ବ୍ଲକରେ ଏହି ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏହାଦ୍ୱାରା ୬୮ ପଞ୍ଚାୟତ ଅନ୍ତର୍ଗତ ୩୭୨ ଗ୍ରାମର ୩ଲକ୍ଷ ୫୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଉପକୃତ ହେବେ। ଏହି ସମସ୍ତ ପ୍ରକଳ୍ପ ଲାଗି ୨୯୭ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଗଁଦିଆ ବ୍ଲକର ୨୯ ପଞ୍ଚାୟତ ଅନ୍ତର୍ଗତ ୧୬୬ ଗ୍ରାମର ୧ ଲକ୍ଷ ୫୨ହଜାର ୨୧ଜଣ, ସଦର ବ୍ଲକ ଅଧୀନ ୧୨ ପଞ୍ଚାୟତର ୪୬ ଗ୍ରାମର ୩୯ହଜାର ୧୨୫ଜଣ, ଭୁବନ ବ୍ଲକର ୧୮ ପଞ୍ଚାୟତ ଅନ୍ତର୍ଗତ ୧୦୭ ଗ୍ରାମର ୧ ଲକ୍ଷ ୨ହଜାର ୮୭ଜଣ ଏବଂ କାମାକ୍ଷାନଗର ବ୍ଲକର ୧୦ ପଞ୍ଚାୟତ ଅଧୀନ ୪୮ ଗ୍ରାମର ୪୩ହଜାର ୨୬୧ଜଣ ଉକ୍ତ ପ୍ରକଳ୍ପରୁ ପାଣି ପାଇବେ। ବ୍ରାହ୍ମଣୀ ନଦୀର ମନ୍ଦାର ଘାଟରୁ ସମସ୍ତ ପ୍ରକଳ୍ପକୁ ପାଣି ଆସିବ। ସେହିପରି ସଦର ବ୍ଲକର ଅବଶିଷ୍ଟ ଗ୍ରାମ, ଢେଙ୍କାନାଳ ପୌରାଞ୍ଚଳକୁ ପାନୀୟଜଳ ଯୋଗାଣ ପ୍ରକଳ୍ପ ନିମନ୍ତେ ଡିପିଆର୍ ପ୍ରସ୍ତୁତି ଚାଲିଛି। ଏହି ଅଞ୍ଚଳକୁ ମହାନଦୀରୁ ପାଣି ଆଣିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଉଥିବା ବିଧାୟକ ସୂଚନା ଦେଇଛନ୍ତି। ଅନୁରୂପ ଭାବେ ବିଶ୍ୱପ୍ରସିଦ୍ଧ ମହିମା ଧର୍ମର ପୀଠସ୍ଥଳୀ ଯୋରନ୍ଦା ମହିମାଗାଦି ଅଞ୍ଚଳବାସୀଙ୍କ ଜଳକଷ୍ଟ ଦୂର କରିବା ଲାଗି ସ୍ୱତନ୍ତ୍ର ଭାବେ ଅନ୍ୟ ଏକ ଜଳଯୋଗାଣ ପ୍ରକଳ୍ପ କରାଯିବ। ଏଥିଲାଗି ୯କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଛି। ଏଥିସହ ଢେଙ୍କାନାଳ ସହରରେ ଥିବା ୫ପୋଖରୀର ଉନ୍ନତୀକରଣ କରାଯିବ। ସହରକୁ ଆକର୍ଷଣୀୟ କରିବାକୁ ୩ ପ୍ରବେଶ ପଥରେ ୩ଟି ମୁଖଶାଳା ନିର୍ମାଣ କରାଯିବାକୁ ପ୍ରସ୍ତାବ ରହିଛି। ଢେଙ୍କାନାଳ ଜିଲାବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଥିବାରୁ ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ପର୍ଯ୍ୟବେକ୍ଷକ ତଥା ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ବିଜୟ କୁମାର ନାୟକ, ସଦର ବ୍ଲକ ଅଧ୍ୟକ୍ଷା ପଦ୍ମିନୀ ନାୟକ, ଜିଲା ବିଜେଡି କୃଷକ ସଙ୍ଗଠନ ସଭାପତି ନରୋତ୍ତମ ସାହୁ, ନଗର ବିଜେଡି ସଭାପତି ଇନ୍ଦ୍ରମଣି ବେହେରା, ଜିଲା ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆତସବାଜି ଫୁଟାଇ ସ୍ୱାଗତ

ଢେଙ୍କାନାଳ ଅଫିସ/ଭୁବନ (ଡି.ଏନ.ଏ.), ୬।୩

ଢେଙ୍କାନାଳ ଜିଲାର ୪ ବ୍ଲକରେ ପ୍ରସ୍ତାବିତ ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପକୁ କ୍ୟାବିନେଟ ମୋହର ଲାଗିବା ପରେ ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଖବରଦାତା ସମ୍ମିଳନୀରେ ବିଧାୟକ ସୁଧୀର କୁମାର ସାମଲ ଏ ସମ୍ପର୍କରେ ସୂଚନା ଦେବା ପରେ ଦଳୀୟ କାର୍ଯ୍ୟକର୍ତ୍ତା ଗୋପବନ୍ଧୁ ଟାଉନହଲ ସମ୍ମୁଖରେ ଆତସବାଜି ଫୁଟାଇ ଖୁସିବ୍ୟକ୍ତ କରିଛନ୍ତି। ଦୀର୍ଘଦିନର ଦାବି ପୂରଣ ହୋଇଥିବାରୁ ବିଜେଡି ନେତୃବୃନ୍ଦ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସେହିପରି ଭୁବନ ବ୍ଲକର ନୂଆହାଟ ଛକ, ଏକତାଳି, ବାଲିବୋ, ମୃଦଙ୍ଗା, ମହୁଲପାଳ, ଭୂଷଳ ପଞ୍ଚାୟତରେ ମଧ୍ୟ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ବିଜେଡି ସମ୍ପାଦକ ଅମୂଲ୍ୟ ଦ୍ୱିବେଦୀଙ୍କ ନେତୃତ୍ୱରେ ମୃଦଙ୍ଗା ପଞ୍ଚାୟତ ବିଜେଡି ସଭାପତି ରାକେଶ ଆଏଚ୍, ବାଲିବୋ ପଞ୍ଚାୟତର ସନ୍ତୋଷ ଖୁଣ୍ଟିଆ, ଭୂଷଳ ସରପଞ୍ଚ ଚିତ୍ତରଞ୍ଜନ ମଲ୍ଲିକ, ବରିଷ୍ଠ କର୍ମକର୍ତ୍ତା ପ୍ରଶାନ୍ତ ରାଉତ, ଦିଲୀପ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲା ପରିଷଦ ୧ନଂ. ଜୋନ୍ ଅଞ୍ଚଳରେ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଜିଲା ପରିଷଦ ସଦସ୍ୟ ପ୍ରବୋଧ କୁମାର ଦାସଙ୍କ ନେତୃତ୍ୱରେ ବିଜେଡି କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ବାଣ ଫୁଟାଇ ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ।



ଭୁବନ ଅଞ୍ଚଳରେ ବିଜେଡି କର୍ମକର୍ତ୍ତାମାନେ ଆତସବାଜି ଫୁଟାଇ ଖୁସି ମନାଉଛନ୍ତି।

### କପିଳାସରେ ହିମାଚଳ ଢାଞ୍ଚାରେ ରୋପ୍‌ୱେ

ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଥିବା ପ୍ରସିଦ୍ଧ ଶୈବପୀଠ କପିଳାସରେ ଖୁବ୍‌ଶୀଘ୍ର ରୋପ୍‌ୱେ ବ୍ୟବସ୍ଥା ହେବ। ହିମାଚଳ ପ୍ରଦେଶର ହିଲ୍ ଷ୍ଟେଶନରେ ଥିବା ରୋପ୍‌ୱେ ଢାଞ୍ଚାରେ ଏହାକୁ ପ୍ରସ୍ତୁତ କରାଯିବ। କଙ୍କଡ଼ାହାଡ଼ ବ୍ଲକର ଦଣ୍ଡାଧର ଡ୍ୟାମ, ଗଁଦିଆ ବ୍ଲକର କପିଳାସ, ଯୋରନ୍ଦା ଏବଂ ସଦର ବ୍ଲକର ସପ୍ତଶଯ୍ୟାକୁ ନେଇ ଇକୋ ଟୁରିଜମ୍ ପ୍ରକଳ୍ପ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ବିଧାୟକ ସୂଚନା ଦେଇଛନ୍ତି।

## ଆଗକୁ ଆସନ୍ତୁ ପ୍ରତିଭାବାନ କଳାକାର

ଢେଙ୍କାନାଳ ଅଫିସ, ୬।୩

ପ୍ରତିଭାବାନ କଳାକାରଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଢେଙ୍କାନାଳ ଜିଲା ଗୋପବନ୍ଧୁ ଟାଉନହଲ୍‌ରେ ଶନିବାର ଆୟୋଜିତ ହୋଇଯାଇଛି ସାଂସ୍କୃତିକ ମହୋତ୍ସବ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେଲ୍‌ଫ୍ ହେଲ୍ପ ସହାୟତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସିବିଆଇ ବିଚାରପତି ଭିକାରି ଚରଣ ରାଉତ, ସମ୍ମାନିତ ଅତିଥି ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ପ୍ରତାପ ଆଚାର୍ଯ୍ୟ, ନେହେରୁ ଯୁବକେନ୍ଦ୍ର ସଂଯୋଜକ ରଣଜିତ ରେଡ୍ଡି ମୁଲା, ନାଟ୍ୟ ନିର୍ଦ୍ଦେଶକ ଶତ୍ରୁଘ୍ନ ମାଟି ପ୍ରମୁଖ ଉପସ୍ଥିତ ରହି ଓଡ଼ିଶାର କଳାସଂସ୍କୃତିର ବିକାଶ ଉପରେ ଆଲୋକପାତ କରିଥିଲେ। ପ୍ରତିଭାବାନ କଳାକାର ଆଗକୁ ଆସିଲେ ଜିଲାର ଗୌରବ ବଢ଼ିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଯାଦୁଗର ବଦ୍ରିନାରାୟଣ ମିଶ୍ର, ସଙ୍ଗୀତ ଗୁରୁ ନୀହାରିକା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ସମ୍ପାଦକ ଦୀପ୍ତିମୟ ମିଶ୍ର ବିବରଣୀ ପାଠ କରିଥିବାବେଳେ ସୁଶାନ୍ତ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## 'ଅଲୋଡ଼ା ନୁହନ୍ତି ବରିଷ୍ଠ ନାଗରିକ'



ସାଂସ୍କୃତିକ ସମାବେଶରେ ସାମିଲ ହୋଇଥିବା ବରିଷ୍ଠ ନାଗରିକଙ୍କ ସମେତ ଅନ୍ୟମାନେ।

- ବାର୍ଷିକ ସାଂସ୍କୃତିକ ସମାବେଶ
- ସ୍ୱତନ୍ତ୍ର ସୁବିଧା ପ୍ରଦାନ ଦାବି

ଢେଙ୍କାନାଳ ଅଫିସ, ୬।୩

ବରିଷ୍ଠମାନେ ସମାଜର ବାର୍ତ୍ତାବହ। ସେମାନଙ୍କ ଅନୁଭୂତି, ଅନୁଭବ ଏବଂ ମାର୍ଗଦର୍ଶନରେ ଆଗାମୀ ପିଢ଼ି ଉପକୃତ ହେବେ। ବରିଷ୍ଠମାନେ ଆଉ ଅଲୋଡ଼ା ନୁହନ୍ତି। ପରିଣତ ବୟସରେ ସ୍ନେହ, ସହାନୁଭୂତି ଛଡ଼ା ସେମାନେ ଅଧିକ କିଛି ଆଶା କରନ୍ତି ନାହିଁ। ତଥାପି ଏଭଳି ବର୍ଗ ଅବହେଳିତ, ନିର୍ଯାତିତ ହେବା ସାମାଜିକ ବ୍ୟବସ୍ଥାର ଅଧପତନକୁ ସୂଚାଉଛି। ସରକାର ଏହି ବର୍ଗର ମହିଳାପୁରୁଷଙ୍କୁ ସ୍ୱତନ୍ତ୍ର ସୁବିଧା ସୁଯୋଗ ଯୋଗାଇଦେବା ଉଚିତ ବୋଲି କହିଛନ୍ତି ଢେଙ୍କାନାଳ ଜିଲାର ପୂର୍ବତନ ଜିଲା ପରିଷଦ ସଭାନେତ୍ରୀ ରେବତୀ ବେହେରା। ଓଡ଼ାପଡା ବ୍ଲକ ନାଧରା ରାମଚଣ୍ଡୀ ପୀଠରେ ଶନିବାର ଅନୁଷ୍ଠିତ ବରିଷ୍ଠ ନାଗରିକଙ୍କ ବାର୍ଷିକ ସାଂସ୍କୃତିକ ସମାବେଶରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଥିଲେ।

ସମ୍ମାନିତ ଅତିଥି ଭାବେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଐରା'ର ନିର୍ଦ୍ଦେଶକ ସୁରେଶ କୁମାର ପଣ୍ଡା, ଶିକ୍ଷାବିତ୍ ଅନ୍ତର୍ଯ୍ୟାମୀ ରଥ, ପରିବେଶବିତ୍ ପ୍ରଦ୍ୟୁମ୍ନ ରଥ, ସାମାଜିକ କର୍ମୀ ସରୋଜ ଶତପଥୀ, ବରିଷ୍ଠ ଖବରଦାତା ପ୍ରଦୀପ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। 'ଐରା' ଦ୍ୱାରା ପରିଚାଳିତ କୁଞ୍ଜବିହାରୀ ବରିଷ୍ଠ ନାଗରିକ ଗୃହ, ଭୁବନର ଚକ୍ରଧାରୀ ବରିଷ୍ଠ ନାଗରିକ ଗୃହ, କାମାକ୍ଷାନଗର ଜିରିଡିମାଳିସ୍ଥିତ ସାବିତ୍ରୀ ଦେବୀ ବରିଷ୍ଠ ନାଗରିକ ଗୃହ, କଙ୍କଡ଼ାହାଡ଼ ବ୍ଲକ ଢୋଲପଶିସ୍ଥିତ ଲୋକନାଥ ବରିଷ୍ଠ ନାଗରିକ ଗୃହ, ଓଡ଼ାପଡ଼ା ବ୍ଲକ ବେଲପଡାସ୍ଥିତ ଚନ୍ଦ୍ରଶେଖର ବରିଷ୍ଠ ନାଗରିକ ଗୃହ, ଅନୁଗୋଳ ସୁସୁଡାର ଦିଶା ବରିଷ୍ଠ ନାଗରିକ ଗୃହ ଏବଂ ଗଁଦିଆ ବ୍ଲକ ଅଶ୍ୱଖୋଲାସ୍ଥିତ ଗିରିଧାରୀ ବରିଷ୍ଠ ନାଗରିକ ଗୃହର ଅନ୍ତେବାସୀ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇଥିଲେ। ପ୍ରଦ୍ୟୁମ୍ନ ପଣ୍ଡା, ପ୍ରସନ୍ନ ପଣ୍ଡା, ସୀତାଂଶୁ ପଣ୍ଡା, ରୁଦ୍ରନାରାୟଣ ଷଡଙ୍ଗୀ, ସରୋଜ କର୍ଣ୍ଣ, ବିମଳ ପୁହାଣ, ଗତିକୃଷ୍ଣ ସାହୁ, ନରେଶ ମହାନ୍ତି, ବସନ୍ତ ସାହୁ, ବବ୍ରୁବାହନ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## 'ସ୍ୱାଭିମାନ ଥିଲା ବିଜୁବାବୁଙ୍କ ପରିଚୟ'

ଢେଙ୍କାନାଳ ଅଫିସ, ୬।୩

ସ୍ୱାଭିମାନ ଥିଲା ବିଜୁ ପଟ୍ଟନାୟକଙ୍କ ପରିଚୟ। ସେ ଥିଲେ ଜଣେ ସାଲିସବିହୀନ ରାଷ୍ଟ୍ରନୀତିଜ୍ଞ। ତାଙ୍କ ସ୍ୱପ୍ନର ଓଡ଼ିଶାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରଣ କରୁଛନ୍ତି। ରାଜ୍ୟ ସରକାରଙ୍କ ସମସ୍ତ ଜନକଲ୍ୟାଣମୂଳକ କାର୍ଯ୍ୟର ସଫଳତା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଦଳୀୟ କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ। ଢେଙ୍କାନାଳ ଜିଲା ଗଁଦିଆ ମିନି ଷ୍ଟାଡିୟମରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଏପରି ଆହ୍ୱାନ ଦେଇଥିଲେ।

ଗଁଦିଆ ବ୍ଲକ ବିଜେଡି ସଭାପତି ବିଶ୍ୱନାଥ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ବିଜୟ ନାୟକ, ବିଜେଡି ନେତା ହର୍ଷବର୍ଦ୍ଧନ ସିଂଦେଓ, ନରୋତ୍ତମ ସାହୁ, ଦେବାଶିଷ ମିଶ୍ର, ଶଶିକାନ୍ତ ମିଶ୍ର, ସୁରଜ ମହାପାତ୍ର, ସୁଧାଂଶୁ ଦଳେଇ, ପ୍ରଦୀପ ରାଉତ, ଗଁଦିଆ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ଭୂୟାଁ, ସଦର ବ୍ଲକ ଅଧ୍ୟକ୍ଷା ପଦ୍ମିନୀ ନାୟକ, ନାରୀନେତ୍ରୀ ସାଇଶ୍ରୀ ପଟ୍ଟନାୟକ, ଶୁଭଦର୍ଶିନୀ ପରିଡ଼ା, ସାଗରିକା ମିଶ୍ର, ରୁବି ବିଶ୍ୱାଳ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ଏଥିପୂର୍ବରୁ ଢେଙ୍କାନାଳ ଜିଲା ବିଜେଡି କାର୍ଯ୍ୟାଳୟରେ ନଗର ସଭାପତି ଇନ୍ଦ୍ରମଣି ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଜୁ ଜୟନ୍ତୀ ସମାରୋହରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ବିଧାୟକ ସୁଧୀର ସାମଲ ଯୋଗଦେଇଥିଲେ।




ଗଁଦିଆରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ସମାରୋହରେ ଅତିଥିମାନେ।

## ବୀରାଶାଳରେ ସୁରକ୍ଷିତ ବାଦୁଡ଼ି

କାମାକ୍ଷାନଗର, ୬।୩(ଡି.ଏନ.ଏ.)

ପ୍ରକୃତିର ବିଚିତ୍ରମୟ ପ୍ରାଣୀ ମଧ୍ୟରେ ଅନ୍ୟତମ ବାଦୁଡ଼ି। ଉଭୟ ପକ୍ଷୀ ଏବଂ ପଶୁ ପ୍ରବୃତ୍ତିଧାରୀ ଏହି ସ୍ତନ୍ୟପାୟୀ ପ୍ରାଣୀକୁ ପ୍ରକୃତିର ବନ୍ଧୁ ବୋଲି ଆଖ୍ୟା ଦିଆଯାଇଛି। ହେଲେ ଅବାଧ ଶିକାର ପାଇଁ ଏମାନଙ୍କ ବଂଶ ଏବେ ବିପଦରେ। ତେବେ ଗ୍ରାମବାସୀଙ୍କ ମିଳିତ ପ୍ରୟାସରୁ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବୀରାଶାଳ ପାଲଟିଛି ବାଦୁଡ଼ିଙ୍କ ସୁରକ୍ଷିତ ଆଶ୍ରୟସ୍ଥଳ। ବନ ବିଭାଗ ଆବଶ୍ୟକ ସହାୟତା ଯୋଗାଇଦେଲେ ଏମାନଙ୍କ ବଂଶ ବଢ଼ିପାରିବ ବୋଲି କହିଛନ୍ତି ଅଞ୍ଚଳବାସୀ।

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ସଦର ମହକୁମା ସମେତ ବୀରାଶାଳ ଗ୍ରାମର ବଡ଼ ବଡ଼ ଗଛରେ ବାସ କରୁଛନ୍ତି ସହସ୍ରାଧିକ ବାଦୁଡ଼ି। ଅଞ୍ଚଳବାସୀଙ୍କ ଆଧ୍ୟାତ୍ମିକ ବିଶ୍ୱାସ ସହ ଯୋଡ଼ିହୋଇ ରହିଥିବାରୁ ଏହି ରାତ୍ରିଚର ଜୀବ ବେଶ୍ ସୁରକ୍ଷିତ। ଗ୍ରାମବାସୀଙ୍କ କହିବା କଥା, ଆସନ୍ନ ବିପଦର ଆଭାସ ପାଇଲେ ବାଦୁଡ଼ିମାନେ ଅନ୍ୟତ୍ର ପଳାଇଥାଆନ୍ତି। ଗ୍ରାମବାସୀ ସୁରକ୍ଷା ଦେଇ ଆସୁଥିବାରୁ ଶିକାରୀଙ୍କ ପ୍ରାଦୁର୍ଭାବ ପ୍ରାୟତଃ ନାହିଁ। ଗଛମୂଳେ କାହାରି ଉପସ୍ଥିତି ଅନୁଭବ କରିବା କ୍ଷଣି ବାଦୁଡ଼ିମାନେ ଚେଁ ଚାଁ ହୋଇ ଶବ୍ଦ କରିଥାଆନ୍ତି। ଫଳରେ ଶିକାରୀଙ୍କୁ ଘଉଡ଼ାଇବା ସହଜ ହୋଇଥାଏ। ଦିନସାରା ଗଛରେ ମୁହଁ ତଳକୁ କରି ଝୁଲି ରହୁଥିବା ବାଦୁଡ଼ିମାନେ ସନ୍ଧ୍ୟା ହେଲେ ଏକାଠି ହୋଇ ଖାଦ୍ୟ ଅନ୍ୱେଷଣରେ ଅନ୍ଧାର ଆକାଶରେ ଘୁରି ବୁଲିଥାନ୍ତି, ଯାହା ଚମତ୍କାର ଦୃଶ୍ୟ ସୃଷ୍ଟି କରିଥାଏ। ସଞ୍ଜରୁ ବାଦୁଡ଼ିମାନେ ଖାଦ୍ୟ ତଲାସରେ ମାଇଲ ମାଇଲ ବାଟ ଉଡ଼ି ଯାଇଥାନ୍ତି। ଭୋର୍‌ସମୟରେ ସେମାନେ ପୁଣି ଆବାସସ୍ଥଳୀକୁ ଫେରିଥାନ୍ତି। ବର୍ଷା ଆରମ୍ଭରେ ପ୍ରଜନନ ସହ ଏମାନଙ୍କ ବଂଶବୃଦ୍ଧି ପ୍ରକ୍ରିୟା ଆରମ୍ଭ ହୋଇଥାଏ। ପକ୍ଷୀଙ୍କ ଭଳି ଡେଣା ଥିଲେ ବି ବାଦୁଡ଼ି ଛୁଆ ଜନ୍ମ କରିଥାନ୍ତି। ବାଦୁଡ଼ିଙ୍କୁ ବୀଜବାହକ ବୋଲି କୁହାଯାଏ। କାରଣ ଏମାନେ ଖାଉଥିବା ସ୍ୱାଦିଷ୍ଟ ଫଳର ମଞ୍ଜି ସେମାନଙ୍କ ମଳରେ ବାହାରି ବିଭିନ୍ନ ସ୍ଥାନରେ ପଡ଼ି ଜଙ୍ଗଲ ସୃଷ୍ଟି କରିବାରେ ସହାୟକ ହୋଇଥାଏ। ତେବେ ଗ୍ରାମବାସୀ ଗ୍ରାମ ପରିଧି ମଧ୍ୟରେ ଏମାନଙ୍କୁ ସୁରକ୍ଷା ଦେବାରେ ସମର୍ଥ। ରାତିରେ ଖାଦ୍ୟ ଅନ୍ୱେଷଣରେ ବାହାରିବା ପରେ ଶିକାରୀମାନେ ମାଂସ ପାଇଁ ଏମାନଙ୍କୁ ଟାର୍ଗେଟ କରୁଛନ୍ତି। ରାତିରେ ସବୁବେଳେ ଜଗିରହିବା ସମ୍ଭବ ହେଉନାହିଁ। ତେଣୁ ବନ ବିଭାଗ ରାତ୍ରିକାଳୀନ ପାଟ୍ରୋଲିଂ କରିବା, ସୁରକ୍ଷା ପାଇଁ ସଚେତନତାମୂଳକ କାର୍ଯ୍ୟକ୍ରମ ହାତକୁ ନେବା ଏବଂ ଶିକାରୀମୁକ୍ତ ପରିବେଶ ସୃଷ୍ଟି କରିପାରିଲେ ବାଦୁଡ଼ିଙ୍କ ବଂଶବୃଦ୍ଧି ହୋଇପାରିବ ବୋଲି ଗ୍ରାମବାସୀ କହିଛନ୍ତି।



ବୀରାଶାଳ ଗ୍ରାମର ଏକ ଗଛରେ ବାଦୁଡ଼ିମାନେ।

- ସୁରକ୍ଷା ଦାୟିତ୍ୱ ନେଇଛନ୍ତି ଗ୍ରାମବାସୀ
- ଅବାଧ ଶିକାର ପାଇଁ ସଙ୍କଟରେ ବଂଶ
- ବନ ବିଭାଗର ସହାୟତା ଲୋଡ଼ିଲେ

### ବିପଦ ଆସିଲେ ଜାଣିପାରନ୍ତି



"ଦୀର୍ଘବର୍ଷ ହେଲା ଗ୍ରାମର ବଡ଼ ବଡ଼ ଗଛରେ ବାଦୁଡ଼ି ରହି ଆସୁଛନ୍ତି। ୩୦ ବର୍ଷ ତଳେ ଗାଁରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଅଘଟଣ ଘଟିବାର ୫ଦିନ ପୂର୍ବରୁ ବାଦୁଡ଼ିମାନେ ଗାଁ ଛାଡ଼ି ଅନ୍ୟତ୍ର ଚାଲିଯାଇଥିଲେ। ଅଗ୍ନିକାଣ୍ଡର ମାସକ ପରେ ପୁଣି ସେମାନଙ୍କ ବାସସ୍ଥଳୀକୁ ବାହୁଡ଼ିଥିଲେ। ବିପଦ ଆସିଲେ ଏମାନେ ଜାଣିପାରନ୍ତି। ଏମାନେ ଶୁଭ ବୋଲି ବିଶ୍ୱାସ ରହିଛି।

**–ଶୁଭ୍ରାଂଶୁ ଶେଖର ଦାସ, ସାମାଜିକ କର୍ମୀ**

### ପ୍ରକୃତିର ବନ୍ଧୁ



"ବାଦୁଡ଼ିଙ୍କ ଜୀବନଶୈଳୀ ନିଆରା। ଏମାନେ ଖାଇବା ଏବଂ ମଳତ୍ୟାଗ ଉଭୟ କ୍ରିୟା ପାଟିପଟେ କରିଥାନ୍ତି। ଏହି ସ୍ତନ୍ୟପାୟୀ ପ୍ରାଣୀର ଦୃଷ୍ଟିଶକ୍ତି ପ୍ରଖର। ଅନ୍ଧାର ରାତିରେ ଖାଦ୍ୟ ସଂଗ୍ରହ କରିବାକୁ ମାଇଲ ମାଇଲ ଉଡ଼ି ଯାଇଥାନ୍ତି। ଏମାନେ ସ୍ୱାଦିଷ୍ଟ ଫଳ ଖାଇଥାନ୍ତି। ମଞ୍ଜିଗୁଡ଼ିକ ମଳରେ ବିଭିନ୍ନ ସ୍ଥାନରେ ପଡ଼ିଥାଏ। ଏଭଳି ବୀଜବପନ ଦ୍ୱାରା ନୂତନ ଜଙ୍ଗଲ ସୃଷ୍ଟି ହୋଇଥାଏ। ତେଣୁ ଏମାନଙ୍କୁ ପ୍ରକୃତିର ବନ୍ଧୁ ବୋଲି କୁହାଯାଏ।

**–ସଞ୍ଜୟ କୁମାର ରାଉତ, ତହସିଲଦାର ତଥା ପରିବେଶବିତ୍**

### ସବୁସ୍ତରରେ ଉଦ୍ୟମ ଲୋଡ଼ା



"ବୀରାଶାଳ ଗ୍ରାମରେ ବାଦୁଡ଼ିଙ୍କ ବଂଶରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଗ୍ରୀଷ୍ମପ୍ରବାହ ସମୟରେ ଖରା ସହି ନ ପାରି ଅନେକ ବାଦୁଡ଼ି ମରିଯାଉଥିବା ନଜିର ରହିଛି। ପ୍ରତିକାର ସ୍ୱରୂପ ଅଗ୍ନିଶମ ବିଭାଗ ଏବଂ ଆବଶ୍ୟକସ୍ଥଳେ ତଳୁଆ ଗଛରେ ସ୍ପ୍ରେୟର ସହାୟତାରେ ପାଣି ସିଞ୍ଚନ କରାଯାଇଥାଏ। ଏମାନଙ୍କ ବଂଶରକ୍ଷା ପାଇଁ ସବୁସ୍ତରରେ ଉଦ୍ୟମ ଲୋଡ଼ା।

**–ସତ୍ୟନାରାୟଣ ସାହୁ, କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ଅଧିକାରୀ**

# ଓଡ଼ିଶା ପୁରୁଷ, ମହିଳା ଦଳ ବିଜୟୀ

**ଜାତୀୟ ସିନିୟର ଭଲିବଲ୍ ଚାମ୍ପିୟନଶିପ୍**

ଭୁବନେଶ୍ୱର,୬।୩ (ସ୍ପୋର୍ଟ୍ସ ବ୍ୟୁରୋ)

କିଟ୍‌ର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୬୯ତମ ଜାତୀୟ ସିନିୟର ଭଲିବଲ୍ ଚାମ୍ପିୟନଶିପ୍‌ରେ ଶନିବାର ଅନୁଷ୍ଠିତ ପୁରୁଷ ବିଭାଗ ମ୍ୟାଚ୍‌ଗୁଡ଼ିକରେ ଓଡ଼ିଶା, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଉତ୍ତରାଞ୍ଚଳ, ଗୁଜରାଟ, ଝାଡ଼ଖଣ୍ଡ, ହିମାଚଳ ପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ବିଜୟୀ ହୋଇଛନ୍ତି।

ଓଡ଼ିଶା ୩-୦ରେ ଛତିଶଗଡ଼କୁ ହରାଇଛି। ଓଡ଼ିଶା ଆଧିପତ୍ୟ ବିସ୍ତାର କରି ୨୫- ୧୮, ୨୫- ୨୭, ୨୮-୨୬ରେ ବିଜୟୀ ହୋଇଛି। ସେହିପରି ୟୁପି ୩-୦ରେ ଲଦାଖ, ମଧ୍ୟପ୍ରଦେଶ ୩-୦ରେ ଛତିଶଗଡ଼, ଉତ୍ତରାଞ୍ଚଳ ୩-୨ରେ ତେଲେଙ୍ଗାନା, ଗୁଜରାଟ ୩-୦ରେ ମିଜୋରାମ, ଝାଡଖଣ୍ଡ ୩-୧ରେ ବିହାର, ହିମାଚଳ ପ୍ରଦେଶ ୩-୦ରେ ତ୍ରିପୁରା, ଆନ୍ଧ୍ରପ୍ରଦେଶ ୩-୦ରେ ମଣିପୁର ଓ ପଶ୍ଚିମବଙ୍ଗ ୩-୦ରେ ପଣ୍ଡିଚେରୀକୁ ପରାସ୍ତ କରିଛି।

ଶନିବାର ଅନୁଷ୍ଠିତ ମହିଳା ବର୍ଗ ପ୍ରତିଯୋଗିତାରେ ଓଡ଼ିଶା ୩-୦ ବ୍ୟବଧାନରେ ମଣିପୁରକୁ ପରାସ୍ତ କରିଛି। ଓଡ଼ିଶା ମହିଳା ଦଳ ପ୍ରଭାବ ବିସ୍ତାର କରି ଖେଳିବା ସହ ମଣିପୁରକୁ କୌଣସି ସୁଯୋଗ ଦେଇ ନ ଥିଲା। ଓଡ଼ିଶା ୨୫-୭,୨୫-୯, ୨୫-୧୫ରେ ବିଜୟୀ ହୋଇଛି। ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ତେଲେଙ୍ଗାନା ୩-୦ରେ ଲଦାଖ, ଚଣ୍ଡିଗଡ଼ ୩-୦ର ଜମ୍ମୁକଶ୍ମୀର, ବିହାର ୩-୦ରେ ଝାଡଖଣ୍ଡ, ଗୁଜରାଟ ୩-୦ରେ ପଞ୍ଜାବ, କର୍ଣ୍ଣାଟକ ୩-୦ରେ ପଣ୍ଡିଚେରୀ, ଆନ୍ଧ୍ରପ୍ରଦେଶ ୩-୦ରେ ମିଜୋରାମ, ଆସାମ ୩-୦ରେ ଛତିଶଗଡ଼ ଓ ଉତ୍ତରପ୍ରଦେଶ ୩-୦ରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି।



ମହିଳା ଚାମ୍ପିୟନ୍‌ଶିପ୍‌ରେ ଗୁଜରାଟ-ପଞ୍ଜାବ ମୁକାବିଲା।

# ସିନ୍ଧୁ ସୁଇସ୍ ଓପନ ଫାଇନାଲରେ

ବାସେଲ, ୬।୩ (ପି.ଟି.)

ଅଲିମ୍ପିକ ରୌପ୍ୟ ବିଜୟିନୀ ପି.ଭି. ସିନ୍ଧୁ ସୁଇସ୍ ଓପନ୍ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ଏକ ସେମିଫାଇନାଲରେ ବିଶ୍ୱ ଚାମ୍ପିୟନ ସିନ୍ଧୁ ୨୨-୨୦, ୨୧-୧୦ରେ ଚତୁର୍ଥ ସିଡ୍ ତଥା ଡେନମାର୍କର ମିଆ ବ୍ଲିଚଫିଲ୍‌ଡିଟ୍‌ଙ୍କୁ ହରାଇ ଦେଇଛନ୍ତି। ଏଥିସହିତ ସେ ଗତ ଜାନୁୟାରୀରେ ୟୋନେକ୍ସ ଥାଇଲାଣ୍ଡ ଓପନ୍‌ରେ ବିଶ୍ୱର ଏହି ୧୨ ନମ୍ବର ଖେଳାଳିଙ୍କ ବିପକ୍ଷ ପ୍ରଥମ ରାଉଣ୍ଡ ପରାଜୟର ପ୍ରତିଶୋଧ ନେଇଛନ୍ତି। ଏଠାରେ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍ ପରେ ସିନ୍ଧୁଙ୍କର ଏହା ହେଉଛି ପ୍ରଥମ ଫାଇନାଲ। ଶୁକ୍ରବାର ରାତିରେ ପୂର୍ବତନ ଚାମ୍ପିୟନ କିଡାମ୍ବି ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେ ୬ଷ୍ଠ ସିଡ୍ ତଥା ଥାଇଲାଣ୍ଡର କାଣ୍ଟାଫନ୍ ୱାଙ୍ଗଚାରୋନଙ୍କୁ ହରାଇ ଦେଇଛନ୍ତି। ବିଶ୍ୱର ୧୦ ନମ୍ବର ମାନ୍ୟତାପ୍ରାପ୍ତ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ମଧ୍ୟ ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖିବା ସହ ଏହି ସୁପର ୩୦୦ ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି।



ପି.ଭି. ସିନ୍ଧୁ

# ଗାଭାସ୍କର ସମ୍ବର୍ଦ୍ଧିତ

ଅହମଦାବାଦ, ୬।୩ (ପି.ଟି.)

ଭାରତର ପୂର୍ବତନ ଅଧିନାୟକ ସୁନୀଲ ଗାଭାସ୍କରଙ୍କ ଟେଷ୍ଟ ପଦାର୍ପଣର ୫୦ତମ ବାର୍ଷିକ ପୂର୍ତ୍ତି ଅବସରରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଶନିବାର ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ବ୍ୟାଟିଂ କିମ୍ବଦନ୍ତୀ ଏବଂ ତାଙ୍କ ତତ୍‌କାଳୀନ ସାଥୀ ଖେଳାଳିମାନେ କ୍ରିକେଟକୁ ଶକ୍ତିଶାଳୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଭାରତ ଓ ଇଂଲଣ୍ଡ ଚତୁର୍ଥ ତଥା ଫାଇନାଲ ଟେଷ୍ଟର ତୃତୀୟ ଦିବସ ଖେଳ ମଧ୍ୟାହ୍ନ ଭୋଜନ ବିରତ ସମୟରେ ଏହି ୭୧ବର୍ଷୀୟ ପୂର୍ବତନ ଅଧିନାୟକ ବିସିସିଆଇ ସମ୍ପାଦକ ଜୟ ଶାହାଙ୍କଠାରୁ ଏକ ସ୍ମାରକୀ ଟେଷ୍ଟ କ୍ୟାପ୍ ଗ୍ରହଣ କରିଥିଲେ। ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ କହିଛନ୍ତି, ଗାଭାସ୍କର କେବଳ ଜଣେ ବିଶ୍ୱ ଶ୍ରେଣୀୟ ଓପନର ନ ଥିଲେ ଖେଳର ଜଣେ ମହାନ ଆମ୍ବାସାଡର ଭାବେ କାର୍ଯ୍ୟକରୁଛନ୍ତି।





ସ୍ମାରକୀ ଟେଷ୍ଟ କ୍ୟାପ୍ ସହ ସୁନୀଲ ଗାଭାସ୍କର।

# ଜଗନ୍ନାଥ ଖୁଣ୍ଟିଆ ମିଷ୍ଟର ଭୁବନେଶ୍ୱର



ଅତିଥିଙ୍କ ଗହଣରେ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୬।୩ (ସ୍ପୋର୍ଟ୍ସ ବ୍ୟୁରୋ)

ପୁରୁଣା ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ମନ୍ଦିର ନିକଟବର୍ତ୍ତୀ କୋରାପୁଟ ଭବନଠାରେ ଭୁବନେଶ୍ୱର ଜିଲା ସୁନ୍ଦର ସ୍ୱାସ୍ଥ୍ୟ ସଂଘ ଆନୁକୂଲ୍ୟରେ 'ମିଷ୍ଟର ଭୁବନେଶ୍ୱର' ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ବିଭିନ୍ନ ବ୍ୟାୟାମଶାଳା ଓ କ୍ରୀଡ଼ା ଅନୁଷ୍ଠାନ ପକ୍ଷରୁ ପ୍ରାୟ ୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ୫୫ କିଗ୍ରାଠାରୁ ଆରମ୍ଭ କରି ୧୦୦କିଗ୍ରାରୁ ଊର୍ଦ୍ଧ୍ୱ ଓଜନ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଅଲ୍‌ଟାଇମ୍ସ ଜିମ୍ନାସିୟମର ଜଗନ୍ନାଥ ଖୁଣ୍ଟିଆ ଶ୍ରେଷ୍ଠ ବିବେଚିତ ହୋଇ 'ମିଷ୍ଟର ଭୁବନେଶ୍ୱର' ଆଖ୍ୟା ଲାଭ କରିଛନ୍ତି। ଏଥିସହିତ ଉଭୟ ପୁରୁଷ ଓ ମହିଳା ବିଭାଗ ସୁନ୍ଦର ସ୍ୱାସ୍ଥ୍ୟ ଫିଜିକାଲ ଫିଟ୍‌ନେସ୍ ପ୍ରତିଯୋଗିତା ମଧ୍ୟ ହୋଇଥିଲା। ପୁରୁଷ ବିଭାଗରେ ଆର୍ମଷ୍ଟ୍ରଙ୍ଗ୍ ଜିମ୍‌ର ଗୁରୁଦେବ ମିଶ୍ର ପ୍ରଥମ ଏବଂ ଅଲ୍ ଟାଇମ୍ ଫିଟ୍‌ନେସ୍‌ର ବଳରାମ ଲେଙ୍କା ଓ ଅମିତ ବଟୁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହିଳା ବିଭାଗରେ ଆର୍ମଷ୍ଟ୍ରଙ୍ଗ୍ ଜିମ୍‌ର ପ୍ରଯୁକ୍ତା ଦାସ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର, ସଭାନେତ୍ରୀ ସୁମିତ୍ରା ତ୍ରିପାଠୀ, କାର୍ଯ୍ୟନିର୍ବାହୀ ଉପ ସଭାପତି ବାବୁଲି ସ୍ୱାଇଁ ଓ ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ ଗୁରୁ ପ୍ରମୁଖ ବିଚାରକ ମଣ୍ଡଳୀ ଦାୟିତ୍ୱ ତୁଲାଇଥିଲେ। ଶ୍ରୀଶ୍ରୀ ଲିଙ୍ଗରାଜ ସେନାର ସଭାପତି ରାଜେନ୍ଦ୍ର ସମର୍ଥା, ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ପତି, ବଡୁନିଯୋଗ ସଭାପତି ଅଞ୍ଚଳ ବଟୁ ଓ ସମ୍ପାଦକ କମଳାକାନ୍ତ ବଟୁ ଏବଂ ରିଜିଓନାଲ ଲେବର କମିଶନର ଉମେଶ ଚନ୍ଦ୍ର ମିଶ୍ର ଓ ହେମନ୍ତ ପଣ୍ଡା ପ୍ରମୁଖ ପୁରସ୍କାର ବିତରଣ କରିଥିଲେ।

# ଏପ୍ରିଲ ୯ରୁ ଆଇପିଏଲ

ନୂଆଦିଲ୍ଲୀ, ୬।୩ (ପି.ଟି.)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା କ୍ରିକେଟ ସିରିଜ ଶେଷ ହେବାର ୧୨ ଦିନ ପରେ ଆଇପିଏଲ୍‌ର ୨୦୨୧ ସଂସ୍କରଣ ଏପ୍ରିଲ ୯ରୁ ଆରମ୍ଭ ହେବ। ବିସିସିଆଇର ଏକ ସୂତ୍ରରୁ ଏହା ଜଣାଯାଇଛି। ଇଂଲଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜର ତୃତୀୟ ତଥା ଅନ୍ତିମ ମ୍ୟାଚ ପୁଣେରେ ମାର୍ଚ୍ଚ ୨୮ରେ ଅନୁଷ୍ଠିତ ହେବ। ଭାରତର ଅନ୍ତର୍ଜାତୀୟ କାର୍ଯ୍ୟସୂଚୀକୁ ଦୃଷ୍ଟିରେ ରଖି ଲୋକପ୍ରିୟ ଟି୨୦ର ସମୟ ଧାର୍ଯ୍ୟ କରାଯାଇଛି। ବିସିସିଆଇର ଜଣେ ବରିଷ୍ଠ କର୍ମକର୍ତ୍ତାଙ୍କ ସୂଚନା ଅନୁସାରେ ଆଇପିଏଲ ଏପ୍ରିଲ ୯ରୁ ମେ ୩୦ ପର୍ଯ୍ୟନ୍ତ ଆୟୋଜନ କରିବା ଲାଗି ଆପାତତଃ ଧାର୍ଯ୍ୟ କରାଯାଇଛି। ଆସନ୍ତା ସପ୍ତାହରେ ହେବାକୁଥିବା ଗଭର୍ନିଂ କାଉନ୍‌ସିଲ ବୈଠକରେ ଏହା ଆନୁଷ୍ଠାନିକ ଭାବେ ଅନୁମୋଦନ ଲାଭ କରିବ। ଦେଶରେ କୋଭିଡ୍ ମହାମାରୀର ବର୍ତ୍ତମାନ ସ୍ଥିତିକୁ ପରଖି ଆଇପିଏଲ ମ୍ୟାଚଗୁଡ଼ିକ ୫ଟି ସହର ଯଥା ଚେନ୍ନାଇ, କୋଲକାତା, ବେଙ୍ଗାଲୁରୁ, ଦିଲ୍ଲୀ ଓ ଅହମଦାବାଦରେ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ମହାରାଷ୍ଟ୍ରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ମୁମ୍ବାଇରେ ମ୍ୟାଚ ଆୟୋଜନ କରିବାକୁ ହେଲେ କ୍ଲିଅରାନ୍ସର ଆବଶ୍ୟକତା ରହିଛି।

# ନର୍ଥଇଷ୍ଟ-ମୋହନବାଗାନ ମ୍ୟାଚ ଡ୍ର

**ବାମ୍ବୋଲିମ୍, ୬।୩:** ସ୍ଥାନୀୟ ଜିଏମ୍‌ସି ଷ୍ଟାଡିୟମରେ ଶନିବାର ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ଏବଂ ଏଟିକେ ମୋହନବାଗାନ ମଧ୍ୟରେ ଅନୁଷ୍ଠିତ ଇଣ୍ଡିଆନ ସୁପରଲିଗ୍ ଫୁଟ୍‌ବଲର ପ୍ରଥମ ଲେଗ୍ ସେମିଫାଇନାଲ ମ୍ୟାଚ ୧-୧ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଛି। ଡେଭିଡ୍ ୱିଲିୟମ୍ସ ୩୪ତମ ମିନିଟ୍‌ରେ ଗୋଲ ସ୍କୋର କରି ପ୍ରଥମେ ଏଟିକେ ମୋହନବାଗାନକୁ ଅଗ୍ରଣୀ କରାଇଥିଲେ। ହେଲେ ଖେଳର ୯୪ତମ ମିନିଟ୍‌ରେ ବିପକ୍ଷ ଦଳର ଇଦ୍ରିସା ସିଲା ସାଥୀ ଖେଳାଳି ଲୁଇସ୍ ମାଚାଡୋସଙ୍କ ହେଡରକୁ ଗୋଲରେ ପରିଣତ କରି ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ଦୁଇ ଦଳ ମଧ୍ୟରେ ଏହି ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା।

# ଦ୍ୱିତୀୟ ଟି୨୦ରେ ଶ୍ରୀଲଙ୍କା ବିଜୟୀ

କୁଲିଜ୍ (ଆଣ୍ଟିଗୁଆ), ୬।୩ (ଏପି)

ଶ୍ରୀଲଙ୍କା ସ୍ପିନରଙ୍କ ପ୍ରଭାବୀ ବୋଲିଂ ଯୋଗୁ ଏଠାରେ ଖେଳାଯାଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ ମ୍ୟାଚକୁ ଶ୍ରୀଲଙ୍କା ୪୩ ରନରେ ଜିତିନେଇଛି। ଫଳରେ ଦୁଇ ଦଳ ମଧ୍ୟରେ ଚାଲିଥିବା ୩ ମ୍ୟାଚ ବିଶିଷ୍ଟ ସିରିଜ ୧-୧ ସ୍ତରକୁ ଚାଲି ଆସିଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ୧୬୦ ରନ କରିଥିଲା। ୱାନିଣ୍ଡୁ ହସରଙ୍ଗା, ଆକିଲା ଧନଞ୍ଜୟ ଓ ଦାନୁଷ୍କା ଗୁଣତିଲକା ମିଳିତ ଭାବେ ୮ ଉଇକେଟ ଦଖଲ କରିବାରୁ ଘରୋଇ ଦଳ ୧୮.୪ ଓଭରରେ ୧୧୭ ରନ କରି ଅଲଆଉଟ ହୋଇଯାଇଥିଲା। କୁଲିଜ୍‌ଠାରେ ନିହାତି ବିଜୟ ଆବଶ୍ୟକ କରୁଥିବା ଶ୍ରୀଲଙ୍କା ଏହି ମ୍ୟାଚ ପାଇଁ ଦଳରେ ୪ ସ୍ପିନର ଖେଳାଇଥିଲା। ମନ୍ଥର ପିଚ୍ ଯୋଗୁ ବଡ଼ ଶଟ୍ ଖେଳିବା ବ୍ୟାଟ୍ସମ୍ୟାନମାନଙ୍କ ପକ୍ଷେ କଷ୍ଟକର ଥିଲା। ନିୟମିତ ଭାବେ ଉଇକେଟ ପତନ ଘଟିବାରୁ ୱେଷ୍ଟଇଣ୍ଡିଜ ସ୍କୋରିଂ ମୁମେଣ୍ଟମ ବଜାୟ ରଖିବାରେ ସକ୍ଷମ ହୋଇପାରି ନ ଥିଲା। ପ୍ରଥମ ମ୍ୟାଚରେ ହ୍ୟାଟ୍ରିକ ଅର୍ଜନ ସହ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ କିରନ ପୋଲାର୍ଡଙ୍କୁ ଗୋଟିଏ ଓଭରରେ ୬ ଛକା ମାରିବା ସୁଯୋଗ ଦେଇଥିବା ଧନଞ୍ଜୟ ପାୱାରପ୍ଲେରେ ୪ ଓଭର ବୋଲିଂ କରି ୧୩ ରନ ବିନିମୟରେ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ତନ୍ମଧ୍ୟରେ ୱେଷ୍ଟଇଣ୍ଡିଜ ଅଧିନାୟକ କିରନ ପୋଲାର୍ଡ (୧୩ରନ)ଙ୍କ ଗୁରୁତ୍ୱପୂର୍ଣ୍ଣ ଉଇକେଟ ଅନ୍ତର୍ଭୁକ୍ତ। ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହସରଙ୍ଗା ତାଙ୍କ ୪ ଓଭର ବୋଲିଂରେ ୧୭ ରନ ବିନିମୟରେ ୩ ଉଇକେଟ ହାସଲ କରିଥିଲେ। ଶ୍ରୀଲଙ୍କା ଇନିଂସରେ ସେ ୧୯ରନ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା ଇନିଂସ:** ୨୦ ଓଭରରେ ୧୬୦/୬ (ଦାନୁଷ୍କା ଗୁଣତିଲକା-୫୬, ପାଥୁମ ନିଶାଙ୍କା-୩୭, ଆଶେନ ବାନ୍ଦରା-୨୧, ଡ୍ୱେନ ବ୍ରାଭୋ-୨/୨୫)। **ୱେଷ୍ଟଇଣ୍ଡିଜ ଇନିଂସ:** ୧୮.୪ ଓଭରରେ ୧୧୭/ଅଲଆଉଟ (ଓବେଡ୍ ମ୍ୟାକ୍‌କଏ-୨୩, ଲେଣ୍ଡଲ ସିମନ୍ସ-୨୧ ; ଲକ୍ଷଣ ସଣ୍ଡାକନ-୩/୧୦, ୱାନିଣ୍ଡୁ ହସରଙ୍ଗା-୩/୧୭, ଦୁଷ୍ମନ୍ତ ଚାମିରା-୨/୨୬)।



ଉଇକେଟ ନେବାପରେ ସାଥୀ ଖେଳାଳିଙ୍କ ସହ ଉଲ୍ଲସିତ ୱାନିଣ୍ଡୁ ହସରଙ୍ଗା।

# କେନ୍ଦ୍ରାପଡ଼ା ଜିଲା ବୋଲିଂ ସଂଘ ଉଦ୍‌ଘାଟିତ

**ଭୁବନେଶ୍ୱର (ସ୍ପୋର୍ଟ୍ସ ବ୍ୟୁରୋ), ୬।୩ :** ଭାରତୀୟ ବୋଲିଂ ସଂଘ (ବିଏଫ୍‌ଆଇ) ଅନୁବନ୍ଧିତ ରାଜ୍ୟ ବୋଲିଂ ଆସୋସିଏଶନ, ଓଡ଼ିଶା ପକ୍ଷରୁ ପ୍ରତି ଜିଲାରେ ଏହାର ପ୍ରସାର ଲାଗି ଉଦ୍ୟମ ଜାରି ରହିଥିବା ବେଳେ କେନ୍ଦ୍ରାପଡ଼ା ଜିଲା ଏଥିରେ ସାମିଲ ହୋଇଛି। ଶନିବାର କେନ୍ଦ୍ରାପଡ଼ା ଜିଲା ବୋଲିଂ ସଂଘ (କେଡିବିଏ) ଉଦ୍‌ଘାଟିତ ହୋଇଛି। କେନ୍ଦ୍ରାପଡ଼ା ଲନ୍ ବଲ୍‌ରେ ବି ଅଗ୍ରଣୀ ଭୂମିକା ନେବାକୁ ପ୍ରୟାସ କରିବ ବୋଲି ସମ୍ପାଦକ ମନୋରଞ୍ଜନ ମିଶ୍ର ଆଶା କରିଛନ୍ତି। ଉଦ୍‌ଘାଟନୀର ମୁଖ୍ୟ ଅତିଥି ରାଜ୍ୟ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଖେଳର ଲୋକପ୍ରିୟତା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ରାଜ୍ୟ ସଂଘ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ ସ୍ୱାଇଁ, କେଡିବିଏ ସଭାପତି ଧୀରେନ୍ଦ୍ର କୁମାର ସାହୁ, ଉପ ସଭାପତି ଭାସ୍କର ମହାରଣା, ଯୁଗ୍ମ ସମ୍ପାଦକ ରାଜକିଶୋର ବେହୁରା, କୋଷାଧ୍ୟକ୍ଷ ରଞ୍ଜନ କୁମାର ସାହୁ, କାର୍ଯ୍ୟକାରୀ ସଦସ୍ୟ ନିତ୍ୟାନନ୍ଦ ବେହେରା, ଜାତୀୟସ୍ତରର ଫେନସର୍ ତଥା ଟେକ୍ନିକାଲ୍ ଅଫିସିଆଲ୍ କରିଷ୍ମା ରାଉତ ପ୍ରମୁଖ ଯୋଗ ଦେଇଥିଲେ।

# ସାଇ-ଏସ୍‌ଟିସି, ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

**ଓଡ଼ିଶା ଓମେନ୍ସ ଲିଗ୍**

ଭୁବନେଶ୍ୱର,୬।୩ (ସ୍ପୋର୍ଟ୍ସ ବ୍ୟୁରୋ)

ଏଠାରେ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍)ରେ ଶନିବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ସାଇ- ଏସ୍‌ଟିସି ଓ ରାଇଜିଂ ଷ୍ଟୁଡେଣ୍ଟ ବିଜୟ ହାସଲ କରିଛନ୍ତି। ଲିଗ୍‌ର ପଞ୍ଚମ ମ୍ୟାଚ୍‌ରେ ସାଇ-ଏସ୍‌ଟିସି ୨-୧ ଗୋଲରେ ଓଜିପି କ୍ଲବ୍‌କୁ ହରାଇଛି। ସାଇ ପକ୍ଷରୁ ଦୀପା ନାୟକ ଅଷ୍ଟମ ଓ ୪୭ତମ ମିନିଟ୍‌ରେ ଦୁଇଟି ଗୋଲ ସ୍କୋର କରିଥିବା ବେଳେ ଓଜିପି ତରଫରୁ ୨୬ତମ ମିନିଟ୍‌ରେ ଏ. କ୍ରିତିକା ଗୋଟିଏ ଗୋଲ ଦେଇଥିଲେ। ଜ୍ୟୋତିରଞ୍ଜନ ସ୍ୱାଇଁ, ଦୁର୍ଗାମାଧମ ଆଚାର୍ଯ୍ୟ, ଚନ୍ଦ୍ରକାନ୍ତ ବାରିକ, ବିଚିତ୍ର ପ୍ରଧାନ ଓ ସୁଦୀପ୍ତା ଦାହ ମ୍ୟାଚ ପରିଚାଳନା କରିଥିଲେ।

ସେହିପରି ଲିଗ୍‌ର ଷଷ୍ଠ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ ୧-୦ ଗୋଲରେ ଇଷ୍ଟ କୋଷ୍ଟ ରେଲୱେକୁ ହରାଇଛି। ରାଇଜିଂ ତରଫରୁ ୬୫ତମ ମିନିଟ୍‌ରେ ଭାରତୀ ଦାସ ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ। ଚିତ୍ରାମ୍ବଦା ପାତ୍ର, ଦିଗ୍‌ବିଜୟ ଦାସ, ଲକ୍ଷ୍ମୀପ୍ରସାଦ ନାୟୁଡୁ, ବିଷ୍ଣୁପ୍ରିୟା ଦାସ ଓ ଦୁର୍ଗାମାଧବ ନାୟକ ଏହି ମ୍ୟାଚ୍ ପରିଚାଳନା କରିଥିଲେ। ୮ ତାରିଖ ସୋମବାର ୩ଟି ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍‌ରେ ସାଇ-ଏସ୍‌ଟିସି ଓ ଇଷ୍ଟକୋଷ୍ଟ ରେଲୱେ, ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ପୋଲିସ ଓ ରାଇଜିଂ ଷ୍ଟୁଡେଣ୍ଟ କ୍ୟାପିଟାଲ ଗ୍ରାଉଣ୍ଡରେ ମୁହାଁମୁହିଁ ହେବେ। ସେହିପରି ତୃତୀୟ ମ୍ୟାଚ୍‌ରେ ସ୍ପୋର୍ଟ୍ସ ହଷ୍ଟେଲ ଓ ଓଜିପି କ୍ଲବ ଯଥାକ୍ରମେ କଳିଙ୍ଗ ଷ୍ଟାଡିୟମରେ ପରସ୍ପରକୁ ଭେଟିବେ।





ସାଇ ବନାମ ଓଜିପି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଓସିଏର ଦୁଇଦିନିଆ କ୍ୟୁରେଟର ସେମିନାର

**ଭୁବନେଶ୍ୱର, ୬।୩ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ପ୍ରଥମଥର ପାଇଁ ଦୁଇଦିନିଆ କ୍ୟୁରେଟର ଟ୍ରେନିଂ ସେମିନାର ଶନିବାର ଆରମ୍ଭ ହୋଇଛି। ଓସିଏର ଇଣ୍ଟୁଇଟିଭ୍ ଭିଜନ@୨୦୨୪ର ଯୋଜନା ଅନୁସାରେ ଏହି ଇଭେଣ୍ଟ ଆରମ୍ଭ ହୋଇଛି। ଏହାଦ୍ୱାରା କ୍ୟୁରେଟର ଭାବେ କାର୍ଯ୍ୟ କରିବାକୁ ଇଚ୍ଛା ରଖୁଥିବା ବ୍ୟକ୍ତିମାନେ ଉପକୃତ ହେବେ ଓ ଭବିଷ୍ୟତରେ ବିସିସିଆଇ ପାଇଁ କାର୍ଯ୍ୟ କରିବାର ଅଭିଳାଷ ପୂରଣ କରିବେ। ଓସିଏ କନ୍‌ଫରେନ୍ସ ହଲ୍‌ରେ ଏହି ସେମିନାର ଆରମ୍ଭ ହୋଇଛି। ଓସିଏ ସହିତ ଅନୁବନ୍ଧିତ ଥିବା ୟୁନିଟ୍‌ଗୁଡ଼ିକର ୫୫ଜଣ କ୍ୟୁରେଟର ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ସେମିନାରରେ ଓସିଏ ମୁଖ୍ୟ କ୍ୟୁରେଟର ପଙ୍କଜ ପଟ୍ଟନାୟକ, ଅଞ୍ଜନ ଖୁଣ୍ଟିଆ,ବିଭୁ ଶତପଥୀ ଓ ବିସିସିଆଇ ପ୍ୟାନେଲର ଯୋଗ୍ୟ କ୍ୟୁରେଟର ଅଂଶଗ୍ରହଣ କରିଥିଲେ। ଓସିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁବ୍ରତ କୁମାର ବେହେରା ଓ ହେଡ୍ ଅଫ୍ କ୍ରିକେଟ ଅପରେଶନ ଆର. ଶ୍ରୀକାନ୍ତ ଆନୁଷ୍ଠାନିକ ଭାବେ ଏହି ସେମିନାର ଉଦ୍‌ଘାଟନ କରିଥିଲେ।

# ଭୁବନେଶ୍ୱର ଚାମ୍ପିୟନ

**ଓଡ଼ିଶା ରାଜ୍ୟ ରୋଲର ସ୍କେଟିଂ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୬।୩ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ସ୍କେଟିଂ ଏକାଡେମୀ ସହଯୋଗରେ କଟକ ଜିଲା ରୋଲର ସ୍କେଟିଂ ଆସୋସିଏଶନ ତରଫରୁ ଫୁଲନଖରାସ୍ଥିତ ଡେକାଥଲନଠାରେ ୧୨ତମ ଓଡ଼ିଶା ରାଜ୍ୟ ରୋଲ ସ୍କେଟିଂ ଚାମ୍ପିୟନଶିପ୍ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାରୁ ୮୩ଜଣ ସ୍କେଟର ଭାଗ ନେଇଥିଲେ। ଏଥିରେ ଭୁବନେଶ୍ୱର ଜିଲା ସର୍ବାଧିକ ୧୮ପଦକ ହାସଲ କରି ଜିଲା ଚାମ୍ପିୟନ ହୋଇଥିଲା। ଏହାପଛକୁ ଖୋର୍ଦ୍ଧା ୧୧ ଏବଂ କଟକ ଜିଲା ୮ ପଦକ ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଏହି ଚାମ୍ପିୟନଶିପ୍‌ରେ ଅତିଥିଭାବେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ୍, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ୍, ଆୟୋଜକ ମହମ୍ମଦ ସମିମ ଖାନ୍, କଟକ ଜିଲା ରୋଲର ସ୍କେଟିଂ ଆସୋସିଏଶନ ରାଜ୍ୟ ସମ୍ପାଦକ ପାର୍ଥ ସାରଥି ଜେନା ଏବଂ ରାଜ୍ୟ କାର୍ଯ୍ୟନିର୍ବାହୀ ସଦସ୍ୟ ପ୍ରକାଶ ବିଷୋଇ ଓ ସୋମେନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।



ଓଡ଼ିଶା ରାଜ୍ୟ ରୋଲର ସ୍କେଟିଂ ଚାମ୍ପିୟନଶିପ୍‌ରେ ଭାଗ ନେଇଥିବା ପ୍ରତିଯୋଗୀମାନେ।



ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ବ୍ରାଇଡାଲ ଲୁକ ଏବେ ଚର୍ଚ୍ଚାରେ। ସେ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିବା ପରଠାରୁ ଏହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତାଙ୍କ ପ୍ରଶଂସକମାନେ ଏହାକୁ ବେଶ୍ ପସନ୍ଦ କରୁଛନ୍ତି। କିଛି ଲୋକ ତାଙ୍କ ବିବାହ ବିଷୟରେ ପ୍ରଶ୍ନ କରୁଛନ୍ତି । ମାତ୍ର ଏହା ଏକ ବିଜ୍ଞାପନ ଭିଡିଓ, ଯେଉଁଥିରେ ଆଲିଆଙ୍କୁ ବୋହୂ ଭାବରେ ଦେଖିବାକୁ ମିଳୁଛି। ସେ ଏହି ଫଟୋରେ ହାଲ୍‌କା ଗୋଲାପୀ ରଙ୍ଗର ଲେହେଙ୍ଗା ପିନ୍ଧିଛନ୍ତି। ଏଥି ସହ ସହ ଭାରୀ ହାର, କାନଫୁଲ ଲଗାଇଥିବା ଦେଖିବାକୁ ମିଳିଛି।



# ବର୍ଷାଜଳ ଦେଇଛି ବଳ

**'ୱାଟର ୱାଟର ଏଭ୍ରି ହୋୟାର ନଟ୍ ଏ ଡ୍ରପ୍ ଟୁ ଡ୍ରିଙ୍କ୍'। ସାମୁଏଲ୍ ଟେଲର କୋଲେରିଜ୍‌ଙ୍କ 'ଦି ରାଇମ୍ ଅଫ୍ ଦି ଆନ୍‌ସିଏଣ୍ଟ ମାରିନେର'ର ଏହି ପଂକ୍ତି ସ୍ପଷ୍ଟ କରୁଛି ମଣିଷ ପାଇଁ ଜଳର ଆବଶ୍ୟକତା କେତେ। ୩ ଭାଗ ଜଳରାଶିରେ ସମୃଦ୍ଧ ପୃଥିବୀରେ ପାଣି ପାଇଁ ହାହାକାର ସ୍ଥିତି ଉପୁଜିଲାଣି। ଏମିତି ବି ଭବିଷ୍ୟବାଣୀ କରାଗଲାଣି, ଯଦି କେବେ ତୃତୀୟ ବିଶ୍ୱଯୁଦ୍ଧ ହୁଏ ତେବେ ତାହା ପାଣି ପାଇଁ ହିଁ ହେବ। ଏହାକୁ ହୃଦୟଙ୍ଗମ କରି ଜଳ ସଂରକ୍ଷଣ ଦିଗରେ କାମ ଆରମ୍ଭ କରିସାରିଲେଣି ଅନେକ ବିକଶିତ ଏବଂ ବିକାଶଶୀଳ ରାଷ୍ଟ୍ର। ଜଳସଙ୍କଟର ମୁକାବିଲା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ମଧ୍ୟ ସବୁଠୁ ବେଶି ପ୍ରଭାବୀ ସାବ୍ୟସ୍ତ ହୋଇଛି 'ବର୍ଷାଜଳ ସଂରକ୍ଷଣ'।**



**ନୂଆଦିଲ୍ଲୀ:** ଦିନକୁ ଦିନ ପୃଥିବୀରେ ଜଳସଙ୍କଟ ଗମ୍ଭୀରରୂପ ଧାରଣ କରିବାରେ ଲାଗିଛି। ଆଗାମୀ ଦଶନ୍ଧିରେ ଏହା ଆହୁରି ଉତ୍କଟ ହେବ ବୋଲି ବିଶେଷଜ୍ଞମାନେ ସତର୍କ କରାଇ ସାରିଲେଣି। ଏଥିରୁ ମୁକୁଳିବାକୁ ବିଭିନ୍ନ ଦେଶ ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରୁଥିବାବେଳେ ବର୍ଷାଜଳ ସଂରକ୍ଷଣକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ୨୦୧୮ରେ ନୀତିଆୟୋଗଙ୍କ ସମଗ୍ର ଜଳ ପ୍ରବନ୍ଧନ ସୂଚକାଙ୍କ (ସିଡବ୍ଲ୍ୟୁଏମ୍ଆଇ) ରିପୋର୍ଟ ଭାରତର ଜଳସଙ୍କଟର ବାସ୍ତବ ଚିତ୍ରକୁ ପଦାରେ ପକାଇଛି। ଦେଶର ୬୦ କୋଟି ଜନସାଧାରଣ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ। ନିତ୍ୟ ବ୍ୟବହାର୍ଯ୍ୟ ଜଳ ଲାଗି ମଧ୍ୟ ଅନୁରୂପ ସମସ୍ୟା ସୃଷ୍ଟି ହେଲାଣି। ସ୍ୱଚ୍ଛ ପାଣି ଅଭାବରୁ ବିଭିନ୍ନ ରୋଗରେ ପଡ଼ି ବାର୍ଷିକ ୨ଲକ୍ଷ ଜୀବନ ଯାଉଛି। କରୋନା ସମୟରେ ପ୍ରଦୂଷଣ ସାମାନ୍ୟ କମିଥିଲେ ମଧ୍ୟ ଜଳସଙ୍କଟର ଆଖିଦୃଶିଆ ସମାଧାନ ହୋଇପାରିନାହିଁ। ୨୦୩୦ ସୁଦ୍ଧା ଦେଶରେ ପିଇବା ପାଣି ସମସ୍ୟା ଆହୁରି ଜଟିଳ ହୋଇଯିବ, ଯାହାର ସିଧାସଳଖ ପ୍ରଭାବ ଜିଡିପି ଉପରେ ପଡ଼ିବ ବୋଲି ଏଥିରେ ଆଶଙ୍କା ବ୍ୟକ୍ତ କରାଯାଇଛି।

ସମ୍ଭାବ୍ୟ ଜଳକଷ୍ଟ ପରିସ୍ଥିତିର ମୁକାବିଲା ଲାଗି ୨୦୦୯ରେ ମିଳିତ ଜାତିସଂଘ ପକ୍ଷରୁ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାକୁ କାମରେ ଲଗାଇ ସଫଳତା ପାଇଥିବା ଦେଶ ମଧ୍ୟରେ ଆଗଧାଡ଼ିରେ ରହିଛନ୍ତି ବ୍ରାଜିଲ, ଚାଇନା, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ, ସିଙ୍ଗାପୁର ଏବଂ ଥାଇଲାଣ୍ଡ। ତେବେ ୨୦୦୯ର ଦୀର୍ଘବର୍ଷ ପୂର୍ବରୁ ଅର୍ଥାତ୍ ୧୯୮୦ରେ ଜର୍ମାନୀ ବର୍ଷା ଜଳ ସଂରକ୍ଷଣ ଦିଗରେ କାମ ଆରମ୍ଭ କରିସାରିଛି। ନାଳ ସଂଯୋଗୀକରଣ ମାଧ୍ୟମରେ ବନ୍ୟାରୁ ସୁରକ୍ଷା ପାଇଁ ବାଟ ଖୋଜିପାଇଛି ସିଙ୍ଗାପୁର। ୱାଟର ରିଜର୍ଭର ମାଧ୍ୟମରେ ସଂରକ୍ଷିତ ପାଣିକୁ ଚାଷ କାର୍ଯ୍ୟରେ ବିନିଯୋଗ କରାଯାଇପାରୁଛି।

## ୧୯୮୭ରୁ ସିଙ୍ଗାପୁରର ନଦୀ ପ୍ରଦୂଷଣମୁକ୍ତ

ଜନବହୁଳ କ୍ଷୁଦ୍ର ଦେଶ ସିଙ୍ଗାପୁରରେ ଜଳ ପ୍ରଦୂଷଣ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିଲା। ଭବିଷ୍ୟତର ସମସ୍ୟାକୁ ଠଉରାଇ ପାରି ଏହି ଦେଶ ୧୯୭୭ରେ ଜଳ ଉତ୍ସ ସଫେଇକରଣ ଅଭିଯାନ ଆରମ୍ଭ କରିଥିଲା। ଫଳରେ ୧୯୮୭ଠାରୁ ସିଙ୍ଗାପୁରର ସବୁ ନଦୀ ପ୍ରଦୂଷଣମୁକ୍ତ ହୋଇପାରିଛି। ଏହାକୁ ବାଦ୍ ଦେଲେ ବନ୍ୟାଜଳକୁ ରିଜର୍ଭର ମାଧ୍ୟମରେ ସଂରକ୍ଷଣ କରି ରଖିବାର ଟେକ୍‌ନିକ୍ ମଧ୍ୟ ଏଠାରେ ବିକଶିତ ହୋଇଛି। ଭୂତଳ ଜଳଭଣ୍ଡାରରେ ଲକ୍ଷାଧିକ ଗ୍ୟାଲନ ପାଣି ଭବିଷ୍ୟତ ପାଇଁ ସଂରକ୍ଷିତ କରି ରଖାଯାଇପାରୁଛି।

## ଚାଇନାରେ ଆଶାତୀତ ସଫଳତା

ପୃଥିବୀର ମୋଟ ଜନସଂଖ୍ୟାର ୨୨% ରୁହନ୍ତି ଚାଇନାରେ। ତେବେ ଲୋକଙ୍କ ବ୍ୟବହାର ଲାଗି ଏଠାରେ ମାତ୍ର ୭% ମଧୁର ଜଳ ଉତ୍ସ ରହିଛି। ବଢ଼ୁଥିବା ଜନସଂଖ୍ୟା ସହ ପାନୀୟ ଜଳ ସଙ୍କଟ ଚାଇନାର ମୁଣ୍ଡବ୍ୟଥା ବଢ଼ାଇଥିଲା। ତେବେ ୧୯୯୦ରେ ବର୍ଷାଜଳ ସଂରକ୍ଷଣ ମାଧ୍ୟମରେ ଭୂତଳ ଜଳସ୍ତର ବୃଦ୍ଧି କରିବା ଦିଗରେ ଏହି କମ୍ୟୁନିଷ୍ଟ ଦେଶ ଭଲ କାମ କରୁଛି। ୧୯୯୫ରେ ମରୁଡ଼ିର ଶିକାର ହେବାପରେ ସେଠାକାର ସରକାର ୧୨୧ଟି ପ୍ରୋଜେକ୍ଟ ଆରମ୍ଭ କରିଥିଲେ। ତଦନୁଯାୟୀ, ପ୍ରତି ପରିବାରକୁ ୨ କଣ୍ଟେନର ବର୍ଷାପାଣି ସଂରକ୍ଷଣ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପ୍ରୋଜେକ୍ଟକୁ ଆଶାତୀତ ସଫଳତା ମିଳିଛି।

## ବ୍ରାଜିଲ ଦେଉଛି ଆର୍ଥିକ ପ୍ରୋତ୍ସାହନ

ଏକଦା ବ୍ରାଜିଲରେ ଜନସଂଖ୍ୟା ତୁଳନାରେ ମାତ୍ର ୨୮% ପିଇବା ଉପଯୋଗୀ ପାଣି ମିଳୁଥିଲା। ଏଥିରୁ ମୁକୁଳିବା ପାଇଁ ବ୍ରାଜିଲ ସରକାର ଆରମ୍ଭ କରିଥିଲେ ରୁଫ୍ ଟପ୍ ଜଳ ସଂରକ୍ଷଣ ଯୋଜନା। ଏହି କୌଶଳ ବ୍ୟବହାର କରି ବର୍ଷାଦିନେ ଜଳ ସଂରକ୍ଷଣ କରାଯାଉଛି। ଏହା ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ କାମରେ ଆସୁଛି। ଏହି କାର୍ଯ୍ୟରେ ସହଭାଗିତା ପାଇଁ ଲୋକଙ୍କୁ ସରକାର ଆର୍ଥିକ ପ୍ରୋତ୍ସାହନ ମଧ୍ୟ ଦେଉଛନ୍ତି।

## ମରୁଡ଼ି ପରେ ଅଷ୍ଟ୍ରେଲିଆ ସତର୍କ

୨୦୦୩ରୁ ୨୦୧୨ ଯାଏ ଅଷ୍ଟ୍ରେଲିଆର ଅନେକ ରାଜ୍ୟ ଭୟଙ୍କର ମରୁଡ଼ିଗ୍ରସ୍ତ ହୋଇଥିଲା। ଭିକ୍ଟୋରିଆ ରାଜ୍ୟରେ ଜଳସ୍ତର ୨୦% ଯାଏ କମିଯାଇଥିଲା। ଏହାପରେ ସେଠାକାର ସରକାର ଏବଂ ପ୍ରଶାସନ ଲୋକଙ୍କୁ ବର୍ଷାଜଳ ସଂରକ୍ଷଣ କରିବା, ଦୂଷିତ ଜଳକୁ ପ୍ରକ୍ରିୟାକରଣ କରି ପୁନଃ ବ୍ୟବହାର ଉପଯୋଗୀ କରିବାକୁ ପରାମର୍ଶ ଦେଇଥିଲେ, ଯାହା ଅନେକାଂଶରେ ଫଳପ୍ରସୂ ହୋଇଛି।

# ଅଙ୍ଗୁର ପିଜା



**ନୂଆଦିଲ୍ଲୀ:** ନୂଆନୂଆ ଶୈଳୀରେ ରେସିପି ଏବେ ଟ୍ରେଣ୍ଡ ପାଲଟିଛି। ଏଥିରେ ସାମିଲ ହୋଇଛନ୍ତି ସେଲିବ୍ରିଟି ସେଫ ଜାମି ଓଲିଭର। ପିଜାରେ ଅଙ୍ଗୁର ଟପିଂ ଦେଇ ଏହାକୁ ଏକ ଭିନ୍ନଶୈଳୀରେ ପ୍ରସ୍ତୁତ କରିଛନ୍ତି, ଯାହା ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପିଜାରେ ବିଭିନ୍ନ ପ୍ରକାରର ଟପିଂ ଭିତରେ ସାମିଲ ହୋଇଛି ଅଙ୍ଗୁର। ଏମିତି ପିଜା ନିଶ୍ଚିତଭାବେ ଆପଣଙ୍କ ମୁହଁରେ ହସ ଖେଳାଇ ଦେବ ବୋଲି କହିଛନ୍ତି ସେଫ ଜାମି ଓଲିଭର। ପିଜା ତିଆରିର ଶୈଳୀକୁ ଟୁଇଟରରେ ପୋଷ୍ଟ କରି ସେ ପିଜା ବେସ୍ ତିଆରି କରିବାଠାରୁ ଟପିଂ ନିମନ୍ତେ ସମସ୍ତ ପ୍ରକାରର ଜିନିଷକୁ ଦେଖାଉଛନ୍ତି। ଅନ୍ୟ ପିଜା ତିଆରି କରିବା ଭଳି ଏହି ସେଲିବ୍ରିଟି ସେଫ ଜଣକ ବେଶ୍ ସୁନ୍ଦର ଭାବରେ ଅଙ୍ଗୁର ପକାଇ ପିଜା ତିଆରି କରୁନ୍ତି। ଶେଷରେ ସେ ନିଜେ ଏହାକୁ ଟେଷ୍ଟ କରି ଏହାର ସ୍ୱାଦ ବହୁତ ଭଲ ବୋଲି ଭିଡିଓରେ ଜଣାଇଛନ୍ତି।

# ପ୍ରେମିକାଙ୍କ ପାଇଁ ଚକୋଲେଟ ଚୋରି

**ଜୟପୁର:** ରାଜସ୍ଥାନର ଉଦୟପୁର ଜିଲା ଚିତ୍ରକୂଟନଗରର ଏକ ଦୋକାନରୁ ଅଜବ ଧରଣର ଚୋରି ହୋଇଛି। ଉକ୍ତ ଦୋକାନରେ ଏତେ ସବୁ ସାମଗ୍ରୀ ଥିଲେ ସୁଦ୍ଧା ଜଣେ ଯୁବକ କେବଳ ଚକୋଲେଟ ଚୋରି କରିଛନ୍ତି। ତାହା ପୁଣି ୨୦ ହଜାର ଟଙ୍କାର। ସେ ତାଙ୍କ ପ୍ରେମିକାଙ୍କୁ ଖୁସି କରିବା ପାଇଁ ଏହି ଚୋରି କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଅଭିଷେକ ନାମକ ଏହି ଯୁବକଙ୍କ ପ୍ରେମିକା ରାତିରେ ଚକୋଲେଟ ଖାଇବାକୁ ଜିଦ୍ ଧରିଥିଲେ। ଏଭଳି ପରିସ୍ଥିତିରେ ଅଭିଷେକ ସମସ୍ତ ଦୋକାନ ବନ୍ଦ ହୋଇଥିବା ଦେଖିଥିଲେ। ସେ ଦୋକାନ ଖୋଜିବାରେ ଲାଗିଲେ। ଚିତ୍ରକୂଟନଗରର ଦୋକାନ ବାହାରେ ଏକ ରେଫ୍ରିଜିରେଟର ରଖାଯାଇଥିବା ଦେଖି ସେ ତାଲା ଭାଙ୍ଗିଥିଲେ। ସେଥିରେ ରଖାଯାଇଥିବା ୭୦୦ ଚକୋଲେଟ ଚୋରି କରିଥିଲେ। ଏଥିସହ ତାଙ୍କୁ ସାହାଯ୍ୟ କରିଥିବା ନାବାଳିକା ପ୍ରେମିକାଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ପୋଲିସ ଅଭିଯୁକ୍ତଙ୍କଠାରୁ ଚକୋଲେଟ ମଧ୍ୟ ଜବତ କରିଛି। ଦୋକାନ ବାହାରେ ଲାଗିଥିବା ସିସିଟିଭି ଯାଞ୍ଚରୁ ଚୋରି ସମ୍ପର୍କରେ ଜଣାପଡ଼ିଥିଲା।

# ୧୫ ହଜାରଙ୍କୁ ଦେଲେଣି ନିଯୁକ୍ତି



**ଚଣ୍ଡିଗଡ଼:** କଠିନ ପରିଶ୍ରମ, ଦୃଢ଼ ମନୋବଳ ଥିଲେ ଯେକୌଣସି କଷ୍ଟକର କାମ ବି ସହଜରେ ହୋଇଯାଏ। ଏହାକୁ ପ୍ରମାଣ କରି ଦେଖାଇଛନ୍ତି ସୁମିତ୍ରା। ନିଜ ଉଦ୍ୟମରେ ସେ ୧୫୦୦ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) କରି ୧୫ ହଜାର ମହିଳାଙ୍କୁ କର୍ମନିଯୁକ୍ତି ଦେଇ ପାରିଛନ୍ତି। ହରିୟାଣାର ହିସାର ଅଞ୍ଚଳରେ ଥିବା ଭାଙ୍ଗଲୀ ଗାଁର ସୁମିତ୍ରା ମାତ୍ର ପଞ୍ଚମ ଯାଏଁ ପାଠ ପଢ଼ିଛନ୍ତି। ଘରଲୋକେ ଖୁବ୍‌ଶୀଘ୍ର ତାଙ୍କ ବିବାହ କରାଇ ଦେଇଥିଲେ। ମାତ୍ର ବିବାହ ପରେ ସୁମିତ୍ରାଙ୍କୁ ସ୍ୱାମୀଙ୍କ ଉପରେ ନିର୍ଭର କରିବାକୁ ପଡୁଥିବାରୁ ସେ ନିଜେ କିଛି କରିବା ପାଇଁ ଚିନ୍ତା କରିଥିଲେ। ପରେ ସେ ସାହିପଡ଼ିଶାର ମହିଳାଙ୍କୁ ଏକାଠି କରି ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିଥିଲେ। ଗୋଷ୍ଠୀ ମାଧ୍ୟମରେ ସେ ପ୍ରଥମେ ବାଉଁଶରୁ ବିଭିନ୍ନ ଜିନିଷ ତିଆରି କରି ବିକ୍ରି କରିବା ଆରମ୍ଭ କରିଥିଲେ। ଧୀରେ ଧୀରେ ଏହି ମାଧ୍ୟମରେ କିଛି ରୋଜଗାର ହେବାରୁ ତାଙ୍କ ଉତ୍ସାହ ବୃଦ୍ଧି ପାଇଥିଲା। ସେ ତାଲିମ ନେଇ ସୁନ୍ଦର ଫଟୋ ଫ୍ରେମ୍, ସିଟ୍ କଭର ଆଦି ତିଆରି କଲେ। ସାମଗ୍ରୀର ଚାହିଦା ଓ ରୋଜଗାର ବୃଦ୍ଧି ହେଉଥିବା ଦେଖି ଅଞ୍ଚଳର ମହିଳା ମଧ୍ୟ ତାଙ୍କ ସହିତ କାମ କରିଥିଲେ। ଏହାପରେ ସୁମିତ୍ରା ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ତିଆରି କରି ବିଭିନ୍ନ ଜିନିଷ ଉତ୍ପାଦନ ଆରମ୍ଭ କରି ମାର୍କେଟକୁ ପଠାଉଛନ୍ତି। ଏବେ ସେ ୧୫ ହଜାର ମହିଳାଙ୍କୁ ନିଯୁକ୍ତି ଦେଇ ସେମାନଙ୍କ ପାଇଁ ରୋଜଗାରର ବାଟ ମଧ୍ୟ ଖୋଲିଛନ୍ତି।

# ଥାନାରେ ଲାଇବ୍ରେରି



**ନୂଆଦିଲ୍ଲୀ:** ନୂଆଦିଲ୍ଲୀର ଆର୍‌କେପୁରମ୍ ଥାନାରେ ଆଖପାଖରେ ରହୁଥିବା ବସ୍ତିବାସିନ୍ଦାଙ୍କ ପିଲାଙ୍କ ନିମନ୍ତେ ପୋଲିସ ପକ୍ଷରୁ ଏକ ଲାଇବ୍ରେରୀ ଖୋଲାଯାଇଛି। ଆର୍ଥିକ ଦୁର୍ବଳଶ୍ରେଣୀର ପିଲାମାନେ ଅପରାଧର ରାସ୍ତା ନ ବାଛି ଯେପରି ନିଜକୁ ପାଠପଢ଼ାରେ ନିୟୋଜିତ କରିପାରିବେ ସେଥିନିମନ୍ତେ ସୁବିଧା କରାଯାଇଛି। ଏହି ଲାଇବ୍ରେରିରେ ପଢ଼ିବା ଉପଯୋଗୀ ପରିବେଶ ସହ ୨ ହଜାରରୁ ଊର୍ଦ୍ଧ୍ୱ ଉପନ୍ୟାସ ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ଉପଯୋଗୀ ପୁସ୍ତକ ଉପଲବ୍ଧ ଥିବା ଆର୍‌କେପୁରମ୍ ଥାନାର ଷ୍ଟେଶନ ହାଉସ୍ ଅଫିସର ରାଜେଶ ଶର୍ମା କୁହନ୍ତି। ଲାଇବ୍ରେରି ସହ ଏକ ଏନ୍‌ଜିଓ ସହାୟତାରେ ଏହି ପିଲାଙ୍କୁ ମାଗଣାରେ କାଉନ୍‌ସେଲିଂ ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ କୋଚିଂର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏଠାରେ ସ୍ମାର୍ଟ ଶ୍ରେଣୀଗୃହ, କମ୍ପ୍ୟୁଟର, ଇଣ୍ଟରନେଟ ସୁବିଧା, ୧୯ଶହ ମାଗାଜିନ୍ ଏବଂ ୧୫ ଖବରକାଗଜର ବ୍ୟବସ୍ଥା କରାଯାଇଛି। ପ୍ରତିଦିନ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପାଠାଗାର ଖୋଲା ରହୁଥିବାବେଳେ ଏଠାରେ ପ୍ରାୟ ୧୦୦ ପିଲା ବସିବା ନିମନ୍ତେ ସୁବିଧା ରହିଛି। ଜାମିଆନଗର ପରେ ଦିଲ୍ଲୀ ପୋଲିସ ପକ୍ଷରୁ ଦ୍ୱିତୀୟ ଥାନା ଭାବେ ଏଠାରେ ଲାଇବ୍ରେରି ବ୍ୟବସ୍ଥା କରାଯାଇଛି।

SMS JOB BUSINESS
Send SMS, Earn Money
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ବିଜ୍‌ନେସ କରି ମାସକୁ 15000/- ରୁ 45000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639




# ପ୍ରଥମ କିନ୍ନର ନ୍ୟୁଜ ଆଙ୍କର



**ଢାକା:** ବାଂଲାଦେଶରେ ପ୍ରଥମଥର ପାଇଁ ଜଣେ କିନ୍ନରଙ୍କ ନ୍ୟୁଜ୍ ଆଙ୍କର ଭାବେ ନିଯୁକ୍ତି ମିଳିଛି। ଏଠାକାର ଏକ ନ୍ୟୁଜ୍ ଚ୍ୟାନେଲରେ ପ୍ରଥମ ଥର ପାଇଁ ଜଣେ କିନ୍ନର ଖବର ଉପସ୍ଥାପନା କରିବାକୁ ଯାଉଛନ୍ତି। ତାଙ୍କ ନାଁ ତସ୍ନୁଭା ଆନନ ଶିଶିର। ଯିଏ କି ଜଣେ ପ୍ରତିଭା ସମ୍ପନ୍ନ ମଡେଲ ଏବଂ ଅଭିନେତ୍ରୀ। ତସ୍ନୁଭା ଆସନ୍ତା ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ୮ ମାର୍ଚ୍ଚରେ ଖବର ପଢ଼ିବେ। ତସ୍ନୁଭା ୨୦୦୭ରେ ଟିଏଟରରେ ମଡେଲିଂ କରିବା ସହିତ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ସେ ଦୁଇବର୍ଷ ପର୍ଯ୍ୟନ୍ତ ମଡେଲିଂ କରିଥିଲେ। ଦୁଇଟି ଫିଚର ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି। ବର୍ତ୍ତମାନ ସେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବୌଶାଖୀ ଟିଭିରେ ପ୍ରଥମଥର ବୁଲେଟିନ ପ୍ରସ୍ତୁତ କରିବେ। ଏହା ମାଧ୍ୟମରେ ସେ ଏକ ଅଭୁତପୂର୍ବ ଉଦାହରଣ ସୃଷ୍ଟି କରିବେ। ସେ ଜଣେ ଡ୍ୟାନ୍ସର, ମଡେଲ ଏବଂ ଭଏସ୍ ଆର୍ଟିଷ୍ଟ ମଧ୍ୟ। ତସ୍ନୁଭା ହଜାର ହଜାର କିନ୍ନରଙ୍କ ପାଇଁ ଜଣେ ପ୍ରେରଣା ପାଲଟିବେ।

# ନୋରାଙ୍କ ଭିଡିଓରେ ଶହେ କୋଟି ଦର୍ଶକ

**ମୁମ୍ବାଇ:** ବଲିଉଡ ନାୟିକା ନୋରା ଫତେହି ନିଜ ଡ୍ୟାନ୍ସ ମୁଭ୍‌ସ ସହିତ ଫ୍ୟାଶନ ସେନ୍ସକୁ ନେଇ ତିଆରି କରିଛନ୍ତି ନିଜର ଏକ ଭିନ୍ନ ପରିଚୟ । ସବୁବେଳେ ଚର୍ଚ୍ଚାରେ ରହୁଥିବା ଏହି ନାୟିକାଙ୍କର ସୋସିଆଲ ମିଡିଆରେ ରହିଛନ୍ତି ମିଲିୟନ ଫଲୋୟର୍ସ । ଯେଉଁମାନେ ତାଙ୍କର ପ୍ରତିଟି ଷ୍ଟେପକୁ ନେଇ ଦିୱାନା ହୋଇଥାଆନ୍ତି। ଛୋଡ ଦେଙ୍ଗେ, ଓ ସାକି ସାକି, ହାୟ ଗର୍ମି ଭଳି ଗୀତରେ ନିଜର ଷ୍ଟେପ୍‌କୁ ନେଇ ଇଣ୍ଟରନେଟ୍‌ର ତାପମାତ୍ରା ବଢାଇଛନ୍ତି ନୋରା । ଇତି ମଧ୍ୟରେ ନୋରାଙ୍କ 'ଦିଲବର' ସଙ୍ଗ ରେକର୍ଡ କରିଛି । ଏହା ୟୁଟ୍ୟୁବରେ ୧୦୦ କୋଟି ଭ୍ୟୁଜ୍ ପାଇଛି । ଯାହାକୁ ନେଇ ନୋରା ଖୁବ ଖୁସି। ଆଉ ଏହାକୁ ସେ ଭିନ୍ନ ଅନ୍ଦାଜରେ ସେଲିବ୍ରେଟ ବି କରିଛନ୍ତି । ଏହି ଖୁସିକୁ ସେ ଟି-ସିରିଜର ମେମ୍ବର ଓ କେତେଜଣ ଛୋଟ ପିଲାଙ୍କ ସହ ମନାଇଛନ୍ତି । ଯାହାର ଏକ ଭିଡିଓ ଏବେ ସୋସିଆଲ ସାଇଟ୍‌ରେ ଦେଖିବାକୁ ମିଳିଛି । ଏଥିରେ କେତେଜଣ ସ୍କୁଲ ପିଲା ମଧ୍ୟ ନଜର ଆସିଛନ୍ତି । ତେବେ ଟି-ସିରିଜ ପକ୍ଷରୁ ନୋରାଙ୍କୁ ଏଭଳି ସରପ୍ରାଇଜ ଦିଆଯାଇଛି ।

ମନେ ପଡ଼ନ୍ତି

୩ୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ସ୍ୱର୍ଗତ ମହାଦେବ ଜେନା
ବେଣୁପୁର, ବାଲିଅନ୍ତା
ଆବିର୍ଭାବ: ୧୨।୦୧।୧୯୬୧
ତିରୋଧାନ: ୦୮।୦୨।୨୦୧୮
ଆପଣଙ୍କ ସ୍ନେହ ଓ ଉତ୍ସର୍ଗୀକୃତ ମନୋଭାବ ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
-:ଶୋକସନ୍ତପ୍ତ:-
ପତ୍ନୀ: ଶାନ୍ତିଲତା, ପୁଅ: ସୁନେଲି, ବୋହୂ: ରଞ୍ଜୁ, ଝିଅ: ପିଙ୍କି-ଲିପି, ଜ୍ୱାଇଁ: ସୁଧୀର-ମୁନା, ନାତି: ସୋମୁ, ନାତୁଣୀ: ରିଦ୍ଧି, ଲଭ୍‌ଲି, ସ୍ନେହା ଓ ବାଲିଅନ୍ତା ଜବାହରଲାଲ ନେହରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଓ କର୍ମଚାରୀବୃନ୍ଦ, ଅଧ୍ୟାପକ, ଅଧ୍ୟାପିକା ।
ଧ-୪୬୨୯୭

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ତରୁଣ କୁମାର ଦାଶ
ଆବିର୍ଭାବ: ୨୦।୦୮।୧୯୯୧
ତିରୋଧାନ: ୦୨।୦୩।୨୦୧୬
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ ଓ
ବାପା: ଅଜୟ କୁମାର ଦାଶ ।
ଧ-୬୯୦୪୦

୪ର୍ଥ ଶ୍ରାଦ୍ଧବାର୍ଷିକୀ

୰ବିନୋଦିନୀ ତ୍ରିପାଠୀ (ଗୀତା)
ଭୁବନପୁର, ନିମାପଡ଼ା
ତିରୋଧାନ : ୧୯.୦୨.୨୦୧୭
(ଫଗୁଣ କୃଷ୍ଣ ନବମୀ)
ହେ ଚିର ସିମନ୍ତିନୀ ତୁମେ ଜାୟା, ଧାତ୍ରୀ, ଦୁହିତା ଭଗିନୀ ରୂପେ ସଂସାର ପାଳନ କାରିଣୀ ତୁମେ ବିନୋଦିନୀ।
ଶୋକସନ୍ତପ୍ତ
ପରିବାର ବର୍ଗ
ଧ-୨୦୧୬୩

# ଷ୍ଟ୍ରେସ୍ ଫ୍ରି ମନ୍ତ୍ର



ବ୍ୟସ୍ତବହୁଳ ଜୀବନଶୈଳୀ ଆଜିର ଦିନରେ ଅନେକଙ୍କଠାରେ ନା କେବଳ ଶାରୀରିକ ଚାପ ସୃଷ୍ଟି କରୁଛି ବରଂ ମାନସିକ ଚାପର ବି କାରଣ ସାଜୁଛି ଏମିତିରେ ନିଜକୁ ଫିଟ୍ ରଖିବା ସହ ମେଣ୍ଟାଲ୍ ରିଲାକ୍ସେଶନ୍ ଲାଗି କେତେକ ଯୁବତୀଯୁବକ ଆପଣାଉଛନ୍ତି ବିଭିନ୍ନ ଷ୍ଟ୍ରେସ୍ ଫ୍ରି ଥେରାପି...



**ବିବ୍ଲିଓ ଥେରାପି:** ପଢ଼ିବା ଏକ ନିଶା। କୌଣସି ଏକ ଭଲ ବହି ମିଳିଗଲେ ମଣିଷ ପଢ଼ିବାରେ ନିଜକୁ ଏତେ ହଜାଇ ଦିଏଯେ, ଏହା ମଧ୍ୟରେ କେତେ ସମୟ ଚାଲିଗଲା ଜାଣିପାରେନି। ଆଉ ଏହି ଉପାୟ ହିଁ ଅନେକ ସମୟରେ ମଣିଷକୁ ମାନସିକ ଚାପମୁକ୍ତ କରିବାରେ ବେଶ୍ ସାହାଯ୍ୟ କରେ ଏବଂ ମନରେ ଏକ ସକାରାତ୍ମକ ଉର୍ଜାର ସଞ୍ଚାର କରେ। ଏହାକୁ ବିବ୍ଲିଓ ଥେରାପି ବୋଲି କୁହାଯାଏ, ଯାହାକି ଦ୍ୱାଦଶ ଶତାବ୍ଦୀରୁ ଚଳିଆସୁଛି। ଏହାକୁ ବୁକ୍ ଏବଂ ପୋଏଟ୍ରି ଥେରାପି ବୋଲି ମଧ୍ୟ କୁହାଯାଏ। ତେବେ ଆଜିର ବ୍ୟସ୍ତବହୁଳ ଜୀବନ ଭିତରେ ନିଜକୁ ଚାପମୁକ୍ତ ରଖିବା ଲାଗି ଅନେକ ଯୁବତୀଯୁବକ ନିଜେ ପଢ଼ିବା, ଅନ୍ୟମାନଙ୍କୁ ପଢ଼ି ଶୁଣାଇବା ଏବଂ ଲେଖିବା ଆଦି କରୁଥିବା ଦେଖିବାକୁ ମିଳୁଛି। କେବଳ ବିଭିନ୍ନ ବହି ନୁହେଁ, ସୋସିଆଲ୍ ମିଡିଆରେ ଆସୁଥିବା ବିଭିନ୍ନ ଶିକ୍ଷଣୀୟ ଲେଖା ଥିବା ପୋଷ୍ଟ ମଧ୍ୟ କେବଳ ଏଣ୍ଟରଟେନ୍‌ମେଣ୍ଟ ପାଇଁ ନୁହେଁ, ବରଂ ଟେନ୍‌ସନ୍‌ରେ ଥିଲେ କିମ୍ବା କୌଣସି ମାନସିକ ଚାପରେ ଥିଲେ ମଧ୍ୟ ଷ୍ଟ୍ରେସ୍ ଫ୍ରି ରହିବା ଲାଗି ମ୍ୟୁଜିକ୍ ଥେରାପି ଆପଣାଉଥିବା ଦେଖିବାକୁ ମିଳୁଛି।

**ହର୍ଟିକଲ୍ଚର ଥେରାପି:** ମଣିଷର ଚତୁଃପାର୍ଶ୍ୱର ପରିବେଶ ମଧ୍ୟ ଅନେକ ସମୟରେ ମାନସିକ ସ୍ଥିତି ପରିବର୍ତ୍ତନ ପାଇଁ ଦାୟୀ। କାରଣ ଯେଉଁଠି ଏକ ଅପରିଷ୍କାର ପରିବେଶ ମନରେ ବିରକ୍ତି ଭାବନା ସୃଷ୍ଟି କରିଥାଏ, ସେଠାରେ ଏକ ସୁନ୍ଦର ଏବଂ ପରିଷ୍କାର ପରିବେଶ ମନକୁ ଶାନ୍ତ ଏବଂ ସକାରାତ୍ମକ ରଖିବାରେ ବେଶ୍ ସାହାଯ୍ୟ କରିଥାଏ। ଆଉ ନିଜ ଘର ଏବଂ ଆଖପାଖର ପରିବେଶକୁ ସୌନ୍ଦର୍ଯ୍ୟମୟ କରିବା ଲାଗି ଅନେକେ ବିଭିନ୍ନ ପ୍ରକାରର ଫୁଲ, ଫଳ ଏବଂ ଅନ୍ୟାନ୍ୟ ଗଛ ଲଗାଇବାକୁ ଭଲପାଆନ୍ତି। ଅନେକଙ୍କ ଏଥିପ୍ରତି ରୁଚି ରହିଥାଏ, ଯାହାକି ଅପରପକ୍ଷେ

## କ'ଣ କରନ୍ତି ଏମାନେ...

**ତୃପ୍ତିମୟୀ ନାୟକ**(କର୍ମଜୀବୀ, ଭୁବନେଶ୍ୱର)– ବିଭିନ୍ନ ପ୍ରକାର ଆର୍ଟ ଆଣ୍ଡ କ୍ରାଫ୍ଟ ପ୍ରତି ମୋର ରୁଚି ରହିଛି। ଫାଙ୍କା ସମୟ ମିଳିବାମାତ୍ରେ ଏସବୁ କାର୍ଯ୍ୟରେ ଲାଗିପଡ଼େ। ବିଶେଷକରି ଅଦରକାରୀ ବସ୍ତୁକୁ ବ୍ୟବହାର କରି ଭଲିକି ଭଲି ହୋମ୍‌ଡେକର ଆଇଟମ୍ ପ୍ରସ୍ତୁତ କରିବାକୁ ଭଲ ଲାଗେ। ଏହାକୁ ନେଇ ନିଜର ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ମଧ୍ୟ ଖୋଲିଛି। ସତ କହିବାକୁ ଗଲେ ଏସବୁ କରିବା ବେଳେ ଏତେ ମଜ୍ଜିଯାଏ ଯେ, ମନରେ ଥିବା ସମସ୍ତ ଷ୍ଟ୍ରେସ୍ କେତେବେଳେ ଫ୍ରି ହୋଇଯାଏ ଜାଣିପାରେନି। ଆଉ ନିଜ କଳାକୃତିକୁ ଦେଖିଲେ ଅବା କାହାଠାରୁ ଏହାର ପ୍ରଶଂସା ଶୁଣିଲେ ଆତ୍ମସନ୍ତୋଷ ମିଳେ। ତେଣୁ କେବେ କୌଣସି କଥାକୁ ନେଇ ଟେନ୍‌ସନ୍‌ରେ ଥିଲେ ଏହା ମୋ' ପାଇଁ ସବୁଠୁ ବଡ଼ ଟେନ୍‌ସନ୍ ଫ୍ରି ଫର୍ମୁଲା।



ତୃପ୍ତିମୟୀ



ଜ୍ୟୋତିର୍ମୟୀ



ସଂଗ୍ରାମ





ପ୍ରିୟଦର୍ଶିନୀ

**ସଂଗ୍ରାମ କେଶରୀ ନରେନ୍ଦ୍ର ସାମନ୍ତରାୟ** (ଜରିପୁଟ, ଖୋର୍ଦ୍ଧା)– ପିଲାବେଳୁ ଗଛପତ୍ର ସହ ଶାଗ, ପନିପରିବା ଲଗାଇବା ପ୍ରତି ମୋର ଆଗ୍ରହ ରହିଛି। ସାଙ୍ଗସାଥୀଙ୍କୁ ନେଇ ଗାଁ ମନ୍ଦିର, ରାସ୍ତା ପାର୍ଶ୍ୱରେ ବି ଗଛ ଲଗାଏ। ଏଥିସହିତ ନିଜସ୍ୱ ଉଦ୍ୟମରେ ଆମ ବାଡ଼ିବଗିଚାରେ ବିଭିନ୍ନ ପ୍ରକାର ଶାଗ, କାକୁଡ଼ି, ଟମାଟୋ, ବାଇଗଣ, କଞ୍ଚା ଲଙ୍କା ଅମଳ କରିଛି। ଏତଦ୍‌ବ୍ୟତୀତ ଅଗଣାରେ ବିଭିନ୍ନ କିସମର ଫୁଲଚାରା ଲଗାଇଛି। ଏଥିରେ ମୋର ସମୟ ବିତିଯାଏ। ଘର, ବାହାର କାମ ସାରିବା ପରେ ମୁଁ ମୋର ବଗିଚା କାମରେ ଲାଗିଥାଏ। କିଛି ଦିନ ପରେ ଗୋଟିଏ ଛୋଟିଆ ଫାର୍ମ ହାଉସ୍ କରିବି। ଯେଉଁଠି ସବୁ ପ୍ରକାର ଫଳ, ପନିପରିବା, ଫୁଲଚାରା, ଉଦ୍ୟାନ ରହିବ। ତେବେ ସତ କହିବାକୁ ଗଲେ, ଏସବୁ କରିବାରେ ମୋତେ ଆନନ୍ଦ ମିଳେ। ମନରେ ଯେତେ ଟେନ୍‌ସନ୍ ଥାଏ, ନିଜ ଗଛ ସହ ସମୟ ବିତାଇଲେ ସବୁ ଦୂର ହୋଇଯାଏ।

**ଜ୍ୟୋତିର୍ମୟୀ ପଣ୍ଡା** (ଗଙ୍ଗାରାମ ନୂଆସାହି, ପୁରୀ)– ମୋ ପାଇଁ ଷ୍ଟ୍ରେସ୍ ଫ୍ରି ମନ୍ତ୍ର ହେଉଛି ନିଜ ପେଟ୍‌ଙ୍କ ସହ କିଛି ସମୟ ବିତାଇବା। କାରଣ ପଶୁପକ୍ଷୀଙ୍କୁ ବହୁତ ଭଲପାଏ। ଆମ ଘରେ ଛୋଟ ବେଳେ ବଣି, ନେଉଳ, ମାଙ୍କଡ଼, ଧଳାମୂଷା ଥିଲେ। ଆଉ ଏବେ ଶୁଆ, ଗୁଣ୍ଡୁଚିମୂଷା ଏବଂ କୁକୁରଟିଏ ଅଛି। ମୁଁ ଏମାନଙ୍କୁ ବହୁତ ଭଲପାଏ। ଏମାନଙ୍କୁ ଦିନେ ନ ଦେଖିଲେ ରହିପାରେନି। ବ୍ୟସ୍ତତା ଭିତରେ ମଧ୍ୟ ଏମାନଙ୍କ ସେବା କରିବାକୁ ଭୁଲି ନ ଥାଏ। ଏମାନଙ୍କ ସହ ମୋର ସମୟ କେତେବେଳେ ବିତିଯାଏ ଜଣାପଡେନି।

**ପ୍ରିୟଦର୍ଶିନୀ ଭୋଇ** (ଛାତ୍ରୀ, କଟକ)– ଫୁଲ ଆମ ପାଇଁ ପ୍ରକୃତିର ବରଦାନ। ନିଜ ଘର ଅଗଣାରେ ରଙ୍ଗବେରଙ୍ଗ ସୁନ୍ଦର ଫୁଲ ଫୁଟିଥିବା ଦେଖିଲେ ମନରେ ଅପୂର୍ବ ଆନନ୍ଦ ଭରିଯାଏ। ସେଥିପାଇଁ ଏକାଧିକ ପ୍ରକାରର ଫୁଲଗଛ ଲଗାଇଛି। ପ୍ରତିଦିନ ସେମାନଙ୍କ ସହ ସମୟ ବିତାଏ, ସେମାନଙ୍କ ଯତ୍ନ ନିଏ। ଯେକୌଣସି କାରଣରୁ ମନ ଯେତେ ଭାରାକ୍ରାନ୍ତ ଥାଉନା କାହିଁକି, ଏଇ ଫୁଲଗଛ ସହିତ କିଛି ସମୟ କାଟିଲେ ସବୁ ଚାପ ଦୂର ହୋଇଯାଏ। ମନେହୁଏ ଯେମିତି ସେମାନେ ମୋ ବନ୍ଧୁ ଆଉ ମୋ ସହ କଥା ହେଉଛନ୍ତି। ବାସ୍ତବରେ ଟେନ୍‌ସନ୍ ଫ୍ରି ରହିବା ଲାଗି ଏହାଠାରୁ ବେଷ୍ଟ ଉପାୟ ମୋ ଲାଗି ଆଉ କ'ଣ ବା ହୋଇପାରେ!







ଅନେକଙ୍କର ବେଶ୍ ଉପକାରରେ ଆସୁଛି।

**ମ୍ୟୁଜିକ୍ ଥେରାପି:** ସଂଗୀତରେ ଏଭଳି ଯାଦୁକରୀ ଶକ୍ତି ରହିଛି, ଯାହାକି ମଣିଷକୁ ମାନସିକ ଶାନ୍ତି ଦେବା ସହ ଶାରୀରିକ ସ୍ଫୂର୍ତ୍ତି ଯୋଗାଇଥାଏ। ତେଣୁ କେବଳ ସାଧାରଣ ଲୋକ ନୁହନ୍ତି, ଚିକିତ୍ସା ବିଜ୍ଞାନରେ ମଧ୍ୟ ଡିପ୍ରେଶନ୍ ଦୂର କରିବା ଲାଗି ସଂଗୀତର ସାହାଯ୍ୟ ନିଆଯାଇଥାଏ। ଏହାକୁ ମ୍ୟୁଜିକ୍ ଥେରାପି ବୋଲି କୁହାଯାଇଥାଏ। ତେଣୁ ଅନେକଙ୍କ ଲାଗି ମ୍ୟୁଜିକ୍ ଶୁଣିବା ମେଣ୍ଟାଲ୍ ରିଲାକ୍ସେଶନ୍ ଲାଗି ସବୁଠୁ ବେଷ୍ଟ ମାଧ୍ୟମ। ବିଶେଷକରି ଯୁବପିଢ଼ି ମାନସିକ ଶାନ୍ତି ଦେବା ସହ ଷ୍ଟ୍ରେସ୍ ଫ୍ରି ମଧ୍ୟ ରଖିଥାଏ। ଏହାକୁ ହର୍ଟିକଲ୍ଚର ଥେରାପି ବୋଲି କୁହାଯାଇଥାଏ। ବର୍ତ୍ତମାନ ଏଥିପ୍ରତି ଅଧିକାଂଶ ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି, ଯେଉଁଥିପାଇଁ ବିଭିନ୍ନ ସ୍ଥାନରେ ଗ୍ରାହକଙ୍କ ଡିମାଣ୍ଡ ଅନୁଯାୟୀ ଶହ ଶହ ଭେରାଇଟିର ଗଛ ମଧ୍ୟ ମାର୍କେଟ୍‌ରେ ବିକ୍ରି ହେଉଛି। ବିଶେଷକରି ଇନ୍‌ଡୋର୍ ପ୍ଲାଣ୍ଟ ରଖିବା ଦ୍ୱାରା ଘର ଭିତରେ ଫ୍ରେଶ୍ ଅକ୍ସିଜେନ୍ ମିଳିବା ସହ ଏକ ସକାରାତ୍ମକ ପରିବେଶ ସୃଷ୍ଟି ହେଉଥିବାରୁ ଅଧିକାଂଶ ଏଥିପ୍ରତି ଗୁରୁତ୍ୱ ଦେଉଛନ୍ତି। ନିଜ ଗଛରେ ପାଣିଦେବା, ଖତ ସାର ଆଦି ଦେବା, ଏହାର ଯତ୍ନ ନେବା ଆଦିରେ ସମୟ ଅତିବାହିତ କରିବା ଦ୍ୱାରା ଷ୍ଟ୍ରେସ୍ ଏବଂ ଡିପ୍ରେସନ୍ ଭଳି ସମସ୍ୟା ଦୂର ହେଇପାରୁଥିବା ଅନେକେ ପ୍ରକାଶ କରନ୍ତି।

**ଆର୍ଟ ଥେରାପି:** ପେଣ୍ଟିଂ କରିବା କିମ୍ବା ବିଭିନ୍ନ କଳାକୃତି ପ୍ରସ୍ତୁତ କରିବାରେ ଜଣେ ଚିତ୍ରଶିଳ୍ପୀ ଅବା କାରିଗର ମନରୁ ଜଡିତ ଥାଏ। ଏହାକୁ ପ୍ରସ୍ତୁତ କରିବା ସମୟରେ ସେମାନଙ୍କ ଧ୍ୟାନ ନିଜ ଆର୍ଟ ଉପରେ ସମ୍ପୂର୍ଣ୍ଣ କେନ୍ଦ୍ରିତ ହୋଇ ରହିଥାଏ, ଯାହାକି ସେମାନଙ୍କୁ ଆତ୍ମସନ୍ତୋଷ ମଧ୍ୟ ଦେଇଥାଏ। ତେବେ ଅନେକ ସମୟରେ ଏହି ଉପାୟ ହିଁ ମଣିଷକୁ ଚାପମୁକ୍ତ ରହିବାରେ ବେଶ୍ ସାହାଯ୍ୟ କରିଥାଏ, ଯାହାକୁ ଆର୍ଟ ଥେରାପି ବୋଲି କୁହାଯାଏ। ବର୍ତ୍ତମାନ ଅଧିକାଂଶ ଯୁବପିଢ଼ି ନିଜକୁ ଷ୍ଟ୍ରେସ୍ ଫ୍ରି ରଖିବା ଲାଗି ବିଭିନ୍ନ ଚିତ୍ରକଳା ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳୁଛି। ବିଶେଷକରି ସୋସିଆଲ୍ ସାଇଟ୍‌ରେ ଏସବୁ ପୋଷ୍ଟ କରିବା ଦ୍ୱାରା ମିଳୁଥିବା ଲାଇକ୍ ଏବଂ କମେଣ୍ଟ ସେମାନଙ୍କୁ ଖୁସି ଦେଉଛି, ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଉଛି ଏବଂ ସର୍ବୋପରି ଟେନ୍‌ସନ୍ ଫ୍ରି ରହିବାରେ ସହାୟକ ହୋଇପାରୁଛି।

**ପେଟ୍ ଥେରାପି:** ପୋଷା ଜୀବଜନ୍ତୁ ରଖିବା ଅନେକଙ୍କର ସଉକ। ତେଣୁ ସେମାନେ ଘରେ ପୋଷା କୁକୁର, ବିଲେଇ, ମୂଷା, ଠେକୁଆ, ଚଢ଼େଇ, ଗିନି ପିଗ୍, ମାଛ ଆଦି ରଖିବା ପ୍ରତି ବେଶୀ ଆଗ୍ରହୀ। ଏମାନଙ୍କ ସହ କିଛି କ୍ୱାଲିଟି ଟାଇମ୍ ବିତେଇବା ଦ୍ୱାରା ଯେତେ ଟେନ୍‌ସନ୍ କିମ୍ବା ମେଣ୍ଟାଲ୍ ଷ୍ଟ୍ରେସ୍ ଥିଲେ ସୁଦ୍ଧା ତାହା ହାଲୁକା ହୋଇଯାଏ। ଏହାକୁ ପେଟ୍ ଥେରାପି ବୋଲି କୁହାଯାଇଥାଏ। ବିଶେଷକରି ଅନେକ ଯୁବପିଢ଼ି ଷ୍ଟ୍ରେସ୍ ଫ୍ରି ରହିବା ଲାଗି ଏହି ଫର୍ମୁଲାର ସାହାଯ୍ୟ ନେଉଥିବା ଦେଖିବାକୁ ମିଳୁଛି।

## ଯୁଥ୍ ଆଲର୍ଟ

# ଇ-ବ୍ୟାଙ୍କିଙ୍ଗ୍ କରୁଥିଲେ



ଇ– ବ୍ୟାଙ୍କିଙ୍ଗ୍ ବ୍ୟବହାର ବର୍ତ୍ତମାନ ଅନେକଙ୍କୁ ଖୁବ୍ ସହଜ ଓ ସରଳ ହେଉଛି। ବିଶେଷକରି ଏଥିପାଇଁ ବାହାରକୁ ଯିବା ସମୟରେ ପାଖରେ ଅଧିକ ଟଙ୍କା ନେବା, ଚୋରି, ଡକାୟତି ଇତ୍ୟାଦିର ଆଶଙ୍କା ବହୁମାତ୍ରାରେ କମିଯାଇଛି। ହେଲେ ଏଥିରେ ମଧ୍ୟ ବିଭିନ୍ନ ସମସ୍ୟାର ଆଶଙ୍କା ଥିବାରୁ ଏହାକୁ ସୁରକ୍ଷିତ କରିବା ଲାଗି କେତେକ ଦିଗ ପ୍ରତି ସଜାଗ ରହିବା ଆବଶ୍ୟକ...

➤ଆପଣ ନିଜ ପାସ୍‌ୱାର୍ଡ ଅନ୍ୟ ସହ ଶେୟାର କରନ୍ତୁ ନାହିଁ। ପାସ୍‌ୱାର୍ଡ ଭଳି ରଖନ୍ତୁ, ଯେପରି ଅନ୍ୟମାନଙ୍କୁ ଏହା ଜାଣିବା କିମ୍ବା ହ୍ୟାକ୍ କରିବା ସହଜ ହେବ ନାହିଁ।

➤ସର୍ବଦା ପର୍ସନାଲ କମ୍ପ୍ୟୁଟର୍, ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ହିଁ ନେଟ୍ ବ୍ୟାଙ୍କିଙ୍ଗ୍ କରନ୍ତୁ। କାରଣ ପବ୍ଲିକ୍ କମ୍ପ୍ୟୁଟର୍ କିମ୍ବା ସାଇବର୍ କାଫେରେ ଏହା ଅସୁରକ୍ଷିତ। କେବଳ ଏତିକି ନୁହେଁ, ପବ୍ଲିକ୍ ୱାଇ ଫାଇରେ ମଧ୍ୟ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ୍ କରିବା ଠିକ୍ ନୁହେଁ । କାରଣ ଏହା ସାହାଯ୍ୟରେ ହ୍ୟାକ୍‌ରଙ୍କୁ ଆପଣଙ୍କ ପର୍ସନାଲ୍ ଡାଟା ଚୋରି କରିବାରେ ସହଜ ହେଇଥାଏ।

➤କମ୍ପ୍ୟୁଟର୍, ଲାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ୍ କରୁଥିଲେ, କୌଣସି ଲାଇସେନ୍ସ ଆଣ୍ଟିଭାଇରସ୍ ଲୋଡ୍ କରନ୍ତୁ। କାରଣ ଫ୍ରି ଆଣ୍ଟିଭାଇରସ୍‌ରେ ଅନେକ ସମୟରେ ହ୍ୟାକର୍‌ମାନଙ୍କୁ ଆପଣଙ୍କ ଡିଟେଲ୍‌ସ ମିଳିବାରେ ସହଜ ହୋଇଥାଏ।

➤ପ୍ରତ୍ୟେକ ଟ୍ରାଞ୍ଜାକ୍ସନ ପରେ ଲଗ୍‌ଆଉଟ୍ କରନ୍ତୁ।

➤ମନେରଖନ୍ତୁ, ମୋବାଇଲ୍‌ରେ ନେଟ୍ ବ୍ୟାଙ୍କିଙ୍ଗ୍ କରୁଥିଲେ କୌଣସି ଆପ୍ଲିକେଶନ୍ ଡାଉନ୍‌ଲୋଡ୍ କରିବା ପୂର୍ବରୁ ସେଥିରେ କେଉଁସବୁ ଡାଟା ଏବଂ ଡିଟେଲ୍ସ ଆବଶ୍ୟକ ହେଉଛି, ତାହାକୁ ଭଲ ଭାବେ ପଢ଼ିବା ପରେ ଇନ୍‌ଷ୍ଟଲ କରନ୍ତୁ। ନଚେତ୍ ଏହା ଆପଣଙ୍କୁ ଅସୁବିଧାରେ ପକାଇପାରେ।

➤ଇ ବ୍ୟାଙ୍କିଙ୍ଗ କରୁଥିଲେ ପ୍ରୋଟେକ୍ସନ୍ ସଫ୍ଟୱେର୍ ବ୍ୟବହାର କରନ୍ତୁ।



## ଏ ସପ୍ତାହର ପ୍ରଶ୍ନ

୧– ଫିନୋ ପେମେଣ୍ଟ ବ୍ୟାଙ୍କ୍‌ର ହେଡ୍‌କ୍ୱାର୍ଟର...... ଠାରେ ଅବସ୍ଥିତ ?
୨– କୋଭାକ୍ସ ସ୍କିମ୍‌ରେ ପ୍ରଥମ ବ୍ୟାଚ୍ ଫ୍ରି କୋଭିଡ୍ ଭାକ୍ସିନ ନେଇଥିବା ପ୍ରଥମ ଦେଶ ......... ?
୩– ଏନ୍‌ସିବିସିର ଫୁଲ୍‌ଫର୍ମ ................ ?
୪– ଖଜୁରାହୋ ଡ୍ୟାନ୍ସ ଫେଷ୍ଟିଭାଲ୍ .............ରାଜ୍ୟରେ ଆୟୋଜିତ ହୋଇଥାଏ ?
୫– ଇଣ୍ଟରନ୍ୟାଶନାଲ୍ ଡେ' ଅଫ୍ ଡିଜାଷ୍ଟର ରିସ୍କ ରିଡକ୍ସନ୍ ପ୍ରତିବର୍ଷ .............. ତାରିଖରେ ପାଳନ କରାଯାଏ ?

## ଗତ ଥରର ଉତ୍ତର

୧ ପ୍ରଧାନମନ୍ତ୍ରୀ କିଷାନ ସମ୍ପଦ ଯୋଜନା
୨ ମରିସିଅସ୍
୩ ଇଥିଓପିଆ
୪ ମଣିପୁର
୫ ଭିନେସ୍ ଫୋଗଟ୍

## ଉତ୍ତରଦାତା



ପ୍ରଶାନ୍ତ କର
ପୁରୀ



ସ୍ୱପ୍ନ ସାଗରୀ ମହାପାତ୍ର,
ଖୋର୍ଦ୍ଧା



ସଚଳା ରଥ
ପୁରୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସର୍ବାଧିକ ବ୍ୟସ୍ତବହୁଳ ପୋର୍ଟ

୧– ସାଙ୍ଘାଇ ପୋର୍ଟ...... ୩୭.୧ ମିଲିଅନ୍
୨– ସିଙ୍ଗାପୁର ପୋର୍ଟ...... ୩୦.୯ ମିଲିଅନ୍
୩– ସେନ୍‌ଜେନ୍ ପୋର୍ଟ...... ୨୪ ମିଲିଅନ୍
୪– ନିଙ୍ଗ୍‌ବୋ ପୋର୍ଟ ...... ୨୧ ମିଲିଅନ୍
୫– ପୋର୍ଟ ଅଫ୍ ବୁସାନ୍...... ୧୯.୯ ମିଲିଅନ୍
୬– ପୋର୍ଟ ଅଫ୍ ହଂକଂ ...... ୧୯.୭ ମିଲିଅନ୍
୭– ପୋର୍ଟ ଅଫ୍ ଗୁଆଙ୍ଗଝୌ...... ୧୮.୯ ମିଲିଅନ୍
୮– ପୋର୍ଟ ଅଫ୍ କିଙ୍ଗ୍‌ଡାଓ ...... ୧୮ ମିଲିଅନ୍
୯– ପୋର୍ଟ ଅଫ୍ ଦୁବାଇ ...... ୧୫.୭ ମିଲିଅନ୍
୧୦– ପୋର୍ଟ ଅଫ୍ ତିଆଞ୍ଜିନ୍ ...... ୧୪.୫ ମିଲିଅନ୍

## ଯୁବ ପ୍ରତିଭା

# ଦରଦୀ ବନ୍ଧୁ ରଶ୍ମି ରଞ୍ଜନ



ଦୁନିଆରେ ଏମିତି କେତେ ମଣିଷ ଅଛନ୍ତି, ଯେ ନିଜର ସ୍ୱାର୍ଥ ହାସଲ କରିବା ପାଇଁ କେବେ ସାମୂହିକ ସ୍ୱାର୍ଥରେ ବାଧା ଦିଅନ୍ତି ତ ଆଉ କେବେ ପଶୁପକ୍ଷୀଠାରୁ ଆରମ୍ଭ କରି ମଣିଷ ଜୀବନ ନେବାକୁ ପଛାନ୍ତି ନାହିଁ। ହେଲେ ଏ ସ୍ୱାର୍ଥପର ଦୁନିଆରେ ଏମିତିବି ମଣିଷ ଅଛନ୍ତି, ଯିଏ ନିଃସ୍ୱାର୍ଥପର ଭାବେ ଅନ୍ୟର ସେବାରେ ପାଆନ୍ତି ଆନନ୍ଦ। ସେହିପରି ଜଣେ ଦରଦୀବନ୍ଧୁ ହେଉଛନ୍ତି ଭଦ୍ରକ ଚରମ୍ପା ଅଞ୍ଚଳର ବରାଳପୋଖରୀ ଗ୍ରାମରେ ରହୁଥିବା ବାସନ୍ତି ଏବଂ ନନ୍ଦକିଶୋର ସାହୁଙ୍କ ପୁଅ ରଶ୍ମି ରଞ୍ଜନ। ଛୋଟବେଳୁ ଅନ୍ୟର ଉପକାର କରିବାରେ ସେ ଖୁସିପାଆନ୍ତି। ସେବେଠୁ ହିଁ ସେ ସେବା ମନୋଭାବ ଏବଂ ସମାଜ ପାଇଁ କିଛି କରିବାର ଆଗ୍ରହ ପରିଲକ୍ଷିତ ହେଉଥିଲା ତାଙ୍କଠାରେ। ୨୦୧୪ ମସିହାରେ ସେ ଡିଗ୍ରୀ କରୁଥିବା ସମୟରେ କିଛି ସାଙ୍ଗମାନଙ୍କୁ ନେଇ ନିଜର ପ୍ରଥମ ସେବାକାର୍ଯ୍ୟ ଚରମ୍ପା ତାରିଣୀ ମନ୍ଦିର ନିକଟରେ ଏକ ଜଳଛତ୍ର ଖୋଲି ଆରମ୍ଭ କରିଥିଲେ। ବଡ଼କଥା, ଏହି ଜଳଛତ୍ରରେ ଦୁଇ ମାସ ପର୍ଯ୍ୟନ୍ତ ବାଟଚଲା ଲୋକମାନଙ୍କ ତୃଷ୍ଣା ମେଣ୍ଟାଇବାରେ ସଫଳ ହୋଇଥିଲେ। ସେଥିରୁ ତାଙ୍କର ଆତ୍ମବିଶ୍ୱାସ ବଢ଼ିବା ସହ ସମାଜସେବା କରିବାର ସ୍ପୃହା ବଢ଼ିଥିଲା। ତା'ପରେ ସେ 'ଫ୍ରେଣ୍ଡ୍‌ସ ଗ୍ରୁପ' ନାମକ ଏକ ସଙ୍ଗଠନ ଗଠନ କରି ସମାଜସେବା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଦୀର୍ଘ ୬ ବର୍ଷ ହେବ ଏହି ଅନୁଷ୍ଠାନର ସଭାପତି ରହି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରି ସାରା ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। 'ନେତାଜୀ ସୁଭାଷ ବାହିନୀ' ନାମକ ଏକ ସଙ୍ଗଠନର ସେ ସକ୍ରିୟ ସଦସ୍ୟ। ଗରିବ, ଅସହାୟ, ଭିନ୍ନକ୍ଷମମାନଙ୍କ ପାଇଁ ସେ ଯେମିତି ଅସମୟର ବନ୍ଧୁ ପାଲଟି ଯାଇଛନ୍ତି। ରକ୍ତଦାନଠାରୁ ଆରମ୍ଭ କରି ଜଳଦାନ ପରି ମହତ୍ କାର୍ଯ୍ୟ କରି ସେ ଆନନ୍ଦ ଅନୁଭବ କରନ୍ତି। ଅନ୍ୟପକ୍ଷରେ ସେ କେବଳ ମାନବସେବା କରନ୍ତି ତା' ନୁହେଁ, ଗୋ ସେବାଠୁ ଆରମ୍ଭ କରି ଅନ୍ୟାନ୍ୟ ପଶୁପକ୍ଷୀଙ୍କ ସେବାରେ ମଧ୍ୟ ସେ ସର୍ବଦା ଲାଗିଥା'ନ୍ତି। ଯଦି କୌଣସି ପଶୁପକ୍ଷୀ ବିପଦରେ ପଡ଼ିଥା'ନ୍ତି ଅଥବା ମୃତ୍ୟୁବରଣ କରନ୍ତି, ଖବର ପାଇବାମାତ୍ରେ ପ୍ରଥମେ ଯାଇ ପହଞ୍ଚିଥା'ନ୍ତି ରଶ୍ମିଭାଇ ଏବଂ ସେମାନଙ୍କ ସେବା ଶୁଶ୍ରୂଷା କରିବା ସହ ଔଷଧ ଏବଂ ଖାଦ୍ୟ ଯୋଗାଇ ଦେବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ କରିଥାଆନ୍ତି। ଏହା ବ୍ୟତୀତ ବୃକ୍ଷରୋପଣ, ପରିବେଶ ପରିଷ୍କାର ପରିଚ୍ଛନ୍ନତା ଭଳି ବିଭିନ୍ନ ସମାଜଧର୍ମୀ କାର୍ଯ୍ୟ କରି ସେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଏମିତିକି ମହାମାରୀ କରୋନା ଭୟରେ ସମସ୍ତେ ଘରେ ରହୁଥିବା ବେଳେ ଜୀବନକୁ ବାଜି ଲଗାଇ ସେ କେଉଁଠି ଖାଦ୍ୟ ବଣ୍ଟନ ତ କେଉଁଠି ବସ୍ତ୍ର ବଣ୍ଟନ କରିଥିଲେ। ଏମିତି ବହୁତ ସମାଜସେବା କାର୍ଯ୍ୟ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ବିଭିନ୍ନ ମଞ୍ଚରେ ସେ ଜଣେ ସଫଳ ସମାଜସେବୀ ଭାବେ ସମ୍ମାନିତ ହେବା ସହ ବହୁ ପୁରସ୍କାର ମଧ୍ୟ ପାଇଛନ୍ତି। ଆଗକୁ ଆହୁରି ଅଧିକରୁ ଅଧିକ ସେବାକାର୍ଯ୍ୟ କରି ନିଜ ଜୀବନକୁ ସାର୍ଥକ କରାଇବା ତାଙ୍କର ମୂଳ ଲକ୍ଷ୍ୟ ବୋଲି କୁହନ୍ତି ରଶ୍ମି ରଞ୍ଜନ ।

– ବିଭୁ ପ୍ରସାଦ ବେହେରା

# ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ଭାରତ

ଅହମଦାବାଦ, ୬।୩(ପି.ଟି.)

ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠିତ ଚତୁର୍ଥ କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ ଭାରତ ଶନିବାର ଏକ ଇନିଂସ ଓ ୨୫ ରନରେ ଭ୍ରମଣକାରୀ ଇଂଲଣ୍ଡକୁ ପରାସ୍ତ କରିଛି। ରବିଚନ୍ଦ୍ରନ ଅଶ୍ୱିନ ଓ ଅକ୍ଷର ପଟେଲଙ୍କ ସ୍ପିନ୍ ଯୋଡି ଇଂଲଣ୍ଡର ବ୍ୟାଟିଂ ଲାଇନ୍‌ର ବିପର୍ଯ୍ୟୟ ଘଟାଇ ଭାରତକୁ ଏହି ସଫଳତା ପ୍ରଦାନ କରିଛନ୍ତି। ମାତ୍ର ଅଢେଇ ଦିନରେ ଭାରତ ବିଜୟୀ ହୋଇଛି। ଏଥିସହିତ ୪ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ୩-୧ରେ ବିଜୟୀ ହୋଇଛି। ଏହି ସିରିଜ ବିଜୟ ଭାରତ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି। ଏଥିସହିତ ଭାରତ ଆଗାମୀ ଜୁନ୍‌ରେ ଖେଳାଯିବାକୁ ଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ (ଡବ୍ଲ୍ୟୁଟିସି) ଫାଇନାଲରେ ନ୍ୟୁଜିଲାଣ୍ଡକୁ ଭେଟିବା ସ୍ପଷ୍ଟ ହୋଇଛି। ପ୍ରଥମ ଇନିଂସରେ ୬ ନମ୍ବରରେ ବ୍ୟାଟିଂ କରିବାକୁ ଆସି ୧୦୧ ରନର ଲଢୁଆ ତଥା ଦ୍ରୁତ ଶତକୀୟ ଇନିଂସ ଖେଳିବା ସହ ୨ଟି କ୍ୟାଚ୍ ନେଇ ଓ ୨ଟି ଷ୍ଟମ୍ପିଂ କରି ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ସାରା ସିରିଜରେ ବୋଲିଂ ସହିତ ବ୍ୟାଟିଂରେ ଦମ୍‌ଦାର ପ୍ରଦର୍ଶନ କରିଥିବା ଅଭିଜ୍ଞ ଅଫ୍‌ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।

ଟସ୍ ଜିତି ଇଂଲଣ୍ଡ ପ୍ରଥମ ଇନିଂସରେ ୭୫.୫ ଓଭରରେ ୨୦୫ ରନକରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ପନ୍ତ, ୱାଶିଂଟନ ସୁନ୍ଦର, ଅକ୍ଷରଙ୍କ ଲଢୁଆ ବ୍ୟାଟିଂ ବଳରେ ୧୧୧.୪ ଓଭରରେ ୩୬୫ ରନ କରି ଆଉଟ ହେବା ସହ ୧୬୦ ରନର ବୃହତ୍ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଇଂଲଣ୍ଡ ଦ୍ୱିତୀୟ ଇନିଂସ ଆରମ୍ଭ କରି ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ୫୪. ୫ ଓଭରରେ ୧୩୫ ରନକରି ଅଲଆଉଟ ହେବା ସହ ଆତ୍ମସମର୍ପଣ କରି ଇନିଂସ ପରାଜୟର ସମ୍ମୁଖୀନ ହୋଇଥିଲା। ଚେନ୍ନାଇରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଭାରତ ୨୨୭ ରନରେ ପରାସ୍ତ ହୋଇ ସିରିଜରେ ୧-୦ରେ ପଛରେ ପଡିଥିଲା। ତେବେ ଏହାପରେ ଭାରତ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲା। ଦ୍ୱିତୀୟ ଟେଷ୍ଟରେ ଭାରତ ୩୧୭ ରନରେ ବିଜୟୀ ହୋଇ ସିରିଜକୁ ୧-୧ ସମାନସ୍ତରକୁ ଆଣିଥିଲା। ତୃତୀୟ ଟେଷ୍ଟରେ ଭାରତ ୧୦ ଉଇକେଟରେ ବିଜୟୀ ହେବା ପରେ ଚତୁର୍ଥ ଟେଷ୍ଟରେ ଇନିଂସ ବିଜୟ ହାସଲ କରିଛି। ଭାରତର ପ୍ରଦର୍ଶନ କ୍ରମାଗତ ଉନ୍ନତି ହେଉଥିବା ଦେଖିବାକୁ ମିଳିଛି। ପଦାର୍ପଣ ସିରିଜରେ ସ୍ପିନର ଅକ୍ଷର ପଟେଲ ଦମ୍‌ଦାର ପ୍ରଦର୍ଶନ କରି ୨୭ ଉଇକେଟ ହାସଲ କରି ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି।

- ଇଂଲଣ୍ଡର ଇନିଂସ ପରାଜୟ
- ପନ୍ତ ପ୍ଲେୟର ଅଫ୍ ଦି ମ୍ୟାଚ୍
- ଅଶ୍ୱିନ ପ୍ଲେୟର ଅଫ୍ ଦି ସିରିଜ


## ଶତକରୁ ବଞ୍ଚିତ ସୁନ୍ଦର

ଶୁକ୍ରବାରର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୯୪/୭ରୁ ଖେଳ ଆରମ୍ଭ କରି ଭାରତ ଲଞ୍ଚ୍ ପୂର୍ବରୁ ଅଲ୍‌ଆଉଟ ହୋଇଥିଲା। ଦୁଇ ଓଭର ନାଇଟ ବ୍ୟାଟ୍ସମ୍ୟାନ ୱାଶିଂଟନ ସୁନ୍ଦର ଓ ଅକ୍ଷର ଲଢେଇ ଜାରି ରଖିଥିଲେ। ଅପରାଜିତ ସ୍କୋର ୧୧ରୁ ଖେଳ ଆରମ୍ଭ କରି ଅକ୍ଷର ୪୩ ରନ ସଂଗ୍ରହ କରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ୯୭ଟି ବଲ୍ ଖେଳି କ୍ରିଜ୍‌ରେ ୧୩୨ ମିନିଟ୍ ତିଷ୍ଠି ରହିବା ସହ ସେ ୫ ଚୌକା ଓ ୧ ଛକା ମାରିଥିଲେ। ସୁନ୍ଦରଙ୍କ ଶଟ୍‌ରେ ସିଙ୍ଗଲ୍ ନେବାକୁ ଅକ୍ଷର ପ୍ରୟାସ କରିଥିଲେ, କିନ୍ତୁ ତାଙ୍କୁ ସୁନ୍ଦର ଫେରାଇଥିଲେ। ତେବେ ସେ ନନ୍ ଷ୍ଟ୍ରାଇକର ଏଣ୍ଡରେ ପହଞ୍ଚିପାରି ନ ଥିଲେ। ଫଳରେ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍‌ଙ୍କ ଥ୍ରୋରେ ସେ ଜନି ବେୟାରଷ୍ଟୋଙ୍କ ଦ୍ୱାରା ରନଆଉଟ ହୋଇଥିଲେ। ଅକ୍ଷର ଆଉଟ ହେବା ପରେ ଈଶାନ୍ତ ଶର୍ମା ଓ ମହମ୍ମଦ ସିରାଜ ଖାତା ଖୋଲିବା ପୂର୍ବରୁ ବେନ୍ ଷ୍ଟୋକ୍ସଙ୍କ ଦ୍ୱାରା ଯଥାକ୍ରମେ ଏଲ୍‌ବିଡବ୍ଲ୍ୟୁ ଓ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ସୁନ୍ଦର ସାଢେ ୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ କ୍ରିଜ୍‌ରେ ରହି ୧୭୪ଟି ବଲର ସାମ୍ନା କରିବା ସହ ୧୦ ଚୌକା ଓ ୧ ଛକା ସହ କ୍ୟାରିୟରର ସର୍ବାଧିକ ୯୬ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ଓ ସେ ମାତ୍ର ୪ ରନ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ। ଅଷ୍ଟମ ଉଇକେଟରେ ସୁନ୍ଦର ଓ ଅକ୍ଷର ୧୦୬ ରନ ସଂଗ୍ରହ କରି ଇଂଲଣ୍ଡ ବୋଲରଙ୍କୁ ନିରାଶ କରିଥିଲେ। ଏହା ପୂର୍ବରୁ ସପ୍ତମ ଉଇକେଟରେ ସୁନ୍ଦର ଓ ପନ୍ତ ୧୧୩ ରନ ସଂଗ୍ରହ କରିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ବେନ୍ ଷ୍ଟୋକ୍ସ ସର୍ବାଧିକ ୪, ଜେମ୍ସ ଆଣ୍ଡରସନ ୩ ଓ ଜ୍ୟାକ୍ ଲିଚ୍ ୨ ଉଇକେଟ ଅକ୍ତିଆର କରିଥିଲେ।

## ଅଶ୍ୱିନ, ଅକ୍ଷରଙ୍କୁ ୫ ଉଇକେଟ ସଫଳତା

ଲଞ୍ଚ୍ ପୂର୍ବରୁ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲା ଇଂଲଣ୍ଡ। ତେବେ ଲଞ୍ଚ୍ ପରେ ଅଶ୍ୱିନ କ୍ରମାଗତ ଦୁଇଟି ବଲ୍‌ରେ ଓପନର ଜ୍ୟାକ କ୍ରଲି ଓ ଜନି ବେୟାରଷ୍ଟୋଙ୍କୁ ଆଉଟ କରି ପ୍ୟାଭିଲିୟନ ଫେରାଇଥିଲେ। ୫ ରନ କରି କ୍ରଲି ପ୍ରଥମ ସ୍ଲିପ୍‌ରେ ଅଜିଙ୍କ୍ୟ ରାହାନେଙ୍କୁ କ୍ୟାଚ୍ ଦେଇଥିଲେ। ସେହିପରି ବେୟାରଷ୍ଟୋ ଖାତା ଖୋଲିବା ପୂର୍ବରୁ ଲେଗ୍ ସ୍ଲିପ୍‌ରେ ରୋହିତ ଶର୍ମାଙ୍କୁ କ୍ୟାଚ୍ ଦେଇଥିଲେ। ଏହାପରେ ଅନ୍ୟତମ ଓପନର ଡମ୍ ସିବ୍‌ଲି ୩ ରନ କରିଥିବା ବେଳେ ଅକ୍ଷରଙ୍କ ବଲ୍‌ରେ ପନ୍ତଙ୍କୁ କ୍ୟାଚ୍ ଦେଇଥିଲେ। ସେହିପରି ବେନ ଷ୍ଟୋକ୍ସ ୨ ରନ କରିଥିବା ବେଳେ ଅକ୍ଷରଙ୍କ ବଲ୍‌ରେ ସୁଇପ୍ କରିଥିଲେ, ତେବେ ଲେଗ୍ ସ୍ଲିପ୍‌ରେ ବିରାଟ କୋହଲିଙ୍କୁ କ୍ୟାଚ୍ ଦେଇଥିଲେ। ୧୫ ରନ କରିଥିବା ବେଳେ ଓଲି ପୋପ୍ ଅକ୍ଷରଙ୍କ ବଲ୍‌ରେ ପନ୍ତଙ୍କ ଦ୍ୱାରା ଷ୍ଟମ୍ପିଂ ହୋଇଥିଲେ। ଅଧିନାୟକ ରୁଟ୍ ୩୦ ରନ କରି ଅଶ୍ୱିନଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ସେହିପରି ବେନ୍ ଫୋକ୍ସ ୧୩ ରନ କରି ଅକ୍ଷରଙ୍କ ବଲ୍‌ରେ ରାହାନେଙ୍କୁ ପ୍ରଥମ ସ୍ଲିପ୍‌ରେ କ୍ୟାଚ୍ ଦେଇଥିଲେ। ଏହାପରେ ଡମ୍ ବେସ୍ ଓ ଜ୍ୟାକ ଲିଚ୍ ୨ରନ ଲେଖାଏ କରି ଅକ୍ଷର ଓ ଅଶ୍ୱିନଙ୍କ ଦ୍ୱାରା ଆଉଟ ହୋଇଥିଲେ। ଶେଷରେ ଏକା ଲଢେଇ କରି ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଡାନ ଲରେନ୍ସ ଅଶ୍ୱିନଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଆଣ୍ଡରସନ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଦୁଇ ସ୍ପିନର ଅଶ୍ୱିନ ଓ ଅକ୍ଷର ୫ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଚା’ ପାନ ବିରତି ପରେ ଭାରତର ବିଜୟ ପାଇଁ କେବଳ ଔପଚାରିକତା ବାକି ରହିଥିଲା।





ସିରିଜ୍ ବିଜୟୀ ଉଲ୍ଲସିତ ଭାରତୀୟ ଦଳର ଖେଳାଳିମାନେ। ଟ୍ରଫି ସହ ଅଧିନାୟକ ବିରାଟ କୋହଲି।

### ଡେବ୍ୟୁ ସିରିଜରେ ସର୍ବାଧିକ ଉଇକେଟ (୩ ଟେଷ୍ଟ)

| ଉଇକେଟ | ବୋଲର | ବିପକ୍ଷ | ସେସନ |
|---|---|---|---|
| ୨୭ | ଅକ୍ଷର ପଟେଲ | ଇଂଲଣ୍ଡ | ୨୦୨୦-୨୧ |
| ୨୬ | ଅଜନ୍ତା ମେଣ୍ଡିସ୍ | ଭାରତ | ୨୦୦୮ |
| ୨୪ | ଆଲେକ ବେଡସେନର | ଭାରତ | ୧୯୪୬ |
| ୨୨ | ରବିଚନ୍ଦ୍ରନ ଅଶ୍ୱିନ | ୱେଷ୍ଟଇଣ୍ଡିଜ | ୨୦୧୧-୧୨ |
| ୨୦ | ଷ୍ଟୁଆର୍ଟ କ୍ଲାର୍କ | ଦକ୍ଷିଣ ଆଫ୍ରିକା | ୨୦୦୫-୦୬ |

### ୦-୧ ପଛରେ ରହିବା ପରେ ଭାରତର ସିରିଜ ବିଜୟ

| ଫଳାଫଳ | ସିରିଜ | ବିପକ୍ଷ | ସେସନ |
|---|---|---|---|
| ୨-୧ | ୫ ମ୍ୟାଚ୍ | ଇଂଲଣ୍ଡ | ୧୯୭୨-୭୩ |
| ୨-୧ | ୩ ମ୍ୟାଚ୍ | ଅଷ୍ଟ୍ରେଲିଆ | ୨୦୦୦-୦୧ |
| ୨-୧ | ୩ ମ୍ୟାଚ୍ | ଶ୍ରୀଲଙ୍କା | ୨୦୧୫ |
| ୨-୧ | ୪ ମ୍ୟାଚ୍ | ଅଷ୍ଟ୍ରେଲିଆ | ୨୦୧୬-୧୭ |
| ୨-୧ | ୪ ମ୍ୟାଚ୍ | ଅଷ୍ଟ୍ରେଲିଆ | ୨୦୨୦-୨୧ |
| ୩-୧ | ୪ ମ୍ୟାଚ୍ | ଇଂଲଣ୍ଡ | ୨୦୨୦-୨୧ |

### ସ୍କୋର ବୋର୍ଡ

**ଇଂଲଣ୍ଡ ପ୍ରଥମ ଇନିଂସ: ୨୦୫**
**ଭାରତ ପ୍ରଥମ ଇନିଂସ**
ଶୁବମନ-ଏଲବିଡବ୍ଲ୍ୟୁ-ଆଣ୍ଡରସନ-୦
ରୋହିତ-ଏଲବିଡବ୍ଲ୍ୟୁ-ଷ୍ଟୋକ୍ସ-୪୯
ପୂଜାରା-ଏଲବିଡବ୍ଲ୍ୟୁ-ଲିଚ୍-୧୭
କୋହଲି-କ-ଫୋକ୍ସ-ବୋ-ଷ୍ଟୋକ୍ସ-୦
ରାହାନେ-କ-ଷ୍ଟୋକ୍ସ-ବୋ-ଆଣ୍ଡରସନ-୨୭
ପନ୍ତ-କ-ରୁଟ୍-ବୋ-ଆଣ୍ଡରସନ-୧୦୧
ଅଶ୍ୱିନ-କ-ପୋପ୍-ବୋ-ଲିଚ୍-୧୩
ସୁନ୍ଦର-ନଟଆଉଟ-୯୬
ଅକ୍ଷର-ରନଆଉଟ-୪୩
ଈଶାନ୍ତ-ଏଲବିଡବ୍ଲ୍ୟୁ-ଷ୍ଟୋକ୍ସ-୦
ସିରାଜ-ବୋ-ଷ୍ଟୋକ୍ସ-୦
ଅତିରିକ୍ତ-୧୯
ମୋଟ (୧୧୪.୪ ଓଭର, ଅଲଆଉଟ) ୩୬୫
**ଉଇକେଟ ପତନ:** ୧/୦, ୨/୪୦, ୩/୪୧, ୪/୮୦, ୫/୧୨୧, ୬/୧୪୬, ୭/୨୫୯, ୮/୩୬୫, ୯/୩୬୫, ୧୦/୩୬୫।
**ବୋଲିଂ(ଇଂଲଣ୍ଡ)**
ଜେମ୍ସ ଆଣ୍ଡରସନ ୨୫-୧୪-୪୪-୩
ବେନ୍ ଷ୍ଟୋକ୍ସ ୨୭.୪-୬-୮୯-୪
ଜ୍ୟାକ୍ ଲିଚ୍ ୨୭-୫-୮୯-୨
ଡୋମିନିକ୍ ବେସ୍ ୧୭-୧-୭୧-୦
ଜୋ ରୁଟ୍ ୧୮-୧-୫୬-୦।
**ଇଂଲଣ୍ଡ ଦ୍ୱିତୀୟ ଇନିଂସ**
କ୍ରଲି-କ-ରାହାନେ-ବୋ-ଅଶ୍ୱିନ-୫
ସିବ୍‌ଲି-କ-ପନ୍ତ-ବୋ-ଅକ୍ଷର-୩
ବେୟାରଷ୍ଟୋ-କ-ରୋହିତ-ବୋ-ଅଶ୍ୱିନ-୦
ରୁଟ୍-ଏଲ୍‌ବିଡବ୍ଲ୍ୟୁ-ଅଶ୍ୱିନ-୩୦
ଷ୍ଟୋକ୍ସ-କ-କୋହଲି-ବୋ-ଅକ୍ଷର-୨
ଓଲି ପୋପ୍-ଷ୍ଟମ୍ପ୍-ପନ୍ତ-ବୋ-ଅକ୍ଷର-୧୫
ଲରେନ୍ସ-ବୋ-ଅଶ୍ୱିନ-୫୦
ଫୋକ୍ସ-କ-ରାହାନେ-ବୋ-ଅକ୍ଷର-୧୩
ବେସ୍-କ-ପନ୍ତ-ବୋ-ଅକ୍ଷର-୨
ଲିଚ୍-କ-ରାହାନେ-ବୋ-ଅଶ୍ୱିନ-୨
ଆଣ୍ଡରସନ-ନଟଆଉଟ-୧
ଅତିରିକ୍ତ-୧୨
ମୋଟ (୫୪.୫ ଓଭର, ଅଲଆଉଟ) ୧୩୫।
**ଉଇକେଟ ପତନ:** ୧/୧୦, ୨/୧୦, ୩/୨୦, ୪/୩୦, ୫/୬୫, ୬/୬୫, ୭/୧୦୯, ୮/୧୧୧, ୯/୧୩୪, ୧୦/୧୩୫।
**ବୋଲିଂ (ଭାରତ)**
ମହମ୍ମଦ ସିରାଜ ୪-୦-୧୨-୦
ଅକ୍ଷର ପଟେଲ ୨୪-୬-୪୮-୫
ଆର୍. ଅଶ୍ୱିନ ୨୨.୫-୪-୪୭-୫
ୱାଶିଂଟନ ସୁନ୍ଦର ୪-୦-୧୬-୦।




## ଭାରତ ତାଲିକା ଶୀର୍ଷରେ

**ଦୁବାଇ, ୬।୩ (ପି.ଟି.):** ଇଂଲଣ୍ଡକୁ ୩-୧ରେ ଟେଷ୍ଟ ସିରିଜରେ ପରାସ୍ତ କରିବା ସହ ଭାରତ ଶନିବାର ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ଚାମ୍ପିୟନଶିପ୍‌ର ଲିଗ୍ ପର୍ଯ୍ୟାୟ ଶେଷରେ ପଏଣ୍ଟ ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିଛି। ଏଥିସହ ଭାରତ ଫାଇନାଲରେ ପ୍ରବେଶ କରିଛି। ଭାରତ ମୋଟ ଉପରେ ୧୨ଟି ବିଜୟ, ୪ଟି ପରାଜୟ ଓ ଗୋଟିଏ ଡ୍ର ସହ ୫୨୦ ପଏଣ୍ଟ ହାସଲ କରିଛି। ଇଂଲଣ୍ଡର ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ମ୍ୟାଚ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ଆସନ୍ତା ଜୁନ୍‌ରେ ପରସ୍ପରକୁ ଭେଟିବେ। ନ୍ୟୁଜିଲାଣ୍ଡ ୭ ବିଜୟ ଓ ୪ ପରାଜୟ ସହ ୪୨୦ ପଏଣ୍ଟ ହାସଲ କରି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଅଷ୍ଟ୍ରେଲିଆ ୩୩୨ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ଇଂଲଣ୍ଡ ଚତୁର୍ଥ, ପାକିସ୍ତାନ ପଞ୍ଚମ ସ୍ଥାନରେ ରହିଛି।

### ଲର୍ଡ୍ସରେ ଭାରତ-ନ୍ୟୁଜିଲାଣ୍ଡ




### ପଏଣ୍ଟ ଟେବୁଲ ଫର୍ମାଟ୍‌ରେ ପରିବର୍ତ୍ତନ

କୋଭିଡ୍-୧୯ ମହାମାରୀ କାରଣରୁ ଅନ୍ତର୍ଜାତୀୟ କ୍ୟାଲେଣ୍ଡରରେ ବ୍ୟାଘାତ ସୃଷ୍ଟି ହୋଇଥିବାରୁ ପଏଣ୍ଟ ଟେବୁଲର ଫର୍ମାଟ୍‌ରେ ପରିବର୍ତ୍ତନ କରାଯାଇଥିଲା। ଅପେକ୍ଷାକୃତ କମ୍ ମ୍ୟାଚ୍ ଖେଳିଥିବା ଦଳଗୁଡିକ ସହ ଭେଦଭାବ ନ କରିବା ପାଇଁ ଆଇସିସି ଏପରି ନିଷ୍ପତ୍ତି ନେଇଥିଲା। ଅନିଲ କୁମ୍ବଲେଙ୍କ ଅଧ୍ୟକ୍ଷତାରେ ଆଇସିସି କ୍ରିକେଟ କମିଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲା। ଦଳଗୁଡିକର ର୍ୟାଙ୍କିଙ୍ଗ୍ ପର୍ସେଣ୍ଟେଜ୍‌କୁ ଦୃଷ୍ଟିରେ ରଖି ମୂଲ୍ୟାଙ୍କନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାଦ୍ୱାରା ଦଳଗୁଡିକ ଖେଳିଥିବା ସିରିଜ ଓ ସେହି ସିରିଜରେ ହାସଲ କରିଥିବା ପଏଣ୍ଟକୁ ବିଚାର କରାଯାଇ ପର୍ସେଣ୍ଟେଜ୍ ବାହାର କରାଯାଇଥାଏ। ପ୍ରଥମେ ଭାରତ ଶୀର୍ଷରେ ରହିଥିଲା। ତେବେ ଏହା ଲାଗୁ ହେବା ପରେ ଭାରତ ପଛରେ ପଡିଯାଇଥିଲା। ଶେଷରେ ଭାରତ ପ୍ରତ୍ୟାବର୍ତ୍ତନ କରି ଶୀର୍ଷସ୍ଥାନ ଅଧିକାର କରିଛି। ଲିଗ୍ ପର୍ଯ୍ୟାୟ ଶେଷରେ ଭାରତ ୭୨.୨ ପିସିଟି ପର୍ସେଣ୍ଟେଜ ପାଇ ଶୀର୍ଷରେ ରହିଥିବା ବେଳେ ନ୍ୟୁଜିଲାଣ୍ଡ ୭୦.୦ ପର୍ସେଣ୍ଟେଜ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଅଷ୍ଟ୍ରେଲିଆ ୬୯.୨ ପର୍ସେଣ୍ଟେଜ ସହ ତୃତୀୟ ସ୍ଥାନରେ ରହିଛି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ